(ପୃଷ୍ଠା-୮+୮)

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୩୧/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Friday, December 31/2021 | ★★

୧୮ଶ ଭାଗ ୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ଲୋକେଶ ରାହୁଲ ମ୍ୟାନ୍ ଅଫ୍ ଦି ମ୍ୟାଚ
ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତର ଲୋକେଶ ରାହୁଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୦୮ | ୦୭

## ସର୍ବାଧିକ ଥର ସର୍ଚ୍ଚ ହୋଇଛନ୍ତି କରୀନା
'ୟାହୁ ଇୟର ଇନ୍ ରିଭ୍ୟୁ ଲିଷ୍ଟ' ଅନୁସାରେ ମହିଳା ସେଲିବ୍ରିଟିଙ୍କ ମଧ୍ୟରେ ଚଳିତ ବର୍ଷ ଅଭିନେତ୍ରୀ କରୀନା କପୁର ଖାନ୍‌ଙ୍କୁ ଅଧିକ ଥର ସର୍ଚ୍ଚ କରାଯାଇଛି।








ଜାନୁଆରୀରେ ପିକ୍‌ନିକ୍ ବନ୍ଦ।




# ଜାନୁଆରୀରେ ପିକ୍‌ନିକ୍ ମନା

## ଓମିକ୍ରନ୍: ଫେରିଲା କଟକଣା



■ ପୁଣି ରାଜ୍ୟବ୍ୟାପୀ ନାଇଟ୍ କର୍ଫ୍ୟୁ
■ ଜିରୋନାଇଟ, ଭୋଜିଭାତ ସବୁ ବନ୍ଦ

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ଉପରମୁହାଁ ହୋଇଛି କରୋନା ଗ୍ରାଫ୍। କାୟା ବଢ଼ାଉଛି ମାରାତ୍ମକ ଓମିକ୍ରନ୍। ଦେଶରେ ତୃତୀୟ ଲହର ଆରମ୍ଭ ହୋଇଥିବା ବିଶେଷଜ୍ଞମାନେ ସ୍ପଷ୍ଟ କରିବା ପରେ ଭିଡ଼ ନିୟନ୍ତ୍ରଣ ଏବଂ ସମ୍ଭାବ୍ୟ ଗଣସଂକ୍ରମଣ ରୋକିବା ଲାଗି ଓଡ଼ିଶାକୁ ଫେରିଛି କଟକଣା। ଗୁରୁବାର ରାଜ୍ୟ ସରକାର ଜାନୁଆରୀ ପାଇଁ ନୂତନ ଗାଇଡ୍‌ଲାଇନ ଜାରି କରିଛନ୍ତି। ସବୁଠାରୁ ବଡ଼ ନିଷ୍ପତ୍ତିକ୍ରମେ ପୁଣି ଥରେ ଲାଗୁ କରାଯାଇଛି ନାଇଟ୍ କର୍ଫ୍ୟୁ। ଏହା ରାତି ୧୦ଟାରୁ ସକାଳ ୫ଟା ଯାଏ ବଳବତ୍ତର ରହିବ। ପାର୍କ, ସମୁଦ୍ରକୂଳ, ପିକ୍‌ନିକ୍ ସ୍ଥଳରେ ବଣଭୋଜି ହୋଇପାରିବ ନାହିଁ। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ପିକ୍‌ନିକ୍ କିମ୍ବା ବାର୍ଷିକ ଉତ୍ସବ ଆୟୋଜନ କରିପାରିବେ ନାହିଁ। ହୋଟେଲ, କଲ୍ୟାଣମଣ୍ଡପ, ମଲ୍, କନ୍‌ଭେନଶନ ହଲ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବନ୍ଦ ରହିବ। ବ୍ୟବସାୟିକ କେନ୍ଦ୍ରରେ ଗାଇଡ୍‌ଲାଇନ୍ କଡ଼ାକଡ଼ି ହେବ। ନିୟମ ଖିଲାପ ହେଲେ ବ୍ୟବସାୟୀ, ମଲ୍ ମାଲିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୋଭିଡ୍ ନିୟମ ଅନୁଯାୟୀ ଅଡିଟୋରିୟମ, ସିନେମା ହଲ୍ ୫୦% ଲୋକଙ୍କୁ ନେଇ ଚାଲିବ। ସମସ୍ତ ଇନ୍‌ଡୋର କାର୍ଯ୍ୟକ୍ରମରେ ମଧ୍ୟ ଏହି ନିୟମ ଲାଗୁ ହେବ। ବିବାହ, ଅନ୍ତ୍ୟେଷ୍ଟି କ୍ରିୟା ଭଳି କାର୍ଯ୍ୟ ୨୫୦ ଜଣଙ୍କ ମଧ୍ୟରେ ସୀମିତ ରହିବ। ବିବାହ ଶୋଭାଯାତ୍ରାରେ ୫୦ ଜଣ ସାମିଲ ହୋଇପାରିବେ। ତେବେ ରାଜନୈତିକ କାର୍ଯ୍ୟକ୍ରମରେ ସର୍ବାଧିକ ୧୦୦ ଜଣଙ୍କୁ ଅନୁମତି ପ୍ରଦାନ କରାଯାଇଛି।

କଟକଣା ଲାଗୁ କରାଯିବା ପରେ ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ପର୍ଯ୍ୟଟନ ଋତୁ, ଜିରୋନାଇଟ୍ ସେଲିବ୍ରେଶନ ଫିକା ପଡ଼ିବା ସ୍ପଷ୍ଟ ହୋଇଛି। ଡିସେମ୍ବର ୩୧ରେ ହୋଟେଲ୍, ରେଷ୍ଟୁରାଣ୍ଟ, କ୍ଲବ୍, ପାର୍କରେ ଜିରୋନାଇଟ୍ ପାଳନକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ପ୍ରେକ୍ଷାଳୟ, କଲ୍ୟାଣମଣ୍ଡପ, କ୍ଲବ୍ ଭଳି ସ୍ଥାନରେ ସେଲିବ୍ରେଶନ୍ ଏବଂ ସର୍ବସାଧାରଣ ସ୍ଥାନରେ ମେଳା, ଏକ୍ସପୋ, ପ୍ରଦର୍ଶନୀ ଆୟୋଜନ ମନା ହୋଇଛି। ୨୦୨୧ ନଭେମ୍ବର ୧୮ରେ ଜାରି ଗାଇଡ୍‌ଲାଇନ୍ ଆଧାରରେ ମେଲୋଡି, ଅର୍କେଷ୍ଟ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଯାତ୍ରାରେ ସର୍ବାଧିକ ୧୦୦୦ ଦର୍ଶକ ଉପସ୍ଥିତ ରହିପାରିବେ। ଟିକେଟ୍ କାଉଣ୍ଟରରେ ଭିଡ଼ ଏଡ଼ାଇବା ଲାଗି ଅନ୍‌ଲାଇନ୍‌ରେ ଟିକେଟ ବୁକିଂ କରିବାକୁ ପଡ଼ିବ। ☞ପୃଷ୍ଠା-୪

ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

## ମିଶନାରି ଅଫ୍ ଚାରିଟିଜ୍ ଅନ୍ତେବାସୀଙ୍କୁ ସୁରକ୍ଷା ସୁନିଶ୍ଚିତ କର

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ):** ଓଡ଼ିଶାରେ ମିଶନାରି ଅଫ୍ ଚାରିଟିଜ୍ ଦ୍ୱାରା ପରିଚାଳିତ ବିଭିନ୍ନ ଅନୁଷ୍ଠାନ କ୍ଷତିଗ୍ରସ୍ତ ହେବେ ନାହିଁ। ଏହାକୁ ସୁନିଶ୍ଚିତ କରିବେ ଜିଲାପାଳ। ଏହାକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ ନେବା ସକାଶେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଟିକା ଅସମାନତା

## ବିଧାୟକ କିଶୋର ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର,(ବ୍ୟୁରୋ)/ ଝାରସୁଗୁଡ଼ା ଅଫିସ, ୩୦।୧୨**



ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ପୂର୍ବତନ ବାଚସ୍ପତି ତଥା ବ୍ରଜରାଜନଗର ବିଜେଡି ବିଧାୟକ କିଶୋର ମହାନ୍ତିଙ୍କର ହୃଦ୍‌ଘାତରେ ଗୁରୁବାର ସନ୍ଧ୍ୟା ୬ଟାରେ ଝାରସୁଗୁଡ଼ାଠାରେ ପରଲୋକ ଘଟିଛି। ତାଙ୍କୁ ୬୩ବର୍ଷ ହୋଇଥିଲା। ଅପରାହ୍ନ ୫ଟାରେ କିଶୋର ସ୍ଥାନୀୟ ମଙ୍ଗଳବଜାରସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ ଜଣେ କର୍ମକର୍ତ୍ତାଙ୍କ ଶୋକସଭାରେ ଯୋଗଦେଇଥିଲେ। ସେଠାରେ ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଦଳୀୟ କର୍ମୀମାନେ ତାଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲ୍‌କୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଜିଲାରେ ଶୋକରଛାୟା ଖେଳିଯାଇଛି। ବହୁ ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି।

ସ୍ୱର୍ଗତ ମହାନ୍ତି ୨୦୧୯ରେ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପୂର୍ବରୁ ସେ ଝାରସୁଗୁଡ଼ା ବିଧାନସଭା ☞ପୃଷ୍ଠା-୪

## ଆଜି କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସାଢ଼େ ୧୨ଟା ସମୟରେ ଲୋକସେବା ଭବନଠାରେ ଅନୁଷ୍ଠିତ ହେବ। ଭର୍ଚୁଆଲ ମୋଡ୍‌ରେ ବସିବାକୁ ଥିବା କ୍ୟାବିନେଟ୍‌ରେ ୧୧ଟି ପ୍ରସ୍ତାବ ଉପରେ ମୋହର ବାଜିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୁଖ୍ୟତଃ ପଞ୍ଚାୟତିରାଜ, ଉଚ୍ଚଶିକ୍ଷା, ଆଇନ, ଗୃହ ଓ ନଗର ଉନ୍ନୟନ, ରାଜସ୍ୱ ବିଭାଗର କେତେଗୁଡିଏ ପ୍ରସ୍ତାବକୁ ମଞ୍ଜୁରୀ ମିଳିବାର ଅଛି। ଯେଉଁ ମନ୍ତ୍ରୀମାନେ ନିଜ ଜିଲାରେ ଥିବେ ସେମାନେ ଜିଲାପାଳ ଅଫିସ୍‌ର କନଫରେନ୍ସ ହଲ୍‌ରୁ ଭର୍ଚୁଆଲରେ ଯୋଡ଼ି ହେବେ। ତେବେ ବିଧାୟକ କିଶୋର ମହାନ୍ତିଙ୍କ ଦେହାନ୍ତ ହେବା ଯୋଗୁ କ୍ୟାବିନେଟ୍ ବାତିଲ ହୋଇପାରେ ବୋଲି ଚର୍ଚ୍ଚା ହେଉଥିଲେ ସୁଦ୍ଧା କୌଣସି ବୃତ୍ତାନ୍ତ ଖବର ଆସି ନ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।




# ହୃଷୀକେଶ ମଲ୍ଲିକ ପାଇବେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର'

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

୨୦୨୧ ବର୍ଷ ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଗୁରୁବାର ଘୋଷଣା ହୋଇଛି। କବି ଡ. ହୃଷୀକେଶ ମଲ୍ଲିକ 'ସରିଯାଇଥିବା ଅପେରା' ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।

ଡ. ମଲ୍ଲିକ ପୂର୍ବରୁ କବିତା ପୁସ୍ତକ 'ଧାନସାଉଁଟା ଝିଅ' ପାଇଁ ୧୯୮୮ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। 'ଜେଜେ ଦେଖି ନ ଥିବା ଭାରତ' କବିତା ପୁସ୍ତକ ନିମନ୍ତେ ତାଙ୍କୁ ୨୦୧୬ରେ ସମ୍ମାନଜନକ ଶାରଳା ପୁରସ୍କାର ମିଳିଥିଲା। ତାଙ୍କର ଅନ୍ୟ କେତେକ ପୁସ୍ତକ ମଧ୍ୟରେ ଉଜୁଡ଼ା କ୍ଷେତର ଗୀତ, ଘଟ ଆକାଶ, ଧର୍ମପତ୍ନୀ, ଜୀବନନାମା, ସାକ୍ଷୀ ଚନ୍ଦ୍ର ସୂର୍ଯ୍ୟ, ବସୁକ୍ଷେଣ ଓ ରେବତୀ ଭଳି ଆହୁରି ଅନେକ କବିତା ପୁସ୍ତକ ରହିଛି। ତାଙ୍କ ରଚିତ ୪୦ରୁ ଊର୍ଦ୍ଧ୍ୱ ପୁସ୍ତକ ମଧ୍ୟରୁ ୧୨ଟି ହେଉଛି କବିତା, ୨ଟି କ୍ଷୁଦ୍ରଗଳ୍ପ ଏବଂ ଅନ୍ୟୂନ ୧୦ଟି ପୁସ୍ତକ ସାହିତ୍ୟ ସମାଲୋଚନା ଉପରେ ଆଧାରିତ। ବର୍ତ୍ତମାନ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ କାର୍ଯ୍ୟରତ। 'ଧରିତ୍ରୀ' ସାହିତ୍ୟାୟନ ଦାୟିତ୍ୱରେ ଥିବା ଡ. ମଲ୍ଲିକ କବିତା ରଚନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଧରିତ୍ରୀ କବିତା ପୁରସ୍କାର, ଝଙ୍କାର ବିଷୁବ ପୁରସ୍କାର, ସଚ୍ଚି ରାଉତରାୟ କବିତା ପୁରସ୍କାର, ଭାନୁଜୀ ରାଓ ସ୍ମାରକୀ ପୁରସ୍କାର ଭଳି ଅନେକ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। କବି ଡ. ମଲ୍ଲିକ ଜାତୀୟ ସ୍ତରରେ ବହୁବାର ଓଡ଼ିଆ କବିତାର ☞ପୃଷ୍ଠା-୪


ହୃଷୀକେଶ ମଲ୍ଲିକ


ଦିଗରାଜ ବ୍ରହ୍ମା


ଦେବବ୍ରତ ଦାସ

■ ଦିଗରାଜଙ୍କୁ 'ବାଳ ସାହିତ୍ୟ ପୁରସ୍କାର'
■ ଦେବବ୍ରତଙ୍କୁ 'ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର'

## ୩ ଦିନ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ

**ପୁରୀ ଅଫିସ, ୩୦।୧୨**

ଓମିକ୍ରନ ସଂକ୍ରମଣ ଓ ଭିଡ଼କୁ ଆଶଙ୍କା କରି ପୁରୀ ଶ୍ରୀମନ୍ଦିରରେ ୩୧ତାରିଖଠାରୁ ଜାନୁଆରୀ ୧ ଓ ୨ତାରିଖ ପର୍ଯ୍ୟନ୍ତ ସାଧରଣ ଦର୍ଶନ ବନ୍ଦ ରହିବ। ଏପରିକି ଜିଲାର ସମସ୍ତ ସ୍ଥାନରେ ଜିରୋ ନାଇଟ୍ ସେଲିବ୍ରେଶନ୍ ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ପର୍ଯ୍ୟଟନ ସ୍ଥଳୀ, ହୋଟେଲ, କ୍ଲବ୍, ରେସ୍ତୋରାଁ, ମଣ୍ଡପ, ଧର୍ମପୀଠଗୁଡ଼ିକରେ ଭୋଜିଭାତ କିମ୍ବା ପାର୍ଟିର ଆୟୋଜନ ହୋଇପାରିବ ନାହିଁ। ଏହି ୩ଦିନ ଜିଲାର ସମସ୍ତ ମନ୍ଦିର, ମସଜିଦ, ଗୀର୍ଜା ଓ ନାନାଦି ଧର୍ମପୀଠରେ ଗହଳି ଉପରେ କଟକଣା ରହିବ। ଆବଶ୍ୟକ ହେଲେ ସମ୍ପୃକ୍ତ ଅଞ୍ଚଳରେ ତହସିଲଦାର ଧର୍ମପୀଠଗୁଡ଼ିକୁ ବନ୍ଦ ରଖିପାରିବେ। ଏହି ସମୟରେ କେବଳ ବିବାହ ଓ ଶେଷକୃତ୍ୟ ସମାରୋହ କୋଭିଡ୍ କଟକଣା ମଧ୍ୟରେ କରାଯାଇପାରିବ। ଏ ନେଇ ଏସ୍‌ପି କନୱର ବିଶାଳ ସିଂ କହିଛନ୍ତି, ଜିଲାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାମୂହିକ ଭୋଜିଭାତକୁ ସମ୍ପୃକ୍ତ ଦିନରେ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଏ ସମ୍ପର୍କରେ ଅବଗତ କରାଯାଇଛି। ଅନ୍ୟପକ୍ଷରେ ପୁରୀ ସହରରେ ପର୍ଯ୍ୟଟକଙ୍କ ଭିଡ଼ ୩୦ ତାରିଖ ରାତ୍ର ପର୍ଯ୍ୟନ୍ତ ରହିଥିଲା। ପର୍ଯ୍ୟଟକମାନେ ପୁରୀରେ ହୋଟେଲରେ ରହୁଥିବା ହେତୁ ବେଳାଭୂମିରେ ଗହଳି ହେବା ନେଇ ଆଶଙ୍କା ରହୁଥିବାରୁ କଡ଼ା ନଜର ରଖାଯାଇଛି।

# ନନ୍ଦନକାନନ ବନ୍ଦ, ପର୍ଯ୍ୟଟକଙ୍କ ହୋହଲ୍ଲା

■ଅନ୍‌ଲାଇନ୍ ଟିକେଟ କାଟି ଆସିଥିଲେ

■ୱେବସାଇଟ୍‌ରେ ବନ୍ଦ ସୂଚନା ନ ଥିଲା

ବାରଙ୍ଗ,୩୦।୧୨(ଡି.ଏନ୍.ଏ.)

ରାଜ୍ୟରେ ଓମିକ୍ରନ ସଂଖ୍ୟା ବଢୁଥିବାରୁ ପର୍ଯ୍ୟଟକଙ୍କ ଭିଡ଼କୁ ଆଶଙ୍କା କରି ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଗୁରୁବାରଠାରୁ ୩ତାରିଖ ଯାଏଁ ବନ୍ଦ ରଖାଯାଇଛି। ହେଲେ ଗୁରୁବାର ଅଧିକାଂଶ ପର୍ଯ୍ୟଟକ ଏହି ସୂଚନା ନ ଜାଣିପାରି ନନ୍ଦନକାନନ ବୁଲିବାକୁ ଆସିଥିବା ବେଳେ ବନ୍ଦ ଥିବା ଦେଖି ମୁଖ୍ୟ ଫାଟକ ଆଗରେ ହୋହଲ୍ଲା କରିଥିଲେ। ଦାୟିତ୍ୱରେ ଥିବା ସିକ୍ୟୁରିଟିମାନେ ଠିକ ଭାବେ ପର୍ଯ୍ୟଟକମାନଙ୍କୁ ବୁଝାଶୁଝା ନ କରିପାରିବା ଯୋଗୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପର୍ଯ୍ୟଟକଙ୍କୁ ବୁଝାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଗୁରୁବାରଠାରୁ ନନ୍ଦନକାନନ ବନ୍ଦ ପାଇଁ କର୍ତ୍ତୃପକ୍ଷ ଘୋଷଣା କରିଥିଲେ। କିନ୍ତୁ ଅନ୍‌ଲାଇନରେ ନନ୍ଦନକାନନ ୱେବ୍‌ସାଇଟରେ ବନ୍ଦର କୌଣସି ସୂଚନା ନ ରହିବା ଯୋଗୁ ବହୁ ପର୍ଯ୍ୟଟକ ଅନ୍‌ଲାଇନରେ ଟିକେଟ କାଟିଥିଲେ। ବହୁ ପର୍ଯ୍ୟଟକ ଗୁରୁବାର ନନ୍ଦନକାନନ ଆସିଥିବାବେଳେ ବନ୍ଦ ଥିବାରୁ ସିକ୍ୟୁରିଟିମାନେ ଭିତରକୁ ଛାଡ଼ି ନ ଥିଲେ। ଶତାଧିକରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଏକାଠି ହୋଇ ପାଟିତୁଣ୍ଡ କରିଥିଲେ। ପୋଲିସ ଆସି ପର୍ଯ୍ୟଟକଙ୍କୁ ବୁଝାଇଥିଲେ ମଧ୍ୟ ଶୁଣି ନ ଥିଲେ। ପରେ ରେଭେନ୍ୟୁ ଓ ସିକ୍ୟୁରିଟି ବିଭାଗର ରେଞ୍ଜର ଆସି ଏହି ତ୍ରୁଟି ପାଇଁ ଭୁଲ ସ୍ୱୀକାର କରିଥିଲେ। ପୋଲିସ ଅନ୍‌ଲାଇନ ଟିକେଟର ଅର୍ଥ ଫେରାଇବାର ବ୍ୟବସ୍ଥା କରାଇବାର ପ୍ରତିଶ୍ରୁତି ଦେବାପରେ ପର୍ଯ୍ୟଟକ ଫେରିଥିଲେ। ଏ ନେଇ ନନ୍ଦନକାନନ ପର୍ଯ୍ୟଟକ ପରିଚାଳନା ବିଭାଗର ଏସିଏଫ୍ ଶରତ ଚନ୍ଦ୍ର ବେହେରା କହିଛନ୍ତି, ଅନ୍‌ଲାଇନ ଟିକେଟ ବୁକିଂ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ପାଇଁ ଏଭଳି ଘଟଣା ଘଟିଛି। ତୁରନ୍ତ ସେମାନଙ୍କର ଟଙ୍କା ଫେରସ୍ତ କରାଯିବା ପାଇଁ ବ୍ୟବସ୍ଥା ଚାଲିଛି। ଅନ୍ୟପଟେ ନନ୍ଦନକାନନ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର ଘଟଣା ପରେ ଅନ୍‌ଲାଇନରେ ନନ୍ଦନକାନନ ଟିକେଟ ବୁକିଂ ଓ ବଟାନିକାଲ ଗାର୍ଡେନରେ ବଣଭୋଜି ପାଇଁ କରିଥିବା ସବୁପ୍ରକାର ପିଣ୍ଡିର ଟଙ୍କା ୧୦ଦିନ ମଧ୍ୟରେ ପର୍ଯ୍ୟଟକ ଫେରସ୍ତ ପାଇବେ ବୋଲି ସୂଚନା ଦେଇଛନ୍ତି।

# ଓଡ଼ିଶାର ନିର୍ମାଣାଧୀନ ରାସ୍ତାକାମ ବନ୍ଦ କଲା ଆନ୍ଧ୍ର

ପଟ୍ଟାଙ୍ଗୀ,୩୦।୧୨(ଡି.ଏନ୍.ଏ.)



ଓଡ଼ିଶାର ନିର୍ମାଣାଧୀନ ରାସ୍ତାକାମକୁ ଆନ୍ଧ୍ର ପୋଲିସ ବନ୍ଦ କରୁଛି।

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତରେ ଓଡିଶା ପକ୍ଷରୁ ଚାଲିଥିବା ରାସ୍ତା ନିର୍ମାଣ କାର୍ଯ୍ୟକୁ ଆନ୍ଧ୍ର ପକ୍ଷରୁ ଗୁରୁବାର ବନ୍ଦ କରା ଯାଇଛି। ପଞ୍ଚାୟତର ନେରିଡିବାଲସା ଗ୍ରାମକୁ ସଂଯୋଗ କରୁଥିବା ୧୧ କିମି ରାସ୍ତା ନିର୍ମାଣ କାର୍ଯ୍ୟ ଓଡ଼ିଶା ପକ୍ଷରୁ ଚାଲିଥିଲା। କୋଟିଆ ପଞ୍ଚାୟତ ଦାୟିତ୍ୱରେ ଥିବା ଆନ୍ଧ୍ର ପୋଲିସ ସିଆଇ ରୋହିନି ପାଥି ଏବଂ ସାଲୁର ରୁରାଲ ସିଆଇ ଜଗଦିଶ ନାଇଡୁଙ୍କ ସମେତ କେତେକ ପୋଲିସ କର୍ମଚାରୀ ପହଞ୍ଚି ଧୁଳିପଦର ଗ୍ରାମ ନିକଟରେ ଚାଲିଥିବା ରାସ୍ତା କାମକୁ ବନ୍ଦ କରିଥିଲେ। ଏଥିସହ ରାସ୍ତା କାର୍ଯ୍ୟରେ ନିୟୋଜିତ ୩କର୍ମଚାରୀଙ୍କୁ ନେଇ ଅଟକ ରଖି କିଛି ସମୟ ପରେ ୨ ଜଣଙ୍କୁ ଛାଡ଼ି ଦେଇଥିଲେ। ଅନ୍ୟ ଜଣେ କର୍ମଚାରୀଙ୍କୁ ସାଲୁର ଥାନାକୁ ନେଇ ସେଠାରେ ଦୁଇ ଘଣ୍ଟା ଅଟକ ରଖିବା ପରେ ଛାଡ଼ିଥିଲେ। ତଳଗଞ୍ଜେଇପଦର ଗ୍ରାମରେ ଆନ୍ଧ୍ର ପକ୍ଷରୁ ଚାଲିଥିବା ଅଙ୍ଗନୱାଡ଼ି ଗୃହ ନିର୍ମାଣ କାର୍ଯ୍ୟକୁ ଓଡିଶାର କୋରାପୁଟ ଜିଲା ପ୍ରଶାସନ ଗତ ୨୨ ତାରିଖରେ ବନ୍ଦ କରିଥିଲା। ଏହାପରଠାରୁ ଆନ୍ଧ୍ର ଓଡ଼ିଶାର କାର୍ଯ୍ୟକୁ ବନ୍ଦ କରିବା ନେଇ ଯୋଜନା ଚଳାଇଥିଲା। ଯାହା ଗୁରୁବାର ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଓଡ଼ିଶାରୁ ଆନ୍ଧ୍ରକୁ ପ୍ରଚୁର ପରିମାଣରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଯୋଗୁ ଏହାକୁ ଦୃଷ୍ଟିରେ ରଖି ଆନ୍ଧ୍ରର ଏହି ଦୁଇ ପୋଲିସ ଅଧିକାରୀ ନେରିଡିବାଲସାରେ ଏକ ଚେକ ପୋଷ୍ଟ କରି ସମସ୍ତ ଗାଡ଼ି ମୋଟର ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି।

# ବ୍ୟାଙ୍କ ଆଗରେ ଦମ୍ପତିଙ୍କ ଧାରଣା




ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସିଥିବା ଦମ୍ପତି।

**ସାଇବର ଠକେଇ ମାମଲା**

ବାଲେଶ୍ୱର ଅଫିସ, ୩୦।୧୨

ସାଇବର ଠକେଇର ଶିକାର ହୋଇଥିବା ନୀଳଗିରି ଏନ୍‌ଏସି ଅଧୀନ ବାଲିଗୋହିରୀ ଗ୍ରାମର ସମୀର ରାଉତ ଓ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ଗୁରୁବାର ବାଲେଶ୍ୱର ଫକୀରମୋହନ ଗୋଲେଇସ୍ଥିତ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଶାଖାରେ ଧାରଣାରେ ବସିଛନ୍ତି। ସେମାନେ ବ୍ୟାଙ୍କରେ ଟଙ୍କା ରଖିଥିଲେ, ସେଠାରୁ ଟଙ୍କା ନେବେ ବୋଲି ଦାବି କରିଛନ୍ତି। ଯଦି ଟଙ୍କା ନ ମିଳେ ତେବେ ଉଭୟେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ବାଲେଶ୍ୱରରେ ନୂଆ କରି ଖୋଲିଥିବା ସାଇବର ଥାନାରେ ଏକ ମାମଲା (ନଂ. ୦୧/୨୧) ରୁଜୁ ହୋଇଛି। ଏ ସମ୍ପର୍କରେ ବାଲେଶ୍ୱର ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜର ଇନ୍ଦ୍ରନିଲ୍ ଦତ୍ତ କହିଛନ୍ତି, ଜ୍ୟୋତ୍ସ୍ନାରାଣୀଙ୍କ ଆକାଉଣ୍ଟରୁ ୧୨ଲକ୍ଷ ୪୫ହଜାର ଟଙ୍କା ସାଇବର ଠକେଇ ହୋଇଛି। ଏନେଇ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟକୁ ଜଣାଯାଇଛି। ବ୍ୟାଙ୍କ ଏବଂ ସାଇବର ଥାନା ପକ୍ଷରୁ ଟଙ୍କା କିଏ ନେଇଛି, ସେମାନେ ଏହା କିପରି ଫେରିପାଇବେ ସେନେଇ ଉଦ୍ୟମ ଜାରି ରହିଥିବା ସେ କହିଥିଲେ।

# 'ସରିଯାଇଥିବା ଅପେରା' ସୃଜନ ଅଭିଯାନର ଶ୍ରେଷ୍ଠ ପରିଣତି

ବିଶିଷ୍ଟ କବି ଡ. ହୃଷୀକେଶ ମଲ୍ଲିକଙ୍କୁ ତାଙ୍କର କବିତା ପୁସ୍ତକ 'ସରିଯାଇଥିବା ଅପେରା' ପାଇଁ ୨୦୨୧ ମସିହାର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ ନିମିତ୍ତ ମନୋନୀତ କରାଯାଇଛି। ଓଡ଼ିଆ ଭାଷାରେ ଜନସମ୍ବେଦୀ ବିଚକ୍ଷଣ ରଚନା ଶୈଳୀର ପ୍ରବର୍ତ୍ତନ ଓ ବିଷୟବସ୍ତୁର ବିବିଧତା ପାଇଁ ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାରେ ତାଙ୍କ କବିତା ଏକ ନୂତନ ଯୁଗର ଶିଳାନ୍ୟାସ କରିଛି। ୧୧ଟି କବିତା ପୁସ୍ତକ ସହିତ ୧୦ଟିରୁ ଊର୍ଦ୍ଧ୍ୱ ସମାଲୋଚନା ଗ୍ରନ୍ଥର ସେ ସଫଳ ପ୍ରଣେତା। ଏଥିସହିତ ଶିଶୁ ସାହିତ୍ୟ ଓ ସ୍ତମ୍ଭ ରଚନାରେ ମଧ୍ୟ ତାଙ୍କର ସିଦ୍ଧି ସର୍ବଜନବିଦିତ। ସର୍ବଭାରତୀୟ ସ୍ତରରେ ଓଡ଼ିଆ କବିତାର ସେ ବହୁବାର ପ୍ରତିନିଧିତ୍ୱ କରିଛନ୍ତି। ୩୩ ବର୍ଷର ଭାଷା ସାହିତ୍ୟ ଅଧ୍ୟାପନା ସାଙ୍ଗକୁ ଓଡ଼ିଶା ସରକାରଙ୍କ ପ୍ରକାଶିତ 'ଶିଶୁଲେଖା' ପତ୍ରିକାର ସେ ଦୀର୍ଘ ୫ ବର୍ଷ ସମ୍ପାଦନା କରି ଶିଶୁ ସାହିତ୍ୟକୁ ଓଡ଼ିଶାର କୋଣାନୁକୋଣରେ ପହଞ୍ଚାଇଛନ୍ତି। ସମ୍ପ୍ରତି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଥିବା ଡ. ମଲ୍ଲିକଙ୍କ ସହ 'ଧରିତ୍ରୀ'ର ଉପବାର୍ତ୍ତା ସମ୍ପାଦକ **ଜିତେନ୍ଦ୍ର କୁମାର ନାୟକ**ଙ୍କ ଏକ ବିଶେଷ ସାକ୍ଷାତ୍କାର।



ହୃଷୀକେଶ ମଲ୍ଲିକ

● *'ଧାନସାଉଁଟା ଝିଅ' ଠାରୁ 'ସରିଯାଇଥିବା ଅପେରା' ଏ ସୁଦୀର୍ଘ ସର୍ଜନା ଯାତ୍ରା କେମିତି ରହିଥିଲା?*

-'ଧାନସାଉଁଟା ଝିଅ' ଯଦିଓ ୧୯୮୭ ରେ ପ୍ରକାଶ ପାଇଥିଲା, କିନ୍ତୁ ଏଥିରେ ଥିବା କବିତାଗୁଡ଼ିକୁ ମୁଁ ୧୯୭୨ରୁ ୧୯୮୪ ମସିହା ମଧ୍ୟରେ ଲେଖିଥିଲି। ଏହି ସମୟରେ ମୁଁ ମୁଖ୍ୟତଃ ଗାଁରେ ରହୁଥିଲି ଓ ଗାଁର ପ୍ରକୃତି ଓ ଜନଜୀବନର ଅନୁଭୂତିକୁ ଗଭୀରଭାବେ ଅଙ୍ଗେନିଭାଇଥିଲି। ଏସବୁ ମୋ କବିତାରେ ରୂପପାଇଛି। ବିଶେଷକରି 'ଧାନସାଉଁଟା ଝିଅ'ର କବିତାଗୁଡ଼ିକରେ ଓଡ଼ିଆ ଭାଷା ଏକ ନୂତନ ସୃଜନଶୀଳ ଗରିମା ନେଇ ମୂର୍ତ୍ତିମନ୍ତ ହୋଇଛି, ଯାହାକି ଅନେକ ଦିନ ଧରି ପାଠକଙ୍କର ବୋଧଗମ୍ୟ ହୋଇପାରୁ ନ ଥିବା ଆଧୁନିକ ଓଡ଼ିଆ କବିତାକୁ ସୁବୋଧ କରିଛି। କବିତାରେ ଏକ ଛନ୍ଦୋମୟତାର ନ୍ୟାସ ଦ୍ୱାରା କବିତା ସୁଖପାଠ୍ୟ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ନଗର ଜୀବନ ଓ ବୈଶ୍ୱିକ ଜୀବନର କଥାକୁ ମୁଁ ପାଠକସମ୍ବେଦୀ କରି ପ୍ରକାଶ କରିବାର ଚେଷ୍ଟା କରିଛି। ମୁଁ ଓ ମୋର ସମକାଳୀନ କବିମାନଙ୍କର ସମୟକୁ ଓଡ଼ିଆ କବିତାରେ ଏକ ନୂଆ ଯୁଗ ବୋଲି ସମାଲୋଚକମାନେ ଆଖ୍ୟାୟିତ କରିଛନ୍ତି। 'ସରିଯାଇଥିବା ଅପେରା' ମୋ' ସୃଜନ ଅଭିଯାନର ଶ୍ରେଷ୍ଠ ପରିଣତି।

● *ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଗି ଆପଣଙ୍କ କବିତା ପୁସ୍ତକ ମନୋନୀତ ହେବା ଏକ ସଂଯୋଗ କୁହାଯିବ କି?*

- ନା, ସେପରି ନୁହେଁ। ଓଡ଼ିଶା ସାହିତ୍ୟ ଏକାଡେମୀରେ ମୋର ସଭାପତିତ୍ୱ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମୋ କବିତା ପୁସ୍ତକର ମନୋନୟନ ମଧ୍ୟରେ ଯେଉଁ ସମ୍ପର୍କ, ତାହା କାକତାଳୀୟ।

● *ପୂର୍ବାପେକ୍ଷା ପୁସ୍ତକ ପ୍ରକାଶନ ଦିଗରେ ଅନେକ ବିକଳ୍ପ ସୃଷ୍ଟି ହେଲାଣି। ଆପଣଙ୍କର ପ୍ରଥମେ ଯେତେବେଳେ ବହି ପ୍ରକାଶ ପାଇଥିଲା ଓ ଏବେ ଯେଉଁ ପୁସ୍ତକ ପ୍ରକାଶ ପାଉଛି ସେଥିରେ କି ଫରକ ଦେଖୁଛନ୍ତି?*

-ଆଗରୁ ପୁସ୍ତକ ପ୍ରକାଶନ ଲେଟର ପ୍ରେସ୍ ଓ ଅଫ୍‌ସେଟ୍ ପ୍ରିଣ୍ଟିଂ ପ୍ରେସ୍‌ରେ କରାଯାଉଥିଲା। ଏବେ ଡିଜିଟାଲ ଯୁଗରେ ବହି ପ୍ରକାଶ ଖୁବ୍ ସରଳ ଓ ସ୍ୱଳ୍ପ ସମୟସାପେକ୍ଷ ହୋଇପାରିଛି। ଏକକାଳୀନ ବହି ଛାପି ପ୍ରକାଶକମାନଙ୍କୁ ଗୋଦାମରେ ଗଦାଇବାକୁ ପଡୁନାହିଁ। ପାଠକଙ୍କ ଚାହିଦା ଅନୁସାରେ ବିଶ୍ୱର ଯେକୌଣସି ସ୍ଥାନକୁ ତତ୍‌କ୍ଷଣାତ୍ ଛପାଇ ପ୍ରକାଶକ ବହି ପଠାଇ ପାରୁଛନ୍ତି।

● *ପାଶ୍ଚାତ୍ୟରେ ସାହିତ୍ୟିକମାନେ ଲେଖାଲେଖି କରି ସେଥିରୁ ଆର୍ଥିକ ସ୍ୱାବଲମ୍ବୀ ଓ ସ୍ଥଳବିଶେଷରେ ଅଧିକ ଅର୍ଥ ଉପାର୍ଜନ କରିପାରୁଛନ୍ତି। ଓଡ଼ିଆ ଭାଷାର ଲେଖକ ଆଜିର ଡିଜିଟାଲ ଯୁଗରେ ସାହିତ୍ୟକୁ ବୃତ୍ତି ଭାବେ ନେଇ କେତେବାଟ ଯାଇପାରିବ ବୋଲି ଭାବୁଛନ୍ତି?*

-କେବଳ ପାଶ୍ଚାତ୍ୟ ନୁହେଁ, ଓଡ଼ିଶା ସମେତ ଭାରତର ବିଭିନ୍ନ ଆଞ୍ଚଳିକ ଭାଷାର ଲେଖକମାନେ ମଧ୍ୟ ନିଜ ଲେଖା ବହିରୁ ରାଜଭାଗ ପାଇପାରୁଛନ୍ତି। କିନ୍ତୁ ଅଳ୍ପ ଲେଖକ ଲେଖାଲେଖି ଦ୍ୱାରା ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ସମ୍ଭବ ହେଉଛି। ସାହିତ୍ୟ ଯଦି ମାନ ରକ୍ଷାକରି ଅଧିକରୁ ଅଧିକ ପାଠକଙ୍କ ପାଖରେ ପହଞ୍ଚି ପାରିବ, ତେବେ ଜଣେ ଲେଖକ ଲେଖାକୁ ଜୀବିକା କରିପାରିବ।

● *ଆଜିର ଓଡ଼ିଆ କବିତା ବେଶି ସୋସିଆଲ ମିଡିଆରେ ପ୍ରସାରିତ ହେଉଥିବା ଲକ୍ଷ୍ୟ କରାଯାଉଛି। ସେହି ଦୃଷ୍ଟିରୁ ଦେଖିଲେ ପୁସ୍ତକ ପଠନ ଅଭ୍ୟାସ କମିଯାଇଥିବା ଆଲୋଚନା ହେଉଛି। ଓଡ଼ିଶା ସାହିତ୍ୟ ଏକାଡେମୀ, ଶାରଳା ପୁରସ୍କାର ଓ ଏବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଭଳି ମର୍ଯ୍ୟାଦାଜନକ ସମ୍ମାନ ପାଇବା ପରେ ଯୁବ ସାହିତ୍ୟିକଙ୍କୁ କ'ଣ ସନ୍ଦେଶ ଦେବେ?*

-ସୋସିଆଲ ମିଡିଆରେ କବିତା ପ୍ରସାର ହେଲେ ଏହା ଯେ ପାଠକଙ୍କ ପଠନାଭ୍ୟାସର ପ୍ରତିଦ୍ୱନ୍ଦ୍ୱୀ ହେବ, ଏ କଥାରେ ମୋର ବିଶ୍ୱାସ ନାହିଁ। ଏବେବି ଅନେକ ପାଠକ ଅଛନ୍ତି ସୋସିଆଲ ମିଡିଆର ସାହିତ୍ୟ ସହିତ ମୁଦ୍ରିତ ସାହିତ୍ୟପଠନକୁ ସମଭାବେ ଗୁରୁତ୍ୱ ଦେଉଛନ୍ତି। ଲୋକଙ୍କ ପାଖରେ ପୁସ୍ତକ ଉପଲବ୍ଧ କରାଇବା କାର୍ଯ୍ୟଟିକୁ ତ୍ୱରାନ୍ୱିତ କରାଗଲେ ପାଠକମାନେ ସାହିତ୍ୟ ପ୍ରତି ଅଧିକ ମନୋଯୋଗୀ ହୋଇପାରିବେ। ଆଜିର ଯୁବ ସାହିତ୍ୟିକମାନେ ସମଗ୍ର ପୃଥିବୀ ଉପରେ ଆଖି ରଖି ସାହିତ୍ୟ ସୃଷ୍ଟି କରୁଛନ୍ତି, ଫଳରେ ସାହିତ୍ୟ ସ୍ଥାନୀୟ ହେବା ସହିତ ବିଶ୍ୱଜନୀନ ହେଇପାରୁଛି। ନୂଆ ଲେଖକମାନେ ଓଡ଼ିଆ ସାହିତ୍ୟର ପରମ୍ପରାକୁ ଜାଣି ଲେଖନୀ ଚାଳନା କଲେ ଓଡ଼ିଆ ଭାଷାର ନୂଆ ନୂଆ ବିବର୍ତ୍ତନ ସମ୍ଭବ ହେବ ଓ ଯେକୌଣସି ଅଭିଜ୍ଞତାକୁ ପ୍ରକାଶ କରିବା ପାଇଁ ଓଡ଼ିଆ ଭାଷା ସକ୍ଷମ ହୋଇପାରିବ।

# ଅଫୁଟା ବାଣ ଫୁଟାଇବା ବେଳେ ବିସ୍ଫୋରଣ

## ୪ ନାବାଳକ ଗୁରୁତର, ମେଡିକାଲରେ ଭର୍ତ୍ତି

ଖୋର୍ଦ୍ଧା ଅଫିସ,୩୦।୧୨

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅନ୍ତର୍ଗତ ଗଁପୁର ଗ୍ରାମରେ ଗୁରୁବାର ଏକ ଅଘଟଣ ଘଟିଛି। ଅଫୁଟା ବାଣ ଫୁଟାଇବା ବେଳେ ବିସ୍ଫୋରଣ ଘଟି ୪ଜଣ ନାବାଳକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଲୋକନାଥ ବାରିକ, ରଘୁନାଥ ବାରିକ, ବିଭୂତି ଭୂଷଣ ସାହୁ ଓ ସୌମ୍ୟରଞ୍ଜନ ସାହୁ। ଏମାନଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସମସ୍ତଙ୍କ ଗୋଡ଼, ହାତରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି।

ମିଳିଥିବା ସୂଚନା ମୁତାବକ, ଗତ ରବିବାର ଗଁପୁର ଗ୍ରାମରେ ଗାନ୍ଧୀ ପାର୍କ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଥିଲା। ଉକ୍ତ ସମୟରେ ସେଠାରେ କେତେଜଣ ବାଣ ଫୁଟାଇଥିଲେ। ତେବେ ଉକ୍ତ ସ୍ଥାନରେ କିଛି ବାଣ ନ ଫୁଟି ପଡ଼ିଥିଲା। ଗୁରୁବାର ସକାଳେ ପିଲାମାନେ ପାର୍କ ପଡ଼ିଆରେ ଖେଳୁଥିଲେ। ପାର୍କ ପାର୍ଶ୍ୱରେ ପଡ଼ିଥିବା ଅଫୁଟା ବାଣକୁ ପିଲାମାନେ ସଂଗ୍ରହ କରି ବାରୁଦ ବାହାର କରିଥିଲେ। ତାହାକୁ ଏକାଠି କରି ନିଆଁ ଲଗାଇବା ବେଳେ ବିସ୍ଫୋରଣ ଘଟିଥିବା କୁହାଯାଇଛି। ବିସ୍ଫୋରଣ ଖବରପାଇ ସ୍ଥାନୀୟ ଓ ପରିବାଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ପିଲାମାନଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।






# ମୃତ୍ୟୁର ୫ ମାସ ପରେ ଆସୁଛି କୋଭିଡ୍ ଟିକା ମେସେଜ

**ଜଗତ୍‌ସିଂହପୁର ଅଫିସ, ୩୦।୧୨:** ଜଗତ୍‌ସିଂହପୁର ଜିଲାର ଜଣେ ବ୍ୟକ୍ତିଙ୍କୁ ମୃତ୍ୟୁର ୫ ମାସ ପରେ କୋଭିଡ୍ ଟିକା ଦିଆଯାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ବ୍ୟକ୍ତି ହେଲେ ସ୍ଥାନୀୟ ସଭାମୂଳ ନିକଟ ଉରାଳି ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାହୁ (୭୧)। ଏ ସମ୍ପର୍କରେ ମୃତ ଗୋବିନ୍ଦଙ୍କ ପୁଅ ଶୁଭକାନ୍ତ ସାହୁ କହିଛନ୍ତି, ୯।୪।୨୧ରେ ବାପା ପ୍ରଥମ ଡୋଜ୍ ଟିକା ନେଇଥିଲେ। ୨୯।୭।୨୧ରେ ତାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପଞ୍ଜୀକରଣ ସଂଖ୍ୟା ହେଉଛି, ୧୩୭୪୪/୨୦୨୧। ଏପରିକି ତାଙ୍କ ମୃତ୍ୟୁ କରୋନା ଯୋଗୁ ହୋଇଥିବାରୁ ସହାୟତା ବାବଦ ୫୦ ହଜାର ଟଙ୍କା ମିଳିଛି। ହେଲେ ଗୁରୁବାର ଅର୍ଥାତ୍ ଡିସେମ୍ବର ୩୦ରେ ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବାପାଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଥିବା ନେଇ ମୋବାଇଲ୍‌କୁ ମେସେଜ ଆସିଛି। ଏହି ଖବର ଯେତିକି ବିସ୍ମୟଜନକ ସେତିକି ଦୁଃଖଦାୟକ। ଏ ସମ୍ପର୍କରେ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁରେଶ କୁମାର ଲେଙ୍କାଙ୍କ ସହ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସୁଇଚ୍ ଅଫ୍ ଥିଲା।

# ଡ୍ୟାମ୍ କାମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

■ସୁକ୍‌ତେଲ ପ୍ରକଳ୍ପ ବୁଲିଲେ ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ, ଓସିସି ଏମ୍‌ଡି

■୨୦୨୪ ଜାନୁୟାରୀ ସୁଦ୍ଧା ସରିବ ପ୍ରକଳ୍ପ କାମ

ବଲାଙ୍ଗୀର ଅଫିସ, ୩୦।୧୨



ଲୋୟର ସୁକ୍‌ତେଲ ପ୍ରକଳ୍ପ ସ୍ପିଲ୍‌ୱେ କାମକୁ ସର୍ବୋଚ୍ଚ ଯନ୍ତ୍ରୀ ଓ ଓସିସି ଏମ୍‌ଡି ତଦାରଖ କରୁଛନ୍ତି।

ବଲାଙ୍ଗୀର ଜିଲାର ଜୀବନରେଖା କୁହାଯାଉଥିବା ଲୋୟର ସୁକ୍‌ତେଲ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଗୁରୁବାର ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର ଏବଂ ଓଡ଼ିଶା କର୍ପୋରେଶନ୍ କମ୍ପାନୀ (ଓସିସି)ର ପରିଚାଳନା ନିର୍ଦ୍ଦେଶକ ବିଭୂତି ଭୂଷଣ ଦାଶ ପରିଦର୍ଶନ କରିଥିଲେ। ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପଡିବ ବୋଲି ସର୍ବୋଚ୍ଚ ଯନ୍ତ୍ରୀ ମିଶ୍ର ନିର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ଏ ପର୍ଯ୍ୟନ୍ତ ସୁକ୍‌ତେଲ ଡ୍ୟାମ ସ୍ପିଲ୍‌ୱେ କାମ ୮୨ ପ୍ରତିଶତ ସରିଛି। ଡ୍ୟାମ୍‌ର ମାଟିବନ୍ଧ କାମ ୫୨ ପ୍ରତିଶତ ସରିଲାଣି। ଟାର୍ଗେଟ ଅନୁସାରେ ନିର୍ମାଣ କାମ ଯେତିକି ସରିବା କଥା ସେଥିରେ କିଛିଏ ସର୍ଟଫଲ୍ ରହିଛି। ଏହାକୁ ମେକ୍‌ଅପ୍ କରିବା ପାଇଁ ନିର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି।

ଯୋଜନା ମୁତାବକ ୨୦୨୪ ସୁଦ୍ଧା ଏହି ପ୍ରକଳ୍ପ ଶେଷ କରାଯିବା ଲାଗି ଟାଇମ୍ ଲାଇନ୍ ରହିଛି। ଏହି ସମୟସୀମା ମଧ୍ୟରେ ପ୍ରକଳ୍ପ ଶେଷ କରାଯିବ। ପ୍ରତି ମାସରେ ରାଜ୍ୟସ୍ତରୀୟ ଏବଂ ସଚିବସ୍ତରୀୟ ବୈଠକ କରାଯାଉଛି। ୨/୩ ମାସରେ ଥରେ ମୁଖ୍ୟମନ୍ତ୍ରୀସ୍ତରୀୟ ସମୀକ୍ଷା କରାଯାଉଛି। ପ୍ରକଳ୍ପ କିଭଳି ଶୀଘ୍ର ସରିବ ସେନେଇ ପଦକ୍ଷେପ ନିଆଯାଉଛି। ପ୍ରକଳ୍ପ ପ୍ରଭାବିତଙ୍କ କ୍ଷତିପୂରଣ, ଥଇଥାନ ପ୍ରସଙ୍ଗକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି ବୋଲି ସର୍ବୋଚ୍ଚ ଯନ୍ତ୍ରୀ ମିଶ୍ର କହିଥିଲେ। ଓସିସି ଏମ୍‌ଡି ଦାଶ କହିଥିଲେ ଯେ, ପ୍ରକଳ୍ପ ନିର୍ମାଣ ସମ୍ବନ୍ଧୀୟ ଅଗ୍ରଗତି ପାଇଁ ପ୍ରତିଦିନ ସମୀକ୍ଷା ଚାଲିଛି। ହ୍ୱାଟସ୍‌ଆପ୍ ଗ୍ରୁପ୍ ମାଧ୍ୟମରେ ପ୍ରତ୍ୟେକସ୍ତରର ସମସ୍ୟା ଅବଲୋକନ କରାଯାଇ ଏହାକୁ ଦୂର କରାଯିବା ବ୍ୟବସ୍ଥା କରାଯାଉଛି। ପ୍ରକଳ୍ପ ଧାର୍ଯ୍ୟ ସମୟ ଭିତରେ ଯେଭଳି ସରିବ ସେଦିଗରେ ଗୁରୁତ୍ୱାରୋପ କରାଯାଉଛି। ସର୍ବୋଚ୍ଚ ଯନ୍ତ୍ରୀ ମିଶ୍ର ଏବଂ ଓସିସି ଏମ୍‌ଡି ଦାଶ ଲୋୟର ସୁକ୍‌ତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତ, ପୁନର୍ବାସ ଓ ଥଇଥାନ ଅଧୀକ୍ଷଣ ଯନ୍ତ୍ରୀ ଜିତେନ୍ଦୁ ପାଣିଗ୍ରାହୀ, ନିର୍ବାହୀ ଯନ୍ତ୍ରୀ ନିର୍ବିଘ୍ନ ଭୋଇ, ନିର୍ମାଣକାରୀ ସଂସ୍ଥା ଅଧିକାରୀ ଓ ଯନ୍ତ୍ରୀଙ୍କ ଉପସ୍ଥିତିରେ ସ୍ପିଲ୍‌ୱେ ଉପରେ ଚାଲିଥିବା ନିର୍ମାଣ କାମ ତଦାରଖ କରିଥିଲେ। ଏ ପର୍ଯ୍ୟନ୍ତ ସ୍ପିଲ୍‌ୱେ ନିର୍ମାଣ କାମ ୧୯୧ ପଏଣ୍ଟ ପର୍ଯ୍ୟନ୍ତ ପହଞ୍ଚି ସାରିଛି। ୨୧୦ ପଏଣ୍ଟ ପର୍ଯ୍ୟନ୍ତ ଡ୍ୟାମ୍ ନିର୍ମାଣ କରାଯିବ ବୋଲି ରାଉତ କହିଥିଲେ। ଡ୍ୟାମ୍‌ର ଡାଇକ୍ ବା ଆଡିବନ୍ଧ ତିଆରି ଶୀଘ୍ର ଆରମ୍ଭ କରାଯିବ। ଉଭୟ ଅଧିକାରୀ ପ୍ରକଳ୍ପର ଆଡିବନ୍ଧ ସ୍ଥାନ ପରିଦର୍ଶନ କରି ଶୀଘ୍ର କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ସ୍ଥାନରେ ଆଡିବନ୍ଧ ନିର୍ମାଣ ହେବ ସେଠାରେ ଜଙ୍ଗଲ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସକାଶେ ବନ ବିଭାଗର ଅନୁମତି ମିଳିସାରିଛି ଓ ଆବଶ୍ୟକ ଟଙ୍କା ମଧ୍ୟ ଡିପୋଜିଟ୍ ସରିଛି। ସ୍ପିଲ୍‌ୱେ, ମାଟିବନ୍ଧ କାମ ସହ ଆଡିବନ୍ଧ କାର୍ଯ୍ୟ ସମାନ୍ତରାଳ ଭାବେ କରିବାକୁ ସର୍ବୋଚ୍ଚ ଯନ୍ତ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ।

PIXMA
Quality. Promised.

Canon
Delighting You Always




ପ୍ରସ୍ତୁତ କରାଯାଉଅଛି PIXMA ଫୋଟୋ ପ୍ରିଣ୍ଟର୍ ୬ ଟି କଲର ର ଇଙ୍କ୍ ଟ୍ୟାଙ୍କ୍ ସହିତ

ChromaLife100 ପ୍ରିଣ୍ଟ୍ କରନ୍ତୁ ହାଇ କ୍ୱାଲିଟି ଫଟୋ ଯାହା ଚାଲେ 100 ବର୍ଷ ପର୍ଯ୍ୟନ୍ତ ।*



**ଅଧିକ କ୍ଷମତା ଥିବା ଇଙ୍କ୍ ର ବୋତଲ**
କମ୍ ମୂଲ୍ୟ ରେ 3800 ଫଟୋ**
ପର୍ଯ୍ୟନ୍ତ ପ୍ରିଣ୍ଟ୍ କରେ



**Wi-Fi, ମୋବାଇଲ୍ ପ୍ରିଣ୍ଟିଙ୍ଗ୍**
ଯେ କୌଣସି ଜାଗାରେ କନେକ୍ଟ୍ ଏବଂ ପ୍ରିଣ୍ଟ୍ କରନ୍ତୁ



**ରେଡ୍ ଏବଂ ଗ୍ରେ ଇଙ୍କ୍**
ଉଜ୍ଜ୍ୱଳ ରଙ୍ଗ ଏବଂ ଚମକ୍‌ଦାର ଫଟୋ ପାଇଁ



**ବ୍ୟାନର ପ୍ରିଣ୍ଟିଙ୍ଗ୍ 120cm ପର୍ଯ୍ୟନ୍ତ**
ପ୍ରିଣ୍ଟିଙ୍ଗ୍ ର ବିଭିନ୍ନ ଆବଶ୍ୟକତା ପାଇଁ



**ସହଜରେ ପରିବର୍ତ୍ତନ କରାଯାଇପାରୁଥିବା ମେଣ୍ଟେନାନ୍ସ୍ କାଟ୍ରିଜ୍ ଏବଂ ପ୍ରିଣ୍ଟ୍ ହେଡ୍**
ରିପେୟାର୍ ସର୍ଭିସେସ୍ ଆବଶ୍ୟକତାକୁ କମ୍ କରେ



**PIXMA G670**
ପ୍ରିଣ୍ଟ୍ କପି, ସ୍କାନ୍
MRP: ₹ 24 800.00/U ସମସ୍ତ କର ସହିତ



**PIXMA G570**
ପ୍ରିଣ୍ଟ୍ କେବଳ
MRP: ₹ 19 490.00/U ସମସ୍ତ କର ସହିତ

## Print Brilliance

Download catalogue

*With ChromaLife 100 inks, photos will resist colours fading for longer. Prints on PP-201 can last up to 100 years calculated based on JEITA CP-3901 under accelerated testing and assuming image is stored in a photo album at 23°C / 50% R.H. **Photo size 10.16 cm X 15.24 cm. Print yield is the estimate value based on Canon individual test method using ISO/IEC 29103 chart under ideal print conditions and continuous printing simulation with replacement after initial setup. Mentioned print yield is from the replacement set of 6 ink bottles (GY/C/M/Y/R/BK) and each bottle contains 60 ml of ink.

Scan to know more

**Sambalpur:** Orbit Communication -9861660379, Nexzen communication – 7008765861.

**ଆଜିର ମନ୍ତବ୍ୟ**

“ଧର୍ମାନ୍ତର ନିରୋଧୀ ଆଇନର କୌଣସି ପ୍ରଭାବ କର୍ନାଟକ ଜନସାଧାରଣଙ୍କ ଉପରେ ପଡ଼ି ନ ଥିବା ପୌର ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। କର୍ନାଟକ ଭୋଟର ଭାଜପା ସରକାରକୁ କ୍ଷମତାରୁ ହଟାଇବା ପାଇଁ ଅପେକ୍ଷା କରିଛନ୍ତି।

– ରଣଦୀପ୍ ସିଂ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତ ଗୋଡ଼ ଯଦି ଅଛିରେ ଖେଣ୍ଟା**
**ପରକୁ କିମ୍ପାଇଁ ଦାନ୍ତ ନିକୁଟା।**

ନିଜେ ଠିକ୍ ଥିଲେ ଅନ୍ୟକୁ ଆଶରା କରିବାରେ ମାନେ କିଛି ରହି ନ ଥାଏ। ହାତ ଗୋଡ଼ ଚାଲୁଥିଲେ, ସୁସ୍ଥ ସବଳ ଥିଲେ, ଅନ୍ୟ ଉପରେ ନିର୍ଭର ନ କରି ନିଜେ ଖଟି ଖାଇବା ହିଁ ଉଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କ୍ଷେତକୁ ସୁନ୍ଦର ବାର ଫସଲ**
**ଦେହକୁ ସୁନ୍ଦର ବୁଦ୍ଧି ଅକଲ।**

ସାଧାରଣତଃ ଭାବେ କ୍ଷେତଟି ଫସଲରେ ପରିପୂର୍ଣ୍ଣ ଥିବାବେଳେ ଏହା ଆଖିକୁ ଖୁବ୍ ସୁନ୍ଦର ଦେଖାଯାଇଥାଏ। ଠିକ୍ ସେହିପରି ଭାବେ ବୁଦ୍ଧି ଓ ବିବେକ ମଣିଷର ବ୍ୟକ୍ତିତ୍ୱକୁ ପ୍ରକାଶ କରୁଥିବାବେଳେ ସମାଜରେ ଏଭଳି ବ୍ୟକ୍ତିଙ୍କୁ ଯଶ ଓ ସମ୍ମାନ ମିଳିଥାଏ। ରୂପ କେବଳ ବାହ୍ୟ ସୌନ୍ଦର୍ଯ୍ୟକୁ ପ୍ରକାଶ କରିଥାଏ, ଯେତେବେଳେ କି ବୁଦ୍ଧି ଓ ବିବେକ ମଣିଷର ଅନ୍ତର୍ନିହିତ ଗୁଣକୁ ମଧ୍ୟ ଦର୍ଶାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ବରକନ୍ୟା ଗାଡ଼ି ସହ ଟ୍ରକ୍ ମୁହାଁମୁହିଁ ଧକ୍କା

## ଡ୍ରାଇଭର ମୃତ, ବରକନ୍ୟାଙ୍କ ସମେତ ୬ ଗୁରୁତର

**କୋକସରା,୩୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଭୁର୍ଷାଗୁଡା ବିଜୁ ଏକ୍ସପ୍ରେସ୍ ୱେରେ ବୁଧବାର ବିଳମ୍ବିତ ରାତିରେ ବରକନ୍ୟା ବୋଲେରୋ ଗାଡ଼ି ସହ ଏକ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ବୋଲେରୋ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ବରକନ୍ୟାଙ୍କ ସମେତ ୮ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଛତିଶଗଡ଼ ଉର୍ମାଲ ଗାଁର ରୁକ୍ମଣ ସାହୁ (୩୫)। ଗୁରୁତରମାନେ ହେଲେ ବର ଭଗବାନ ନାଗେଶ, କନ୍ୟା ଯେମନୀ ମାଝି (୨୦), କମଲେଶ ମାଝି, ଓମ୍‌ପ୍ରକାଶ ନାଗେଶ, ଲକ୍ଷ୍ମଣ ମାଝି, ସେକରାମ ମାଝି, ନାମକୁ ସୁନା ଓ କୁନ୍ତି ମାଝି।

ସୂଚନା ଅନୁଯାୟୀ, ଛତିଶଗଡ଼ର ଦେଭୋଗ ବ୍ଲକ ସର୍ଗିଗୁଡା ଗାଁରୁ ବୁଧବାର ବର ବିବାହ ପାଇଁ ନବରଙ୍ଗପୁର ଜିଲା ମୈଦଲପୁର ଡୁମେରଗୁଡା ଗାଁକୁ ଆସିଥିଲେ। ରାତିରେ ବରକନ୍ୟାଙ୍କ ସମେତ ୮ଜଣ ବୋଲେରୋ (ନଂ.ସିଜି୦୫ଆର-୪୦୫୮) ଯୋଗେ ଫେରୁଥିଲେ। ଆମପାଣି ବିଜୁ ଏକ୍ସପ୍ରେସ ଭୁର୍ଷାଗୁଡା ନିକଟରେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ (ନଂ.ଓଆର୧୯ଜେ-୭୮୮) ସହିତ ବୋଲେରୋ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବୋଲେରୋର ଆଗପଟ ଚୂରମାର ହେବା ସହ ଟ୍ରକ୍‌ର ପଛ ଛକ ରାସ୍ତାରେ ଛିଟିକି ପଡିଥିଲା। ଖବର ପାଇ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ଅଗ୍ନିଶମ କର୍ମଚାରୀ ଓ ପୋଲିସ ପହଞ୍ଚି ବୋଲେରୋରେ ଥିବା ବରକନ୍ୟାଙ୍କ ସହ ଅନ୍ୟମାନଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ସମସ୍ତ ଗୁରୁତରଙ୍କୁ ୧୦୮ରେ ଧର୍ମଗଡ଼ ହସ୍ପିଟାଲ ପଠାଇଥିଲେ। ବୋଲେରୋ ଡ୍ରାଇଭରଙ୍କ ଅବସ୍ଥା ଅତି ସଂକଟାପନ୍ନ ଥିବାରୁ କୋକସରା ହସ୍ପିଟାଲ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତରମାନଙ୍କୁ ଧର୍ମଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଆମପାଣି ଥାନାରେ ଏକ ମାମଲା (ନଂ. ୧୧୫/୨୧) ରୁଜୁ ହୋଇଛି। ତଦନ୍ତ ଜାରି ରହିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିବା ଆମପାଣି ଏଏସ୍ଆଇ ଅକ୍ଷୟ କୁମାର ଜାଲ ସୂଚନା ଦେଇଛନ୍ତି।

# ବିଡିଓଙ୍କୁ ଆଦିବାସୀ ସଂଘର ଦାବିପତ୍ର

**କର୍ଲାମୁଣ୍ଡା,୩୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ପ୍ରକାଶିତ ନୂତନ ତାଲିକାରେ ଏହା ଅଣସଂରକ୍ଷିତ (ମହିଳା) ରହିଛି। ଏହାର ପ୍ରତିବାଦରେ ଗୁରୁବାର କର୍ଲାମୁଣ୍ଡା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ଆଦିବାସୀ ସଂଘ ସଭାପତି ସୁରେନ୍ଦ୍ର ଭୋଇ ଓ ସହସମ୍ପାଦକ ଡୋଳାମଣି ଭୋଇ ଓ ନିରଞ୍ଜନ ମାଝି, ସ୍ୱାଗତ ଭୋଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କର୍ଲାମୁଣ୍ଡା ୧୯୫୨ ମସିହାରୁ ଏକ ପଞ୍ଚାୟତର ମାନ୍ୟତା ପାଇଥିବା ବେଳେ ଅଦ୍ୟାବଧି ଥରୁଟିଏ ବି ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିନାହିଁ। ପ୍ରଥମ ଥିଠା ତାଲିକାରେ ଆଦିବାସୀଙ୍କ ପାଇଁ ଏହା ସଂରକ୍ଷିତ ବୋଲି ପ୍ରକାଶ ପାଇବା ପରେ ଏହି ବର୍ଷ ଲୋକେ ଦୀର୍ଘ ବର୍ଷ ପରେ ସୁଯୋଗ ଆସିଥିବାରୁ ଆନନ୍ଦିତ ହୋଇଥିଲେ। ଏବେ କିନ୍ତୁ ଏହା ଅଣସଂରକ୍ଷିତ (ମହିଳା) ରହିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରେ ଉତ୍ସାହ ସଙ୍ଗକୁ ପାରିବାରିକ ଜୀବନ ସୁମଧୁର ହୋଇ ଉଠିବ। ଅଟକିଥିବା କାମ ପୂରା ଦମ୍‌ରେ କରିବା ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। ସଭାସମିତି, ମନୋରଞ୍ଜନ, ବୈବାହିକ କାମ କିମ୍ବା କୌଣସି ନୂତନ କର୍ମାରମ୍ଭ କରିବାରେ ବ୍ୟସ୍ତ ରହିପାରନ୍ତି।

**ବୃଷ**
ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ବିଭିନ୍ନ ମନ୍ତବ୍ୟ ଦେଇପାରନ୍ତି। ସବୁ କାମରେ ଆଗୁଆ ରହିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ବନ୍ଧୁଙ୍କଠାରୁ ହଠାତ୍ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ।

**ମିଥୁନ**
ଆଜି ଯେତିକି ପାଇବେ ପ୍ରତିଦାନରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ଭାସିଯାଇ କାମ କଲେ ଅନୁତାପ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ କେବଳ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି। ତଥାପି ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**କର୍କଟ**
ବନ୍ଧୁଙ୍କ କଥାକୁ ଭାଙ୍ଗି ନ ପାରି ସକାଳୁ କୌଣସି କାମରେ ନିଜକୁ ହଜାଇଦେବେ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରି ବିଫଳ ହେବେ। କର୍ମକ୍ଷେତ୍ରରେ ପାରୁପର୍ଯ୍ୟନ୍ତ ଚେଷ୍ଟା କରି କାମ କଲେ ମଧ୍ୟ ପଦୁଟିଏ ପ୍ରଶଂସା ଶୁଣିବାକୁ ମିଳିବ ନାହିଁ। ଘରୋଇ କଥାରେ କିଛି ମତ ପାର୍ଥକ୍ୟ ସୃଷ୍ଟି ହେବାରୁ ଆଲୋଚନା ଅସମାପ୍ତ ରହିଯିବ।

**ସିଂହ**
ଅସଫଳତାର ଚିନ୍ତାଧାରା ମନକୁ ବେଶି ବିବ୍ରତ କରିପାରିବ ନାହିଁ। ପରିସ୍ଥିତି ବଶତଃ ଇଚ୍ଛା ନ ଥିଲେ ମଧ୍ୟ ବାଧବାଧକତାରେ ଦୂରସ୍ଥାନକୁ ଯିବାକୁ ପଡିବ। ପୃଷ୍ଠପୋଷକତା ଅଭାବରୁ କାମଗୁଡ଼ିକ ସୁବିଧାରେ ହେବା କଷ୍ଟକର ହୋଇପଡିବ। କୌଣସି ଲୋକର ଚାପର ପ୍ରଭାବରୁ ଧୀରେ ସୁସ୍ଥେ କାମ କରିବାକୁ ବାଧ ହେବେ।

**କନ୍ୟା**
ଆଜି ଫେରିବା ବେଳକୁ ଯିବା ସମୟର ଆନନ୍ଦ ମନରେ ଆଉ ନ ଥିବ ଏବଂ ନିରାଶ ମନରେ ଫେରିବେ। ଶତ୍ରୁମାନେ ପଛରେ ନାନାଦି କଥା କହିପାରନ୍ତି। ରୋଗୀଣା ସ୍ୱାସ୍ଥ୍ୟରେ ସମାନ୍ୟ ବ୍ୟତିକ୍ରମ ଦେଖାଦେବ,ବିଶେଷତଃ ଖାଦ୍ୟପେୟରେ ସତର୍କ ରହନ୍ତୁ। ସତର୍କତା ଅଭାବରୁ ବ୍ୟବସାୟ କ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି।

**ତୁଳା**
ବନ୍ଧୁଙ୍କଠାରୁ ବାଧିଲାଭଳି କଥା ଶୁଣି ସବୁ ଆନନ୍ଦ ପାଣି ଫୋଟକା ପରି ମିଳାଇ ଯିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆଜି ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଲାନ୍ତି ଅନୁଭବ କରିବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ମସ୍‌ଗୁଲ୍ ରହିବେ।

**ବିଛା**
ଯେତେଟା ଓ ଯେପରି ଆଶଙ୍କା କରୁଥିଲେ ସେପରି କିଛି ହେବନି, ବରଂ କୌଣସି ଖୁସୀର ଖବର ପାଇବେ। ଅନ୍ୟମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବେ, ଫଳରେ ମନ ଭଲ ରହିବ ନାହିଁ। କଳା, ସାହିତ୍ୟ ଓ ବନ୍ଧୁ ମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ଧନୁ**
ବୁଧଙ୍କ ପ୍ରଭାବରୁ ଅପ୍ରିୟ ସତ୍ୟ ଭାଷଣଜନିତ ମତାନ୍ତରର ସମ୍ଭାବନା ମଧ୍ୟ ରହିଛି। ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ପୁଣି ଯୋଡ଼ିବା ସକାଶେ ଚେଷ୍ଟା କରି ମଧ୍ୟ କିଛି ଲାଭ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି କରିବେ। ଦୀର୍ଘଦିନରୁ ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ।

**ମକର**
ଦିନଟି ସବୁ ଦିଗରୁ ଭଲରେ ଯିବ, କଅଁଳ କଥା କହି ପରକୁ ମଧ୍ୟ ଆପଣାର କରିପାରିବେ। ପ୍ରଶଂସା ଓ ପ୍ରୋତ୍ସାହନ ପାଇ ନିଜର ଭାବାବେଗକୁ ରୋକିପାରିବେ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ, ମାତ୍ର ବହୁତ ତକଲିଫି ସହିବାକୁ ପଡ଼ିବ। କିନ୍ତୁ ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହୋଇପାରେ।

**କୁମ୍ଭ**
ପ୍ରତ୍ୟେକ କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ଶାରୀରିକ ଅସୁସ୍ଥତାଜନିତ କାମଗୁଡିକ ଶୃଙ୍ଖଳିତ ହେବା କଷ୍ଟକର ହୋଇପାରେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମୀନ**
ଆଜି ଯେତେ ପ୍ରତିବନ୍ଧକ ଆସୁନା କାହିଁକି ସହଜରେ ଅଧୈର୍ଯ୍ୟ ହେବେ ନାହିଁ। ଶେଷ ସମୟ ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିଲେ ନିଶ୍ଚିତ ଉଦ୍ଦେଶ୍ୟ ପୂରଣ ହୋଇପାରିବ। ତଥାପି ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ମଧ୍ୟାହ୍ନରେ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି।

# ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ସହାୟତା ଦେବେ ରାଜ୍ୟ ସରକାର

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ):** ରାଜ୍ୟ ସରକାର ଅଙ୍ଗ ହରାଇଥିବା ଲୋକଙ୍କୁ ସହାୟତା ଯୋଗାଇ ଦେବେ। ଯଦି ପ୍ରତିରୋପଣର ଆବଶ୍ୟକତା ଅଛି, ତେବେ କୃତ୍ରିମ ଅଙ୍ଗ ଲଗାଇବାକୁ ୧୫ ପ୍ରତିଶତ ରିହାତି ସରକାର ଦେବେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା ଏହି ସୂଚନା ଦେଇଛନ୍ତି। ଏନେଇ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ଏହାଛଡ଼ା ରାଜ୍ୟରେ ୩ଟି ୧୦୦ ଶଯ୍ୟା ବିଶିଷ୍ଟ ଭିକ୍ଷୁକ ଆଶ୍ରୟସ୍ଥଳୀ କରାଯିବ। ଦୁଇଟି କେନ୍ଦୁଝରରେ ଓ ଗୋଟିଏ ସୁନ୍ଦରଗଡ଼ରେ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଜାନୁୟାରୀରେ...

ଡିସେମ୍ବର ୩୧, ଜାନୁୟାରୀ ୧ ଏବଂ ୨ ତାରିଖ ପାଇଁ ପୂର୍ବରୁ ଜାରି ହୋଇଥିବା କଟକଣା ବଳବତ୍ତର ରହିବ। ଜିଲାପାଳ ଓ ମହାନଗର ନିଗମ କମିଶନର, ପୋଲିସ କମିଶନର ଆବଶ୍ୟକ ସ୍ଥଳେ ନିଜର କ୍ଷମତା ଉପଯୋଗ କରି ଅତିରିକ୍ତ କଟକଣା ଜାରି କରିପାରିବେ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି) କହିଛନ୍ତି। ଏହାକୁ ବାଦ୍‌ଦେଲେ ସାମାଜିକ ଦୂରତ୍ୱ ନିୟମ, ମାସ୍କ ପିନ୍ଧିବା ସହିତ କୋଭିଡ୍ ଗାଇଡ୍‌ଲାଇନ୍ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଉଲ୍ଲଂଘନ କଲେ ଆପରାଧିକ ମାମଲା ରୁଜୁ କରାଯିବ। ରାତ୍ରିକାଳୀନ କର୍ଫ୍ୟୁ ସମୟରେ ଜରୁରୀ ସେବା, କୋଭିଡ୍ ପରୀକ୍ଷା ଓ ଟିକାକରଣ ଚାଲୁ ରହିବ। ବିମାନବନ୍ଦର, ପରିବହନ ଏବଂ ଜରୁରିକାଳୀନ ସେବାରେ ନିୟୋଜିତ ବ୍ୟକ୍ତିମାନେ ପରିଚୟପତ୍ର ଦେଖାଇ ଯାତାୟାତ କରିପାରିବେ। ବିମାନବନ୍ଦର, ରେଲଷ୍ଟେଶନ, ବସ୍‌ଷ୍ଟାଣ୍ଡରୁ ଅଟୋରିକ୍ସା ଏବଂ କ୍ୟାବ୍ ଚାଳକମାନେ ଯାତ୍ରୀଙ୍କୁ ନେବାଆଣିବା କରିପାରିବେ ବୋଲି ଗାଇଡ୍‌ଲାଇନ୍‌ରେ ଦର୍ଶାଯାଇଛି।

### ମିଶନାରି ଅଫ୍ ଚାରିଟିଜ୍...

ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିସବୁ ଅନୁଷ୍ଠାନ ସହ ନିୟମିତ ଯୋଗାଯୋଗରେ ରହିବାକୁ ଜିଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିର ଏହି ସଂସ୍ଥାଗୁଡ଼ିକୁ ସହାୟତା ଯୋଗାଇ ଦିଆଯିବ। ଓଡ଼ିଶାରେ ମିଶନାରିଙ୍କ ଦ୍ୱାରା ବହୁ ଅନାଥାଶ୍ରମ ଓ କୁଷ୍ଠାଶ୍ରମ ଚାଲୁଛି।

### ହୃଷୀକେଶ ମଲ୍ଲିକ ପାଇବେ...

ପ୍ରତିନିଧିତ୍ୱ କରିଥିବା ବେଳେ ବହୁଭାଷୀ କବି ସମ୍ମିଳନୀରେ ଅଧକ୍ଷତା କରିଛନ୍ତି। ତାଙ୍କର ବହୁ କବିତା ହିନ୍ଦୀ, ଇଂଲିଶ, ବଙ୍ଗଳା ଓ ଅନ୍ୟ ଭାରତୀୟ ଭାଷାରେ ଅନୂଦିତ ହୋଇଛି। ଏହି ପୁରସ୍କାର ପାଇଁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଡ. ମଲ୍ଲିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବାଂଲା କବିତା ଏକାଡେମୀର ସଭାପତି ବିଶିଷ୍ଟ କବି ସୁବୋଧ ସରକାର ଟେଲିଫୋନ ଯୋଗେ କବିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସେହିପରି ପିଲାଙ୍କ ସାହିତ୍ୟ ରଚନା କ୍ଷେତ୍ରରେ ଦିଆଯାଉଥିବା ‘ବାଲ୍ ସାହିତ୍ୟ ପୁରସ୍କାର’ ଚଳିତବର୍ଷ ପାଇବେ ଦିଗରାଜ ବ୍ରହ୍ମା। ‘ଗୀତ କହେ ମିତର କଥା’ ଶୀର୍ଷକ ପୁସ୍ତକ ନିମନ୍ତେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ୧୯୪୯ ମସିହା ଏପ୍ରିଲ୍ ୧୩ ତାରିଖରେ କଟକ ଜିଲାର ଛତିଆ ଅନ୍ତର୍ଗତ ରୁଦ୍ରପୁରରେ ଜନ୍ମିତ ଦିଗରାଜ ବ୍ରହ୍ମା ଦୀର୍ଘଦିନ ଧରି ଶିଶୁ-ସାହିତ୍ୟ ରଚନା କରି ଆସୁଛନ୍ତି। ପିଲାମାନଙ୍କ ପାଇଁ ଗଳ୍ପ, କବିତା, ଉପନ୍ୟାସ, ଭ୍ରମଣ କାହାଣୀ ଏବଂ ଜୀବନୀ ଭଳି ସେ ପ୍ରାୟ ୧୦ଟି ପୁସ୍ତକର ରଚୟିତା। ଚତୁର୍ଥ ଶ୍ରେଣୀ ସାହିତ୍ୟ ବହିରେ ‘ସାର୍ ଜନ୍‌ଙ୍କ ପ୍ରିୟ ସାଥୀ’ ନାମକ ଗଳ୍ପର ଲେଖକ ଭାବେ ସେ ସୁପରିଚିତ। କଲେଜ ସ୍ତରରେ ମଧ ତାଙ୍କର ଅନେକ ଲେଖା ପାଠ୍ୟ ପୁସ୍ତକରେ ଚଳୁଛି। ପିଲାମାନଙ୍କ ପାଇଁ ରେଡିଓ ଏବଂ ଟେଲିଭିଜନ୍‌ରେ ସେ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମ ପ୍ରସ୍ତୁତି ଓ ସମ୍ପାଦନା କରିଛନ୍ତି। ଶିକ୍ଷାରେ ସ୍ନାତକୋତ୍ତର ଏବଂ ‘ଶିଶୁ ସାହିତ୍ୟର ଶିକ୍ଷାଗତ ପ୍ରୟୋଗ’ରେ ପିଏଚ୍‌ଡି କରିଥିବା ବ୍ରହ୍ମା ଭୁବନେଶ୍ୱରସ୍ଥିତ ରାଜ୍ୟ ଶିକ୍ଷା ଓ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟରେ ଉପନିର୍ଦ୍ଦେଶକ ଥିଲେ। ଏହାଛଡ଼ା ସେ କୋରାପୁଟସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧକ୍ଷ ମଧ ଥିଲେ। ସେହିଭଳି ‘ସ୍ୱର୍ଣ୍ଣ ଓ ଅନ୍ୟାନ୍ୟ ଗଳ୍ପ’ ପୁସ୍ତକ ପାଇଁ ଦେବବ୍ରତ ଦାସ ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇବେ।

### ବିଧାୟକ କିଶୋର...

ନିର୍ବାଚନମଣ୍ଡଳୀରୁ ୩ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୯୦ରେ ଜନତା ଦଳରୁ ପ୍ରଥମଥର ପାଇଁ ବିଧାୟକ ହୋଇଥିଲେ। ୨୦୦୯ ଓ ୨୦୧୪ ବିଧାନସଭା ନିର୍ବାଚନରେ ସେ ପରାଜିତ ହୋଇଥିଲେ। ସେ ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ସରକାରୀ ଦଳର ମୁଖ୍ୟ ସଚେତକ ରହିଥିଲେ। ୨୦୦୮ରୁ ୨୦୦୯ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାରେ ବାଚସ୍ପତି ଦାୟିତ୍ୱ ତୁଲାଇଥିଲେ। ୨୦୦୯ରୁ ୨୦୧୨ ଯାଏ ବିଜେଡିରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ଦାୟିତ୍ୱରେ ରହିଥିଲେ। ଜନତା ଦଳ ସମୟରୁ ଅଦ୍ୟାବଧି ବିଜେଡିର ଜିଲା ସଭାପତି ରହିଥିଲେ। ପ୍ରଥମେ ୧୯୮୪ରେ ସେ ଝାରସୁଗୁଡ଼ା ପୌର ପରିଷଦର କାଉନ୍‌ସିଲର ରହିଥିଲେ। ସେ ପୂର୍ବରୁ ଜନତା ଦଳରେ ରହି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସରକାରରେ ମଧ୍ୟ କାର୍ଯ୍ୟ କରିଛନ୍ତି।

ସ୍ୱର୍ଗତ ମହାନ୍ତିଙ୍କ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ଜଣେ ରାଜନୈତିକ ନେତା ଓ ଆଇନ ପ୍ରଣୟନ କ୍ଷେତ୍ରରେ ସ୍ୱର୍ଗତ ମହାନ୍ତିଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟପାଳ କହିଛନ୍ତି। ସେହିଭଳି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଦୁଃଖଦ ଖବରରେ ସେ ଗଭୀର ମର୍ମାହତ ହୋଇଛନ୍ତି। କିଶୋର ମହାନ୍ତି ଜଣେ ଜନପ୍ରିୟ ନେତା ଭାବେ ଦଳମତ ନିର୍ବିଶେଷରେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ବାଚସ୍ପତି ଭାବେ ଉଚ୍ଚ ସଂସଦୀୟ ପରମ୍ପରା ବଜାୟ ରଖିବା ସହିତ ସବୁ ଦଳର ବିଧାୟକମାନଙ୍କ ସମ୍ମାନର ଅଧିକାରୀ ହୋଇପାରିଥିଲେ। ମନ୍ତ୍ରୀ ତଥା ବିଧାୟକ ଭାବେ ଓଡ଼ିଶାର ବିକାଶ ପାଇଁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଭାବେ ମଧ ସେ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପଶ୍ଚିମ ଓଡ଼ିଶାରେ ବିଜେଡିର ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଦୃଢ଼ ନେତୃତ୍ୱ ଦେଇଥିଲେ। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି।

କିଶୋରଙ୍କ ବିୟୋଗରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଝାରସୁଗୁଡ଼ା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, କୃଷିମନ୍ତ୍ରୀ ଅରୁଣ ସାହୁ, ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଟୁକୁନି ସାହୁ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀ, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଜିଲାପାଳ ସରୋଜ କୁମାର ସାମଲ,ଏସ୍‌ପି ବିକାଶ ଚନ୍ଦ୍ର ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।


# classifieds Everyday
0674-2580101, 2549302




**SALE**

ପାହାଳ ପାଖରେ NHକୁ ଲାଗି 20acre plot ବିକ୍ରିହେବ। Contact: 7327807573. D-70254

**ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ 2.5K.M. ରଙ୍ଗବଜାର BJEM-2 କୁ ଲାଗି East Facing 1500sqft. 4BHK duplex built up area-2285 (Bank finance available) booking open- 9337088399.** D-71761

ଭୁବନେଶ୍ୱର ଡେରାସ୍, ସୁନ୍ଦରପଦାରେ ଘରବାଡ଼ି ପ୍ଲଟ୍ sqft.-1500/-, 950/-, 650/- ମିଳୁଛି। SEEMA-6370476317. D-71765

Demarcated ପ୍ଲଟ୍ KEC, Gudiapokhari ପାଖରେ immediate registration, possession ଅଗ୍ରିମ boundarywall, electricity ସହିତ 30ft. road sqft.-730/-ରେ ମିଳୁଛି। 7008045582, 9692003948. D-22681

**Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ Bio-Tech Park (Vaccine Plant) ନିକଟରେ gharabari plot boundary, electricity ଥାଇ କିଣନ୍ତୁ, immediate ଘର କରନ୍ତୁ 9437005434.** D-71754

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008. D-22629

**Residential gharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452.** D-71835

Duplex Immediate Sale near Vani Vihar University. 1.03Crore Fixed Price. Whatsapp: 943-731-3333(Owner) 9438874333. D-22702

**2120sqft. commercial space in Saheed Nagar, Bhubaneswar. Rented to company for Rs. 1.25lakhs PM. 9438040421.** D-71924

CRPରୁ ୧୪କି.ମି. କାଟେଣୀରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- ସୁନ୍ଦରପଦାରେ 9,60,000/- (18 plot available). 9938016295. D-71760

**Duplex house (11years old) for sale Jagamara, Bhubaneswar, Built-up area 2500sqft., land area 2100sqft., Price 1.30 crores, only serious buyers are requested to contact: 8328812205.** D-71759

ଜଟଣୀଗେଟ୍ KIST College ପାଖରେ yellowzone ଘରବାରି 4acre plot ବିକ୍ରିହେବ। Contact: 7327807573. D-70255

**ଗୋଠପାଟଣାଠାରୁ 500 ମିଟର ସମ୍‌ହସ୍ପିଟାଲ୍‌ରୁ ୪କି.ମି. ଦୂରରେ ଘଙ୍ଗାପାଟଣାଠାରେ ଘରବାରି ପ୍ଲଟ୍ ମିଳୁଛି। 9994968742, 7077250901.** D-71764

**PURCHASE**

ଆପଣ ନିଜର Plot, Flat, Duplex, Farm house ବିକିବାକୁ ଚାହୁଁଛନ୍ତି କି? Bhubaneswar. 6371090682. D-68286




**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Ayurvedic full body massage, refresh your mind relaxed by expert lady therapist. Contact: 8480939300. D-22667

One hour any therapy by expert therapist @800 only. 9078484455. D-71461

Refreshing your mind, body with tha best therapy at Lotus SPA. 8018891951. D-71839

Newly open full body massage ladies and gents. 8327740003, 8455985899. D-71838




ଘରେବସି ସ୍ୱଳ୍ପ ବିନିଯୋଗରେ ମାସକୁ ୩୦,୦୦୦/-ରୁ ୬୦,୦୦୦/- ରୋଜଗାର କରନ୍ତୁ। 9776020766, 9439008685. D-71460

**LOST**

I Sudhansu Sekhar Gouda S/o- Surendra Gouda have lost all marksheet, migration & board certificates (0901213169) BPUT, ODISHA. Finder inform 9692390728. D-22703

I, Sutapa Nayak, have lost my original B.Tech graduation certificate of 2008-12 batch issued by Biju Pattnaik University of Technology (B.P.U.T) with Registration No:- 0801208185, Branch- Electrical and Electronics Engineering from the College, Koustuv Institute of Self Domain (K.I.S.D). If found, please contact at 9704059755. D-22714

ମୁଁ ଶ୍ରୀଯୁକ୍ତ ରାମଚନ୍ଦ୍ର ବେହେରା, ପିତା- ବଂଶୀଧର ବେହେରା, ଘର- ଚୁଡଙ୍ଗସାହି, ମାର୍କଣ୍ଡେଶ୍ୱର ସାହି-୧, ଏତଦ୍ୱାରା ମୁଁ ସର୍ବ ସମ୍ମୁଖରେ ଘୋଷଣା କରୁଛି ଯେ ମୋର ଚୁଡଙ୍ଗସାହିରେ ଥିବା ଘର ପଟ୍ଟା ଖତିଆନ ନଂ.- 595 ଗତ ୨୦୧୯ ଫନିବାତ୍ୟାରେ ନଷ୍ଟ ହୋଇଯାଇଛି। ମୁଁ ଘରର ପଟ୍ଟା କୌଣସି ବ୍ୟାଙ୍କରେ ବନ୍ଧକ ରଖିନାହିଁ କିମ୍ବା ଏହାର ଦୁରୁପଯୋଗ କରିନାହିଁ। ଯଦି ମୁଁ ଏହାର ଦୁରୁପଯୋଗ କରିଥାଏ ତାହାହେଲେ ମୁଁ ଆଇନତଃ ଦଣ୍ଡନୀୟ ହେବି। ଧ-୨୨୭୧୬

**AFFIDAVIT**

ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଖୋର୍ଦ୍ଧାଙ୍କ ପାଖରେ ଶପଥ କରୁଅଛି କି ମୁଁ ପବିତ୍ର ଜେନା, ପି- ପ୍ରାଣନାଥ ଜେନା, ଗ୍ରା- ନାଲସିଂହ ପୋ- ଅଚ୍ୟୁତପୁର, ଜି- ଖୋର୍ଦ୍ଧା ମୋର ଆଗ ନାମକୁ ବଦଳାଇ ଆଧାର କାର୍ଡ ନମ୍ବର (୮୯୬୪୮୦୧୫୮୨୦୮) ଅନୁସାରେ ପ୍ରଭାକର ଜେନା କରୁଅଛି। ଏହା ଏଲ୍ଆଇସି ସମେତ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟରେ ଆସିବ। ଧ- ୨୨୭୧୫

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୮,୫୨,୧୭,୬୮୨ | ୫୪,୪୧,୯୯୭ | ୨୫,୨୮,୩୧,୫୬୬ |
| ଭାରତ | ୩,୪୮,୨୨,୦୪୦ | ୪,୮୦,୮୬୦ | ୩,୪୨,୫୮,୭୭୮ |
| ଓଡ଼ିଶା | ୧୦,୫୪,୬୦୬ | ୮୪୫୮(+୫୩) | ୧୦,୪୪,୪୪୩ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# ସବୁ ଦଳ ଠିକ୍ ସମୟରେ ୟୁପି ନିର୍ବାଚନ ଚାହାନ୍ତି: ସିଇସି

ଲକ୍ଷ୍ନୌ, ୩୦।୧୨(ପି.ଟି.)



ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁଶୀଲ ଚନ୍ଦ୍ରା, ଇସି ରାଜୀବ କୁମାର (ବାମ) ଏବଂ ଅନୂପ ଚନ୍ଦ୍ର ପାଣ୍ଡେ (ଡାହାଣ) ଗୁରୁବାର ଲକ୍ଷ୍ନୌସ୍ଥିତ ଯୋଜନା ଭବନରେ ଖବରଦାତାମାନଙ୍କୁ ୟୁପି ବିଧାନସଭା ନିର୍ବାଚନ ସମ୍ପର୍କରେ ସୂଚନା ଦେଉଛନ୍ତି।

- ସ୍ଥାପନ ହେବ ଅଧିକ ୧୧,୦୦୦ ବୁଥ୍
- ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଘରେ ରହି ମତଦାନ କରିପାରିବେ

ଧାର୍ଯ୍ୟ ସମୟ ମଧ୍ୟରେ କୋଭିଡ୍ କଟକଣା ସହ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ କରାଇବା ଲାଗି ସମସ୍ତ ରାଜନୈତିକ ଦଳ ଚାହୁଁଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁଶୀଲ ଚନ୍ଦ୍ରା ଗୁରୁବାର କହିଛନ୍ତି। କୋଭିଡ୍ ସଂକ୍ରମଣ ଦୃଷ୍ଟିରୁ ସାମାଜିକ ଦୂରତ୍ୱ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ଅଧିକ ମତଦାନ କେନ୍ଦ୍ର ସ୍ଥାପନ କରାଯିବା ସହ ଭୋଟ ସମୟ ୧ ଘଣ୍ଟା ବଢ଼ାଯିବ। ସମସ୍ତ ପୋଲିଂ କର୍ମଚାରୀଙ୍କୁ ଟିକାକରଣ କରାଯିବ। ଯେଉଁମାନେ ବୁଷ୍ଟର ଡୋଜ୍ ନେବା ପାଇଁ ଯୋଗ୍ୟ ହୋଇଥିବେ ସେମାନଙ୍କୁ ପ୍ରିକଶନ ଡୋଜ ଦିଆଯିବ ବୋଲି ସିଇସି କହିଛନ୍ତି। ଟିକାକରଣ ବଢ଼ାଇବା ପାଇଁ ସିଇସି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତାବର୍ଷ ପ୍ରଥମ ଭାଗରେ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ସେଠାର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବା ଲାଗି ଚନ୍ଦ୍ରା ଲକ୍ଷ୍ନୌକୁ ୩ ଦିନିଆ ଗସ୍ତରେ ଯାଇଥିଲେ। ସେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକାଧିକ ବୈଠକ କରିଥିଲେ। ଏଥିସହିତ ରାଜ୍ୟ ଓ ଜିଲା ପଦାଧିକାରୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ୟୁପିରେ ଯୋଗୀ ଆଦିତ୍ୟନାଥ ସରକାରଙ୍କ କାର୍ଯ୍ୟକାଳ ମାର୍ଚ୍ଚ ମଧ୍ୟଭାଗରେ ଶେଷ ହେବାକୁ ଥିବାରୁ ଏହା ପୂର୍ବରୁ ସେଠାରେ ନିର୍ବାଚନ କରାଇବାକୁ ପଡ଼ିବ। ଏଥିରେ ସବୁ ରାଜନୈତିକ ଦଳ ସହମତ ହୋଇଛନ୍ତି। ତେବେ ନିର୍ବାଚନୀ ରାଲି ଯୋଗୁ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ହେଉଥିବା ନେଇ ପ୍ରଶ୍ନ ହେବାରୁ ନିର୍ବାଚନ କମିଶନ କହିଥିଲେ, ଭୋଟ ତାରିଖ ଘୋଷଣା ହେବା ସହ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ଆମ ଦାୟିତ୍ୱ ଆରମ୍ଭ ହେବ। ସେ ପର୍ଯ୍ୟନ୍ତ ସାମାଜିକ ଦୂରତ୍ୱ ରକ୍ଷା କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ସରକାର କାର୍ଯ୍ୟ କରିବା ଉଚିତ ବୋଲି ଚନ୍ଦ୍ରା କହିଥିଲେ।

ସୂଚନାଯୋଗ୍ୟ, ଓମିକ୍ରନ୍ ଆଗମନ ସହ ଦେଶରେ ସମ୍ଭାବ୍ୟ ତୃତୀୟ ଲହରର ଆଶଙ୍କା ସୃଷ୍ଟି ହୋଇଥିବାରୁ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ମାସେ କିମ୍ବା ୨ ମାସ ଘୁଞ୍ଚାଇବା ପାଇଁ ଆଲ୍ଲାହାବାଦ ହାଇକୋର୍ଟ ଗତ ୨୩ ତାରିଖରେ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କୁ ପ୍ରସ୍ତାବ ଦେଇଥିଲେ। ଉତ୍ତରପ୍ରଦେଶ ଯାଇ ସ୍ଥିତି ସମୀକ୍ଷା କରିବା ପରେ ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ଚନ୍ଦ୍ରା ସେତେବେଳେ କହିଥିଲେ। ବର୍ତ୍ତମାନ ସୁଦ୍ଧା ୟୁପିରେ ୮୬ ପ୍ରତିଶତ ଲୋକ କୋଭିଡ୍ ଟିକାର ପ୍ରଥମ ଡୋଜ୍ ଏବଂ ୪୯ ପ୍ରତିଶତ ଦ୍ୱିତୀୟ ଡୋଜ୍ ନେଇସାରିଛନ୍ତି। ଆଗାମୀ ୧୫ରୁ ୨୦ ଦିନ ମଧ୍ୟରେ ଶତ ପ୍ରତିଶତ ପ୍ରଥମ ଡୋଜ୍ ନେଇଯିବେ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିବା ମୁଖ୍ୟ ନିର୍ବାଚନ କମିଶନ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ୟୁପିରେ ନୂଆ ଭାରିଆଣ୍ଟ ଓମିକ୍ରନ୍‌ର ପ୍ରଭାବ ବିଶେଷ ପଡ଼ିନାହିଁ। ମାତ୍ର ୪ଟି ମାମଲା ଚିହ୍ନଟ ହୋଇଥିବାବେଳେ ସେଥିରୁ ୩ ଜଣ ସୁସ୍ଥ ହେଲେଣି। ଏହା ସତ୍ତ୍ୱେ ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟରେ ଅଧିକ ୧୧ ହଜାର ବୁଥ୍ ଖୋଲିବା ଲାଗି ନିଷ୍ପତ୍ତି ହୋଇଛି। ପୂର୍ବରୁ ପ୍ରତି ବୁଥ୍‌ରେ ୧,୫୦୦ ଭୋଟର ମତଦାନ କରିବା ବ୍ୟବସ୍ଥା ଥିଲା। ଏହାକୁ ୧,୨୫୦କୁ ହ୍ରାସ କରାଯାଇଛି। ସେଥିପାଇଁ ଉତ୍ତରପ୍ରଦେଶରେ ୧,୭୪,୩୫୧ ମତଦାନ କେନ୍ଦ୍ର ସ୍ଥାପନ କରାଯିବ। ବୁଥ୍‌ରେ ସମସ୍ତଙ୍କର ଥର୍ମାଲ ସ୍କାନର ହେବା ସହ ମାସ୍କ ଯୋଗାଇ ଦିଆଯିବ। ଏଥିସହିତ ସାମାଜିକ ଦୂରତ୍ୱ ରକ୍ଷା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ସିଇସି କହିଛନ୍ତି। ନିର୍ବାଚନରେ ସ୍ୱଚ୍ଛତା ବଜାୟ ରଖିବା ଲାଗି ଗୋଟିଏ ସ୍ଥାନରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ପୋଷ୍ଟିଂ ହୋଇଥିବା ଅଧିକାରୀମାନଙ୍କୁ ବଦଳି କରିବା ଲାଗି ଇସି ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟ ୫,୦୦୦ ପୋଲିସଙ୍କୁ ବଦଳି କରାଗଲାଣି ଓ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ବଦଳାଯିବ। ରାଜ୍ୟରେ ୪,୦୩୦ ମଡେଲ୍ ମତଦାନ କେନ୍ଦ୍ର ଏବଂ ୮୦୦ ମହିଳା ମତଦାନ କେନ୍ଦ୍ର ସ୍ଥାପନ କରାଯିବ। ପ୍ରଥମ ଥର ଲାଗି ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗଙ୍କୁ ଘରେ ରହି ମତଦାନ କରିବାର ସୁଯୋଗ ପ୍ରଦାନ କରାଯିବ ବୋଲି ସିଇସି କହିଛନ୍ତି।

# ମୋଦିଙ୍କ ମେଣ୍ଟ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲି: ପାୱାର

ମୁମ୍ବାଇ, ୩୦।୧୨(ଆଇଏଏନ୍‌ଏସ୍)



ଶରଦ ପାୱାର

୨୦୧୯ ଅକ୍ଟୋବର ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳି ନ ଥିଲା। ରାଜ୍ୟରେ ଭାଜପା-ଏନ୍‌ସିପି ମେଣ୍ଟ ସରକାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗ୍ରହ ପ୍ରକାଶ କରିଥିଲେ। ସେ ଏ ସମ୍ପର୍କରେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କୁ ପ୍ରସ୍ତାବ ଦେଇଥିଲେ। ମୋଦିଙ୍କ ମେଣ୍ଟ ପ୍ରସ୍ତାବକୁ ପାୱାର ଅଗ୍ରାହ୍ୟ କରିଦେଇଥିଲେ ବୋଲି କହିବା ପରେ ଏହାକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି।

ଏକ ମରାଠୀ ଦୈନିକ ପକ୍ଷରୁ ପ୍ରକାଶିତ କଫି ଟେବୁଲ ପୁସ୍ତକ 'ଆସ୍ତାବଧାନୀ'ରେ ପ୍ରଧାନମନ୍ତ୍ରୀଙ୍କ ସହ ୨୦୧୯ ନଭେମ୍ବର ୨୦ରେ ପାୱାରଙ୍କ ସାକ୍ଷାତକୁ ନେଇ ଖବର ପ୍ରକାଶ ପାଇଛି। ସେତେବେଳେ ମୋଦି ଏନ୍‌ସିପି-ଭାଜପା ଏକାଠି କାମ କରିବା ଲାଗି ପାୱାରଙ୍କୁ କହିବା ସହ ତାଙ୍କ ଝିଅ ତଥା ବାରାମତି ଏମ୍‌ପି ସୁପ୍ରିୟା ସୁଲେଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ କରିବା ଲାଗି ପ୍ରସ୍ତାବ ଦେଇଥିଲେ। ଏହି ସମୟରେ ମେଣ୍ଟ ସମ୍ପର୍କରେ କଥାବାର୍ତ୍ତା ହୋଇଥିଲା। ଏହା ସମ୍ଭବ ନୁହେଁ ବୋଲି ପାୱାର ସେତେବେଳେ କହିଥିବା ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇଛି। ଏନ୍‌ସିପି ମୁଖପାତ୍ର ତଥା ସଂଖ୍ୟାଲଘୁ ମନ୍ତ୍ରୀ ନୱାବ ମଲିକ ମଧ୍ୟ ପାୱାରଙ୍କ କଥାକୁ ସମର୍ଥନ କରିଛନ୍ତି। ପାର୍ଲାମେଣ୍ଟ ପରିସରରେ ମୋଦିଙ୍କ ସହ ପାୱାରଙ୍କ ଆଲୋଚନାବେଳେ ସେ ଉପସ୍ଥିତ ଥିବା କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ତରଫରୁ ମେଣ୍ଟ ପ୍ରସ୍ତାବ ଆସିଥିଲା ଓ ଦଳ ମଧ୍ୟରେ ଏହାକୁ ନେଇ ଆଲୋଚନା ହୋଇଥିଲା। ତେବେ ମେଣ୍ଟ ପାଇଁ ସହମତି ହୋଇପାରି ନ ଥିଲା ବୋଲି ମଲିକ କହିଛନ୍ତି। ଏନ୍‌ସିପି, କଂଗ୍ରେସ ସହ ମେଣ୍ଟ କରିବାକୁ ଶିବସେନା ଆଗେଇ ଆସିଥିଲା। ୩ ଦଳକୁ ନେଇ ମହା ବିକାଶ ଅଘାଡ଼ି ସରକାର ୨୦୧୯ ନଭେମ୍ବର ୨୮ରେ ଶପଥ ନେଇଥିଲା ଓ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ହୋଇଥିଲେ।

# ଗଙ୍ଗାଜଳ ସିଞ୍ଚିଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଉ: କଂଗ୍ରେସ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)





ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

ନବରଙ୍ଗପୁରରେ ପ୍ରଦେଶ କଂଗ୍ରେସର ୧୦୦ବର୍ଷ ପୂର୍ତ୍ତି ପାଳନ ଅବସରରେ ସୋମବାର ସଂକଳ୍ପ ସମାବେଶ ଆୟୋଜିତ ହୋଇଥିଲା। ସଭାପରେ କେତେଜଣ ଯୁବକ ସଭାସ୍ଥଳରେ ଗଙ୍ଗା ଜଳ ସିଞ୍ଚନ କରିବା ଘଟଣାକୁ ନେଇ କଂଗ୍ରେସ ଦୃଢ଼ ନିନ୍ଦା କରିଛି। ଏହାଦ୍ୱାରା ଦଳିତ ଓ ଆଦିବାସୀ ସମାଜର ସମ୍ମାନ ହାନି ହୋଇଛି। ଏଥିପାଇଁ ଭାଜପା ଓ ବିଜେଡ଼ି ସମ ପରିମାଣରେ ଦାୟୀ। ଦଳିତ ନିର୍ଯାତନା ଆଇନ ଅନୁସାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବି କରାଯାଇଛି।

ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା କହିଛନ୍ତି, ସମାବେଶର ସଫଳତାରେ ଈର୍ଷାପରାୟଣ ହୋଇ କିଛି ତଥାକଥିତ ଅସମାଜିକ ଯୁବକ ଗୌରୀଶଙ୍କର, ହିମାଂଶୁ ଶେଖର ମିଶ୍ର (ଆୟୁଷ ଡାକ୍ତର), ମିହିର କୁମାର ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଦଳିତ ନେତା ଜିଗ୍ନେଶ ମେୱାନୀ, କହ୍ନେୟା କୁମାର, ଲକ୍ଷ୍ମୀ କାୱାସୀ ଓ ଭକ୍ତଚରଣ ଦାସଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେବା ସହ ଜାତିଆଣ ମନୋଭାବ ରଖି ସଭାସ୍ଥଳକୁ ଗଙ୍ଗାଜଳ ସିଞ୍ଚନ କରୁଥିବା ଭିଡ଼ିଓ ଭାଇରାଲ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ଭାବରେ ଦଳିତ ଆଦିବାସୀ ସମାଜର ସମ୍ମାନ ହାନି କରିବା ସହ ମାନସିକ ଭାବେ ଶକ୍ତ ଆଘାତ ଦେଇଛି। ଉକ୍ତ ତିନି ଜଣ ବ୍ୟକ୍ତି ବିଶ୍ୱହିନ୍ଦୁ ପରିଷଦ ଓ ଭାଜପା ସମର୍ଥକ। ଏପରି ଘୃଣ୍ୟ କାମ ଜାତି ଓ ଧର୍ମ ନାମରେ ଦେଶକୁ ଭାଗ ଭାଗ କରିବ। ସେହିପରି ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ପ୍ରଶାସନ ସ୍ଥାଣୁ ପାଲଟି ଯାଇଛି। ପରୋକ୍ଷରେ ସରକାର ଅପରାଧୀଙ୍କୁ ଘଣ୍ଟ ଘୋଡାଇବାରେ ସାହାଯ୍ୟ କରୁଛନ୍ତି। ଏ ପର୍ଯ୍ୟନ୍ତ ସେଠାକାର ଏସ୍‌ପି ଓ ଜିଲା ପ୍ରଶାସନ କାହିଁକି ନିଜଆଡୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏତଲା ଦାୟର କରିନାହାନ୍ତି। ଆଗାମୀ ଦିନରେ କଂଗ୍ରେସ ଅନୁସୂଚିତ ଜାତିବିଭାଗ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସମ୍ମିଳନୀରେ ବିଧାୟକ ସଂନ୍ତୋଷ ସିଂ ସାଲୁଜା, ପିସିସି ମୁଖପାତ୍ର ଅମିୟ ପାଣ୍ଡବ, ସାଧାରଣ ସମ୍ପାଦକ ଚିନ୍ମୟ ସୁନ୍ଦର ଦାସ ଓ ଖୋର୍ଦ୍ଧା ଜିଲା ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଜୟନ୍ତ ଭୋଇ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ରୋଡ୍ ରେଳ ଜଙ୍କଶନକୁ ବକ୍ସିଙ୍କ ନାମରେ ନାମିତ କରାଯାଉ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଖୋର୍ଦ୍ଧାର ପାଇକ ବିଦ୍ରୋହର ନେତା ବକ୍ସି ଜଗବନ୍ଧୁଙ୍କ ନାମରେ ଖୋର୍ଦ୍ଧା ରୋଡ୍ ରେଳ ଜଙ୍କଶନକୁ ନାମିତ କରାଯାଉ। ଏଥିସହ ସେଠାରେ ବକ୍ସିଙ୍କ ଏକ ପୂର୍ଣାବୟବ ମୂର୍ତ୍ତି ସ୍ଥାପନ କରିବାକୁ ସମାଜବାଦୀ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ଏହି ଦାବି ଜଣାଇଛନ୍ତି।

# ପଛୁଆ ବର୍ଗଙ୍କ ସଂରକ୍ଷଣ ଦାବି

## ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ଓଡିଶାରେ ପଛୁଆ ବର୍ଗ ପାଇଁ ସ୍ଥାନ ସଂରକ୍ଷଣ ନ କରି ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏହା ରାଜ୍ୟର ୫୨ ଭାଗରୁ ଊର୍ଦ୍ଧ୍ୱ ପଛୁଆ ବର୍ଗଙ୍କ ପ୍ରତି ଘୋର ଅନ୍ୟାୟ ତଥା ଅଗଣତାନ୍ତ୍ରିକ ବୋଲି ବିଭିନ୍ନ ବାମଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ସିପିଆଇର ଓଡିଶା ରାଜ୍ୟ ପରିଷଦ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ) ରାଜ୍ୟ କମିଟି ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ସିପିଆଇ-ଏମ୍‌ଏଲ(ଲିବରେଶନ) ରାଜ୍ୟ କମିଟି ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଏକ ମିଳିତ ବିବୃତ୍ତିରେ କହିଛନ୍ତି, ଉଚ୍ଚ ନ୍ୟାୟାଳୟ ପଛୁଆ ବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ ନ କରିବାକୁ କୌଣସି ଉକ୍ତି ଦେଇନାହାନ୍ତି। କିନ୍ତୁ ରାଜ୍ୟ ସରକାର ପଛୁଆ ବର୍ଗଙ୍କ ନିମନ୍ତେ ପଞ୍ଚାୟତ ନିର୍ବାଚନରେ ବିଧିବଦ୍ଧ ଭାବେ ସ୍ଥାନ ସଂରକ୍ଷଣ ନ କରି ଦଳୀୟ ଭିତ୍ତିରେ ଶାସକ ବିଜେଡି ପକ୍ଷରୁ ପଛୁଆ ବର୍ଗ ପ୍ରାର୍ଥୀଙ୍କୁ ଦଳୀୟ ଟିକେଟ ଦେବା ଘୋଷଣା ଏକ ଶସ୍ତା ରାଜନୈତିକ ଚାଲ। ପଛୁଆ ବର୍ଗଙ୍କୁ ନିଜର ଅଧିକାରରୁ ବଞ୍ଚିତ କରି ଦୟାର ପାତ୍ର ଭାବେ ବିଚାର କରିବା ସେମାନଙ୍କ ଅଧିକାର ପ୍ରତି ବିଶ୍ୱାସଘାତକତା କରାଯାଉଛି। ରାଜ୍ୟ ସରକାର ପଛୁଆ ବର୍ଗ ପ୍ରାର୍ଥୀଙ୍କ ନିମନ୍ତେ ତୁରନ୍ତ ସ୍ଥାନ ସଂରକ୍ଷଣ ଧାର୍ଯ୍ୟ କରି ଯଥାରିତ ନିର୍ବାଚନ କରିବାକୁ ସେମାନେ ଦାବି କରିଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** — **ଡିମାଣ୍ଡ ନୋଟିସ୍**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର, ସା: ହୁସେନ୍ ହାଉସ୍, ପୋ: ଅଇଁଠାପାଲି, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୪

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଏତଦ୍ଦ୍ୱାରା ଋଣଗ୍ରହୀତାମାନ: ଶ୍ରୀମତୀ ଗୀତାରାଣୀ ଘୋଷ ଏବଂ ୰ ପ୍ରିୟା ଘୋଷ, ୰ ପ୍ରିୟା ଘୋଷଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ କମଳେଶ ଘୋଷ, ୨) ଶ୍ରୀ ଅଙ୍କିତ ଘୋଷ (ନାବାଳକ)ଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏ/ଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ତାଙ୍କୁ ଅବଗତ କରାଗଲା।

| ବ୍ରଜରାଜନଗର ଶାଖା / ଋଣଗ୍ରହୀତା / ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀମତୀ ଗୀତାରାଣୀ ଘୋଷ, ୨) ୰ ପ୍ରିୟା ଘୋଷ, ୰ ପ୍ରିୟା ଘୋଷଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ କମଳେଶ ଘୋଷ, ୨) ଶ୍ରୀ ଅଙ୍କିତ ଘୋଷ (ନାବାଳକ), ପିତା/ଅଭିଭାବକ ଶ୍ରୀ କମଳେଶ ଘୋଷଙ୍କ ଦ୍ୱାରା ପ୍ରତିନିଧିତ୍ୱ, ସମସ୍ତଙ୍କ ଠିକଣା- ସା: ଷ୍ଟେସନ୍ ରୋଡ୍, ଲାମଟିବାହାଲ, ପୋ: ବ୍ରଜରାଜନଗର, ଜିଲ୍ଲା: ଝାରସୁଗୁଡ଼ା, ରାଜ୍ୟ: ଓଡ଼ିଶା, ପିନ୍-୭୬୮୨୧୬ / ଆକାଉଣ୍ଟ ନଂ.: ୩୫୮୪୧୮୪୧୪୦୪ (ଟିଏଲ) | ଶ୍ରୀମତୀ ଗୀତାରାଣୀ ଘୋଷଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୧୦/୮୩୨, ପ୍ଲଟ୍ ନଂ.: ୮୬୦, କ୍ଷେତ୍ର: ଏକର୦.୦୮୩ଡିସିମିଲି, କିସମ: ଘରବାରୀ, ମୌଜା: ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.-୧, ଥାନା: ବ୍ରଜରାଜନଗର, ତହସିଲ/ଜିଲ୍ଲା: ଝାରସୁଗୁଡ଼ା, ଓଡ଼ିଶା | ୨୯.୧୧.୨୦୨୧ | ୧୬.୧୨.୨୦୨୦ | ୨୪.୧୧.୨୦୨୧ ସୁଦ୍ଧା ଟ.୨୩,୯୮,୬୯୧/- ସହିତ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ |

ନୋଟିସର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତା/ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ଜଣାଇଦିଆଯାଉଛି କି ସେ ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର ୬୦ ଦିନ ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍ଦ୍ୱାରା ଋଣଗ୍ରହୀତା/ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧ୍ୟମ ଦ୍ୱାରା ସେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ। ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ତାରିଖ : ୩୦.୧୨.୨୦୨୧
ସ୍ଥାନ : ସମ୍ବଲପୁର

କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# 'ଅବହେଳାକୁ ଆଉ ବରଦାସ୍ତ କରାଯିବନି'





ମହିଳା କଂଗ୍ରେସ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖୁଛନ୍ତି।

ବଲାଙ୍ଗୀର ଅଫିସ, ୩୦।୧୨

ରାଜ୍ୟରେ ୫୦ ପ୍ରତିଶତ ଲୋକ ହେଉଛନ୍ତି ପଛୁଆ ବର୍ଗର । କିନ୍ତୁ ସ୍ୱାଧୀନତା ପରଠାରୁ ପଛୁଆବର୍ଗର ଲୋକମାନେ କ୍ରମାଗତ ଭାବରେ ସରକାରଙ୍କ ଦ୍ୱାରା ଅବହେଳାର ଶିକାର ହେଉଛନ୍ତି । ଉପା ସରକାର ଦେଇଥିବା ପଛୁଆବର୍ଗର ଜନଗଣନା ରିପୋର୍ଟକୁ ବର୍ତ୍ତମାନର କେନ୍ଦ୍ର ସରକାର ଗ୍ରହଣ କରୁନାହାନ୍ତି । ରାଜ୍ୟ ସରକାର ଆହୁରି ଦୁଇପାଦ ଆଗକୁ ଯାଇ ବର୍ତ୍ତମାନ ସେମାନଙ୍କୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ରାଜନୈତିକ ସଂରକ୍ଷଣରୁ ସମ୍ପୂର୍ଣ୍ଣ ଭାବରେ ବାଦ୍ ଦେଇଛନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ସରକାରମାନେ ପଛୁଆବର୍ଗଙ୍କ ଉନ୍ନତି ପାଇଁ ଦାବି ଉପସ୍ଥାପନ କରିବାର ସମସ୍ତ ରାସ୍ତା ବନ୍ଦ କରିଦେଉଛନ୍ତି । ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଧାୟକ ନରସିଂହ ମିଶ୍ର କହିଛନ୍ତି। ଗୁରୁବାର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମିଳନୀ ସାହୁଙ୍କ ନେତୃତ୍ୱରେ ପଞ୍ଚାୟତ ନିର୍ବାଚନରେ ଓବିସି ବର୍ଗଙ୍କୁ ସଂରକ୍ଷଣହୀନ କରିବା ପ୍ରତିବାଦ ଏବଂ ବିକ୍ଷୋଭ ସଭାରେ ବିଧାୟକ ମିଶ୍ର ଯୋଗଦେଇ ସରକାରଙ୍କ ନିଷ୍ପତ୍ତି ଉପରେ କଡା ଟିପ୍ପଣୀ ଦେଇଥିଲେ। ବର୍ତ୍ତମାନର ସରକାର ସବୁ କ୍ଷେତ୍ରରେ ଫେଲ ମାରିଛି। ସରକାରରେ ଖୋଦ ମନ୍ତ୍ରୀ ଥିବା ଦିବ୍ୟଶଙ୍କର ମିଶ୍ର ମମିତା ମେହେର ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସତ୍ତ୍ୱେ ସରକାର ତାଙ୍କୁ ବରଖାସ୍ତ କରୁନାହିଁ। କେବଳ ଗୋଟିଏ ଘଟଣା ନୁହେଁ ସରକାରର ଅନେକ ମନ୍ତ୍ରୀ ବିଭିନ୍ନ ପ୍ରକାର ନାରୀ ନିର୍ଯାତନା, ବ୍ୟଭିଚାର ହତ୍ୟାକାଣ୍ଡ ଭଳି ଜଘନ୍ୟ ଷଡଯନ୍ତ୍ରରେ ଲିପ୍ତ ଅଛନ୍ତି । ଦରଦାମ ବୃଦ୍ଧିରେ ଲଗାମ ଲଗାଇ ପାରୁନାହାନ୍ତି । ଝାରଖଣ୍ଡ ସରକାର ପେଟ୍ରୋଲ ଉପରୁ ସେଠାକାର ଦୁଇଚକିଆ ଗାଡି ମାଲିକଙ୍କ ପାଇଁ ଯେପରି ୩୨ ଟଙ୍କାର ସବ୍‌ସିଡି ପେଟ୍ରୋଲ ଉପରେ ଦେଇଛନ୍ତି। ତଦନୁରୂପ ଓଡିଶା ସରକାର ମଧ୍ୟ ସେହି ସବ୍‌ସିଡି ଲାଗୁ କରନ୍ତୁ। ଏହା ସହ ରାଜ୍ୟର କୃଷକମାନଙ୍କ ପାଇଁ ଡିଜେଲର ଦାମରେ ସବ୍‌ସିଡି ଘୋଷଣା କରନ୍ତୁ ବୋଲି ଦାବି କରିଥିଲେ । ସଭାରେ ମହିଳା ନେତ୍ରୀ ଲକ୍ଷ୍ମୀ ଶବର, ଆରତିପ୍ରୀତି ନାଗ, ନାଇନି ବେଗମ, ମୀରା ମଣ୍ଡଳ, ଲଳିତ ସାହୁ, ମମତା ଚିଣ୍ଡା, ସନ୍ତୋଷିନୀ ରାଉତ, ଅନ୍ନପୂର୍ଣ୍ଣା ବଡିଆ, ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଅଜୟ ବାଲି, ବୁଲୁ ଦାନି, ଅଙ୍କିତ ସାହୁ ବକ୍ତବ୍ୟ ରଖିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବଲାଙ୍ଗୀର ଉପଜିଲାପାଳ ଅନନ୍ତ ସିଂ ଲାଗୁରିଙ୍କୁ ପ୍ରଦାନ କରାଯାଇଥିଲା ।

**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**
At: Ichhapur, Post: Shree Baladevjew,
Email: eerwsskendrapara@gmail.com
Identification No. RWS/89/2021-2022
Letter No.7916/ Dated 28.12.21

**1st Corrigendum**

No.O-1593:- This corrigendum has been made for the NIT-89 invited online vide this office letter No. 7629/ Dated 22.12.2021 as there need changes in date for selling, closing, clarification and opening of the NIT-89 which was on dt.29.12.2021 (selling date), 12.01.2022 (closing date), 03.01.2022 (clarification date), 13.01.2022 (opening date) to be read as 06.01.2022, 20.01.2022, 10.01.2022 and 21.01.2022 respectively due to unavoidable circumstances. All other terms and condition remain unaltered.

Sd./- (Er. B.K. Nayak), Executive Engineer, RWS&S Division, Kendrapara
OIPR-25004/11/0032/2122

**Office of the Principal**
**CHOUDWAR COLLEGE, CHOUDWAR**
Kapaleswar, Choudwar, Dist.-Cuttack-754071
email: choudwarcollege@yahoo.com

**TENDER CALL NOTICE**

Sealed quotations are invited from interested dealers / suppliers with valid GST Registration Certificate, PAN card, Authorisation certificate from the manufacturer, Audited Financial statement of preceeding 3 financial years and Income Tax return of preceeding 3 financial years to supply 06 (Six) numbers of i-5 10th generation computers (Any Brand) to Choudwar College, Choudwar. The sealed quotations should be dropped in the box provided in the Office of the Principal on or before 28.02.2022. The detail specifications of computer is available in the website: www.choudwarcollege.ac.in

Sd./- Principal, Choudwar College, Choudwar

**OFFICE OF THE COLLECTOR, BHADRAK**
**(ST & SC Dev. Section)**
dwobhadrak@gmail.com 06784-240335/241415
**Notification No. 1805/SSD Date: 29.12.2021**

Applications in prescribed form are invited from the deserving candidates from native of Odisha for engagement as **Initial Appointee through WRITTEN EXAMINATION** in the following categorites of posts in ST & SC Development Department Educational institutions run in Bhadrak District. Preference will be given to the candidates belonging to the Bhadrak district.

| Sl. No. | Name of the Post | Category wise position | | | | | | | | |
|---|---|---|---|---|---|---|---|---|---|---|
| | | ST | ST (W) | SC | SC (W) | SEBC | SEBC (W) | UR | UR (W) | Total |
| 1 | TGT (BA, B.Ed.) | 0 | 0 | 0 | 0 | 0 | 0 | 1 | 0 | 1 |
| 2 | Sanskrit | 0 | 0 | 0 | 0 | 0 | 0 | 1 | 0 | 1 |
| | Total | 0 | 0 | 0 | 0 | 0 | 0 | 2 | 0 | 2 |

The detail advertisement and the selection criteria may be obtained from office Notice Board of District Welfare Office, Bhadrak and District Website: www.bhadrak.nic.in. The candidates may download the advertisement, scheme/syllabus (for written examination) and application format accordingly. The last date of receipt of application in the office of the **District Welfare Officer, Bhadrak, Collectorate, Bhadrak, At/Po/Dist.- Bhadrak, PIN-756100 is 31.01.2022 by 05.00 PM** by Regd. Post/ Speed Post only.

Sd./- COLLECTOR, BHADRAK

**NOTICE INVITING TENDER**

No. 2616 Date: 28.12.2021

The NAC, Gopalpur invites sealed quotations from Area Level Federations (ALFs) of Gopalpur NAC/Intending Organizations/Individuals for lease of the following Sairat of NAC, Gopalpur for a period of One year from January 2022 to December 2022. ALFs/Interested Organizations/Groups/Individuals can apply on or before **12.00 P.M. of 3rd January, 2022** at the Office of the udnersigned on official working days and time. Priority will be given to ALF Groups applying for the Sairat and the bid of other organizations or indivisuals will be opened only if loss than 2 ALFs qualify the Technical Bid. The details of the Sairat proposed to be leased are listed below:

| Sl. No. | Name of the Sairat | Upset Price in Rs. | 10% of Security Deposit in Rs. | Tender Paper Cost in Rs. | Period of Lease | Remarks |
|---|---|---|---|---|---|---|
| 1 | Collection of Daily Market Fee. | 2,02,182.00 | 20,300 | 2,500 + 18% GST | Jan'22 to Dec'22 | |
| 2 | Back Water Fishing | 1,82,000 | 18,200 | 2,000 + 18% GST | Jan'22 to Dec'22 | |
| 3 | Toilet Compelx near Bus Stand | 75,000 | 7,500 | 1,000 + 18% GST | Jan'22 to Dec'22 | |
| 4 | Ferry Ghat | 50,000 | 5,000 | 1,000 + 18% GST | Jan'22 to Dec'22 | |

TERMS & CONDITIONS:
1. Date of receipt of tender documents: 28.12.2021 to 03.01.2022 at Official hours of working days only.
2. Last date and time for submission of tender documents: 03.01.2022 at 12.00 P.M.
3. Date & time of opening of tender documents: 03.01.2022 at 2.30 P.M.
4. Tender documents along with all support documents as mentioned in the checklist and the security deposit in shape of Demand Draft (DD) in favour of Executive Officer, NAC, Gopalpur should be deposited on or before 12.00 P.M. of 03.01.2022.
5. Any ALF/Organization/Individual, who has availed any Sairat lease earlier and have failed to abide by any terms & conditions or those who have not paid all dues to the NAC in previous Sairat leases shall not be eligible to participate in this bid competition.
6. The bid submitted by any bidder, who has been declared ineligible or blacklisted by any Govt. agency or by any Court of Law shall be liable to be rejected without any prior notice.
7. The tender documents will be opened in presence of the bidder or their authorized representatives on the scheduled date & time.
8. The lease will be approved in favour of the highest bidder and he/she/they shall deposit the entire bid amount offered by them within three (3) days of confirmation of the highest bid, failing which the bid will be cancelled and the security deposit will be forfeited and the same lease will be offered to the second highest bidder and so on.
9. The tender papers shall be collected by intending participants or their representatives from the office of the undersigned during official hours on any of the working days on depositing the tender paper cost.
10. The bidders shall submit their documents and financial bid in two separate sealed envelopes respectively as detailed in the tender papers.
11. The bids submitted by any participant other than ALF's will be considered only if only less than TWO (2) technically eligible ALF Groups are found to qualify in the Technical Bid for a said Sairat source.
12. The authority reserves the right to reject any or all of the tender documents at any point of time without assigning any reason thereof.

Sd./- Executive Officer, NAC, Gopalpur

“ ଭଗବାନ ସର୍ବଦା ଆମର ପ୍ରାର୍ଥନା ଶୁଣନ୍ତି ଏବଂ ସର୍ବଦା ସବୁ ପ୍ରାର୍ଥନାର ଉତ୍ତର ଦିଅନ୍ତି। କିନ୍ତୁ ତାଙ୍କର ଉତ୍ତର ଶୁଣିବା ପାଇଁ ଓ ବୁଝିବା ପାଇଁ ତୁମ ପକ୍ଷରେ କେତେକ ସର୍ତ୍ତ ପୂରଣ କରିବା ଉଚିତ। –ଶ୍ରୀମା



# ଟିକା ଅସମାନତା



ସାଫୁରା ଅବଦୁଲ୍ କରିମ୍

ଦକ୍ଷିଣ ଆଫ୍ରିକାରେ କୋଭିଡ୍-୧୯ର ନୂଆ ରୂପ ଓମିକ୍ରନ୍ ପ୍ରକାଶ ପାଇବା ପରେ ଏହାକୁ ନେଇ ସାମାଜିକ, ଆର୍ଥିକ ଓ ରାଜନୈତିକ କ୍ଷେତ୍ରରେ ବିକଶିତ ଦେଶଗୁଡ଼ିକରେ ପ୍ରତିକ୍ରିୟା ପ୍ରକାଶପାଇଛି। ପୁଣି ମହାମାରୀକୁ ନେଇ ତୀବ୍ର ଅସମାନତା ମୁଣ୍ଡ ଟେକିଛି। ପୂର୍ବରୁ ମଧ୍ୟ ଦକ୍ଷିଣ ଆଫ୍ରିକୀୟ ଦେଶଗୁଡ଼ିକ ବିରୋଧରେ ତୀବ୍ର ଓ ଗମ୍ଭୀର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏପରିକି ଅବଶିଷ୍ଟ ବିଶ୍ୱକୁ ସୁରକ୍ଷିତ ରଖିବା ଲାଗି ସେଠାକାର ଯାତ୍ରୀମାନଙ୍କୁ ବାରଣ କରାଯାଇଥିଲା। କିନ୍ତୁ ବିଶ୍ୱ ସୁରକ୍ଷିତ ହୋଇନାହିଁ । ଏଣୁ ଭୟଙ୍କର ଓମିକ୍ରନ୍ ସଂକ୍ରମଣରେ ସୀମା ବନ୍ଦ କରିବା ଦ୍ୱାରା କିଛି କାମ ହେବ ନାହିଁ। ଅନ୍ୟପଟେ ଅନ୍ତର୍ଜାତୀୟସ୍ତରରେ ଦେଖାଦେଇଥିବା ଅସମାନତା ସାଧାରଣ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ଅତ୍ୟନ୍ତ କ୍ଷତିକାରକ। କୋଭିଡ୍ ମହାମାରୀକୁ ପ୍ରତିହତ କରିବା ପାଇଁ ବିଶ୍ୱର ଅର୍ଦ୍ଧାଧିକ ଲୋକ ଟିକା ନେଇଥିବାବେଳେ ଗରିବ ଦେଶଗୁଡ଼ିକର ମାତ୍ର ୮% ଲୋକ ଟିକା ନେଇଛନ୍ତି। ନିମ୍ନ ତଥା ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକରେ ୪୮% ଲୋକ ଟିକା ନେଇଥିବାବେଳେ ଧନୀ ଦେଶଗୁଡ଼ିକର ଟିକାକରଣ ହାର ଏହାଠାରୁ ଯଥେଷ୍ଟ ଅଧିକ। ଆଫ୍ରିକାର ସବୁ ଦେଶରେ ଯେତିକି ଟିକା ଦିଆଯାଇଛି ନଭେମ୍ବର ସୁଦ୍ଧା ତାହାର ଦୁଇଗୁଣ ଟିକା ଆମେରିକା ଦେଇଥିଲା। ଏହି ସଂଖ୍ୟାକୁ ଦେଖିଲେ ଟିକାକରଣ ହାର କମ୍ ଥିବା ଦେଶଗୁଡ଼ିକରେ ଲଗାତର କୋଭିଡ୍‌ର ନୂଆ ରୂପ ବାହାରି ଶୀଘ୍ର ବ୍ୟାପିବା ସ୍ୱାଭାବିକ ଓ ଏଥିରେ ମଧ୍ୟ ଆଶ୍ଚର୍ଯ୍ୟ ହେବା କିଛି କାରଣ ନାହିଁ। ଟିକା ପ୍ରସ୍ତୁତି ଓ ଯୋଗାଣରେ ଅସମାନତା ବା ପକ୍ଷପାତ ହଠାତ୍ ଆରମ୍ଭ ହୋଇନାହିଁ। ଧନୀ ଦେଶଗୁଡ଼ିକ ଅନ୍ୟ ଦେଶକୁ ସାହାଯ୍ୟ ନ କରି ନିଜର ସ୍ୱାର୍ଥକୁ ଦେଖିବା ନୀତି ଆପଣାଇବା ଓ ଟିକା ଗଚ୍ଛିତ ରଖିବା ଯୋଗୁ ଏହା ହୋଇଛି। ଏହାର ପରିଣାମ ଏବେ ଗରିବ ଦେଶଗୁଡ଼ିକୁ ଭୋଗିବାକୁ ପଡୁଛି। ଏପରିକି ଟିକା ଉପଲବ୍ଧ ହେଲା ପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଟେଡ୍ରୋସ ଅଧନୋମ୍ ଘିବ୍ରେଏସୁସ୍‌ଙ୍କ ସମେତ ବହୁ ବିଶେଷଜ୍ଞ ଟିକା କ୍ଷେତ୍ରରେ ନିଜ ଦେଶର ସ୍ୱାର୍ଥକୁ ଜଗି ଅନ୍ୟ ଗରିବ ଦେଶକୁ ସାହାଯ୍ୟ ନ କରିବାର ପରିଣାମ ସମ୍ପର୍କରେ ସତର୍କ କରି ଦେଇଥିଲେ। ଏହା ସତ୍ତ୍ୱେ ମଧ୍ୟ ଧନୀ ଦେଶଗୁଡ଼ିକ ଟିକା ଯୋଗାଣକୁ ଏକଚାଟିଆ କରି ଦେଇଛନ୍ତି। କେତେକ କ୍ଷେତ୍ରରେ ସେମାନଙ୍କ ଲୋକଙ୍କୁ ଟିକା ଦେବା ଲାଗି ୯ ଗୁଣରୁ ଅଧିକ ଟିକା କିଣିଛନ୍ତି।

ଚଳିତ ଗ୍ରୀଷ୍ମରେ ଏଭଳି ସ୍ଥିତିରେ କିଛି ପରିବର୍ତ୍ତନ ହେବ ବୋଲି ଜଣାପଡ଼ିଥିଲା। ଜୁନ୍‌ରେ ଜି୭ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ବଳକା ଟିକା ଗରିବ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକୁ ଦେବା ପାଇଁ ସଙ୍କଳ୍ପ ନେଇଥିଲେ। ବିଶ୍ୱରେ କୋଭିଡ୍-୧୯ ଟିକାର ସହଜ ଓ ସମବଣ୍ଟନ ପ୍ରକ୍ରିୟା (କୋଭାକ୍ସ) ମାଧ୍ୟମରେ କିମ୍ବା ସିଧାସଳଖ ସେମାନେ ଟିକା ଯୋଗାଇଦେବାକୁ କଥା ଦେଇଥିଲେ। ହେଲେ ସେହି ସମୟରେ ଧନୀ ଦେଶରେ ଅଧିକରୁ ଅଧିକ ଲୋକଙ୍କୁ ଟିକା ଦିଆଯାଇଥିଲା ଓ ଏହି କାରଣରୁ ଅନ୍ୟମାନଙ୍କ ମନରେ ଟିକା ପାଇବା ଆଶା ସଞ୍ଚାର ହୋଇଥିଲା । ଭାକ୍ସିନ ନ୍ୟାଶ୍‌ନାଲିଜମ୍ (ଅନ୍ୟ ଦେଶକୁ ଟିକା ନ ଦେଇ ନିଜର ସ୍ୱାର୍ଥକୁ ଦେଖିବା) ନୀତି ଓ ଗଚ୍ଛିତ ରଖିବା କାର୍ଯ୍ୟକଳାପ ଶେଷ ହେବ ଏବଂ ଟିକାର ଅତ୍ୟଧିକ ଆବଶ୍ୟକତା ଥିବା ଦେଶଗୁଡ଼ିକୁ ଏହା ନୂଆ ପଥ ଦେଖାଇବ ବୋଲି ମନେକରାଯାଉଥିଲା। କିନ୍ତୁ ଭାକ୍ସିନ ନ୍ୟାଶ୍‌ନାଲିଜମ ଶେଷ ନ ହୋଇ ବରଂ ବୃଦ୍ଧି ପାଇଛି। ଆମେରିକା ଭଳି ଧନୀଦେଶଗୁଡ଼ିକ କେତେକ ଟିକାର ଅତିରିକ୍ତ ଡୋଜ୍ ଦେବା ଆରମ୍ଭ କରିଦେଲେ। ନିକଟରେ ଟିକାର ଅତ୍ୟଧିକ ଆବଶ୍ୟକତା ଥିବା ଦେଶଗୁଡ଼ିକରେ ଟିକା ନ ପଞ୍ଚିବା ଯାଏ ଡବ୍ଲ୍ୟୁଏଚ୍‌ଓ ବୁଷ୍ଟର ଡୋଜ୍ ଉପରେ ପ୍ରତିବନ୍ଧକ ଲଗାଇବା ପୂର୍ବରୁ ଏଭଳି ଡୋଜ୍ ପାଇଁ ଆମେରିକା ୨୦ କୋଟି ଫାଇଜର ଟିକା କିଣିଥିଲା। ସେତେବେଳେ ଆମେରିକାର ଫୁଡ୍ ଆଣ୍ଡ୍ ଡ୍ରଗ୍ସ ଆଡ୍‌ମିନିଷ୍ଟ୍ରେଶନ ତୃତୀୟ ଡୋଜ୍‌କୁ ବୁଷ୍ଟର ଡୋଜ୍ ଭାବେ ସ୍ୱୀକୃତି ପ୍ରଦାନ କରି ନ ଥିଲା।

ବିକଶିତ ଦେଶଗୁଡ଼ିକର ବୁଷ୍ଟର ଡୋଜ୍ ନିମ୍ନ ଓ ମଧ୍ୟମ ବର୍ଗର ଗରିବ ଦେଶଗୁଡ଼ିକରେ ଟିକା ଅଭାବର ଏକ ମାତ୍ର କାରଣ ନୁହେଁ। କିଛି ମାସ ପୂର୍ବରୁ କାନାଡା, ସ୍ପେନ୍ ଏବଂ ଜର୍ମାନୀ ମଧ୍ୟ ଲକ୍ଷ ଲକ୍ଷ ଟିକା ନିମ୍ନ ଓ ମଧ୍ୟମ ବର୍ଗର ଦେଶଗୁଡ଼ିକୁ ସିଧାସଳଖ କିମ୍ବା କୋଭାକ୍ସ ମାଧ୍ୟମରେ ଟିକା ଦେବା ଲାଗି କଥା ଦେଇଥିଲେ। ତେବେ ଯୋଗାଇ ଦିଆଯାଇଥିବା ଏବକାର ଟିକା ସଂଖ୍ୟାକୁ ଦେଖିଲେ ଜଣାଯାଏ ଯେ,ଅନେକ ଧନୀ ସରକାର ସେମାନଙ୍କ ପ୍ରତିବଦ୍ଧତା ମୁତାବକ ଟିକା ଯୋଗାଇବାରେ ବିଫଳ ହୋଇଛନ୍ତି। ଇଂଲଣ୍ଡ ୭ କୋଟି ଟିକା ଦେବାକୁ କହିଥିଲା ,ହେଲେ ଏହି ସଂଖ୍ୟକ ଟିକାର ୭%ରୁ କମ୍ ଯୋଗାଇପାରିଛି। ଫାର୍ମାସ୍ୟୁଟିକାଲ କମ୍ପାନୀ ଏବଂ ଧନୀ ଦେଶଗୁଡ଼ିକ ଗରିବ ଦେଶମାନଙ୍କରେ ଦୁର୍ବଳ ଟିକାକରଣ ପାଇଁ ଭାକ୍ସିନ ହେଜିଟାନ୍ସି (ଟିକାଗ୍ରହଣ କରିବାରେ ବିଳମ୍ବ କରିବା କିମ୍ବା ମନା କରିଦେବା) ଏବଂ ଦୁର୍ବଳ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମୁଖ୍ୟତଃ ଦାୟୀ କରିଛନ୍ତି। ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ୍ ଫାର୍ମାସ୍ୟୁଟିକାଲ ମାନୁଫାକ୍‌ଚର୍ସ ଆଣ୍ଡ୍ ଆସୋସିଏଶନ ଦ୍ୱାରା ଆୟୋଜିତ ଏକ କୋଭିଡ୍-୧୯ ମିଡିଆ ବାର୍ତ୍ତାରେ ଫାଇଜର ସିଇଓ ଆଲବର୍ଟ ବୋର୍ଲା କହିଥିଲେ ଯେ, ସବ୍ ସାହାରାନ ଆଫ୍ରିକାରେ ଭ୍ୟାକ୍ସିନ ହେଜିଟାନ୍ସି ସ୍ତର ୟୁରୋପ କିମ୍ବା ଆମେରିକା ବା ଜାପାନଠାରୁ ଅଧିକ । ଏହି ତଥ୍ୟ ଉପସ୍ଥାପନ କରିବା ସତ୍ତ୍ୱେ ବି ବହୁ ଧନୀ ଦେଶ ତୁଳନାରେ ଭାକ୍ସିନ ହେଜିଟାନ୍ସି ହାର ଆଫ୍ରିକାରେ କମ୍ ରହିଛି। ନିମ୍ନ ପ୍ରତିଶତର ଟିକାକରଣ ଦୋଷ ହଟାଇ ଅନ୍ୟ ଉପରେ ଲଦି ଦେବା ଲାଗି ବୋର୍ଲାଙ୍କ ଏଭଳି ଉଦ୍ୟମ ଫାଇଜରର ଲାଭକୁ ସାବ୍ୟସ୍ତ କରିବାର ପ୍ରୟାସ ଥିଲା। କୋଭିଡ୍ ମହାମାରୀ ଆରମ୍ଭ ହେବାଠାରୁ ଫାଇଜର କମ୍ପାନୀ ଆଫ୍ରିକୀୟ ଟିକା ଉତ୍ପାଦନକାରୀଙ୍କ ସହ ଯେତିକି ଭାକ୍ସିନ ଟେକ୍‌ନୋଲୋଜି ଶେୟାର କରିଛି ତାଠାରୁ ଅଧିକ ଲାଭଦାୟକ ଚୁକ୍ତି କରିଛି ଧନୀ ଦେଶଗୁଡ଼ିକ ସହ ଏବଂ ଏହି ଚୁକ୍ତିକୁ ବି ପ୍ରାଥମିକତା ଦେଇଛି। କିନ୍ତୁ ଆଷ୍ଟ୍ରାଜେନିକା ଭାରତର ସିରମ୍ ଇନଷ୍ଟିଚ୍ୟୁଟ୍ ସହ ଏକ ଲାଇସେନ୍ସ ବ୍ୟବସ୍ଥା କରି ତା' ମାଧ୍ୟମରେ ଏହାର ଟିକା କିଭଳି ସମାନ ଭାବେ ପାଇପାରିବେ ତାହାର ଆୟୋଜନ କରିଥିଲାବେଳେ ଏବେ ପ୍ରକାଶ କରିଛି ଯେ, ଲାଭ ପାଇବା ଲାଗି ତା' ଟିକାର ଦାମ୍ ବୃଦ୍ଧି କରିବା ଆରମ୍ଭ କରିବ। ମହାମାରୀ ସତେ ଯେମିତି ଶେଷ ହୋଇ ଯାଇଛି, ତାହା ଏହି ନିଷ୍ପତ୍ତିରୁ ଜଣାପଡୁଛି। ବାସ୍ତବରେ ଏହା ଏକ ଚିନ୍ତାଜନକ ଓ ପଥଭ୍ରଷ୍ଟ ଚିନ୍ତାଧାରାକୁ ସୂଚାଉଛି।

ଆଫ୍ରିକୀୟ ଦେଶଗୁଡ଼ିକର ଭିତ୍ତିଭୂମି ଓ ଟିକା ଦେବା ଦକ୍ଷତା ଅଭାବ ରହିଛି ବୋଲି ଧନୀଦେଶଗୁଡ଼ିକ ସେମାନଙ୍କ ଉପରେ ଦୋଷ ଲଦୁଛନ୍ତି। କିନ୍ତୁ କେଉଁ ପରିସ୍ଥିତିରେ ସେହି ଦେଶଗୁଡ଼ିକରେ ଟିକା ପହଞ୍ଚିଛି ସେ ସମ୍ପର୍କରେ ଆଲୋଚନା କରାଯାଉନାହିଁ। ଆଗୁଆ ନ ଜଣାଇ ଖୁବ୍ କମ୍ ଦିନରେ ଏକ୍ସପାଏରି ହେବାକୁ ଥିବା ଟିକା ଦିଆଯାଇଛି। କେଉଁ ପ୍ରକାର, କେତେ ସଂଖ୍ୟକ ଏବଂ ପହଞ୍ଚିବାକୁ ଥିବା ଟିକାର ଅବସ୍ଥା ସମ୍ପର୍କରେ କିଛି ସୂଚନା ଦିଆଯାଇ ନଥିବାରୁ ସ୍ୱାସ୍ଥ୍ୟ କର୍ମଚାରୀମାନେ ଠିକ୍ ସମୟରେ ଦେବାର ପ୍ରସ୍ତୁତିରେ ସକ୍ଷମ ହୋଇନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ସବୁ ଆହ୍ୱାନ ସତ୍ତ୍ୱେ, ଆଫ୍ରିକୀୟ ଦେଶଗୁଡ଼ିକ ଗ୍ରହଣ କରିଥିବା ଟିକାର ୬୫% ଦେବାକୁ ସକ୍ଷମ ହୋଇଛନ୍ତି। ଅନ୍ୟକୁ ଦୋଷ ଦେଇ ନିଜର ଅପାରଗତାକୁ ଲୁଚାଇବାର ଉଦ୍ୟମ ହେଉଛି। କିନ୍ତୁ ବାସ୍ତବତା ହେଉଛି , ଆଫ୍ରିକାରେ ଟିକା ପହଞ୍ଚିବା ଓ ଲୋକଙ୍କୁ ଦେବା ହାର କମ୍ ରହିବା ପଛରେ ଧନୀଦେଶଗୁଡ଼ିକ ଅଧିକ ଟିକା ଗଚ୍ଛିତ ରଖିବା ଓ ନିଜ ଜାତୀୟ ସ୍ୱାର୍ଥ ନୀତି ଯୋଗୁ ହୋଇଛି। ଟିକା ବଣ୍ଟନ କ୍ଷେତ୍ରରେ ଦେଖାଯାଇଥିବା ଏଭଳି ପକ୍ଷପାତ ବା ଅସମାନତାକୁ ସୁଧାରିବାରେ ଧନୀ ଦେଶଗୁଡ଼ିକ ମଧ୍ୟ ବାଧା ସୃଷ୍ଟି କରୁଛନ୍ତି। ଧନୀ ଦେଶଗୁଡ଼ିକ ନିଜ ସୀମା ମଧ୍ୟରେ ଟିକା ଯୋଗାଣକୁ ସୀମିତ ରଖିବା ଏବଂ ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡ଼ିକର ଲାଭ ବୃଦ୍ଧି କରିବା ମନୋଭାବ କାରଣରୁ ଟିକା ଉପଲବ୍ଧ କ୍ଷେତ୍ରରେ ଅସମାନତା ସୃଷ୍ଟି ହୋଇଛି। ଧନୀ ଦେଶମାନଙ୍କ ସରକାର ଓ ଫାର୍ମାସ୍ୟୁଟିକାଲ କମ୍ପାନୀ ଯେଉଁମାନେ ଟିକା ସମାନ ଭାବେ ବଣ୍ଟନ କରିବାକୁ ଅଗ୍ରହ ପ୍ରକାଶ କରୁଛନ୍ତି ସେମାନଙ୍କ ପାଇଁ ଏବେ ଉପଯୁକ୍ତ ସମୟ ଉପନୀତ। ଏକ୍ଷେତ୍ରରେ ସେମାନେ ଉଲ୍ଲେଖନୀୟ ଭୂମିକା ତୁଲାଇପାରିବେ। ମନେରଖିବାକୁ ହେବ, ଯେପର୍ଯ୍ୟନ୍ତ ସମସ୍ତେ କୋଭିଡ୍-୧୯ ଟିକା ପାଇପାରିନାହାନ୍ତି, ସେଯାଏ ପୃଥିବୀରେ କେହି ଜଣେ ହେଲେ ବି ସୁରକ୍ଷିତ ନୁହନ୍ତି।

**ପବ୍ଲିକ୍ ହେଲ୍‌ଥ ଲୟର,ୟୁନିଭର୍ସିଟି ଅଫ୍ କାୱାଜୁଲୁ ନାଟାଲ, ଦକ୍ଷିଣ ଆଫ୍ରିକା**

# ମାଗଣା ଯୋଜନା ଓ ମିଛ ହିତାଧିକାରୀ



ଷ୍ଟାଲିନ ମିଶ୍ର

ବ୍ରିଟିଶ ଶାସନ ସମୟର କଥା। ରାଜ୍ୟରେ ଭୟଙ୍କର ନଅଙ୍କ ଦୁର୍ଭିକ୍ଷ ପଡ଼ିଥାଏ। ଭୋକ ଦାଉ ସହି ନ ପାରି ଲକ୍ଷ ଲକ୍ଷ ଓଡ଼ିଆ ପୋକମାଛି ପରି ଜୀବନ ହାରିଥିଲେ। ଗୋରା ସରକାର ଅନ୍ନଛତ୍ର ଖୋଲିଲେ। ମାଗଣା ଖାଦ୍ୟ ବାଣ୍ଟିଲେ। ହେଲେ ଏଇ ଓଡ଼ିଆ ଜାତି ଚିର ସ୍ୱାଭିମାନୀ। ମାଗଣା ଖାଇବେ କେମିତି? ସେମାନେ ବରଂ ତେନ୍ତୁଳିପତ୍ର ଲୁଣ ଖାଇବାକୁ ପସନ୍ଦ କରିଥିଲେ କିନ୍ତୁ ନିଜ ସ୍ୱାଭିମାନ, ଅସ୍ମିତା ତଥା ଆତ୍ମସମ୍ମାନକୁ ବନ୍ଧା ପକାଇପାରି ନ ଥିଲେ। ହଁ କିଛି ବ୍ୟତିକ୍ରମ ମଧ୍ୟ ଥିଲା, ପେଟ ଦାଉ ସହି ନ ପାରି କିଛି ଲୋକ ଅନ୍ନଛତ୍ରରେ ଖାଇ ଜାତି ହରାଇଥିଲେ ମଧ୍ୟ। ଜୀବନ ବଞ୍ଚାଇବା ପାଇଁ ଏପରି କାମ କରି ସେମାନେ କିଛି ବି ଭୁଲ୍ କରି ନ ଥିଲେ। ଜୀବନ ବଞ୍ଚିଲେ ତ ମାନ-ସମ୍ମାନ ବା ଅଭିମାନ-ସ୍ୱାଭିମାନ। କିନ୍ତୁ ଏହି ଓଡ଼ିଆ ଜାତି ତାଙ୍କୁ ଛତରଖିଆ କହିଥିଲା।

କେନ୍ଦ୍ର ହେଉ କିମ୍ବା ରାଜ୍ୟ ସରକାର ଆମ ମାନସିକତାକୁ ଲକ୍ଷ୍ୟ କରି ଗୋଟେ ପରେ ଗୋଟେ ମାଗଣାଖିଆ ଯୋଜନା କରିଚାଲିଛନ୍ତି। ଏହି ଯୋଜନା ସବୁର ଭରପୂର ଫାଇଦା ଉଠାଇବାକୁ ଲାଗିଯାଇଛୁ। ସେମାନେ ବାଣ୍ଟି ଚାଲିଲେ ଆମେ ନେଇ ଚାଲିଲୁ। ନ ନେଇପାରିଲେ ଦୁର୍ନୀତିର ଆଶ୍ରୟ ନେଲୁ, ଅଧିକାରୀକୁ ଲାଞ୍ଚ ଦେଇ ନିଜ ନାମ ତାଲିକାଭୁକ୍ତ କଲୁ। ନେତା ମନ୍ତ୍ରୀଙ୍କ ଦ୍ୱାରସ୍ଥ ହେଲୁ। ଯେମିତି ଯାହା କରି ନିଜକୁ କିପରି ମାଗଣାଖିଆ ଘୋଷଣା କରିବାକୁ ସମସ୍ତ ବିଦ୍ୟାବୁଦ୍ଧି ଲଗେଇଦେଲୁ। ଏପରି କି ସ୍ୱାମୀ-ସ୍ତ୍ରୀ, ପିତା-ପୁତ୍ର ଅଲଗା ଅଲଗା ହିତାଧିକାରୀ ହୋଇ ମାଗଣା ଯୋଜନାର ଲାଭ ଉଠାଇଚାଲିଲୁ।

ଏହି ମାନସିକତାର ଭରପୂର ଫାଇଦା ଉଠାଇଚାଲିଲେ ସରକାର ଓ ରାଜନୈତିକ ଦଳଗୁଡ଼ିକ। ଏହାକୁ ନିର୍ବାଚନ ବୈତରଣୀ ପାର କରିବା ପାଇଁ ଅମୋଘ ଅସ୍ତ୍ର ରୂପେ ପ୍ରୟୋଗ କରିଚାଲିଲେ। ଆମେ ମିଠା ପ୍ରଲେପ ଦିଆ ବିଷ ବଟିକା ଖାଇ ଚାଲିଲୁ। ଯେଉଁ ସରକାର ରାଜ୍ୟ ତଥା ଦେଶର ବୈଷୟିକ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ତଥା ରୋଜଗାର ସୃଷ୍ଟି ପାଇଁ ପ୍ରାଧାନ୍ୟତା ଦେବା କଥା ସେମାନେ କୋଟି କୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ କରି ଏପରି ଯୋଜନାମାନ ସୃଷ୍ଟି ତଥା ପ୍ରଚାରରେ ଲଗାଇଦେଲେ। ଆରମ୍ଭ ହେଲା ଭାରତୀୟ ରାଜନୀତିରେ ଏକ ନୂତନ ଅଧ୍ୟାୟ, ମିଛ ହିତାଧିକାରୀ ସୃଷ୍ଟି, ପ୍ରଚାର ସର୍ବସ୍ୱ ରାଜନୀତି ତଥା ରାଜସ୍ୱ ଅପଚୟର ଯୁଗ।

କଥାରେ ଅଛି ଦୁନିଆରେ କିଛି ବି ମାଗଣା ନୁହେଁ। ଆମେ ଯାହାକୁ ମାଗଣା ଭାବି ପୁଲକିତ ହୋଇଥାଉ ପ୍ରତ୍ୟକ୍ଷରେ ହେଉ ଅବା ପରୋକ୍ଷରେ ଆମେ ଏଥିପାଇଁ ବହୁମୂଲ୍ୟ ଦେଇଥାଉ। ସରକାର ମାଗଣା ଯୋଜନାଗୁଡ଼ିକ ପାଇଁ ଯେଉଁ ଅର୍ଥ ବ୍ୟୟ କରିଥାନ୍ତି ସେସବୁ ଆମମାନଙ୍କଠାରୁ ଆଦାୟ କରାଯାଉଥିବା ବିଭିନ୍ନ ଟିକସ। ଯେତେବେଳେ ଲୋକେ ସାଧାରଣ ସୁବିଧା ସୁଯୋଗ ପାଇବାକୁ ଡହଳ ବିକଳ ହେଉଛନ୍ତି ସେତେବେଳେ ଏପରି ମାଗଣାଖିଆ ଯୋଜନାମାନ କରି ତଥା ବ୍ୟୟବହୁଳ ସଭାସମିତି ଆୟୋଜନ କରି ବିକାଶର ଭ୍ରମ ସୃଷ୍ଟିକରିବା ହିଁ ଆଜି ଦିନରେ ସଫଳ ରାଜନୀତିର ସଂଜ୍ଞା ବୋଲି ବିବେଚନା କରାଯିବା ନିଶ୍ଚିତ ଦୁର୍ଭାଗ୍ୟର ବିଷୟ। ଗଣତନ୍ତ୍ରରେ ଜନତା ମୁଖ୍ୟ, କିନ୍ତୁ ଆଜିର ଗଣତନ୍ତ୍ରରେ ଜନତା ଶୋଷିତ, ନିଷ୍ପେଷିତ, ଅବହେଳିତ ହୋଇ ମଧ୍ୟ ସାମାନ୍ୟ ସୁବିଧା ସୁଯୋଗ ପାଇବା ପାଇଁ ମାଗଣାଖିଆ ଯୋଜନାର ଅଂଶୀଦାର ହୋଇ ନିଜ ଅଧିକାର ପାଇଁ ନୁହେଁ ବରଂ କାହାର ଦୟାର ପାତ୍ର ହେବାପାଇଁ ସଂଘର୍ଷ କରିବା ଆଜି ବ୍ୟଥିତ କରିଛି।

ଆଜିର ରାଜନୈତିକ ପ୍ରତିଯୋଗିତା ମାଗଣାରେ କିଛି ଦେବା ଉପରେ ଚାଲିଛି। ଏପରି ପରିସ୍ଥିତି ହେଲାଣି ଯେ ଲୋକେ ତାଙ୍କ କଳାକୌଶଳ, ବୁଦ୍ଧିଜ୍ଞାନ ପାସୋରି ଗଲେଣି, ଏମିତି କି ପରିଶ୍ରମ କରିବାକୁ ଆଉ ଚାହୁଁନାହାନ୍ତି। ଶାସ୍ତ୍ରରେ ଆମ ଜାତି ତଥା ଆମ ରାଜ୍ୟ ପାଇଁ ଯେଉଁ ମହାନ୍ ପଂକ୍ତି ଉଲ୍ଲେଖ ହୋଇଛି ତାହା ମୁଁ ଏଠି ଆଉ ଥରେ ପାଠକଙ୍କ ଦୃଷ୍ଟିଗୋଚର କରିବାକୁ ଚାହୁଁଛି। ବର୍ଷାଣାଂ ଭାରତ ଶ୍ରେଷ୍ଠଃ,ଦେଶାନାଂ ଉତ୍କଳ ଶ୍ରେଷ୍ଠଃ, ଉତ୍କଳସ୍ୟ ସମଦେଶୋ, ଦେଶୋନାସ୍ତି ମହିତଳେ। ଅର୍ଥାତ୍ ଶ୍ରେଷ୍ଠ ଭାରତବର୍ଷରେ ଶ୍ରେଷ୍ଠ ରାଜ୍ୟ ହେଉଛି ଉତ୍କଳ (ଓଡ଼ିଶା), ଉତ୍କଳ ପରି ମହାନ୍ ରାଜ୍ୟ ପୃଥିବୀରେ ନାହିଁ। କିନ୍ତୁ ଆଜି ଓଡ଼ିଶାର ଋଣ ଭାର ଏକ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ। ଏହି ମାଗଣା ଯୋଜନା ପାଇଁ ଆମେ ଆମର ସର୍ବନାଶ କରିବାକୁ କେହି ରୋକିପାରିବେ ନାହିଁ। ଆସନ୍ତୁ ରାଜ୍ୟ ତଥା ଆଗାମୀ ପିଢ଼ିର ସୁରକ୍ଷା ପାଇଁ ଏହି ସବୁ ମାଗଣା ଯୋଜନା ତଥା ମିଛ ହିତାଧିକାରୀ ହେବାରୁ ନିଜକୁ ଦୂରେଇ ରଖିବା। ପଥରକୁ ଜୀବନ୍ୟାସ ଦେଇପାରୁଥିବା ସେହି ମହାନ୍ ଉତ୍କଳୀୟମାନଙ୍କର ଦାୟାଦ ଆମେ, ଆମକୁ ମାଗଣା ଜିନିଷ ନୁହେଁ ଆମକୁ ଆମ ଅଧିକାର ଆବଶ୍ୟକ। ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାରକୁ ପ୍ରାଥମିକତା ଦେବାକୁ ସରକାରଙ୍କୁ ବାଧ୍ୟକରିବା।

**ସୂଚନାପ୍ରଯୁକ୍ତିବିତ୍**
**ମୋ: ୯୩୪୩୯୩୫୩୪୧**

## ଏଇ ଭାରତରେ

ଥରେ ଚାର୍ଜ ହେଲେ ୨୦୦ କି.ମି. ଯାଉଥିବା ଇ- ବାଇକ୍ ନିର୍ମାଣ କରିଛନ୍ତି ବେଙ୍ଗାଲୁରୁ ନିବାସୀ ଡାନିକର ଏବଂ ମଧୁମିତା ଅଗ୍ରୱାଲ। ଏହି ଦମ୍ପତି ଇ-ବାଇକ ନିର୍ମାଣରେ ସବୁ ସ୍ୱଦେଶୀ ପାର୍ଟ ବ୍ୟବହାର କରିଛନ୍ତି। ଏହା ଘଣ୍ଟାକୁ ୧୦୦ କି.ମି. ବେଗରେ ଯାଇପାରୁଛି। ଓବେନ ଇଭି ଇନୋଭେଟିଭ ଷ୍ଟାର୍ଟଅପ୍ ମାଧ୍ୟମରେ ଏହାକୁ ନିର୍ମାଣ କରାଯାଇଛି। ସେମାନେ ଏକ ବର୍ଷ ପୂର୍ବରୁ ଉକ୍ତ ବାଇକ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଏବେ ସଫଳ ହୋଇଛନ୍ତି। ଏହାର ପରୀକ୍ଷା ପାଇଁ ପ୍ରସ୍ତୁତି ମଧ୍ୟ ଶେଷ ହୋଇଛି। ଏହା ମାତ୍ର ୩ ସେକେଣ୍ଡରେ ଜିରୋରୁ ୪୦ କିମି ଛୁଇଁପାରିବ ବୋଲି ଡାନିକର କହନ୍ତି। ଚାର୍ଜର ୨ ଘଣ୍ଟାରେ ବ୍ୟାଟେରିକୁ ସମ୍ପୂର୍ଣ୍ଣ ଚାର୍ଜ କରିପାରୁଛି। ବାହାରେ ଥିବା ଡିସି ଚାର୍ଜରରୁ ବି ଏହା ଏକ ଘଣ୍ଟାରେ ହୋଇପାରିବ। ଏହା ଏବେ ସୁଦ୍ଧା ନିର୍ମାଣ କରାଯାଇଥିବା ସବୁ ଇ-ବାଇକ ଓଜନ ତୁଳନାରେ ୨୫% ହାଲୁକା । ଏହାର ସ୍ମାର୍ଟଫୋନ କନେକ୍‌ଟିଭିଟି ଦ୍ୱାରା ବ୍ୟାଟେରି ଲାଇଫ୍, ମେଣ୍ଟେନାନ୍ସ ବିଷୟରେ ସବିଶେଷ ତଥ୍ୟ ମୋବାଇଲ ଆପ୍ ଶେୟାର କରିପାରୁଛି। ୨୦୨୨ର ପ୍ରଥମ ତ୍ରୈମାସିକରେ ଏହି ବାଇକକୁ ଲଞ୍ଚ କରାଯିବାର ଯୋଜନା କରିଛନ୍ତି ଉକ୍ତ ଦମ୍ପତି।

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ଡିସେମ୍ବର ୧୯୯୬**

- ଶିଳ୍ପ ଓ ପ୍ରଯୁକ୍ତିଗତ ଗବେଷଣା ତଥା ବିକାଶ, ସାଂସ୍କୃତିକ ବିନିମୟ ଏବଂ କୃଷି ବୈଷୟିକ ସମୀକ୍ଷା ଓ ଟ୍ରାନ୍ସଫର ସେଣ୍ଟର ସ୍ଥାପନ କ୍ଷେତ୍ରରେ ସହଯୋଗ ପାଇଁ ଭାରତ ଓ ଇସ୍ରାଏଲ ମଧ୍ୟରେ ୪ଟି ରାଜିନାମା ସ୍ୱାକ୍ଷରିତ।
- ଆସାମର କୋକ୍ରାଝର ଜିଲାର ସେସପାଣି ରେଳଷ୍ଟେସନ ନିକଟବର୍ତ୍ତୀ ଏକ ନିକାଞ୍ଚନ ସ୍ଥାନରେ ବ୍ରହ୍ମପୁତ୍ର ମେଲରେ ବୋମା ବିସ୍ଫୋରଣ ଘଟି ୩୫୦ ମୃତ।
- ଦୀର୍ଘ ବର୍ଷ ଧରି ଦେଶରେ ଦେଖାଦେଇଥିବା ଗୃହଯୁଦ୍ଧର ଅବସାନ ଘଟାଇବାକୁ ଯାଇ ଯୁଦ୍ଧଖୋର ଗେରିଲା ନେତା ଓ ସରକାରଙ୍କ ମଧ୍ୟରେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | 7 | | | | |
| | | | | | 9 | | 1 | |
| | | 5 | | | | | | 9 |
| | 3 | | | | | | | |
| | | 1 | 9 | | 7 | 6 | | |
| | 7 | | 5 | 8 | 2 | | | |
| 9 | 1 | | | 2 | | | 8 | 6 |
| | | | 7 | 1 | | 4 | | |
| | 2 | 8 | | | 4 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 4 | 6 | 7 | 1 | 5 | 9 |
| 6 | 1 | 9 | 5 | 2 | 3 | 4 | 8 | 7 |
| 5 | 4 | 7 | 9 | 8 | 1 | 6 | 2 | 3 |
| 9 | 7 | 6 | 1 | 4 | 8 | 2 | 3 | 5 |
| 4 | 2 | 3 | 7 | 5 | 9 | 8 | 1 | 6 |
| 8 | 5 | 1 | 2 | 3 | 6 | 7 | 9 | 4 |
| 1 | 9 | 4 | 8 | 7 | 5 | 3 | 6 | 2 |
| 2 | 3 | 8 | 6 | 9 | 4 | 5 | 7 | 1 |
| 7 | 6 | 5 | 3 | 1 | 2 | 9 | 4 | 8 |

ଗତକାଲିର ଉତ୍ତର

# ରାଷ୍ଟ୍ରର ଦାୟିତ୍ୱ କ'ଣ



ଡ. ସନ୍ତୋଷ କୁମାର ମହାପାତ୍ର

ଏବେ କେବଳ ଅହରହ ପ୍ରଚାର ଏବଂ ନୂଆ ନୂଆ ସ୍ଲୋଗାନ ଦେବାରେ ଅତିବାହିତ ହେଉଛି। ଏପରି କି ଧର୍ମ ଓ ଜାତି ନାମରେ ଭୋଟ ମଗାଯାଉଛି। ପ୍ରଧାନମନ୍ତ୍ରୀଙ୍କର 'ନୂଆ ଭାରତ' ସବ୍‌କା ସାଥ, ସବ୍‌କା ବିକାଶ' ସ୍ଲୋଗାନ ଦେଶରେ କେବଳ ୩୫ କୋଟି ଜନତାଙ୍କ ପାଇଁ ପ୍ରଯୁଜ୍ୟ ହୋଇପାରେ, କିନ୍ତୁ ଅବଶିଷ୍ଟ ୧୦୦ କୋଟି କିପରି ଦୁଃଖରେ ଅଛନ୍ତି, ତାହା କିଏ ଚିନ୍ତା କରିବ? ଯେଉଁ ୧୯.୪୪ କୋଟି କ୍ଷୁଧାରେ ପୀଡ଼ିତ ଓ ୨୫.୧% ବହୁମୁଖୀ ଦାରିଦ୍ର୍ୟ ଦ୍ୱାରା ଜର୍ଜରିତ, ଯେଉଁ କୋଟି କୋଟି ଯୁବତୀ ଯୁବକ ବେକାର ଓ ଲକ୍ଷ ଲକ୍ଷ ଲୋକ ମହାମାରୀରେ ମୃତ୍ୟୁବରଣ କରିଛନ୍ତି ତାଙ୍କ ପରିବାରର ଦୁଃଖ, ଯନ୍ତ୍ରଣା କିଏ ବୁଝିବ?

ପ୍ରଧାନମନ୍ତ୍ରୀଙ୍କ କର୍ତ୍ତବ୍ୟ କହିଲେ ଏକ ସରକାରଙ୍କ କର୍ତ୍ତବ୍ୟ, ଏକ ରାଷ୍ଟ୍ରର କର୍ତ୍ତବ୍ୟ ବା ଦାୟିତ୍ୱକୁ ବୁଝାଏ, ଯଦିଓ ଏକ ସରକାର ଏବଂ ରାଷ୍ଟ୍ର ଭିତରେ ଅନେକ ପାର୍ଥକ୍ୟ ରହିଛି। ଏକ ସରକାର ରାଷ୍ଟ୍ରର ଏକ ଅଂଶ। ମୁଖ୍ୟ କାରଣ ହେଉଛି, ରାଷ୍ଟ୍ର ତା'ର ପୂର୍ବ ବଣ୍ଟନ ନ୍ୟାୟ ଏବଂ ବଣ୍ଟନକାରୀ ନ୍ୟାୟ ପ୍ରଦାନ କାର୍ଯ୍ୟ ଠିକ୍ ଭାବରେ କରିନାହିଁ। ପୂର୍ବ-ବଣ୍ଟନ ନୀତି ସହିତ, ସରକାର ନିଶ୍ଚିତ କରନ୍ତି ଯେ ଲୋକମାନେ ମୌଳିକ ଜନସେବା ଏବଂ ଉତ୍ତମ କର୍ମସଂସ୍ଥାନ ପାଇପାରିବେ। ମୁଦ୍ରାସ୍ଫୀତି, ମୂଲ୍ୟ ବୃଦ୍ଧି ନିୟନ୍ତ୍ରିତ ହେଉଥିବ ଏବଂ ଆୟର ଅସମାନତା ବ୍ୟାପକ ହେଉ ନ ଥିବ। ବଣ୍ଟନକାରୀ ନ୍ୟାୟ ନୀତିରେ, ସରକାର, ଧନୀ, ପୁଞ୍ଜିପତି ବଡ଼ ଶିଳ୍ପପତିଙ୍କ ଅଧିକ ଟିକସ ବା ସମ୍ବଳ ସଂଗ୍ରହ କରି ନିଯୁକ୍ତି ସୃଷ୍ଟି କରିବା, ସାମାଜିକ ଭିତ୍ତିଭୂମି, କଲ୍ୟାଣମୂଳକ ଯୋଜନାରେ ଖର୍ଚ୍ଚ କରି ସାଧାରଣ ଜନତାଙ୍କ ନିମ୍ନମୁଖୀ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରିବେ ଓ ଆର୍ଥିକ ବୈଷମ୍ୟ ପ୍ରତିହତ କରିବେ। ଆମ ଦେଶରେ ମୁକ୍ତ ବଜାର ଅର୍ଥନୀତି କାର୍ଯ୍ୟକାରୀ ହେବାପରେ ରାଷ୍ଟ୍ର ତା'ର ଏସବୁ ଦାୟିତ୍ୱରୁ ଓହରି ଆସିଛି। କିନ୍ତୁ ଗତ ୪ ରୁ ୫ ବର୍ଷ ହେବ ଏହି ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହୋଇଛି। ରାଷ୍ଟ୍ର ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ହସ୍ତକ୍ଷେପ ନ କଲାବେଳେ, ଧନିକ ଶ୍ରେଣୀ, କର୍ପୋରେଟ ନିବେଶକଙ୍କ ସ୍ୱାର୍ଥ ପାଇଁ ହସ୍ତକ୍ଷେପ କରୁଛି; ଯାହା ମହାମାରୀ ଦ୍ୱାରା ଭାରତ ଅଧିକ ମାତ୍ରାରେ ପ୍ରଭାବିତ ହେବାର ଏକ କାରଣ।

ପ୍ରଧାନମନ୍ତ୍ରୀ ସାଧାରଣ ଜନତାଙ୍କ ସ୍ୱାର୍ଥ କଥା କହିଲା ବେଳେ ବାସ୍ତବରେ ଧନୀ, ପୁଞ୍ଜିପତି, ନିବେଶକ ତଥା କର୍ପୋରେଟଙ୍କ ସ୍ୱାର୍ଥ ସାଧନ ପାଇଁ କାର୍ଯ୍ୟ କରୁଛନ୍ତି। ଉଦାହରଣ ସ୍ୱରୂପ କରୋନା ମହାମାରୀ ଯୋଗୁ ୯୭%ଙ୍କ ବାସ୍ତବ ଆୟ ହ୍ରାସ ପାଇଛି, ପ୍ରାୟ ୩ କୋଟି ମଧ୍ୟବିତ୍ତ ଶ୍ରେଣୀର ନିମ୍ନକୁ ଆସିଛନ୍ତି, ୭ କୋଟିରୁ ଊର୍ଦ୍ଧ୍ୱ ଗରିବୀର ଗହରକୁ ଠେଲିହୋଇ ଯାଇଛନ୍ତି, କିନ୍ତୁ ଅରବପତିଙ୍କ ସମ୍ପଦ ବୃଦ୍ଧି ପାଉଛି। ବିଶ୍ୱ ଅସମାନତା ରିପୋର୍ଟ ଅନୁସାରେ ଧନୀଙ୍କ ମଧ୍ୟରେ ଭାରତ ଏକ ଗରିବ ଏବଂ ବୈଷମ୍ୟପୂର୍ଣ୍ଣ ରାଷ୍ଟ୍ର; ଯାହାର ୧% ଧନୀ ଜାତୀୟ ଆୟର ୨୧.୭% ଏବଂ ମୋଟ ସମ୍ପଦର ୩୩% ମାଲିକ। ଗତ ଡିସେମ୍ବର ୨୬ରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ ୧ବିଲିୟନ ଡଲାର ବା ୭୫୦୦କୋଟି ଟଙ୍କାର ମାଲିକଙ୍କ ସଂଖ୍ୟା, ଯାହା ୨୦୨୦ରେ ୮୫ ଥିଲା ତାହା ୨୦୨୧ରେ ୧୨୬କୁ ବୃଦ୍ଧି ପାଇଛି। ସେହି ଅରବପତିମାନଙ୍କ ସମ୍ପଦ ଯାହା ୨୦୨୦ରେ ୪୮୩ ବିଲିୟନ ଡଲାର ବା ୩୫.୩ ଲକ୍ଷ କୋଟି ଟଙ୍କା ଥିଲା, ୨୦୨୧ରେ ୭୨୮ ବିଲିୟନ ଡଲାର ବା ୫୪.୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହା ୨୦୨୧-୨୨ର ଆକଳିତ ଜିଡିପି ୨୯୪୭ ବିଲିୟନ ଡଲାରର ଏକ-ଚତୁର୍ଥାଂଶ। କେବଳ ଗୌତମ ଆଦାନୀଙ୍କ ସମ୍ପଦ ୧୦୬.୪% ବୃଦ୍ଧି ପାଇଛି। ଅର୍ଥାତ୍ ଘଣ୍ଟାକୁ ୩୮୦ କୋଟି ଟଙ୍କା ବୃଦ୍ଧି ପାଇଛି। କଠୋର ପରିଶ୍ରମ ବା ଉତ୍ପାଦନ ଯୋଗୁ ସେମାନଙ୍କ ସମ୍ପଦ ବୃଦ୍ଧି ପାଇନି, ବରଂ ବିନା ପରିଶ୍ରମରେ, ଷ୍ଟକ ମାର୍କେଟର ସୂଚକାଙ୍କ ବୃଦ୍ଧି, ସୁଧ ହାର ହ୍ରାସ ଯୋଗୁ ତାଙ୍କର ଏହି ସମ୍ପଦ ବୃଦ୍ଧି ପାଇଛି। ସ୍ୱଳ୍ପ ସୁଧହାର ଯୋଗୁ ସେମାନଙ୍କ ଋଣ ଓ ସୁଧ ବାବଦ ଦେୟ ହ୍ରାସ ପାଇଲା ବେଳେ ସଞ୍ଚୟକାରୀ ତାଙ୍କ କଷ୍ଟାର୍ଜିତ ସଞ୍ଚୟ ଉପରେ ବିଯୁକ୍ତାତ୍ମକ ବାସ୍ତବ ସୁଧ (ନାମାଙ୍କନ ସୁଧ ହାର ଓ ମୁଦ୍ରାସ୍ଫୀତିର ତଫାତ)ପାଉଛନ୍ତି ଏବଂ ବୀମା ପ୍ରିମିୟମ ଉପରେ ୧୮% ଜିଏସ୍‌ଟି ଦେଉଛନ୍ତି। ଏହାକୁ ଆର୍ଥିକ ଦମନ କୁହାଯାଏ। ୨୦୨୦ରେ ଭାରତର ୧୦୦ ଶ୍ରେଷ୍ଠ ବିଲିୟନେୟାରଙ୍କ ସମ୍ପଦ ୧୨,୯୭,୮୨୨ କୋଟି ଟଙ୍କା ବୃଦ୍ଧି ପାଇଥିଲା, ଯାହା ଭାରତର ୧୩.୮ କୋଟି ଗରିବ ଭାରତୀୟଙ୍କୁ ପ୍ରତ୍ୟେକ ୯୪, ୦୪୫ ଟଙ୍କାର ଚେକ ଦେବା ପାଇଁ ଯଥେଷ୍ଟ। ଅକ୍ସଫାମ୍‌ର ୨୦୨୦ ରିପୋର୍ଟ ଅନୁସାରେ ଭାରତର ସବୁଠାରୁ ଧନୀ ୧%ଙ୍କ ସମ୍ପଦ ଦେଶର ୯୫.୩ କୋଟି ଲୋକଙ୍କ ସମ୍ପଦର ଚାରି ଗୁଣରୁ ଅଧିକ; ଯେଉଁମାନେ ଦେଶର ଜନସଂଖ୍ୟାର ୭୦%।

ବର୍ତ୍ତମାନ ଶାସନ ପ୍ରକ୍ରିୟା ପ୍ରଗତିଶୀଳ ନ ହୋଇ ପ୍ରତିଗାମୀ ହୋଇଛି। ଦେଶ ଚଳାଇବା ପାଇଁ ଆବଶ୍ୟକ ସମ୍ବଳ ସରକାର ପରୋକ୍ଷ କର ଦ୍ୱାରା ସଂଗ୍ରହ କରୁଛନ୍ତି; ଯାହାର ବୋଝ ଗରିବଙ୍କ ଉପରେ ବେଶି ପଡ଼ିଥାଏ। ଗରିବଙ୍କୁ ବାଧୁଥିବା ଏବଂ ମୁଦ୍ରାସ୍ଫୀତି ବୃଦ୍ଧି କରୁଥିବା ପେଟ୍ରୋଲିୟମ ସାମଗ୍ରୀ ଉପରେ ସରକାର ଅବକାରୀ ଶୁଳ୍କ ବୃଦ୍ଧି କରିଚାଲିଛନ୍ତି। ଗତ ତିନି ଆର୍ଥିକ ବର୍ଷରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଆଦାୟ କରାଯାଉଥିବା ଟିକସରୁ ସରକାର ପ୍ରାୟ ୮ ଲକ୍ଷ କୋଟି ଟଙ୍କା ରୋଜଗାର କରିଛନ୍ତି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସଂସଦରେ ସୂଚନା ଦେଇଛନ୍ତି। କେବଳ ୨୦୨୦-୨୧ରେ ଯେତେବେଳେ ମହାମାରୀ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଛି ସେତେବେଳେ ୩.୭୧ ଲକ୍ଷ କୋଟି ଟଙ୍କାରୁ ଅଧିକ ସଂଗ୍ରହ କରାଯାଇଛି; ଯାହାଫଳରେ ୨୦୨୧ ନଭେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ରେକର୍ଡ ୧୪.୨୩%ରେ ପହଞ୍ଚିଛି। ମୁଦ୍ରାସ୍ଫୀତିର ବୋଝ ଗରିବଙ୍କ ଉପରେ ପଡ଼ିଥାଏ କାରଣ ତାଙ୍କର ଦରଦାମ ବୃଦ୍ଧି ସହିତ ଆୟ ବଢ଼ି ନ ଥାଏ। ସେହିପରି ସରକାର ଅଧିକ ଯେଉଁ ଋଣ କରି ବ୍ୟୟ କରୁଛନ୍ତି ତାହାଦ୍ୱାରା ଯେଉଁ ଜିଡିପି ବୃଦ୍ଧି ହେଉଛି ତାହାର ସୁଫଳ କିଛି ନିର୍ଦ୍ଦିଷ୍ଟ ମୁଷ୍ଟିମେୟ ଲୋକଙ୍କ ନିକଟକୁ ଗଲାବେଳେ ଋଣ ସୁଝିବାକୁ ସରକାର ଜନହିତକର ବ୍ୟୟ ହ୍ରାସ କରିବାରୁ ପରୋକ୍ଷରେ ଗରିବଙ୍କ ଉପରେ ବୋଝପଡୁଛି।

ଦେଶର ସମ୍ବଳ ଅଭାବ ସମୟରେ ସରକାର ଗୋଟିଏ ପଟେ କର୍ପୋରେଟ ଟିକସ ହ୍ରାସ କଲାବେଳେ, ଦୀର୍ଘ ୭୦ ବର୍ଷ ଭିତରେ ଭାରତ ବର୍ଷରେ ଯେଉଁ ସବୁ ସମ୍ପତ୍ତି ସୃଷ୍ଟି ହୋଇଥିଲା, ବର୍ତ୍ତମାନର ପୁଞ୍ଜିପତି ବନ୍ଧୁମାନଙ୍କୁ ସିଧାସଳଖ ଲିଜ୍ ଆକାରରେ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଅନ୍ୟାର୍ଥରେ ରାଷ୍ଟ୍ରର ସମ୍ପତ୍ତି, ଭିତ୍ତିଭୂମିକୁ ଘରୋଇ କମ୍ପାନୀଙ୍କୁ ଲିଜ୍ ବା ୨୫ ବର୍ଷ ପାଇଁ ମାଲିକାନା ହସ୍ତାନ୍ତର କରି କିଛି ଅର୍ଥ ସଂଗ୍ରହ କରିବା। କିନ୍ତୁ ଏହାର ବୋଝ ଜନସାଧାରଣଙ୍କ ଉପରେ ପଡ଼ିବ କାରଣ ସେହି ଭିତ୍ତିଭୂମି ଯେତେବେଳେ ଜନସାଧାରଣ ବ୍ୟବହାର କରିବେ, ତାଙ୍କଠାରୁ ଉପଯୋଗକର୍ତ୍ତା ଦେୟ ଆଦାୟ କରିବେ। ସରକାର ଧନିକ ଶ୍ରେଣୀଠାରୁ ଟିକସ ଆଦାୟ କରିବାରେ ବିଫଳ ହେବା ଯୋଗୁ ରାଷ୍ଟ୍ରାୟତ୍ତ ଶିଳ୍ପରୁ ପୁଞ୍ଜିପ୍ରତ୍ୟାହାର ବା ଘରୋଇକରଣ କରି ସମ୍ବଳ ସଂଗ୍ରହ କରୁଥିଲେ। ବର୍ତ୍ତମାନ ମୁଦ୍ରୀକରଣ ପଥ ଅବଲମ୍ବନ କରିବାକୁ ଯାଉଛନ୍ତି; ଯେଉଁଥିରେ କେନ୍ଦ୍ର ସରକାରଙ୍କ ସମ୍ପତ୍ତିର ପରିଚାଳନା କରିବେ ଘରୋଇ ସଂସ୍ଥା। ରେଳ, ସଶକ୍ତି, ଷ୍ଟାଡିୟମ, ଏୟାରପୋର୍ଟ, ପୋର୍ଟ ଆଦି କ୍ଷେତ୍ରର ପରିଚାଳନା ଘରୋଇ ସଂସ୍ଥା ହାତକୁ ଯିବ। କେନ୍ଦ୍ର ସରକାରଙ୍କ ପାଖରେ ମାଲିକାନା ରହିବ । ଏକ ନିର୍ଦ୍ଦିଷ୍ଟ ସମୟସୀମା ପରେ ସରକାରଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବେ ଘରୋଇ ସଂସ୍ଥା। ୪ ବର୍ଷ ଭିତରେ ଏଥିରୁ ୬ ଲକ୍ଷ କୋଟି ଟଙ୍କା ହାସଲ କରିବା ଲକ୍ଷ୍ୟ ରଖିଛନ୍ତି କେନ୍ଦ୍ର ସରକାର। ଏଥିପାଇଁ ପ୍ରସ୍ତୁତ ହୋଇଛି ନ୍ୟାଶନାଲ ମନିଟାଇଜେଶନ ପାଇପ୍ଲାଇନ। ଏହି ପ୍ରକ୍ରିୟା ଦ୍ୱାରା ଗରିବ ଓ ସାଧାରଣ ଜନତା ଅଧିକ କ୍ଷତିଗ୍ରସ୍ତ ହେବେ। ସମାଜର ମୁଖ୍ୟ ସ୍ରୋତରୁ ତଳକୁ ଠେଲି ହୋଇଯିବେ।

**ମୋ:୯୪୩୭୨୦୮୭୬୨**

## ପାଠକ ଶ୍ରେଷ୍ଠ ବିଚାରକ

### ପାହାଡ଼ କଟା ରୋକାଯାଉ

ମହାଶୟ,

ଆମ ଦେଶର ପ୍ରାୟ ୨୭ ଭାଗ ପାହାଡ଼ ପର୍ବତରେ ପରିପୂର୍ଣ୍ଣ । ପ୍ରାୟ ୭୨୦ମିଲିୟନ୍ ଜନଜାତି ବସବାସ କରୁଛନ୍ତି ଏହି ଅଞ୍ଚଳରେ। ପରୋକ୍ଷ ଭାବରେ ସେମାନେ ପାହାଡ଼ର ଝରଣା ଓ ଜଙ୍ଗଲରୁ ବହୁ ଲାଭ ଉଠାଇଥାନ୍ତି। ପାହାଡ଼ ଉପରେ କିପରି ବିଭିନ୍ନ ପ୍ରକାର ପନିପରିବା ଚାଷ କରାଯାଇପାରିବ, ସେ ଦିଗରେ ବିଶେଷ ଦୃଷ୍ଟି ଦିଆଯାଉଛି। ଇଣ୍ଟରନ୍ୟାଶନାଲ ପ୍ରୋଗ୍ରାମ ଅନ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଅନ୍ ସଷ୍ଟେନ୍‌ବଲ ମ୍ୟାନେଜମେଣ୍ଟ ଅଫ୍ ମାଉଣ୍ଟେନ୍ ଏରିଆଜ ପ୍ରୋଜେକ୍ଟ ମାଧ୍ୟମରେ ପର୍ବତ୍ୟାଞ୍ଚଳରେ ବାସକରୁଥିବା ଜନଜାତିର ପରିବାରକୁ ପାହାଡ଼ ଉପରେ ଚାଷ ବିଷୟରେ ପ୍ରଶିକ୍ଷଣ ଦିଆଯିବା ଯୋଜନା କରାଯାଉଛି । ଫୁଡ୍ ଆଣ୍ଡ ଏଗ୍ରିକଲଚରାଲ ଅର୍ଗାନାଇଜେଶନ୍ ମଧ୍ୟ ପର୍ବତର ଗୁରୁତ୍ୱକୁ ନେଇ ମାଉଣ୍ଟେନ୍ ଫାର୍ମିଂକୁ ଗୁରୁତ୍ୱ ଦେଇଛି। ପାହାଡ଼ ଉପରେ ଅଧିକ ଚାଷ କରାଯାଇ ପାରିଲେ, ଏହା ଦେଶର ଅର୍ଥନୈତିକ ଉନ୍ନତିରେ ବିଶେଷ ସହାୟକ ହୋଇପାରିବ। ପାହାଡ଼କୁ ସବୁଜମୟ କରିବା ଦ୍ୱାରା ପର୍ଯ୍ୟଟନରୁ ମଧ୍ୟ ଆୟ ହେବ। କିନ୍ତୁ ଏବେ କେତେକ ଲୋକ ନିଜର ସ୍ୱାର୍ଥ ପାଇଁ ପାହାଡ଼ କାଟିବା ସହ ଅବନତି ଘଟାଉଛନ୍ତି। ଏହାକୁ ରୋକାଯିବା ଏକାନ୍ତ ଆବଶ୍ୟକ।

**– ବାଦଲ ଭୂୟାଁ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଘରଣୀ କଜିଆ କରି
ଆଜି ତାକୁ ପାଳି ଜ୍ୱର
ବରଷକ ପିଲାଟା ତ
କାନ୍ଥୁ କଫେ ସଡ ସଡ।
–(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଆଜି ଜିଏସଟି ପରିଷଦ**

ଆଜି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଚଳିତ ମାସ ୩୧ ତାରିଖରେ ବସିବାକୁ ଥିବା ଜିଏସଟି ପରିଷଦର ୪୬ତମ ବୈଠକ ଅନୁଷ୍ଠିତ ହେବ। ଏହି ଅବସରରେ ପରିଷଦର ବିଭିନ୍ନ ଏଜେଣ୍ଡାକୁ ବିଭିନ୍ନ ରାଜ୍ୟର ଅର୍ଥମନ୍ତ୍ରୀମାନଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶ ଉପରେ ମଧ୍ୟ ଆଲୋଚନା ହେବ ବୋଲି କୁହାଯାଇଛି। ସେହିଭଳି ମନ୍ତ୍ରୀସ୍ତରୀୟ କମିଟି (ଜିଓଏମ୍) ନିଜର ରିପୋର୍ଟ ପରିଷଦକୁ ପ୍ରଦାନ କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ସଂକ୍ଷେପରେ

### ଏସ୍‌ବିଆଇ ପକ୍ଷରୁ ଏଲ୍‌ବିଆଇବିଓଆର୍ ପ୍ରୋଗ୍ରାମ

ଭୁବନେଶ୍ୱର,୩୦।୧୨: ଦୈନନ୍ଦିନ ବ୍ୟବସାୟ ଓ ଏହାର ଉତ୍ପାଦର ମୂଲ୍ୟାୟନର ଏଲ୍‌ଆଇବିଓଆର୍ ପାଇଁ ଆବଶ୍ୟକ ନୂଆ ସୁଧ ହାର ମାନଦଣ୍ଡ ସୁପାରିସ୍‌କୁ ଗ୍ରହଣ କରିବା ଲାଗି ଦେଶର ସର୍ବବୃହତ ବାଣିଜ୍ୟିକ ବ୍ୟାଙ୍କ୍ ପ୍ରସ୍ତୁତ ହୋଇରହିଛି। ଏହି ବିକଳ୍ପ ରେଫରେନ୍ସ ହାର (ଏଆର୍‌ଆର୍) ସହିତ କାରବାରକୁ ଲିଙ୍କ୍ କରିବା ସହାୟତା ଲାଗି ଭାରତୀୟ ଷ୍ଟେଟବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ସମସ୍ତ ବ୍ୟବସ୍ଥା ଓ ପ୍ରକ୍ରିୟାକୁ ସମନ୍ୱିତ କରାଯାଇଛି। ଏସ୍‌ବିଆଇ ପକ୍ଷରୁ ଏହାର ସ୍ଥାନୀୟ ଓ ବିଦେଶ ଶାଖାଗୁଡ଼ିକ ଜରିଆରେ ଗ୍ରାହକମାନଙ୍କୁ ଏଆର୍‌ଆର୍-ଭିତିକ ଉତ୍ପାଦ ପ୍ରଦାନ କରିବା ଆରମ୍ଭ କରାଯାଇସାରିଲାଣି। ଏ ସମ୍ପର୍କରେ ଏସ୍‌ବିଆଇର ପରିଚାଳନା ନିର୍ଦ୍ଦେଶକ (ଇଣ୍ଟରନ୍ୟାସନାଲ୍ ବ୍ୟାଙ୍କିଙ୍ଗ୍, ଟେକ୍ନୋଲୋଜି ଓ ସବ୍‌ସିଡାରିଜ୍) ଅଶ୍ୱିନୀ କୁମାର ତିୱାରୀ, କହିଛନ୍ତି, "ଆନ୍ତର୍ଜାତିକ ଫାଇନାନ୍ସିଆଲ୍ ବଜାର ପାଇଁ ଏଲ୍‌ଆଇବିଓଆର୍ ରୂପାନ୍ତରଣ ଲାଗି ବେଶ ଗୁରୁତ୍ୱପୂର୍ଣ୍ଣ। ଦେଶର ସର୍ବବୃହତ ବ୍ୟାଙ୍କ୍ ଭାବେ ଏସ୍‌ବିଆଇ ବିଶ୍ୱରେ ଏଲ୍‌ଆଇବିଓଆର୍ କ୍ଷେତ୍ରରେ ଘଟୁଥିବା ବିକାଶ ଉପରେ ତୀକ୍ଷ୍ଣ ନଜର ରଖିଛି ଯଦ୍ୱାରା ଶ୍ରେଷ୍ଠ ବ୍ୟବସ୍ଥା ଭାବେ ତାହା ସହ ଯୋଡ଼ି ହୋଇପାରିବ।

### ପିଏନ୍‌ବିରେ ଅନ୍‌ଲାଇନ ଏଲସି ସୁବିଧା ଆରମ୍ଭ

ଭୁବନେଶ୍ୱର,୩୦।୧୨: ଦେଶର ଶହ ଶହ ସଂଖ୍ୟାର ପେନଶନଭୋଗୀଙ୍କ ସୁବିଧାକୁ ସରଳୀକରଣ ଏବଂ ବିସ୍ତାର କରିବା ପାଇଁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି) ପକ୍ଷରୁ କେନ୍ଦ୍ର-ରାଜ୍ୟ ସରକାରଙ୍କ ପାଇଁ ବ୍ୟାଙ୍କରେ ଅନଲାଇନ୍ ଜରିଆରେ ଲାଇଫ୍ ସାର୍ଟିଫିକେଟ୍ (ଏଲସି) ଦାଖଲ କରିବାର ସୁବିଧା ଆରମ୍ଭ କରାଯାଇଛି। ପେନସନଭୋଗୀ ବ୍ୟବହାର କରିବାକୁ ସହଜ ୱେବ୍ ଆଧାରିତ ପ୍ଲାଟଫର୍ମ ପେନସନଭୋଗୀମାନଙ୍କୁ ଭିଡିଓ ଆଧାରିତ ଗ୍ରାହକ ପରିଚୟ ପ୍ରକ୍ରିୟା ମାଧ୍ୟମରେ ସେମାନଙ୍କ ଜୀବନ ପ୍ରମାଣପତ୍ର ଦାଖଲ କରିବାକୁ ସକ୍ଷମ କରିବ। ଏହି କାଗଜହୀନ ଉପସ୍ଥାପନା ପ୍ରକ୍ରିୟା ଭିଡିଓ-ଆଧାରିତ ପରିଚୟ ସହିତ ଅନ୍ୟାନ୍ୟ ସରଳ ପ୍ରି-ଆବଶ୍ୟକତା ସହିତ କମ୍ପ୍ୟୁଟର କିମ୍ବା ମୋବାଇଲ୍- ଟ୍ୟାବ୍ କ୍ୟାମେରା ସହିତ ସଜ୍ଜିତ, ଜିପିଏସ୍ ଏବଂ ମାଇକ୍ରୋଫୋନ୍ ସୁବିଧା ସହିତ ଡିଜାଇନ୍ କରାଯାଇଛି। ପେନସନଧାରୀଙ୍କ ମୋବାଇଲ୍ ନମ୍ବର ଏବଂ ଆଧାର ନମ୍ବର ବ୍ୟାଙ୍କ ଆକାଉଣ୍ଟ ନମ୍ବର ସହିତ ଲିଙ୍କ୍ ହେବା ଉଚିତ।

# ୨୦୨୨ରେ ବଢ଼ିପାରେ ସୁନା ଦର

- ପ୍ରତି ୧୦ଗ୍ରାମକୁ ୫୫ ହଜାର
- ହଲ୍‌ମାର୍କକୁ ଗୁରୁତ୍ୱ



ନୂଆଦିଲ୍ଲୀ,୩୦।୧୨

ଦୀର୍ଘ ଦିନ ପରେ ପୁଣି ୨୦୨୨ରେ ସୁନା ଦର ବୃଦ୍ଧି ପାଇପାରେ ବୋଲି ଜାତୀୟ ସ୍ତରରେ ଚର୍ଚ୍ଚା ଜୋର ଧରିଛି। ଏହି ମୂଲ୍ୟବାନ୍ ଧାତୁର ଚମକ ପୁଣି ଥରେ ବଜାରରେ ଦେଖିବାକୁ ମିଳିବ। ୨୦୨୧ର ଦ୍ୱିତୀୟାର୍ଦ୍ଧରେ ଏହାର ମୂଲ୍ୟ କିଛି ମାତ୍ରାରେ ହ୍ରାସ ପାଇଥିଲା। କୋଭିଡ୍ ମହାମାରୀର ପରିବେଶ ସହ ମୁଦ୍ରାସ୍ଫୀତି ଚିନ୍ତା ଏବଂ ଶକ୍ତିଶାଳୀ ଆମେରିକୀୟ ଡଲାର ଯୋଗୁ ଏଭଳି କିଛି ହୋଇପାରେ ବୋଲି ଆକଳନ କରାଯାଉଛି। ଏହା ମଧ୍ୟରେ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୫୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ରହିବା ସମ୍ଭାବନା ରହିଛି। ୨୦୨୦ କୋଭିଡ୍ ସମୟରେ ମଧ୍ୟ ଏହାର ଚାହିଦା ବୃଦ୍ଧି ଯୋଗୁ ଦର ଆକାଶ ଛୁଆଁ ରହିଥିଲା। ଗତ ଅଗଷ୍ଟରେ ଏହାର ମୂଲ୍ୟ ୫୬,୨୦୦ ଟଙ୍କା ରେକର୍ଡ ସ୍ତରରେ ପହଞ୍ଚି ଯାଇଥିଲା। ବର୍ତ୍ତମାନ ପ୍ରତି ୧୦ ଗ୍ରାମ ପ୍ରାୟ ୪୮ ହଜାର ଟଙ୍କା ରହିଛି। ଏହା ସର୍ବକାଳୀନ ରେକର୍ଡଠାରୁ ପ୍ରାୟ ୧୪% କମ୍ ଏବଂ ୨୦୨୧ ଜାନୁୟାରୀ ତୁଳନାରେ ୪% କମ୍। ଏହାର ସାମଗ୍ରିକ ଅନ୍ତର୍ଜାତୀୟ ମୂଲ୍ୟ ତୁଳନାରେ ବର୍ତ୍ତମାନର ସ୍ତର ୩% ଅଧିକ ରହିଛି, ଯାହାର ପ୍ରମୁଖ କାରଣ ହେଉଛି ଟଙ୍କାର ମୂଲ୍ୟ ହ୍ରାସ ଓ କୋଭିଡ୍। ଏ ସମ୍ପର୍କରେ କମ୍‌ଟ୍ରେଞ୍ଜର ପ୍ରତିଷ୍ଠାତା ତଥା ସିଇଓ ଗାନାସେକର ଥିଆଗାରାଜନ କହିଛନ୍ତି, ଚଳିତ ବର୍ଷ ଏଭଳି ହେବାର କାରଣ ବଜାରରେ ତରଳ ପଦାର୍ଥର ଦ୍ରୁତଗତିରେ ବୃଦ୍ଧି ପାଇବା। ସେହିଭଳି ଏହି ସମୟରେ ଖ୍ରୀଷ୍ଟମାସ ଏବଂ ନୂତନ ବର୍ଷ ଛୁଟିଦିନ ସହ ଅଧିକ କୋଭିଡ୍ ପ୍ରତିବନ୍ଧକ ଲାଗୁ ହେବା ସମ୍ଭାବନା ରହିଛି। ଅପରପକ୍ଷରେ ଅଧିକ ୟୁରୋପୀୟ ଦେଶରେ ଓମିକ୍ରନ୍ ଭାରିଆଣ୍ଟ ଦ୍ରୁତଗତିରେ ବ୍ୟାପିବା ସହିତ ଆମେରିକାର ସ୍ୱାସ୍ଥ୍ୟ ଅଧିକାରୀମାନେ ଆମେରିକୀୟମାନଙ୍କୁ ବୁଷ୍ଟର ଡୋଜ୍ ପାଇବା ଭଳି ଘଟଣା ରହିଛି ବୋଲି ଥିଆରାଜନ କହିଛନ୍ତି। ସେହିପରି ୟୁରୋ ଏବଂ ୟେନ୍ ଭଳି ମୁଦ୍ରାନୀତି ପାଇଁ ବନ୍ଧା ହୋଇଥିବା ମୁଦ୍ରା ତୁଳନାରେ ଆମେରିକୀୟ ଡଲାରକୁ ଅଧିକ ଆକର୍ଷିତ କରିବ। ଭାରତରେ ଥିବାବେଳେ ଅନ୍ତର୍ଜାତୀୟ ବଜାର ଡିସେମ୍ବର ୨୯ରେ ୧୦ ଗ୍ରାମ ପିଛା ଏସ୍‌ସିଏକ୍ସ ସୁନାର ମୂଲ୍ୟ ୪୭,୭୪୦ ଟଙ୍କା ଥିଲା। ମୁଦ୍ରାସ୍ଫୀତି ଚିନ୍ତା ଏବଂ କରୋନା ଭାଇରସ୍‌ର ଓମିକ୍ରନ୍ ଅନିଶ୍ଚିତତା ମଧ୍ୟରେ ସୁନା ମୂଲ୍ୟ ବୃଦ୍ଧି ହେବାର ସମ୍ଭାବନା ରହିଛି। ଆମେ ଆଶା କରୁଛୁ ୨୦୨୨ର ପ୍ରଥମାର୍ଦ୍ଧରେ ମୂଲ୍ୟ ୧,୭୦୦ରୁ ୧,୯୦୦ ଆମେରିକୀୟ ଡଲାର ମଧ୍ୟରେ ଏବଂ ଦ୍ୱିତୀୟାର୍ଦ୍ଧରେ ୨,୦୦୦ ଡଲାର ଅତିକ୍ରମ କରିବ। ଘରୋଇ ବଜାରରେ ଏହାର ମୂଲ୍ୟ ୪୫,୦୦୦ରୁ ୫୦,୦୦୦ ଟଙ୍କା ମଧ୍ୟରେ ରହିବ। ୨୦୨୨ର ଦ୍ୱିତୀୟାର୍ଦ୍ଧରେ ଏମ୍‌ସିଏକ୍ସ ପାଇଁ ୫୫,୦୦୦ ଟଙ୍କା ଅତିକ୍ରମ କରିବା ସମ୍ଭାବନା ରହିଛି ବୋଲି ଥିଆଗାରାଜନ କହିଛନ୍ତି। ଏଭଳି ସ୍ଥିତିରେ ସୁନା ୧,୮୩୩ ଡଲାରରେ ଏବଂ ୧,୮୭୦ ଡଲାରରେ ପ୍ରତି ଆଉନ୍ସରେ ୧,୬୭୦ ଡଲାର ରହିଛି ବୋଲି ସେ କହିଛନ୍ତି। ଆନ୍ତର୍ଜାତିକ ଅଲ ବୁଲିଅନ୍ ଏକ୍ସଚେଞ୍ଜ ପାଇଁ ନିୟାମକର ଟାଇନ୍ ଏବଂ ଇଲେକ୍ଟ୍ରୋନିକ୍ ଗୋଲ୍ଡ ରସିଦ ମାର୍କ ଦ୍ୱାରା ଏକ ନୂତନ ସୁରକ୍ଷା ବାଣିଜ୍ୟ ସୃଷ୍ଟି ଯୋଗୁ ଘରୋଇ ଡର୍ପିନ୍ ପାଇଁ ଏକ ଫ୍ରେମୱାର୍କ ଆଗାମୀ କିଛି ବର୍ଷ ମଧ୍ୟରେ ସମ୍ଭାବ୍ୟ ରୂପାନ୍ତରିତ ହେବ। ଅନ୍ୟପକ୍ଷରେ, ବାଧ୍ୟତାମୂଳକ ହଲ୍‌ମାର୍କିଂର ପରିଚୟ ୨୫୬ ଟି ଜିଲାରେ ଏବଂ ହଲ୍‌ମାର୍କ ୟୁନିକ୍ ଆଇଡିରେ ଦେଖାଯାଇଥିବା ଏକ ବାଣିଜ୍ୟରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ଏହାର ନୀତି ନିର୍ମାତାଙ୍କ ଦ୍ୱାରା ପରିଚାଳନା କ୍ଷେତ୍ରର ସଫଳତାକୁ ସୁନିଶ୍ଚିତ କରିଛି ବୋଲି ସରକାର ଦର୍ଶାଇଛନ୍ତି। ୨୦୨୧ ଜୁନ୍ ୨୩ରେ ସରକାର ୧୪, ୧୮ ଏବଂ ୨୨ କ୍ୟାରେଟ୍ ସୁନା ଅଳଙ୍କାରର ହଲ୍‌ମାର୍କିଂକୁ ଗୁରୁତ୍ୱର ସହ ବ୍ୟବହାର କରିବାକୁ କୁହାଯାଇଥିଲା। ଦେଶର ୨୫୬ଟି ଜିଲାରେ ଏହାର କଳାକୃତି ପାଇଁ ଅତି କମ୍‌ରେ ଗୋଟିଏ ଆସେସ୍ ଏବଂ ହଲ୍‌ମାର୍କିଂ କେନ୍ଦ୍ର ଅଛି। ଏଏଚ୍‌ସି ତାରିଖ ଅନୁଯାୟୀ ୧.୨୭ ଲକ୍ଷ ଜୁଏଲର୍ସ ହଲ୍‌ମାର୍କ ହୋଇଥିବା ଅଳଙ୍କାର ବିକ୍ରୟ ପାଇଁ ବିଏସ୍‌ଆଇରୁ ପଞ୍ଜୀକରଣ କରିଛନ୍ତି। କୋମେକ୍ସରେ ବ୍ୟାପକ ପରିସର ୧,୭୮୦ରୁ ୧,୮୨୫ ଡଲାର ମଧ୍ୟରେ ହୋଇପାରେ ଏବଂ ଘରୋଇ ମୂଲ୍ୟ ୪୮,୦୦୦ରୁ ୪୮,୩୮୫ ଟଙ୍କା ମଧ୍ୟରେ ରହିପାରେ।

# ନାଲ୍‌କୋ ପଞ୍ଚପଟ୍ଟମାଳୀ ବକ୍ସାଇଟ ଖଣି, ଆଲୁମିନା ରିଫାଇନେରିକୁ ଉତ୍କର୍ଷ ପୁରସ୍କାର




ପୁରସ୍କାର ଗ୍ରହଣ କରିଥିବା ନାଲ୍‌କୋର ସମୂହ ମହାପ୍ରବନ୍ଧକ ରସିଦ ୱାରିସ ଉପସ୍ଥିତ ଅଧିକାରୀମାନଙ୍କ ଗହଣରେ ପ୍ରଦର୍ଶନ କରୁଛନ୍ତି।

ଦାମନଯୋଡି, ୩୦।୧୨(ଡି.ଏନ.ଏ.)

ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ନାଲକୋର ପଞ୍ଚପଟ୍ଟମାଳୀ ବକ୍ସାଇଟ ଖଣିକୁ ସମ୍ମାନଜନକ କଳିଙ୍ଗ ସୁରକ୍ଷା ଉତ୍କର୍ଷତା ପୁରସ୍କାର ମିଳିଛି। ଭୁବନେଶ୍ୱରରେ ଇନଷ୍ଟିଚ୍ୟୁଟ ଅଫ କ୍ୱାଲିଟି ଆଣ୍ଡ ଏନଭାରନମେଣ୍ଟ ସିଷ୍ଟମ ପକ୍ଷରୁ ଗତ ୨୨ ତାରିଖରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଅତିଥି ରୂପେ ଯୋଗ ଦେଇଥିଲେ। ସୁରକ୍ଷା କ୍ଷେତ୍ରରେ ଏହାକୁ ଏକ ଉଚ୍ଚତମ ପୁରସ୍କାର ରୂପେ ବିବେଚନା କରାଯାଇଥାଏ। ନାଲକୋ ପଞ୍ଚପଟ୍ଟମାଳୀ ବକ୍ସାଇଟ ଖଣି ଖଣିଜ ଉତ୍ତୋଳନ କ୍ଷେତ୍ରରେ ସୁରକ୍ଷିତ ଖଣି ଅଭ୍ୟାସରେ ସଫଳତା ହାସଲ କରିଛି। ଏହି ପୁରସ୍କାର ପ୍ଲାଟିନମ ଶ୍ରେଣୀରେ ପ୍ରଦାନ କରାଯାଇଥିବା ଜଣାପଡିଛି। ପୁରସ୍କାରକୁ ନାଲ୍‌କୋର ସମୂହ ମହାପ୍ରବନ୍ଧକ ରସିଦ ୱାରିସ ଗ୍ରହଣ କରିଥିଲେ। ସେହିପରି ନାଲକୋ ଆଲୁମିନା ରିଫାଇନାରିକୁ ଗୋଲଡ ଶ୍ରେଣୀରେ କଳିଙ୍ଗ ସୁରକ୍ଷା ଉତ୍କର୍ଷତା ପୁରସ୍କାର ମିଳିଛି। ନାଲକୋର ସମୂହ ମହାପ୍ରବନ୍ଧକ ଭୀମସେନ ପ୍ରଧାନ ଅତିଥିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଉତ୍ତର ପ୍ରଦେଶର ସତନାସ୍ଥିତ ଏକେଏସ ବିଶ୍ୱବିଦ୍ୟାଳୟଠାରେ ଇଣ୍ଡିଆନ ମାଇନିଂ ଏବଂ ଇଞ୍ଜିନିୟରିଂ ଜର୍ନାଲ ଅନୁଷ୍ଠାନର ହୀରକ ଜୟନ୍ତୀ ପୁରସ୍କାର ବିତରଣ ଉତ୍ସବ ଅବସରରେ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ନିରନ୍ତର ବିକାଶ କ୍ଷେତ୍ରରେ ନାଲକୋର ସଫଳତା ଓ ଅବଦାନ ପାଇଁ ନାଲକୋକୁ ପୁରସ୍କୃତ କରାଯାଇଥିଲା। ଖଣି ସୁରକ୍ଷା ବିଭାଗର ମହାନିର୍ଦ୍ଦେଶକ ପ୍ରଭାତ କୁମାରଙ୍କଠାରୁ ନାଲକୋ ଉପମହାପ୍ରବନ୍ଧକ ଅଜୟ ଚୌଧୁରୀ ଏହି ପୁରସ୍କାର ଗ୍ରହଣ କରିଥିଲେ।

# ପିଲାଙ୍କ ମୁହଁରେ ହସ ଫୁଟାଇଲା ରିଫା

ଭୁବନେଶ୍ୱର,୩୦।୧୨

ଚଳିତ ବର୍ଷ ଶେଷ ହେବାକୁ ଯାଉଥିବା ବେଳେ ଏହି ସମୟରେ ରିଲାଏନ୍ସ ଫାଉଣ୍ଡେଶନ (ରିଫା) ପକ୍ଷରୁ ସମଗ୍ର ଦେଶର ଅସହାୟ ପିଲାଙ୍କ ସହିତ ଉତ୍ସବ ପାଳନ କରିଛି। ଭୁବନେଶ୍ୱର ସମେତ ଦେଶର ୧୧ଟି ସହରରେ ୨୬ଟି ଏନ୍‌ଜିଓ ସହଭାଗିତାରେ ଅବହେଳିତ ପୃଷ୍ଠଭୂମିରୁ ଆସିଥିବା ପ୍ରାୟ ୫୦୦୦ ପିଲାଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି। ଏହା ସହ ଶିକ୍ଷଣୀୟ ଗୁଡିଜ୍ ବ୍ୟାଗ୍‌ରେ ପାଠ୍ୟ ଉପକରଣ, ମାନସ ମନ୍ଥନକାରୀ ଖେଳ ସାମଗ୍ରୀ, ମଦୁଲାର ହୁଲା ହୁପ୍, ଖେଳନା ଡୋ ଏବଂ କିଛି ଚକୋଲେଟ ଆଦି ରହିଛି। ଉକ୍ତ ଉପହାର ବ୍ୟାଗ୍‌ରେ ମଧ୍ୟ ପିଲାଙ୍କ ପାଇଁ କୋଭିଡ୍‌ରୁ ସୁରକ୍ଷା ପ୍ରଦାନ କରୁଥିବା ସାନିଟାଇଜର ଏବଂ ମାସ୍କ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ରହିଛି। ଏହି ପ୍ରୟାସର ଅଂଶସ୍ୱରୂପ ଭୁବନେଶ୍ୱରରେ ଅବହେଳିତ ପୃଷ୍ଠଭୂମିରୁ ଆସିଥିବା ପ୍ରାୟ ୬୦୦ ପିଲାଙ୍କୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଗୁଡିଜ୍ ବ୍ୟାଗ୍ ଏବଂ ଉପହାର ତିନିଟି ସହଭାଗୀ ଏନ୍‌ଜିଓ ଯଥା- ଅଙ୍କୁର ଫାଉଣ୍ଡେଶନ, ରୁଚିକା ସୋସିଆଲ ସର୍ଭିସ ଅର୍ଗାନାଇଜେଶନ ଏବଂ ପରିବର୍ତ୍ତନ ସହଯୋଗରେ ବଣ୍ଟନ କରାଯାଇଥିଲା। ଏନ୍‌ଜିଓ ସହଯୋଗୀମାନେ ଭୁବନେଶ୍ୱରର ସାଲିଆସାହି, ବାଣୀବିହାର ନିକଟ ବିଶ୍ୱେଶ୍ୱର ବସ୍ତି, ୟୁନିଟ ୯ ନିକଟ ମା ଭଗବତୀ ବସ୍ତି, ପୁନାମା ଗେଟ୍ ନିକଟ କେଳାସାହି, ସୁନ୍ଦରପଦା ନିକଟ ଭୋଇସାହି ବସ୍ତି ଏବଂ ମଞ୍ଚେଶ୍ୱର ନିକଟ ଧିରିକୁଟି ବସ୍ତି ସମେତ ବିଭିନ୍ନ ବସ୍ତି ଅଞ୍ଚଳରେ ଅବହେଳିତ ବର୍ଗର ପିଲାମାନଙ୍କୁ ଏହି ଗୁଡିଜ୍ ବ୍ୟାଗ୍ ଏବଂ ଉପହାର ପ୍ରଦାନ କରିଥିଲେ।

# ଆଇଆଇଏମ୍ କେନ୍ଦୁଝର ଚାପ୍ଟରର ପୁନରୁଦ୍ଧାର



ଭୁବନେଶ୍ୱର,୩୦।୧୨

କେନ୍ଦୁଝର ଜିଲାର ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ପରିସରରେ ନିକଟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍‌ସ (ଆଇଆଇଏମ୍) ର କେନ୍ଦୁଝର ଚାପ୍ଟରକୁ ଆନୁଷ୍ଠାନିକ ଭାବେ ପୁନରୁଦ୍ଧାର କରାଯାଇଛି। ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସର ପରିଚାଳନା ନିର୍ଦ୍ଦେଶକ, ଆଶିଷ ଅନୁପମ୍, ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍‌ର ବରିଷ୍ଠ ମହାପ୍ରବନ୍ଧକ (ପରିଚାଳନା ଓ ରକ୍ଷଣାବେକ୍ଷଣ) ମଣିକାନ୍ତ ନାୟକ ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍ସର ମହାସଚିବ କୁଶଲ ଶାହା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଶିଷ୍ ଅନୁପମ୍ ଦେଶରେ ପ୍ରଯୁକ୍ତିରେ ହେଉଥିବା ଉନ୍ନତି ଉପରେ ବେଶ୍ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ମଣିକାନ୍ତ ନାୟକ ବର୍ତ୍ତମାନ ସମସ୍ୟାଗୁଡ଼ିକର ସମାଧାନ ଲାଗି ଜିଲାର ଶିଳ୍ପଗୁଡ଼ିକ ଏକତ୍ରିତ ହେବାର ଆବଶ୍ୟକତା ରହିଛି। ଆଇଆଇଏମ୍‌ର ଉଲ୍ଲେଖନୀୟ ପୃଷ୍ଠଭୂମି ଓ ଏହାର ସଦସ୍ୟ ହେଲେ ମିଳିବାକୁ ଥିବା ଲାଭ ବିଷୟରେ କୁଶଲ୍ ଶାହା ବର୍ଣ୍ଣନା କରିଥିଲେ। ସେହିପରି ଜେଏସ୍‌ପିଏଲ୍‌ର କାର୍ଯ୍ୟନିର୍ବାହୀ ଉପସଭାପତି ବଡ଼ହଦ୍ର କହିଥିଲେ, ଏହି ଚାପ୍ଟରର ପୁନରୁଦ୍ଧାର ଲାଗି ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍ସ ହେଉଛି ପେସାଦାରମାନଙ୍କ ଏକ ଜାତୀୟ ସଂସ୍ଥା ଯାହା ବିଭିନ୍ନ ପେସାଭିତ୍ତିକ କାର୍ଯ୍ୟକଳାପରେ ଜଡ଼ିତ ରହିଛି। ସେଥିରେ ସାମିଲ ରହିଛି ଜାତୀୟ ଓ ଅନ୍ତର୍ଜାତିକ ବୈଷୟିକ ସମ୍ମିଳନୀ ଓ କାର୍ଯ୍ୟକ୍ରମ ଆଦି ଆୟୋଜନ କରିବ। ବିଶେଷକରି ଗବେଷଣା କାର୍ଯ୍ୟକଳାପ, ପ୍ରକାଶନୀ, ଯୋଗ୍ୟତା ପରୀକ୍ଷା ଭଳି କାର୍ଯ୍ୟକ୍ରମ ଆୟୋଜନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଉକ୍ତ ଜିଲାର ୩୪ ଜଣ ସାଂଗଠନିକ ପ୍ରତିନିଧି ଓ ପେସାଦାର ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

**କମ୍ପ୍ୟୁଟର ସାଇନ୍ସରେ ଡକ୍ଟରେଟ୍**



ଗବେଷକ ସଞ୍ଜୟ କୁମାର ଷଡ଼ଙ୍ଗୀ, ଚଳିତବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରରୁ କମ୍ପ୍ୟୁଟର ସାଇନ୍ସରେ ପିଏଚ୍.ଡି. ଉପାଧି ଡିଗ୍ରୀ ଲାଭ କରିଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Development of Autonomous QoS based Multicast Communication System in Mobile Ad-Hoc Network". ଡକ୍ଟର ଷଡ଼ଙ୍ଗୀ ଉତ୍କଳ ବିଶ୍ୱବିଦ୍ୟାଳୟ, କମ୍ପ୍ୟୁଟର ସାଇନ୍ସ ବିଭାଗର ଆସୋସିଏଟ୍ ପ୍ରଫେସର ଡକ୍ଟର ମୃତ୍ୟୁଞ୍ଜୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଏଥିପାଇଁ ତାଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରୁଛନ୍ତି। ତାଙ୍କ ସନ୍ଦର୍ଭଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦର ପ୍ରଫେସର ଶିବ କୁମାର ଉଦ୍‌ଗାତା ଏବଂ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀପତି ମୁଖୋପାଧ୍ୟାୟଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ସଞ୍ଜୟ ହେଉଛନ୍ତି ପୁରୀ ସହର ନିବାସୀ ଶ୍ରୀଯୁକ୍ତ ଗୋକୁଳ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ଶ୍ରୀମତୀ ସୌଭାଗ୍ୟବତୀ ଷଡ଼ଙ୍ଗୀଙ୍କ ଜ୍ୟେଷ୍ଠ ପୁତ୍ର ଏବଂ ପୁରୀ ନିବାସୀ ଡାକ୍ତର ପ୍ରମିଳ କୁମାର ନନ୍ଦ ଏବଂ ଶ୍ରୀମତୀ ଚାରୁଲତା ଦାଶଙ୍କର ଜ୍ୟେଷ୍ଠ ଜାମାତା ଅଟନ୍ତି। ସେ ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟର ଆନ୍ତର୍ଜାତିକ ଶିକ୍ଷା ବିଭାଗରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ସଫଳତା ପାଇଁ କମ୍ପ୍ୟୁଟର ସାଇନ୍ସ ବିଭାଗର ପ୍ରଫେସର ପ୍ରଫୁଲ୍ଲ କୁମାର ବେହେରା DRC Chairman ଏବଂ ସମସ୍ତ ଅଧ୍ୟାପକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏବଂ ପରୀକ୍ଷା ନିୟନ୍ତ୍ରକ ଶ୍ରୀଯୁକ୍ତ ଶରତ କୁମାର ମାଝୀଙ୍କୁ ଅଶେଷ କୃତଜ୍ଞତା ଜ୍ଞାପନ କରୁଛନ୍ତି। ଏହି ସଫଳତା ପାଇଁ ପତ୍ନୀ ବିଜୟଲକ୍ଷ୍ମୀ ନନ୍ଦ, ସଞ୍ଜୀବ କୁମାର ଷଡ଼ଙ୍ଗୀ, ଶର୍ମିଲ୍ ଷଡ଼ଙ୍ଗୀ, ପରିବାରର ସମସ୍ତ ସଦସ୍ୟ, ବନ୍ଧୁବାନ୍ଧବ ଏବଂ ସହକର୍ମୀ ସୋନିମା ଶୀବାନି ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛନ୍ତି।

ଧ-୨୨୭୧୨

**ମୁଦ୍ରା ଫାଇନାନ୍ସ**

PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।

**Mudra Finance**
Mob. 8987604637
Whatsapp: 8902923601

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଫୁରସତ୍

# ସର୍ବାଧିକ ଥର ସର୍ଚ୍ଚ ହୋଇଛନ୍ତି କରୀନା



ମୁମ୍ବାଇ: ୟାହୁ ଇୟର ଇନ୍ ରିଭ୍ୟୁ ଲିଷ୍ଟ ଅନୁସାରେ ମହିଳା ସେଲିବ୍ରିଟିଙ୍କ ମଧ୍ୟରେ ଚଳିତ ବର୍ଷ ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ୍‌ଙ୍କୁ ଅଧିକ ଥର ଇଣ୍ଟରନେଟରେ ସର୍ଚ୍ଚ କରାଯାଇଛି। ସର୍ଚ୍ଚ ଲିଷ୍ଟ ତାଲିକାରେ ଗ୍ଲାମରସ୍ ନାୟିକା କରୀନାଙ୍କ ନାମ ଶୀର୍ଷରେ ରହିଛି। ୪୧ ବର୍ଷୀୟା କରୀନା ତାଙ୍କ ଫିଟ୍‌ନେସ୍‌କୁ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି। ଯୋଗ ଓ ବିଭିନ୍ନ ପ୍ରକାର ବାୟାମକୁ ନେଇ ମଧ୍ୟ ସେ ଚର୍ଚ୍ଚାରେ ରହିଥାନ୍ତି। ଦ୍ୱିତୀୟ ସନ୍ତାନ ପରେ ମଧ୍ୟ ସେ ଏବେ ନିଜକୁ ପୁରାପୁରି ଫିଟ୍ ରଖୁଛନ୍ତି। ଟ୍ରେନର୍ ଅନୁଷ୍କା ପରୱାନୀ ତାଙ୍କୁ ଯୋଗ ଏବଂ ବ୍ୟାୟାମ ଆଦି ଶିଖାଇଥାନ୍ତି। ଏଥିସହ ଖାଦ୍ୟପେୟକୁ ନେଇ ମଧ୍ୟ କରୀନା ବେଶ୍ ସଜାଗ। କରୀନାଙ୍କ ଦ୍ୱିତୀୟ ସନ୍ତାନ ଫେବୃୟାରୀରେ ହୋଇଥିଲା। ସେ ଗର୍ଭବତୀ ଥିବାବେଳେ 'ପ୍ରେଗନାନ୍ସି ବାଇବେଲ' ନାମକ ଏକ ପୁସ୍ତକ ଲେଖି ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ପ୍ରେଗନାନ୍ସି ପରେ ସେ ନିଜର ଓଜନ କମେଇବାକୁ ପ୍ରୟାସ ଜାରି ରଖିଛନ୍ତି। 'ଲାଲ୍ ସିଂ ଚଢ଼ା'ରେ କରୀନା ନଜର ଆସିବେ। ୨୦୨୨ ଏପ୍ରିଲ ୧୪ରେ ଏହି ଫିଲ୍ମ ମୁକ୍ତିଲାଭ କରିବ।

# ଏଲନ ମସ୍କଙ୍କ ଅବିକଳ ଚେହେରା





ନୂଆଦିଲ୍ଲୀ: ଆମେରିକୀୟ ବ୍ୟବସାୟୀ ତଥା ଟେସ୍‌ଲା ସିଇଓ ଏଲନ୍ ମସ୍କ ଏବେ ଖୁବ୍ ଚର୍ଚ୍ଚାରେ ଅଛନ୍ତି। ତେବେ ସେ ନିଜ ପାଇଁ ନୁହେଁ ଅନ୍ୟ ଜଣଙ୍କ ପାଇଁ ଏବେ ଚର୍ଚ୍ଚାରେ ରହିଛନ୍ତି। ଚାଇନାର ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ଏଲନ ମସ୍କଙ୍କ ପରି ଦେଖା ଯାଉଛନ୍ତି। ଅନେକ ଲୋକ ତାଙ୍କୁ ଯାଆଁଳା ଭାଇ ବୋଲି କହୁଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓରେ ଦେଖା ଯାଉଥିବା ବ୍ୟକ୍ତି ଜଣଙ୍କ ଚାଇନାର ଶୁଜୋଉ ବାସିନ୍ଦା ଅଟନ୍ତି। ଭିଡିଓଟି ଦେଖିବା ପରେ ଅନେକ ଲୋକ ଏଲନ ମସ୍କଙ୍କୁ ଟ୍ୟାଗ୍ ମଧ୍ୟ କରିଛନ୍ତି। ପ୍ରକୃତରେ ବ୍ୟକ୍ତି ଜଣଙ୍କ ଧନୀ ବ୍ୟକ୍ତିଙ୍କ ପରି ଦେଖାଯିବା ପାଇଁ 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଫେସ ସ୍ୱାପ ଟେକ୍‌ନୋଲୋଜି' ବ୍ୟବହାର କରି ଏପରି କରିଥିଲେ ବୋଲି ଜଣାପଡିଛି।

# ଶରୀରରେ ଦୁଇଟି ଗର୍ଭାଶୟ



ସାଧାରଣତଃ ଜଣେ ମହିଳାଙ୍କ ଶରୀରରେ ଗୋଟିଏ ଗର୍ଭାଶୟ ରହିଥାଏ। ହେଲେ ଆମେରିକାର ଜଣେ ମହିଳାଙ୍କ ଶରୀରରେ ଦୁଇଟି ଗର୍ଭାଶୟ ରହିବା ଏବଂ ଏକ ସଙ୍ଗରେ ପ୍ରତିଟି ଗର୍ଭାଶୟରେ ପିଲା ରହିବା ଘଟଣା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସେ ହେଲେ ଆମେରିକାର ନେବ୍ରାସ୍କା ସହର ଅଧିବାସୀ ମେଗାନ ଫିପ୍ସ। ଜନ୍ମ ବେଳକୁ ମେଗାନଙ୍କ ଶରୀରରେ ଦୁଇଟି ଗର୍ଭାଶୟ ରହିଥିବା ତାଙ୍କ ଡାକ୍ତର କହିଛନ୍ତି। ସେ ଗର୍ଭବତୀ ହେବା ପରେ ଚେକ୍‌ଅପ୍ ପାଇଁ ଡାକ୍ତରଖାନା ଯାଇଥିଲେ। ସେଠାରେ ତାଙ୍କୁ ଦୁଇଟିଯାକ ଗର୍ଭାଶୟରେ ପିଲା ରହିଥିବା ଡାକ୍ତର ଜାଣି ଆଶ୍ଚର୍ଯ୍ୟ ହୋଇଥିଲେ। ତାଙ୍କ ଦୁଇ ଗର୍ଭାଶୟରେ ଦୁଇ କନ୍ୟା ଭ୍ରୂଣ ରହିଥିଲା। ପ୍ରଥମ ଝିଅର ଜନ୍ମ ପରେ ଅନ୍ୟ ଝିଅର ଜନ୍ମ ହୋଇଥିଲା। ସେତେବେଳେ ଦୁହିଁଙ୍କ ଓଜନ ୪୫୩ ଗ୍ରାମରୁ କମ୍ ରହିଥିଲା। ହେଲେ ପ୍ରଥମ ଝିଅର ୧୨ ଦିନରେ ହିଁ ମୃତ୍ୟୁ ହୋଇଥିଲା। ଅନ୍ୟ ଝିଅଟିକୁ ୪୫ ଦିନ ପର୍ଯ୍ୟନ୍ତ ଭେଣ୍ଟିଲେଟରରେ ରଖିବା ପରେସେ ସୁସ୍ଥ ଅଛି। ତାଙ୍କୁ ୨୨ ସପ୍ତାହ ପର୍ଯ୍ୟନ୍ତ ପ୍ରସବଜନିତ ଯନ୍ତ୍ରଣା ସହିବାକୁ ପଡିଥିଲା ବୋଲି ମେଗାନ ଆମେରିକାର ଏକ ଟେଲିଭିଜନ ଶୋ'ରେ କହିଛନ୍ତି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ବନବିହାରୀ ଦାସ**
ସିଂହପୁର, ଝିଙ୍କାରପୁର
ଆବିର୍ଭାବ: ୨୭।୧୨।୧୯୫୪
ତିରୋଧାନ: ୨୧।୧୨।୨୦୨୧

ଚାହୁଁ ଚାହୁଁ ଏଗାର ଦିନ ବିତିଗଲାଣି। ଆପଣଙ୍କ ସେହି ଶ୍ରଦ୍ଧା, ଆଦେଶ, ଉପଦେଶ ସର୍ବଦା ମନେ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ ଭାଇ: ବିଚିତ୍ରାନନ୍ଦ, ବିବେକାନନ୍ଦ, ପୁତ୍ର: ସବ୍ୟସାଚୀ, ସତ୍ୟଜିତ, ସଞ୍ଜୀବ, ଜ୍ୟୋତିରଞ୍ଜନ, ବୋହୂ: ଶୁଚିସ୍ମିତା, ଦୀପ୍ତିରଞ୍ଜିତା, ବନ୍ଧୁ, ପରିବାରବର୍ଗ।

ଧ-୨୨୭୧୩

www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୩୧/୨୦୨୧ Sambalpur, Friday, December 31/ 2021

# ବିଜୟ ସହ ବର୍ଷ ଶେଷ

## ଦକ୍ଷିଣ ଆଫ୍ରିକାକୁ ୧୧୩ ରନ୍‌ରେ ହରାଇଲା ଭାରତ

**ସେଞ୍ଚୁରିଅନ,୩୦।୧୨**

ଦ୍ରୁତ ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଦକ୍ଷିଣ ଆଫ୍ରିକାକୁ ଗୁରୁବାର ପଞ୍ଚମ ତଥା ଅନ୍ତିମ ଦିବସରେ ୧୧୩ ରନରେ ପରାସ୍ତ କରିଛି। ସେଞ୍ଚୁରିଅନରେ ଭାରତ ପ୍ରଥମଥର ପାଇଁ ଟେଷ୍ଟ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଛି। ଭାରତ ଏଥିସହ ୧-୦ରେ ଅଗ୍ରଣୀ ହାସଲ କରିଛି। ବର୍ଷ ଶେଷରେ ଏକ ବଡ଼ ବିଜୟ ହାସଲ କରି ନୂଆ ବର୍ଷ ପୂର୍ବରୁ ଟିମ୍ ଇଣ୍ଡିଆ କ୍ରିକେଟ ପ୍ରେମୀଙ୍କୁ ଉପହାର ପ୍ରଦାନ କରିଛି। ଭାରତ ଗାବା ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆକୁ ହରାଇ ୨୦୨୧ ବର୍ଷ ଆରମ୍ଭ କରିଥିଲା। ବର୍ଷ ଆରମ୍ଭ ଓ ଶେଷରେ ବିଦେଶ ମାଟିରେ ବୃହତ୍ ବିଜୟ ହାସଲ କରି ଭାରତ ଏକ ବଡ଼ ଉପଲବ୍ଧି ହାସଲ କରିଛି। ପ୍ରଥମ ଇନିଂସରେ ୧୨୩ ରନର ଶତକୀୟ ଇନିଂସ ଖେଳିଥିବା ଭାରତୀୟ ଓପନର ତଥା ଉପ-ଅଧିନାୟକ ଲୋକେଶ ରାହୁଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୫୬ତମ ଗ୍ରାଉଣ୍ଡରେ ଭାରତ ଟେଷ୍ଟ ବିଜୟ ହାସଲ କରିଛି। ଏଥିସହ ଭାରତ ସର୍ବାଧିକ ସଂଖ୍ୟକ ଗ୍ରାଉଣ୍ଡରେ ବିଜୟ ହାସଲ କରିବାରେ ଅଷ୍ଟ୍ରେଲିଆ ବିଶ୍ୱରେକର୍ଡର ସମକକ୍ଷ ହୋଇଛି। ପ୍ରଥମ ଏସିଆ ଅଧିନାୟକ ଭାବେ କୋହଲି ସେଞ୍ଚୁରିଅନରେ ଟେଷ୍ଟ ବିଜୟ ହାସଲ କରିଛନ୍ତି। କୋହଲିଙ୍କ ନେତୃତ୍ୱରେ ଭାରତ କ୍ରମାଗତ ତୃତୀୟ ଟେଷ୍ଟ ଜିତିଛି। ଦକ୍ଷିଣ ଆଫ୍ରିକା ମାଟିରେ ଭାରତର ଏହା କ୍ରମାଗତ ଦ୍ୱିତୀୟ ବିଜୟ ସାବ୍ୟସ୍ତ ହୋଇଛି। ଏହା ପୂର୍ବରୁ ୨୦୧୮ରେ ଭାରତ ଜୋହାନ୍ସବର୍ଗ ଟେଷ୍ଟରେ ୨୮ ରନରେ ବିଜୟୀ ହୋଇଥିଲା। ଦକ୍ଷିଣ ଆଫ୍ରିକା ମାଟିରେ ଭାରତ ପାଇଁ ଏହା ଚତୁର୍ଥ ଟେଷ୍ଟ ବିଜୟ ଓ ସେଞ୍ଚୁରିଅନରେ ପ୍ରଥମ ବିଜୟ ସାବ୍ୟସ୍ତ ହୋଇଛି। ସ୍ଥାନୀୟ ସୁପରସ୍ପୋର୍ଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଟେଷ୍ଟରେ ଭାରତ ପ୍ରଥମ ଇନିଂସରେ ୧୩୦ ରନର ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସରେ ଭାରତ ୧୭୪ ରନକରି ଅଲଆଉଟ ହେବା ପରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୩୦୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତୀୟ ଦ୍ରୁତ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ୬୮ ଓଭରରେ ୧୯୧ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଛି। କେବଳ ଅଧିନାୟକ ଡିନ୍ ଏଲଗାର ଲଢେଇ କରି ୭୭ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ବର୍ଷା ଯୋଗୁ ଦ୍ୱିତୀୟ ଦିବସର ଖେଳ ସମ୍ପୂର୍ଣ୍ଣରୂପେ ଧୋଇଯାଇଥିଲା। ଅର୍ଥାତ ୪ ଦିନ ମଧ୍ୟରେ ମ୍ୟାଚ୍‌ର ଫଳାଫଳ ମିଳିଥିଲା। ସବୁଠାରୁ ବଡ଼ କଥା ହେଉଛି ଦୁଇଟି ଯାକ ଇନିଂସରେ ଭାରତୀୟ ବୋଲରମାନେ ଘରୋଇ ଦଳକୁ ୨୦୦ ରନ ପାର କରିବାର ସୁଯୋଗ ଦେଇ ନ ଥିଲେ। ଏବେ ଦ୍ୱିତୀୟ ଟେଷ୍ଟ ଜାନୁୟାରୀ ୩ ତାରିଖରୁ ଜୋହାନ୍ସବର୍ଗରେ ଆରମ୍ଭ ହେବ। ଉଇକେଟକିପର ବ୍ୟାଟର କ୍ୱିଣ୍ଟନ ଡିକକ୍ ପିତୃତ୍ୱ ଛୁଟିରେ ଯିବେ ଓ ଏହି ମ୍ୟାଚ୍ ଖେଳିବେ ନାହିଁ। ଫଳରେ ଭାରତ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି ହେବ। ୧୯୯୨ରେ ପ୍ରଥମଥର ପାଇଁ ଭାରତ ଦକ୍ଷିଣ ଆଫ୍ରିକା ଗସ୍ତ କରିଥିଲା। ଏବେ ଭାରତ ପ୍ରଥମଥର ପାଇଁ ଦକ୍ଷିଣ ଆଫ୍ରିକା ମାଟିରେ ସିରିଜ ବିଜୟର ସ୍ୱାଦ ଚାଖିବା ସମ୍ଭାବନା ସୃଷ୍ଟି ହୋଇଛି। ଏହି ମ୍ୟାଚ୍‌ରେ ୪ଜଣ ଭାରତୀୟ ଦ୍ରୁତ ବୋଲର ୧୮ଟି ଉଇକେଟ ହାସଲ କରିଛନ୍ତି। ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅନ୍ତିମ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ଲୋକେଶ ରାହୁଲ, ମହମ୍ମଦ ସାମି (୫/୪୪, ୩/୬୩) ଓ ଯଶପ୍ରୀତ ବୁମ୍‌ରା (୨/୧୬, ୩/୫୦) ଏହି ୩ ଖେଳାଳି ମ୍ୟାଚ୍ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ବୁମ୍‌ରାଙ୍କ ପ୍ରଭାବୀ ବୋଲିଂ ସାରା ମ୍ୟାଚ୍‌ରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ମହମ୍ମଦ ସିରାଜ ଓ ଶାର୍ଦ୍ଦୁଳ ଠାକୁର ମଧ୍ୟ ଦଳ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିଥିଲେ। ଦକ୍ଷିଣ ଆଫ୍ରିକା ମାଟିରେ ପୂର୍ବରୁ ଭାରତୀୟ ଦ୍ରୁତ ବୋଲରଙ୍କ ଏଭଳି ଚମକ ଦେଖିବାକୁ ମିଳି ନ ଥିଲା। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯୪/୪ରୁ ଦକ୍ଷିଣ ଆଫ୍ରିକା ଚତୁର୍ଥ ତଥା ଅନ୍ତିମ ଦିବସରେ ଖେଳ ଆରମ୍ଭ କରି ଲଞ୍ଚ୍ ପରେ ଅଲ୍‌ଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ଡିନ୍ ଏଲଗାର ୫୨ ରନରୁ ଖେଳ ଆରମ୍ଭ କରି ୭୭ ରନକରି ଥିବାବେଳେ ବୁମ୍‌ରାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଦଳ ତରଫରୁ ସେ ସର୍ବାଧିକ ରନ ସଂଗ୍ରହ କରିଥିଲେ। ସେହିପରି ଟେମ୍ବା ବଭୁମା ୩୫ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ବିଜୟକୁ ସାମାନ୍ୟ ବିଳମ୍ବିତ କରିଥିଲେ। ନିଜ ବୋଲିଂରେ ସାମି ଏଲଗାରଙ୍କ କ୍ୟାଚ ହାତଛଡ଼ା କରିଥିଲେ। ଏଲଗାର ଆଉଟ ହେବା ପରେ ଦକ୍ଷିଣ ଆଫ୍ରିକା ଗୋଟିଏ ପରେ ଗୋଟିଏ ଉଇକେଟ ହରାଇଥିଲା। ଦଳ ତରଫରୁ ଡିକକ୍ ୨୧, ମାର୍କୋ ଜେନସେନ ୧୩, ରାସି ଭାନ ଡେର ଡୁସେନ ୧୧, କିଗାନ ପିଟରସନ ୧୭ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ବୁମ୍‌ରା ଓ ସାମି ୩ଟି ଲେଖାଏ, ସିରାଜ ଓ ଅଶ୍ୱିନ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଲୁନ୍‌ଗି ଏନ୍‌ଗିଡିଙ୍କ ଆଉଟ୍ ପରେ ସାଥୀ ଖେଳାଳିଙ୍କ ସହ ଉଲ୍ଲସିତ ଭାରତ ଅଧିନାୟକ ବିରାଟ କୋହଲି (ବାମ)।

**ଦକ୍ଷିଣ ଆଫ୍ରିକାରେ ଭାରତର ଟେଷ୍ଟ ବିଜୟ**

| | | |
|---|---|---|
| ୧୨୩ ରନ | ଜୋହାନ୍ସବର୍ଗ | ୨୦୦୬/୦୭ |
| ୮୭ ରନ | ଡର୍ବାନ | ୨୦୧୦/୧୧ |
| ୬୩ ରନ | ଜୋହାନ୍ସବର୍ଗ | ୨୦୧୭/୧୮ |
| ୧୧୩ ରନ | ସେଞ୍ଚୁରିଅନ | ୨୦୨୧/୨୨ |

**ଘରୋଇ ମାଟିରେ ଉଭୟ ଇନିଂସରେ ଦକ୍ଷିଣ ଆଫ୍ରିକାର ୨୦୦ରୁ କମ୍ ରନ**

| | | | |
|---|---|---|---|
| ୧୫୯ ଓ ୧୩୩ | ବନାମ ଅଷ୍ଟ୍ରେଲିଆ | ଜୋହାନ୍ସବର୍ଗ | ୨୦୦୧/୦୨ |
| ୧୯୪ ଓ ୧୭୭ | ବନାମ ଭାରତ | ଜୋହାନ୍ସବର୍ଗ | ୨୦୧୭/୧୮ |
| ୧୯୭ ଓ ୧୯୧ | ବନାମ ଭାରତ | ସେଞ୍ଚୁରିୟନ | ୨୦୨୧/୨୨ |

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୨୭ ଅଲ୍‌ଆଉଟ।
ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୯୭ ଅଲ୍‌ଆଉଟ।
ଭାରତ ଦ୍ୱିତୀୟ ଇନିଂସ: ୫୦.୩ ଓଭରରେ ୧୭୪ ଅଲଆଉଟ।
ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ- ୬୮ ଓଭରରେ ୧୯୧ ଅଲଆଉଟ (ଏଲଗାର- ୭୭, ବଭୁମା- ୩୫*, ଡିକକ- ୨୧, ପିଟରସନ- ୧୭, ବୁମ୍‌ରା- ୩/୫୦, ସାମି- ୩/୬୩, ସିରାଜ- ୨/୪୭, ଅଶ୍ୱିନ- ୨/୧୮ )।

## ଟିମ୍ ଇଣ୍ଡିଆ ପ୍ରଶଂସାରେ ଶତମୁଖ କ୍ରିକେଟ ଜଗତ

**ନୂଆଦିଲ୍ଲୀ,୩୦।୧୨:** ସେଞ୍ଚୁରିୟନ ଟେଷ୍ଟ ବିଜୟ ପରେ ଭାରତୀୟ ଦଳ ନିକଟକୁ ପ୍ରଶଂସାର ଶୁଅ ଛୁଟିଛି। ଖାସ୍ କରି ବିରାଟ କୋହଲିଙ୍କ ବୋଲିଂ ଆଟାକକୁ କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର ପ୍ରଶଂସା କରିଛନ୍ତି। ଭାରତୀୟ ବୋଲରମାନେ ବିଶ୍ୱର ଯେକୌଣସି ସ୍ଥାନରେ ୨୦ଟି ଉଇକେଟ ହାସଲ କରିବାର ଦକ୍ଷତା ରଖୁଛନ୍ତି ବୋଲି ସେ କହିଛନ୍ତି। ୨୦୨୧ରେ ଭାରତ ଗାବା ଓ ଲର୍ଡ୍ସରେ ଐତିହାସିକ ବିଜୟ ହାସଲ କରିଛି। ଏହା ଦଳ ଦକ୍ଷତାକୁ ପ୍ରତିପାଦନ କରୁଛି। ଭାରତୀୟ ଦ୍ରୁତ ବୋଲରମାନେ ପ୍ରଥମ ଟେଷ୍ଟରେ ୧୮ଟି ଉଇକେଟ ଅକ୍ତିଆର କରିଛନ୍ତି। ଏସିଆର ପ୍ରଥମ ଦଳ ଭାବେ ଭାରତ ସୁପର ସ୍ପୋର୍ଟ୍ସ ପାର୍କରେ ବିଜୟ ହାସଲ କରିବାର ଗୌରବ ଅର୍ଜନ କରିଛି। ସଚିନ ଭାରତକୁ ଅଭିନନ୍ଦନ ଜଣାଇଛନ୍ତି।

ପୂର୍ବତନ କୋଚ୍ ରବି ଶାସ୍ତ୍ରୀ ଭାରତର ଏହି ବିଜୟକୁ ଅସାଧାରଣ ବୋଲି କହିଛନ୍ତି। ବ୍ରିସବେନ, ଓଭାଲ, ଲର୍ଡ୍ସ ପରେ ଏବେ ସେଞ୍ଚୁରିୟନରେ ଭାରତ ବିଜୟ ହାସଲ କରିଛି। ଏହି ବିଜୟ ଧାରା ଆଗମୁ ବଜାୟ ରହିବ ବୋଲି ଶାସ୍ତ୍ରୀ ଆଶା ପ୍ରକାଶ କରି କହିଛନ୍ତି। ସେହିପରି ପୂର୍ବତନ ଦ୍ରୁତ ବୋଲର ଭେଙ୍କଟେଶ ପ୍ରସାଦ ଭାରତର ଏହି ବିଜୟକୁ ଦୃଷ୍ଟାନ୍ତମୂଳକ ବୋଲି କହିଛନ୍ତି। ଭାରତୀୟ ଦଳ ସ୍ୱତନ୍ତ୍ର ଓ ଏହି ବିଜୟ ମଧ୍ୟ ସ୍ୱତନ୍ତ୍ର ବୋଲି ସେ କହିଛନ୍ତି। ମହମ୍ମଦ ସାମି ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। କିନ୍ତୁ ଲୋକେଶ ରାହୁଲଙ୍କ ଶତକ ପ୍ରଶଂସନୀୟ ଓ ଏହା ଉଭୟ ଦଳର ବ୍ୟାଟିଂରେ ଫରକ ଆଣିଥିଲା ବୋଲି ସେ କହିଛନ୍ତି। ବୀରେନ୍ଦ୍ର ସେହ୍ୱାଗ ମଧ୍ୟ ଭାରତର ବିଜୟ ଐତିହାସିକ ବୋଲି କହିଛନ୍ତି। ୨୦୨୧ରେ ଭାରତ ଗାବା, ଲର୍ଡ୍ସ, ଓଭାଲ, ସେଞ୍ଚୁରିୟନରେ ବିଜୟ ହାସଲ କରି ଏକ ଶକ୍ତିଶାଳୀ ଟେଷ୍ଟ ଦଳ ଭାବେ ଉଭା ହୋଇଛି। ସେହିପରି ସିଡ୍‌ନୀରେ ଭାରତ ଯେଉଁଭଳି ଭାବେ ପରାଜୟକୁ ଏଡାଇ ଟେଷ୍ଟ ରଖିଥିଲା ତାହା କୌଣସି ବିଜୟଠାରୁ କମ୍ ନୁହଁ ବୋଲି ସେହ୍ୱାଗ କହିଛନ୍ତି। ୨୦୨୨ରେ ଭାରତ ଆହୁରି ଅଧିକ ସଫଳତା ହାସଲ କରିବ ଓ ସେ ଏଥିପାଇଁ ଭାରତକୁ ଶୁଭେଚ୍ଛା ଜଣାଇଛନ୍ତି।

୨୦୨୧ ଭାରତୀୟ ଟେଷ୍ଟ ଦଳ ପାଇଁ ଏକ ବଡ଼ ଉପଲବ୍ଧୀ ଭାବେ ସାବ୍ୟସ୍ତ ହୋଇଛି ବୋଲି ଅଭିଜ୍ଞ ଓପନର ଶିଖର ଧାୱନ କହିଛନ୍ତି। ଚଳିତ ବର୍ଷ ଭାରତ ଟେଷ୍ଟ ଇତିହାସରେ ସ୍ମରଣୀୟ ହୋଇ ରହିବ ବୋଲି ଭିଭିଏସ୍ ଲକ୍ଷ୍ମଣ କହିଛନ୍ତି। ସେହିପରି ବିସିସିଆଇ ସମ୍ପାଦକ ଜୟ ଶାହା, ପୂର୍ବତନ ଦ୍ରୁତ ବୋଲର ଇର୍ଫାନ ପଠାନ, ଉଇକେଟକିପର ବ୍ୟାଟର ଦୀନେଶ କାର୍ତ୍ତିକ, ପୂର୍ବତନ କ୍ରିକେଟର ସୁରେଶ ରାଇନା ଓ ପାର୍ଥୀବ ପଟେଲ ମଧ୍ୟ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୩୧/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Friday, December 31/2021 | ପୃଷ୍ଠା-୧



**ଗାନ୍ଧିଜୀଙ୍କ ବିରୋଧରେ ମନ୍ତବ୍ୟ ଦେଇ ସନ୍ଥ ଗିରଫ**

ମହାତ୍ମା ଗାନ୍ଧୀଙ୍କ ବିରୋଧରେ ମନ୍ତବ୍ୟ ଦେଇଥିବା ହିନ୍ଦୁ ସନ୍ଥ କାଳୀଚରଣ ମହାରାଜଙ୍କୁ ଛତିଶଗଡ଼ ପୋଲିସ ଗିରଫ କରିଛି।

୦୨

୦୮

**ମନ୍ଧାନାଙ୍କ ନାମ ଆଇସିସି ପୁରସ୍କାର ପାଇଁ ସୁପାରିସ**

ଭାରତର ସ୍ମୃତି ମନ୍ଧାନାଙ୍କ ନାମ ଆଇସିସି ମହିଳା ଟି୨୦ ପ୍ଲେୟର ଅଫ୍ ଦି ଇୟର ୨୦୨୧ ପୁରସ୍କାର ପାଇଁ ସୁପାରିସ ହୋଇଛି।



# ନାଗାଲାଣ୍ଡରେ ଏଏଫ୍ଏସ୍‌ପିଏ ୬ ମାସ ବଢ଼ିଲା

**ନୂଆଦିଲ୍ଲୀ, ୩୦।୧୨**

ନାଗାଲାଣ୍ଡର ମୋନ୍ ଜିଲାରେ ଡିସେମ୍ବର ୪ରେ ଭାରତୀୟ ସେନା ଗୁଳିରେ ସାଧାରଣ ନାଗରିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ସଶସ୍ତ୍ର ବଳ ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍ଏସ୍‌ପିଏ) ଉଚ୍ଛେଦ ପାଇଁ ଦାବି ଜୋର୍ ଧରିଛି। ନାଗାଲାଣ୍ଡ ବିଧାନସଭାରେ ମଧ୍ୟ ଉକ୍ତ ଆଇନ ଉଚ୍ଛେଦ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହା ସତ୍ତ୍ୱେ ସେଠାରେ ଏଏଫ୍ଏସ୍‌ପିଏ ୬ ମାସ ବଢ଼ାଇବା ପାଇଁ କେନ୍ଦ୍ର ସରକାର ଗୁରୁବାର ନିଷ୍ପତ୍ତି ନେଇଛନ୍ତି। ନାଗାଲାଣ୍ଡ ସ୍ଥିତି ଏବେ ବି ବିଶୃଙ୍ଖଳିତ ଏବଂ ବିପଜ୍ଜନକ ରହିଥିବାରୁ ସେଠାରେ ସେନା କ୍ଷମତା ବ୍ୟବହାର ଜରୁରୀ ହୋଇପଡ଼ିଛି। ସେଥିପାଇଁ ସେଠାରେ ଏଏଫ୍ଏସ୍‌ପିଏ ଆଉ ୬ ମାସ ଲାଗୁ କରାଯିବାର ଆବଶ୍ୟକତା ରହିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଗେଜେଟ ବିଜ୍ଞପ୍ତିରେ କୁହାଯାଇଛି।

ଉକ୍ତ ଆଇନର କାର୍ଯ୍ୟକାଳ ଡିସେମ୍ବର ୩୧ ପର୍ଯ୍ୟନ୍ତ ରହିଥିଲା। କୌଣସି ଅଞ୍ଚଳରେ ଏଏଫ୍ଏସ୍‌ପିଏ ୬ ମାସ ପାଇଁ ଲାଗୁ ହୋଇଥାଏ। ସରକାର ଆବଶ୍ୟକ ଅନୁଭବ କଲେ ଏହାର କାର୍ଯ୍ୟକାଳକୁ ବଢ଼ାଇଥାନ୍ତି। ନାଗାଲାଣ୍ଡରୁ ଏଏଫ୍ଏସ୍‌ପିଏ ପ୍ରତ୍ୟାହାର ଲାଗି ଦାବି ଜୋର୍ ଧରିବା ପରେ କେନ୍ଦ୍ର ସରକାର ଏ ସମ୍ପର୍କରେ ବିଚାର କରିବା ପାଇଁ ଗତ ରବିବାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। କମିଟି ୪୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଭାରତର ଜନସଂଖ୍ୟା କମିଶନର ଓ ମହାପ୍ରବନ୍ଧକଙ୍କ ଅଧ୍ୟକ୍ଷତାରେ ଉକ୍ତ ୫ ଜଣିଆ କମିଟି ଗଠନ ହୋଇଛି।

ସୂଚନାଯୋଗ୍ୟ ଚଳିତ ମାସ ୪ ତାରିଖରେ ସେନା ଗୁଳିରେ ୧୪ ଜଣଙ୍କର ମୃତ୍ୟୁ ଘଟିଥିଲା। କୋଇଲା ଖଣିରୁ କାମ ସାରି ଫେରୁଥିବା ଦିନମଜୁରିଆମାନଙ୍କୁ ଉଗ୍ରପନ୍ଥୀ ଭାବି ସୁରକ୍ଷା ବଳ ଗୁଳି ଚଳାଇଥିଲା। ଗୁଳିକାଣ୍ଡ ଘଟଣାର ତଦନ୍ତ କରୁଥିବା ଏସ୍ଆଇଟି ସମ୍ପୃକ୍ତ ଯବାନମାନଙ୍କ ସମେତ ସ୍ଥାନୀୟ ଲୋକଙ୍କୁ ଜେରା କରିଛି। କୌଣସି ରାଜ୍ୟରେ ଏଏଫ୍‌ପିଏସ୍ଏ ଲାଗୁ ହେବ କିମ୍ବା ଉଚ୍ଛେଦ ହେବ ସେ ସମ୍ପର୍କରେ କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟ ସରକାର, ସଶସ୍ତ୍ର ବଳ ଏବଂ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ସହ ପରାମର୍ଶ କରି ନିଷ୍ପତ୍ତି ନେଇଥାନ୍ତି। ୨୦୧୮ ମାର୍ଚ୍ଚରେ ମେଘାଳୟରୁ ଉକ୍ତ ଆଇନ ଉଚ୍ଛେଦ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିଲା। ଅରୁଣାଚଳପ୍ରଦେଶର ୩ ଜିଲା ଓ ଆସାମର ସୀମାନ୍ତ ଥାନା ଅଞ୍ଚଳଗୁଡ଼ିକରେ ଏଏଫ୍‌ପିଏସ୍ଏ ବଳବତ୍ତର ରହିଛି।

# କଳା ଆମ ରକ୍ତରେ ରହିଛି: ମୁଖ୍ୟମନ୍ତ୍ରୀ

**■ ରାଜ୍ୟରେ ଖୋଲିବ ବିଶ୍ୱସ୍ତରୀୟ ମ୍ୟୁଜିୟମ୍ କମ୍ପ୍ଲେକ୍ସ**

**ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ)**

ରାଜ୍ୟରେ ଖୁବ୍‌ଶୀଘ୍ର ଏକ ବିଶ୍ୱସ୍ତରୀୟ ମ୍ୟୁଜିୟମ୍ କମ୍ପ୍ଲେକ୍ସ ଖୋଲିବ। ଏଥିପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ନିର୍ଦ୍ଦେଶ ଜାରି ହୋଇଛି। ଏହି ମ୍ୟୁଜିୟମ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଇତିହାସକୁ ଋଦ୍ଧିମନ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀ ରାଜ୍ୟ ସଂଗ୍ରହାଳୟ ପରିସରରେ ନିର୍ମିତ କଳିଙ୍ଗ ଆର୍ଟ ଗ୍ୟାଲେରି ସହ ଛତ୍ରପୁର, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟ ଆଦି ୫ଟି ସ୍ଥାନରେ ଆଞ୍ଚଳିକ ଆର୍ଟ ଗ୍ୟାଲେରିକୁ ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ହେଉଛି କଳା, ସଂସ୍କୃତି ଓ ଐତିହ୍ୟର ରାଜ୍ୟ। କଳା ଆମ ରକ୍ତରେ ରହିଛି। ପାରମ୍ପାରିକ ଚିତ୍ରକଳା, ସ୍ଥାପତ୍ୟ, ମୂର୍ତ୍ତି ଏବଂ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟରେ ପ୍ରତିଫଳିତ ହୋଇଛି। କଳିଙ୍ଗ ଆର୍ଟ ଗ୍ୟାଲେରି ରାଜ୍ୟର କଳା ଏବଂ କଳାକାରଙ୍କ ପାଇଁ ଏକ ଶକ୍ତି କେନ୍ଦ୍ର ଭାବେ କାମ କରିବ। ଶିଳ୍ପୀମାନଙ୍କୁ ତାଙ୍କ କଳାକୃତିର ପ୍ରଦର୍ଶନ ପାଇଁ ବଡ ସୁଯୋଗ ପ୍ରଦାନ କରିବ। ଏଥିସହ କଳାକୁ ଭଲପାଉଥିବା ବ୍ୟକ୍ତି ତଥା ପର୍ଯ୍ୟଟକଙ୍କୁ ଆମର ଗୌରବମୟ କଳା ପରମ୍ପରା ବିଷୟରେ ଜାଣିବାରେ ସାହାଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଇନ୍‌ଟାକ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟ ସଂଗ୍ରହାଳୟର ଦ୍ୱିତୀୟ ମହଲାରେ ୬ହଜାର ୨୧୯ ବର୍ଗଫୁଟ ପରିମିତ ସ୍ଥାନରେ ରାଜ୍ୟର ସର୍ବବୃହତ୍ କଳିଙ୍ଗ ଆର୍ଟ ଗ୍ୟାଲେରି ନିର୍ମିତ ହୋଇଛି। ଏହି ଗ୍ୟାଲେରୀରେ ଚିତ୍ରକଳା, ଭାସ୍କର୍ଯ୍ୟ କଳା, ପାରମ୍ପରିକ କଳା, ମୁଦ୍ରଣ କଳା, ସେରାମିକ୍ ଆର୍ଟ, ଟେରାକୋଟା, ପ୍ରସ୍ତର ଭାସ୍କର୍ଯ୍ୟ ଶିଳ୍ପୀମାନେ ବହୁବଧ ସୃଜନଶୀଳ କଳା ପ୍ରଦର୍ଶନୀ ଜରିଆରେ ଉପକୃତ ହୋଇ ପାରିବେ। ଏହା ସହିତ ରାଜ୍ୟର ଚାରୁକଳାର ପ୍ରଚାର ଓ ପ୍ରସାର ପାଇଁ ସ୍ଥାନୀୟ ଚିତ୍ରଶିଳ୍ପୀଙ୍କ କଳାକୃତିକୁ ପ୍ରଦର୍ଶନ କରାଇବା ସହ ଶିଳ୍ପୀଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ୫ଟି ଜିଲାରେ ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରି ନିର୍ମାଣ କରାଯାଇଛି। ଏଠାରେ ରାଜ୍ୟ ସ୍ତରରୀୟ ତଥା ଜାତୀୟ କଳା ପ୍ରଦର୍ଶନୀ କରାଯାଇ ଶିଳ୍ପୀମାନଙ୍କୁ ଅନ୍ୟ ରାଜ୍ୟର ଶିଳ୍ପୀଙ୍କ ସହ ଯୋଡାଯାଇ ପାରିବ।

ଉଦ୍‌ଘାଟନୀ ଉତ୍ସବରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ କଳିଙ୍ଗ ଆର୍ଟ ଗ୍ୟାଲେରି ଓ ଆଞ୍ଚଳିକ ଆର୍ଟ ଗ୍ୟାଲେରୀର ପ୍ରତିଷ୍ଠା ଏକ ଐତିହାସିକ ପଦକ୍ଷେପ ବୋଲି କହିଥିଲେ। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଓଡ଼ିଶା ଲଳିତ କଳା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ସଚିବ ପଞ୍ଚାନନ ସାମଲ ପ୍ରମୁଖ ଯୋଗଦେଇ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି. କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଧନ୍ୟବାଦ ଦେଇଥିଲେ।

**କଳିଙ୍ଗ ଆର୍ଟ ଗ୍ୟାଲେରି ସହ ୫ ଆଞ୍ଚଳିକ ଆର୍ଟ ଗ୍ୟାଲେରି ଉଦ୍‌ଘାଟିତ**



ଆର୍ଟ ଗ୍ୟାଲେରି ଉଦ୍‌ଘାଟନ ଅବସରରେ ଭର୍ଚୁଆଲରେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

# ଆଜିଠୁ ୨ ଯାଏ ବନ୍ଦ ରହିବ ଦୁଇ ପ୍ଲାନେଟୋରିୟମ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ନୂଆ ବର୍ଷରେ ଭିଡ଼ ଓ ସଂକ୍ରମଣ ଏଡାଇବା ପାଇଁ ରାଜ୍ୟର ଦୁଇ ପ୍ଲାନେଟୋରିୟମକୁ ୩ଦିନ ପାଇଁ ବନ୍ଦ ଘୋଷଣା କରାଯାଇଛି। ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ ଏବଂ ବୁର୍ଲାସ୍ଥିତ ଡ. ଏପିଜେ ଅବଦୁଲ କଲାମ ପ୍ଲାନେଟାରିୟମ ଶୁକ୍ରବାରଠାରୁ ଜାନୁୟାରୀ ୨ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ସାମୟିକ ଭାବେ ବନ୍ଦ ରହିବ। ଏ ସମ୍ପର୍କରେ ଗୁରୁବାର ପଠାଣି ସାମନ୍ତ ପ୍ଲାନେଟାରିୟମ ଉପ ନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇ କହିଛନ୍ତି, ଓମିକ୍ରନର ବିସ୍ତାର ରାଜ୍ୟ ପାଇଁ ଚିନ୍ତାର କାରଣ ପାଲଟିଛି। ଏହାକୁ ରୋକିବା ପାଇଁ ଏହା ଏକ ସତର୍କତାମୂଳକ ପଦକ୍ଷେପ ବୋଲି ସେ କହିଛନ୍ତି।

# ବିଦେଶ ଯାତ୍ରା ନ ଥାଇ ବି ଓମିକ୍ରନ୍ ଆକ୍ରାନ୍ତ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ଓଡ଼ିଶାରେ ବ୍ୟାପିଚାଲିଛି କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ରାଜ୍ୟରେ ଆଉ ୫ଜଣ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଥିବା ଗୁରୁବାର ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍ଏସ୍) ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଏହାକୁ ମିଶାଇ ରାଜ୍ୟରେ ୧୦ ଦିନରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନୂଆ ୫ ଆକ୍ରାନ୍ତଙ୍କ ମଧ୍ୟରେ ୪ଜଣ ବିଦେଶ ଫେରନ୍ତା ଥିବାବେଳେ ଆଉ ଜଣେ କୌଣସି ବିଦେଶ ଗସ୍ତ କରିନାହାନ୍ତି। ଏ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଜଣେ ମହିଳା ଓ ୪ ଜଣ ପୁରୁଷ ଓମିକ୍ରନ୍ ଚିହ୍ନଟଙ୍କ ବୟସ ୨୨ରୁ ୪୪ ବର୍ଷ ମଧ୍ୟରେ। ୪ଜଣ କାତାର, କଙ୍ଗୋ ଓ ୟୁଏଇରୁ ଆସିଛନ୍ତି। କିନ୍ତୁ ପଞ୍ଚମ ବ୍ୟକ୍ତିଙ୍କର କୌଣସି ଯାତ୍ରା ବିବରଣୀ ନାହିଁ। ସେ କିଛିଦିନ ପୂର୍ବରୁ ରାୟପୁର ଓ ହାଇଦ୍ରାବାଦ ଯାଇଥିଲେ। ସମସ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ ସରିଛି। ଜଣଙ୍କର ☞ପୃଷ୍ଠା-୭

**୧୦ ଦିନରେ ଚିହ୍ନଟ ହେଲେଣି ୧୪**

**■ ଆଉ ୫ଜଣ ନୂଆ ସଂକ୍ରମିତ ଚିହ୍ନଟ**

**■ ୪ ବିଦେଶ ଫେରନ୍ତା, ଅନ୍ୟ ଜଣେ ରାଜ୍ୟ ବାହାରକୁ ଯାଇଥିଲେ**



## ମାସକରେ ସରିବ ୧୫-୧୮ ବର୍ଷ ପିଲାଙ୍କ ଟିକାକରଣ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ଜାନୁୟାରୀ ୩ରୁ ରାଜ୍ୟରେ ପିଲାଙ୍କୁ ଟିକାକରଣ ଆରମ୍ଭ ହେବ। ପିଲାମାନଙ୍କୁ କେବଳ କୋଭାକ୍ସିନ୍ ଟିକା ଦିଆଯିବ ବୋଲି ଗୁରୁବାର ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୫ରୁ ୧୮ ବର୍ଷର ୨୩ ଲକ୍ଷ ୬୫ ହଜାର ପିଲା ଟିକା ନେବେ। କେନ୍ଦ୍ର ସରକାର ଏହି ହିତାଧିକାରୀଙ୍କ ତାଲିକା ପ୍ରକାଶ କରିଛନ୍ତି। ଏଥିପାଇଁ ଜାନୁୟାରୀ ୧ ତାରିଖରୁ ପଞ୍ଜିକରଣ ଆରମ୍ଭ ହେବ। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୧୪ ଲକ୍ଷ ଡୋଜ୍ ଟିକା ଉପଲବ୍ଧ ଅଛି। ଆବଶ୍ୟକତା ଅନୁସାରେ ଟିକାକରଣ କେନ୍ଦ୍ର ଖୋଲିବା ପାଇଁ ସବୁ ଜିଲାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ ସ୍କୁଲରେ ବି ଟିକାକରଣ କେନ୍ଦ୍ର ଖୋଲାଯିବ। ଠିକ୍ ସମୟରେ ସମସ୍ତେ ଟିକା ନେଲେ ମାସେ ମଧ୍ୟରେ ୧୫-୧୮ ବର୍ଷ ପିଲାଙ୍କ ଟିକାକରଣ ଶେଷ ହେବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ଟିକାକରଣ କେନ୍ଦ୍ରରେ ସକାଳ ବେଳା ୧୫-୧୮ ବର୍ଷ ପାଇଁ ☞ପୃଷ୍ଠା-୭

# ଜାରି ହେଲା ନିର୍ବାଚନ ସଙ୍କେତ

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବାଲଟ ପେପର ସରକାରୀ ପ୍ରେସ୍‌ରେ ଛପା ଚାଲିଛି। ଆଲଫାବେଟିକାଲ ଅନୁସାରେ ଚିହ୍ନ ପ୍ରଦାନ କରାଯିବ। ଅନ୍ୟ ରାଜ୍ୟରୁ ଆବଶ୍ୟକ ବାଲଟ ବକ୍ସ ଆସିଗଲାଣି। ଭୋଟର ତାଲିକା ପ୍ରସ୍ତୁତି ଶେଷ ହୋଇ ପ୍ରକାଶ ପାଇସାରିଛି। କୋଭିଡ୍ ସ୍ଥିତିକୁ ଦେଖି ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରାଯିବ, ଏନେଇ ଗୁରୁବାର ଗଣମାଧ୍ୟମକୁ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ସୂଚନା ଦେଇଛନ୍ତି।

ଏଥିସହିତ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସଙ୍କେତ ପ୍ରକାଶ ପାଇଛି। ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଲାଗି ପ୍ରାର୍ଥୀଙ୍କ ସଙ୍କେତ ଜାରି ହୋଇଛି। ଏନେଇ ସମସ୍ତ ଜିଲାପାଳଙ୍କୁ ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ଚିଠି ଲେଖିଛନ୍ତି। ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କ ପାଇଁ ଏହି ନିର୍ବାଚନୀ ସଙ୍କେତ ଜାରି ହୋଇଛି। ସରପଞ୍ଚ ପ୍ରାର୍ଥୀଙ୍କ ଲାଗି ୩୨ ପ୍ରକାର ସଙ୍କେତ ଜାରି ହୋଇଥିବା ବେଳେ ସମିତି ସଭ୍ୟଙ୍କ ପାଇଁ ୧୯, ଜିଲା ପରିଷଦ ସଭ୍ୟଙ୍କ ପାଇଁ ୧୯ ଏବଂ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ପାଇଁ ୧୫ ପ୍ରକାର ସଙ୍କେତ ଜାରି ହୋଇଛି। ଏହି ସଙ୍କେତ ଭିତରେ ଶଗଡ଼ ଗାଡ଼ି, ନିକିତି, କଲମ, ନଡ଼ିଆ ଗଛ, ଖୋଲା ବହି, ମାଛ, ସୂର୍ଯ୍ୟ, ଲଙ୍ଗଳ, କେଟ୍‌ଲି ତଥା ଟୁଲ୍, ବସ୍ ଭଳି ଅନେକ ପ୍ରକାରର ସଂକେତ ଜାରି କରାଯାଇଛି।

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**



# ଦେଶରେ ଚଳିତ ବର୍ଷ ମରିଛନ୍ତି ୧୨୬ ବାଘ

**■ ମଧ୍ୟପ୍ରଦେଶରେ ସର୍ବାଧିକ ମୃତ୍ୟୁ**

**■ କାରଣ ଖୋଜୁଛି ଏନ୍‌ଟିସିଏ**

**ନୂଆଦିଲ୍ଲୀ, ୩୦।୧୨**

ଭାରତକୁ ବାଘଙ୍କ ଘର ବୋଲି କୁହାଯାଉଥିବାବେଳେ ଚଳିତ ବର୍ଷ ଦେଶରେ ୧୨୬ ବାଘଙ୍କ ମୃତ୍ୟୁ ଘଟିଛି। ଦଶନ୍ଧି ତଳୁ ହେଉଥିବା ଏହି ସର୍ଭେ ଅନୁସାରେ ୨୦୨୧ ବର୍ଷରେ ବାଘ ମୃତ୍ୟୁ ସଂଖ୍ୟା ସର୍ବାଧିକ ବୋଲି ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ) ପକ୍ଷରୁ କୁହାଯାଇଛି। ୨୯ ଡିସେମ୍ବର ପର୍ଯ୍ୟନ୍ତ ସଂଗୃହୀତ ତଥ୍ୟ ଅନୁସାରେ ମଧ୍ୟପ୍ରଦେଶରେ ବାଘ ମୃତ୍ୟୁ ସଂଖ୍ୟା ସବୁଠୁ ଅଧିକ ରହିଛି। ଏତେ ସଂଖ୍ୟାରେ ଏହି ବନ୍ୟପ୍ରାଣୀ ମୃତ୍ୟୁର ପଛର କାରଣ ଅନୁସନ୍ଧାନ କରାଯାଉଥିବା ଏନ୍‌ଟିସିଏ ଗୁରୁବାର କହିଛି।

ସୂଚନା ଅନୁସାରେ, ବୁଧବାର ମଧ୍ୟପ୍ରଦେଶର ଛିନ୍ଦୱାରାଠାରେ ଏକ ବାଘର ମୃତ୍ୟୁ ଘଟିବା ପରେ ରାଜ୍ୟରେ ଚଳିତ ବର୍ଷ ଏହି ସଂଖ୍ୟା ୪୪କୁ ବୃଦ୍ଧି ପାଇଛି। ମହାରାଷ୍ଟ୍ରରେ ୨୬ ଏବଂ କର୍ନାଟକରେ ୧୪ ବାଘଙ୍କ ମୃତ୍ୟୁ ହୋଇଛି। ଏହା ପଛରେ ଅନେକ କାରଣ ଥାଇପାରେ ବୋଲି ଏନ୍‌ସିଟିଏ ଅଧିକାରୀ କହିଛନ୍ତି। ଏହା ଜାଣିବା ପାଇଁ ମାନକ ସଞ୍ଚାଳନ ପ୍ରକ୍ରିୟା (ଏସ୍‌ଓପି) ଅନୁସରଣ କରାଯାଉଛି। ଏନ୍‌ଟିସିଏ ପକ୍ଷରୁ ଜାରି ବିବୃତି ଅନୁସାରେ,



ବାଘଙ୍କୁ ସୁରକ୍ଷା ଦେବା ପାଇଁ ପାଟ୍ରୋଲିଂ କରାଯାଉଛି। ବାଘ ଶିକାର କରୁଥିବା ଲୋକଙ୍କୁ ଗିରଫ କରାଯିବା ସହ ଏହା ଉପରେ ରୋକ ଲଗାଇବାକୁ ପଦକ୍ଷେପ ନିଆଯାଉଛି। କିନ୍ତୁ ଦୃଷ୍ଟି ଦେବାର କଥା ଯେ, ଦେଶର ପ୍ରାୟ ୩୦ ପ୍ରତିଶତ ବାଘ ଅଭୟାରଣ୍ୟ ବାହାରେ ରହିଥିବା ଏନ୍‌ଟିସିଏ ପକ୍ଷରୁ କୁହାଯାଇଛି।

ବିଶ୍ୱର ୮୦ ପ୍ରତିଶତ ବାଘ କେବଳ ଭାରତରେ ରହିଛନ୍ତି। ୨୦୦୬ରେ ଦେଶରେ ବାଘ ସଂଖ୍ୟା ୧୪୧୧ ରହିଥିଲା। ୨୦୧୦ରେ ତାହା ୧୭୦୬କୁ ବୃଦ୍ଧି ପାଇଥିଲା। ପରେ ୨୦୧୪ରେ ୨,୨୨୬, ୨୦୧୮ରେ ବାଘ ସଂଖ୍ୟା ୨୯୬୭କୁ ବଢ଼ିଥିଲା। ରିପୋର୍ଟ ଅନୁସାରେ, ୨୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଦେଶରେ ୯୯ ଟି ବାଘଙ୍କ ମୃତ୍ୟୁ ହୋଇଥିବା ରେକର୍ଡ ହୋଇଛି। ୨୦୧୬ ରେ ଦେଶରେ ୧୨୧ ଟି ବାଘଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ପ୍ରାକୃତିକ କାରଣ ସହ ମଣିଷ-ବାଘ ସଂଘର୍ଷ ଯୋଗୁ ମଧ୍ୟ ମୃତ୍ୟୁସଂଖ୍ୟା ବଢ଼ିଥିବା କୁହାଯାଉଛି। ବାଘ ବାସସ୍ଥଳୀକୁ ମଣିଷ ଅକ୍ତିଆର କରୁଥିବାରୁ ସଂଘର୍ଷ ବଢୁଛି। ସରକାରୀ ତଥ୍ୟ ଅନୁସାରେ, ୨୦୧୪ରୁ ୨୦୧୯ ମଧ୍ୟରେ ବାଘ ଆକ୍ରମଣରେ ପ୍ରାୟ ୨୨୫ ଜଣଙ୍କ ମୃତ୍ୟୁ ଘଟିଛି।

# ଆଜି ଦାୟିତ୍ୱ ନେବେ ନୂଆ ଡିଜିପି ବଂଶଲ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ନବନିଯୁକ୍ତ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ସୁନୀଲ କୁମାର ବଂଶଲ ଶୁକ୍ରବାର ଅପରାହ୍ନ ୪ଟାରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅଭୟଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବେ। ଏଥିପାଇଁ ସେ ଗୁରୁବାର ରାତିରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିମାନବନ୍ଦରରେ ପହଞ୍ଚିବାପରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ବଂଶଲଙ୍କୁ ସ୍ୱାଗତ କରିଥିଲେ।

ପ୍ରକାଶ ଯେ, ଡିଜିପି ଅଭୟଙ୍କ କାର୍ଯ୍ୟକାଳ ଡିସେମ୍ବର ୩୧ରେ ଶେଷ ହେଉଛି। ଏଥିପାଇଁ ଗତ ୧୫ତାରିଖରେ ରାଜ୍ୟ ସରକାର କେନ୍ଦ୍ରୀୟ ଡେପୁଟେଶନରେ ଥିବା ୧୯୮୭ ବ୍ୟାଚ୍ ଆଇପିଏସ୍ ଅଫିସର ବନ୍‌ଶଲଙ୍କୁ ଡିଜିପି ଭାବେ ନିଯୁକ୍ତି ଦେଇଥିଲେ। ଗତ ୨୭ରେ କେନ୍ଦ୍ର ସରକାର ବଂଶଲଙ୍କୁ କେନ୍ଦ୍ରୀୟ ଡେପୁଟେଶନ ଦାୟିତ୍ୱରୁ ମୁକ୍ତ କରିଥିଲେ। ୨୦୨୨ରେ ପଞ୍ଚାୟତ ଓ ପୌର ନିର୍ବାଚନ ଥିବାରୁ ବଂଶଲଙ୍କ ପାଇଁ ଏହା ଚ୍ୟାଲେଞ୍ଜ ରହିବ। ସେ ୧୯୮୮ ନଭେମ୍ବର ୨୮ରେ ପ୍ରଥମେ ଢେଙ୍କାନାଳର ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟାରମ୍ଭ କରିଥିଲେ। ୧୯୯୪ ମସିହାରେ କେନ୍ଦ୍ର ଡେପୁଟେଶନରେ ଚାଲିଯାଇଥିଲେ।



ସୁନୀଲ କୁମାର ବଂଶଲ

**ପାକିସ୍ତାନରେ ମନ୍ଦିର ପରିଚାଳନା କମିଟି ଗଠିତ**

ପାକିସ୍ତାନ ଧାର୍ମିକ ବ୍ୟାପାର ମନ୍ତ୍ରଣାଳୟ ହିନ୍ଦୁ ମନ୍ଦିର ପରିଚାଳନା କମିଟି ଗଠନ କରିଛି। ବୁଧବାର ଏହି କମିଟିର ପ୍ରଥମ ବୈଠକ ବସିଥିଲା। କମିଟି ଦ୍ୱାରା ଅଣ-ମୁସଲମାନ ଜନସଂଖ୍ୟା ଏବଂ ଦେଶ ମଧ୍ୟରେ ଏକ ସେତୁ ଗଢ଼ାହୋଇପାରିବ ବୋଲି ଧାର୍ମିକ ବ୍ୟାପାର ମନ୍ତ୍ରୀ ପିର୍ ନୁରୁଲ ହକ୍ କହିଛନ୍ତି। ମନ୍ଦିର ପରିଚାଳନା କମିଟି ଦେଶରେ ହିନ୍ଦୁ ମନ୍ଦିର ପୂଜାପାଠ ସମ୍ବନ୍ଧିତ ମାମଲା ବୁଝିବ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ବୁଷ୍ଟର ଡୋଜ୍ ପାଇଁ ବୟସ୍କଙ୍କ ପାଖକୁ ଆସିବ ଏସ୍ଏମ୍ଏସ୍

ନୂଆଦିଲ୍ଲୀ, ୩୦।୧୨: କରୋନା ବୁଷ୍ଟର ଡୋଜ୍ ପାଇବାକୁ ଯୋଗ୍ୟ ବୟସ୍କ ବର୍ଗଙ୍କ ନିକଟକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏସ୍ଏମ୍ଏସ୍ ଯୋଗେ ସୂଚନା ଯୋଗାଯିବ। ଜାନୁୟାରୀ ୧୦ ତାରିଖଠାରୁ ସେମାନଙ୍କ ନମ୍ବରରେ ମେସେଜ ପଠାଯିବ ବୋଲି ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦେଶରେ ଓମିକ୍ରନ୍ ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ଯୋଗୁ ଦୈନିକ କରୋନା ମାମଲା ବଢ଼ିଚାଲିଥିବାରୁ ସରକାର ବୁଷ୍ଟର ଡୋଜ୍ ଉପରେ ଗୁରୁତ୍ୱ ଦେଇଛନ୍ତି। ଗତ ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଲାଙ୍କ ଟିକାକରଣ ନେଇ ଘୋଷଣା କରିଥିଲେ। ଜାନୁୟାରୀ ୧୦ରୁ ଭାରତରେ ସମ୍ମୁଖ ଯୋଦ୍ଧା ଏବଂ ୬୦ ବର୍ଷ ବୟସ ବର୍ଗର ଲୋକଙ୍କୁ ବୁଷ୍ଟର ଡୋଜ୍ ପ୍ରଦାନ କରାଯିବ ବୋଲି କହିଥିଲେ।

### ୯୦ ମାଓବାଦୀପ୍ରବଣ ଜିଲାରେ ଖୋଲିବ ୪,୯୦୩ ପୋଷ୍ଟଅଫିସ୍

ନୂଆଦିଲ୍ଲୀ, ୩୦।୧୨(ଆଇଏଏନ୍ଏସ୍): ଦେଶର ୯୦ ମାଓବାଦୀପ୍ରବଣ ଜିଲାରେ ପୋଷ୍ଟ ଅଫିସ୍‌ର ୪,୯୦୩ ନୂଆ ଶାଖା ଖୋଲିବା ଲାଗି ଡାକ ବିଭାଗ ଏବଂ ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ତ୍ୱରିତ୍ କାର୍ଯ୍ୟ ଚଳାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧,୭୮୯ଟି ପୋଷ୍ଟ ଅଫିସ ଶାଖା ଖୋଲାଗଲାଣି। ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଅବଶିଷ୍ଟ ୩,୧୧୪ଟି ନୂଆ ଶାଖା ଖୋଲିବ ବୋଲି ଡାକ ବିଭାଗ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତେଲଙ୍ଗାନା ଓ ଉତ୍ତରପ୍ରଦେଶରେ ଖୋଲାଯିବାକୁ ଥିବା ଏହି ନୂଆ ପୋଷ୍ଟ ଅଫିସ ପାଇଁ ସରକାର ଗ୍ରାମୀଣ ଡାକ ସେବକ, ପୋଷ୍ଟମାଷ୍ଟର ଏବଂ ସହକାରୀ ପୋଷ୍ଟମାଷ୍ଟର ପଦବୀକୁ ମଞ୍ଜୁରୀ ଦେଇସାରିଛନ୍ତି।

### ପିଲାଙ୍କଠାରେ ଅଧିକ ଆଣ୍ଟିବଡି ସୃଷ୍ଟି କରୁଛି କୋଭାକ୍ସିନ୍

ନୂଆଦିଲ୍ଲୀ, ୩୦।୧୨: ଜାନୁୟାରୀ ୩ରୁ ଦେଶର ୧୫ରୁ ୧୮ ବର୍ଷ ବୟସ ବର୍ଗର ପିଲାଙ୍କୁ କୋଭାକ୍ସିନ ଟିକା ଦେବାକୁ ସରକାର ଘୋଷଣା କରିଛନ୍ତି। ଏହି ଟିକା ପିଲାମାନଙ୍କ ପାଇଁ ନିରାପଦ ଓ ବୟସ୍କଙ୍କ ତୁଳନାରେ ଅଧିକ ଆଣ୍ଟିବଡି ପ୍ରସ୍ତୁତ କରୁଥିବା ଗୁରୁବାର ଭାରତ ବାୟୋଟେକ୍ ପକ୍ଷରୁ କୁହାଯାଇଛି। ୨ରୁ ୧୮ ବର୍ଷ ବୟସର ପିଲାଙ୍କଠାରେ କରାଯାଇଥିବା ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ପରୀକ୍ଷାର ତଥ୍ୟ ଉପସ୍ଥାପନ କରି କମ୍ପାନୀ କହିଛି, ବୟସ୍କଙ୍କ ତୁଳନାରେ ପିଲାଙ୍କଠାରେ କୋଭାକ୍ସିନ୍ ୧.୭ ଗୁଣ ଅଧିକ ଆଣ୍ଟିବଡି ସୃଷ୍ଟି କରୁଛି। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ହୋଇଥିବା ଏହି ପରୀକ୍ଷାରେ ୫୨୫ ଜଣ ଭାଗ ନେଇଥିଲେ। ୨ରୁ ୬ ବର୍ଷ, ୬ରୁ ୧୨ ବର୍ଷ ଏବଂ ୧୨ରୁ ୧୮ ବର୍ଷ ବୟସ ବର୍ଗର ୧୭୫ ଜଣ ଲେଖାଏଁକୁ ପରୀକ୍ଷାରେ ସାମିଲ କରାଯାଇଥିଲା। ଅକ୍ଟୋବରରେ କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂସ୍ଥାକୁ ତଥ୍ୟ ପ୍ରଦାନ କରାଯାଇଥିଲା। ୧୨ରୁ ୧୮ ବର୍ଷ ବୟସର ପିଲାଙ୍କୁ ଏହି ଟିକା ଦିଆଯିବା ଲାଗି ଉକ୍ତ ସଂସ୍ଥା ଅନୁମୋଦନ କରିଛି। ପରୀକ୍ଷା ସମୟରେ କୌଣସି ପିଲାଙ୍କଠାରେ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନ ଥିଲା ବୋଲି କମ୍ପାନୀ କହିଛି।

# ଦିଲ୍ଲୀ, ମୁମ୍ବାଇରେ ତୃତୀୟ ଲହର

ମୁମ୍ବାଇ/ ନୂଆଦିଲ୍ଲୀ, ୩୦।୧୨

କୋଭିଡ୍-୧୯ ମହାମାରୀର ତୃତୀୟ ଲହର ଦିଲ୍ଲୀ ଓ ମୁମ୍ବାଇରେ ଆରମ୍ଭ ହୋଇଯାଇଥିବା ମହାରାଷ୍ଟ୍ର କୋଭିଡ୍ ଟାସ୍କଫୋର୍ସର ଜଣେ ସଦସ୍ୟ କହିଛନ୍ତି। ଦିଲ୍ଲୀ, ମୁମ୍ବାଇର କେତେକ କ୍ଲଷ୍ଟରରେ ଏହି ଲହର ଆରମ୍ଭ ହୋଇଗଲାଣି ବୋଲି ଟାସ୍କଫୋର୍ସ ସଦସ୍ୟ ଡ. ରାହୁଲ ପଣ୍ଡିତ କହିଛନ୍ତି। ଜିନୋମ୍ ସିକ୍ୱେନ୍ସିଂ ତଥ୍ୟକୁ ଅପେକ୍ଷା କରାଯାଇଥିଲେ ମଧ୍ୟ ଭାରତରେ ଲହର ପୁଣିଥରେ ଆରମ୍ଭ ହେଉଥିବା ସ୍ପଷ୍ଟ। ଯେଉଁ ହାରରେ ସଂକ୍ରମଣ ଦ୍ୱିଗୁଣିତ ହେଉଛି, ଏହା ଓମିକ୍ରନ୍‌ର ଲକ୍ଷଣ ବୋଲି ସୂଚନା ଦେଉଛି। ଏହା ସତ୍ତ୍ୱେ ମୋଟ ସଂକ୍ରମଣରୁ ଓମିକ୍ରନ୍ କେତେଭାଗ ରହିଛି, ତାହା ଜାଣିବା ପାଇଁ କିଛିଦିନର ଜିନୋମ୍ ସିକ୍ୱେନ୍ସିଂ ରିପୋର୍ଟକୁ ଅପେକ୍ଷା କରାଯାଉଥିବା ରାହୁଲ କହିଛନ୍ତି। ଯାହା ଜଣାପଡୁଛି ଏବେ ଦେଶରେ ଉଭୟ ଡେଲ୍ଟା ଓ ଓମିକ୍ରନ୍ ଭାରିଆଣ୍ଟର ମିଳିତ ସଂକ୍ରମଣ ଚାଲିଛି। ଆଉ ୧୦ ଦିନ ମଧ୍ୟରେ ସଂକ୍ରମଣ ବୃଦ୍ଧି ଓ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେବା ହାର ସ୍ପଷ୍ଟ ହୋଇଯିବ ବୋଲି ସେ କହିଛନ୍ତି। ଦ୍ୱିତୀୟ ଲହର ବେଳେ ମୁମ୍ବାଇ ଓ ଦିଲ୍ଲୀ କୋଭିଡ୍ ହଟ୍‌ସ୍ପଟ ପାଲଟିଥିଲା। ଏବେ ଉଭୟ ମହାନଗରରେ ସଂକ୍ରମଣ ଅତ୍ୟଧିକ ବଢ଼ିଯାଇଛି।

- ମୁମ୍ବାଇରେ ୨୪ ଘଣ୍ଟାରେ ୩,୬୭୧ ସଂକ୍ରମିତ
- ଦିଲ୍ଲୀରେ ୧,୩୧୩ ନୂଆ ମାମଲା



ମୁମ୍ବାଇରେ ଗତ ୨୪ ଘଣ୍ଟା ମଧ୍ୟରେ ୩,୬୭୧ ନୂଆ ମାମଲା ଚିହ୍ନଟ ହୋଇଛି, ଯାହା ପୂର୍ବଦିନ ଠାରୁ ୪୬ ପ୍ରତିଶତ ଅଧିକ। ମହାରାଷ୍ଟ୍ରରେ ଦିନକରେ ୫,୩୬୮ ଜଣ କୋଭିଡ୍ ସଂକ୍ରମିତ ହୋଇଛନ୍ତି। ସେହିପରି ଦିଲ୍ଲୀରେ ଦିନକରେ ୧,୩୧୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି, ଯାହା ପୂର୍ବଦିନ ତୁଳନାରେ ୪୨ ପ୍ରତିଶତ ଅଧିକ। ବୁଧବାର ୯୨୩ ଜଣ ସଂକ୍ରମିତ ହୋଇଥିଲେ। ମେ' ୩୦ ପରେ ଏହା ଦିଲ୍ଲୀରେ ସର୍ବାଧିକ ସଂକ୍ରମଣ। ପଶ୍ଚିମବଙ୍ଗରେ ଗୁରୁବାର ୨,୧୨୮ ମାମଲା ଚିହ୍ନଟ ହୋଇଛି, ଯାହା ବୁଧବାର ତୁଳନାରେ ଦୁଇଗୁଣ। କେବଳ କୋଲକାତାରେ ୧,୦୯୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ସକ୍ରିୟ ପଦକ୍ଷେପ ଲାଗି ୮ ରାଜ୍ୟକୁ ନିର୍ଦ୍ଦେଶ

### ହଠାତ୍ ସଂକ୍ରମଣ ବୃଦ୍ଧିକୁ ନେଇ ଚିନ୍ତାରେ କେନ୍ଦ୍ର

ନୂଆଦିଲ୍ଲୀ, ୩୦।୧୨(ପି.ଟି.)



ଓମିକ୍ରନ୍ ଭାରିଆଣ୍ଟ ଆସିବା ସହ ଦେଶରେ କୋଭିଡ୍ ସଂକ୍ରମଣ ହଠାତ୍ ବଢ଼ିଯିବାରୁ ତୃତୀୟ ଲହର ଆସିବା ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ଦିଲ୍ଲୀ, ମୁମ୍ବାଇରେ ତୃତୀୟ ଲହର ଆରମ୍ଭ ହୋଇଗଲାଣି ବୋଲି ବିଶେଷଜ୍ଞ ମତ ଦେଲେଣି। ସଂକ୍ରମଣ ବଢୁଥିବା ୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କୋଭିଡ୍ ପରୀକ୍ଷା ବଢ଼ାଇବା, ହସ୍ପିଟାଲଗୁଡ଼ିକୁ ପ୍ରସ୍ତୁତ କରି ରଖିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଟିକାକରଣ ବଢ଼ାଇବା ସହ କୋଭିଡ୍ କଟକଣାକୁ କଡ଼ାକଡ଼ି ପାଳନ କରିବା ଲାଗି ପରାମର୍ଶ ଦିଆଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଦିଲ୍ଲୀ, ହରିୟାଣା, ତାମିଲନାଡୁ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ ଓ ଝାଡ଼ଖଣ୍ଡ ସରକାରଙ୍କୁ ପତ୍ର ଲେଖି ଅଧିକ ସତର୍କତା ଅବଲମ୍ବନ କରିବାକୁ କହିଛନ୍ତି। ଘରୋଇ ଭ୍ରମଣ, ବିବାହ, ଉତ୍ସବ ଏବଂ ଛୁଟିଦିନ ଆଦିରେ ଜନ ସମାଗମ କମାଇବା ନିମନ୍ତେ ପଦକ୍ଷେପ ନେବାକୁ କୁହାଯାଇଛି।

କେତେକ ରାଜ୍ୟରେ ପ୍ରଦୂଷଣ ବୃଦ୍ଧି ପାଇଛି। ଶ୍ୱାସକ୍ରିୟା ଆଦି ଲକ୍ଷଣ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ଗୁରୁବାର ଗୋଟିଏ ଦିନରେ ୧୩,୦୦୦ରୁ ଊର୍ଦ୍ଧ୍ୱ ନୂଆ ମାମଲା ଚିହ୍ନଟ ହୋଇଛି। ଏଥିସହିତ ଦେଶରେ ଓମିକ୍ରନ୍ ସଂକ୍ରମଣ ୯୬୧ରେ ପହଞ୍ଚିଲାଣି। ସଂକ୍ରମଣ ଯେପରି ଆଗକୁ ନ ବଢ଼େ ଏବଂ ଲୋକଙ୍କ ମୃତ୍ୟୁ ନ ଘଟେ ସେଥିପାଇଁ ତୁରନ୍ତ ତଥା ସକ୍ରିୟ ପଦକ୍ଷେପ ନିଆଯିବା ଜରୁରୀ ହୋଇପଡ଼ିଛି ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି। ଗୁଜରାଟର ସୁରଟ, ଅହମଦାବାଦ ଏବଂ ରାଜକୋଟରେ ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଇଛି। ସେହିପରି ଝାଡ଼ଖଣ୍ଡର ରାଞ୍ଚି, କର୍ଣ୍ଣାଟକର ବେଙ୍ଗାଲୁରୁ ସହରାଞ୍ଚଳ, ହରିୟାଣାର ଗୁରୁଗ୍ରାମ, ତାମିଲନାଡୁର ଚେନ୍ନାଇ, ମହାରାଷ୍ଟ୍ରର ମୁମ୍ବାଇ, ପୁଣେ, ଠାଣେ, ନାଗପୁର ଏବଂ ପଶ୍ଚିମବଙ୍ଗର କୋଲକାତାରେ ହଠାତ୍ ସଂକ୍ରମଣ ବୃଦ୍ଧି ପାଇଛି।

## କଶ୍ମୀରରେ ୬ ଆତଙ୍କବାଦୀ ନିହତ

ଶ୍ରୀନଗର, ୩୦।୧୨

ଦକ୍ଷିଣ କଶ୍ମୀରରେ ବୁଧବାର ସନ୍ଧ୍ୟାରେ ଜୈଶ-ଇ-ମହମ୍ମଦ(ଜେଇଏମ୍)ର ୬ ଆତଙ୍କବାଦୀ ଦୁଇ ପୃଥକ୍ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ ପାକିସ୍ତାନୀ ଆତଙ୍କବାଦୀ ରହିଛନ୍ତି। ଗୁଳି ବିନିମୟବେଳେ ଜଣେ ପୋଲିସ କର୍ମଚାରୀ ଏବଂ ୨ ଯବାନ ଆହତ ହୋଇଛନ୍ତି। ପୋଲିସ ସୂଚନା ଅନୁସାରେ, ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ମିଳିବା ପରେ ବୁଧବାର ସନ୍ଧ୍ୟାରେ ଜମ୍ମୁ-କଶ୍ମୀର ପୋଲିସ, ସେନା ଏବଂ ଅର୍ଦ୍ଧସାମରିକ ବଳ ପକ୍ଷରୁ ମିଳିତ ଭାବେ ସର୍ଚ୍ଚ ଅପରେଶନ କରାଯାଇ ଅନନ୍ତନାଗ ଜିଲା ନାଓଗାମ୍ ଗ୍ରାମକୁ ଘେରାଉ କରାଯାଇଥିଲା। ଏହି ସମୟରେ ଆତଙ୍କବାଦୀମାନେ ସୁରକ୍ଷାବଳ ଉପରକୁ ଗୁଳି ଚଳାଇଥିଲେ। ଜବାବୀ କାର୍ଯ୍ୟାନୁଷ୍ଠାନରେ ୬ ଜଣ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଚିହ୍ନଟ କରାଯାଇଛି। ସେଥିରେ ୨ ଜଣ ପାକିସ୍ତାନୀ ଏବଂ ୨ ଜଣ ସ୍ଥାନୀୟ ଆତଙ୍କବାଦୀ ରହିଥିବା କଶ୍ମୀର ଆଇଜିପି ବିଜୟ କୁମାର କହିଛନ୍ତି। ସପ୍ତାହକ ମଧ୍ୟରେ ଦକ୍ଷିଣ କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧିପାଇଛି। ରବିବାର ଶୋପିଆନ, ପୁଲୱାମା ଏବଂ ଅନନ୍ତନାଗ ଜିଲାରେ ୫ ଆତଙ୍କବାଦୀଙ୍କୁ ସୁରକ୍ଷାକର୍ମୀ ଏନ୍‌କାଉଣ୍ଟର କରିଛି।

## ଦାମ୍ପତ୍ୟ କଳହରୁ ପିଲା କଷ୍ଟ ନ ଭୋଗନ୍ତୁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩୦।୧୨

ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଯୋଗୁ ସେମାନଙ୍କ ପିଲା କଷ୍ଟ ଭୋଗିବାକଥା ନୁହେଁ ବୋଲି ସୁପ୍ରିମକୋର୍ଟ ଏକ ଛାଡ଼ପତ୍ର ମାମଲାର ଶୁଣାଣିବେଳେ କହିଛନ୍ତି। ଏଥିସହ ଜଣେ ସେନା ଅଧିକାରୀଙ୍କୁ ତାଙ୍କ ୧୩ ବର୍ଷର ପୁଅ ସାବାଳକ ହେବା ପର୍ଯ୍ୟନ୍ତ ଭରଣପୋଷଣ ଦାୟିତ୍ୱ ତୁଲାଇବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଜଷ୍ଟିସ୍ ଏମ୍. ଆର୍. ଶାହା ଏବଂ ଏ. ଏସ୍. ବୋପାନ୍ନାଙ୍କ ଖଣ୍ଡପୀଠ ସମ୍ପୃକ୍ତ ଦମ୍ପତିଙ୍କ ବିବାହ ବିଚ୍ଛେଦକୁ ଗ୍ରହଣ କରିବା ସହ ସ୍ତ୍ରୀଙ୍କ ଭରଣପୋଷଣ ପାଇଁ ମାସିକ ୫୦ ହଜାର ଟଙ୍କା ଦେବାକୁ ସେନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ ଡିସେମ୍ବରରୁ ପିଛିଲା ଭାବେ ସେ ତାଙ୍କ ପୂର୍ବତନ ସ୍ତ୍ରୀଙ୍କୁ ଏହି ରାଶି ପ୍ରଦାନ କରିବେ ବୋଲି ରାୟରେ କୁହାଯାଇଛି।

ମାମଲା ଅନୁଯାୟୀ, ୨୦୦୫ରେ ଉଭୟଙ୍କ ବିବାହ ହୋଇଥିଲା। ୨୦୧୪ରେ ସେନା ଅଧିକାରୀ ଜଣକ କୋର୍ଟରେ ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ। ଏଥିସହ ସ୍ତ୍ରୀ ମଧ୍ୟ ସ୍ୱାମୀଙ୍କ ନାଁରେ ପରକୀୟା ପ୍ରୀତି ସମେତ ଅନ୍ୟ ଅଭିଯୋଗ ଆଣିଥିଲେ। ଉଭୟ ସ୍ୱାମୀ-ସ୍ତ୍ରୀ ୨୦୧୧ ମେ'ଠାରୁ ଅଲଗା ରହୁଛନ୍ତି। ଏଥିସହ ସ୍ୱାମୀ ଅନ୍ୟ ଜଣେ ମହିଳାଙ୍କୁ ମଧ୍ୟ ବିବାହ କରିସାରିଛନ୍ତି। ତେଣୁ ଆବେଦନକାରୀ ମହିଳା ଏବଂ ସମ୍ପୃକ୍ତ ସେନା ଅଧିକାରୀଙ୍କ ମଧ୍ୟରେ ଏକପ୍ରକାର ବିବାହ ବିଚ୍ଛେଦ ହୋଇସାରିଥିବା ସୁପ୍ରିମକୋର୍ଟ କହିଥିଲେ। ଏପରି ସ୍ଥିତିରେ ସ୍ୱାମୀ ପିଲାଙ୍କ ପ୍ରତି ଦାୟିତ୍ୱ ତୁଲାଇବାରେ ଅବହେଳା କରିପାରିବେ ନାହିଁ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାହ ଯାହା ବି ହୋଇଥାଉ ନା କାହିଁକି, ଏଥିଯୋଗୁ ସେମାନଙ୍କ ପିଲା ଅସୁବିଧା ଭୋଗିବା ଉଚିତ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି।




ଉତ୍ତର ପ୍ରଦେଶର ଆଲିଗଡ଼ଠାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଜନବିଶ୍ୱାସ ରାଲିରେ ଜଣେ ମହିଳା ପ୍ରତିବାଦ କରୁଛନ୍ତି।

## ହଂକଂର ୨ ସମ୍ପାଦକଙ୍କ ବିରୋଧରେ ଦେଶଦ୍ରୋହ ମାମଲା

ହଂକଂ, ୩୦।୧୨

ହଂକଂର ଦୁଇଜଣ ପୂର୍ବତନ ସମ୍ପାଦକଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଛି। ଦେଶ ବିରୋଧୀ ଲେଖା ପ୍ରକାଶ କରିବା ଅଭିଯୋଗରେ ଗିରଫ ଷ୍ଟାଣ୍ଡ ନ୍ୟୁଜ୍‌ର ୨ ସମ୍ପାଦକଙ୍କ ଜାମିନ ଆବେଦନକୁ ଗୁରୁବାର ସ୍ଥାନୀୟ ଅଦାଲତ ଖାରଜ କରିଦେଇଛନ୍ତି। ହଂକଂ ନେତା କାରି ଲାମ୍ ଷ୍ଟାଣ୍ଡ ନ୍ୟୁଜ୍ ଉପରେ ଚଢ଼ାଉକୁ ସମର୍ଥନ କରିଛନ୍ତି। ଅନ୍ୟ ପକ୍ଷରେ ଗିରଫ ବ୍ୟକ୍ତିମାନଙ୍କୁ ମୁକ୍ତ କରିଦେବା ଲାଗି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନୀ ବ୍ଲିଙ୍କେନ୍ ହଂକଂ କର୍ତ୍ତୃପକ୍ଷଙ୍କୁ ଆହ୍ୱାନ ଦେଇଛନ୍ତି। ପୋଲିସ ଚଢ଼ାଉରେ କାନାଡା ନାଗରିକ ତଥା ଗାୟକ ଡେନିସ୍ ହୋ'ଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଛି। ଏନେଇ କାନାଡା ବହିର୍ବ୍ୟାପାର ମନ୍ତ୍ରୀ ମେଲାନି ଜୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଉତ୍ତରାଖଣ୍ଡରେ ୨୩ ପ୍ରକଳ୍ପର ଶୁଭାରମ୍ଭ

ନୂଆଦିଲ୍ଲୀ, ୩୦।୧୨

ବିଧାନସଭା ନିର୍ବାଚନ ହେବାକୁ ଥିବା ଉତ୍ତରାଖଣ୍ଡର ହଲଦ୍ୱାନିଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୭,୫୦୦ କୋଟି ଟଙ୍କାର ୨୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ମଧ୍ୟରେ ରହିଛି ଚାରଧାମ ସବୁଦିନିଆ ରାସ୍ତାର ପ୍ରଶସ୍ତୀକରଣ, ନାଗିନା-କାଶୀପୁର ଜାତୀୟ ରାଜପଥ, ସୁରିଙ୍ଗ୍ ଗାଡ୍ ହାଇଡେଲ୍ ପ୍ରୋଜେକ୍ଟ ଏବଂ ନୈନିତାଲରେ ନମାମି ଗଙ୍ଗେ କାର୍ଯ୍ୟକ୍ରମରେ ସ୍ୱେରେଜ୍ କାମ। ଏହା ବ୍ୟତୀତ ଉତ୍ତରାଖଣ୍ଡର ଉଦ୍ଧାମସିଂ ନଗରରେ ଏମ୍ସ ଦ୍ୱିତୀୟ ଶାଖାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ପ୍ରଧାନମନ୍ତ୍ରୀ।

ଏହି ଅବସରରେ ହଲଦ୍ୱାନିଠାରେ ଆୟୋଜିତ ଏକ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଉତ୍ତରାଖଣ୍ଡର ପୂର୍ବ ସରକାରକୁ ଟାର୍ଗେଟ କରିଥିଲେ। ଉତ୍ତରାଖଣ୍ଡ ଗଠନକୁ ୨୦ ବର୍ଷ ପୂରିଛି। ପୂର୍ବରୁ ଥିବା ସରକାର ଏହି ପାର୍ବତ୍ୟ ରାଜ୍ୟର ବିକାଶ କଥା ଚିନ୍ତା ନ କରି ଦୁଇ ହାତରେ ଲୁଟୁଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଜିର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ହଲଦ୍ୱାନି ଜିଲାବାସୀଙ୍କୁ ନୂଆବର୍ଷର ଉପହାର। ଜିଲାର ପାନୀୟ ଜଳ, ସ୍ୱେରେଜ୍, ରାସ୍ତା, ପାର୍କିଂ ଆଦି ଭିତ୍ତିଭୂମି ବିକାଶ ଲାଗି ୨,୦୦୦ କୋଟି ଟଙ୍କା ଏକ ଯୋଜନା ଆସିବ ବୋଲି ମୋଦି କହିଛନ୍ତି। ସେ ଉତ୍ତରାଖଣ୍ଡ ଜନସାଧାରଣଙ୍କ ସାମର୍ଥ୍ୟକୁ ପ୍ରଶଂସା କରିଥିଲେ। ଆଗାମୀ ୨୦ ବର୍ଷ ଉତ୍ତରାଖଣ୍ଡର ଦଶନ୍ଧି ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଚଳିତ ମାସରେ ଉତ୍ତରାଖଣ୍ଡକୁ ମୋଦିଙ୍କର ଏହା ଦ୍ୱିତୀୟ ଗସ୍ତ। ଡିସେମ୍ବର ୪ରେ ସେ ଉତ୍ତରାଖଣ୍ଡ ଯାଇ ଡେରାଡୁନ୍‌ଠାରେ ୧୮,୦୦୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିଥିଲେ।



ନରେନ୍ଦ୍ର ମୋଦି

## ଗାନ୍ଧିଜୀଙ୍କ ବିରୋଧରେ ମନ୍ତବ୍ୟ ଦେଇ ସନ୍ଥ ଗିରଫ

ମୁମ୍ବାଇ, ୩୦।୧୨

ମହାତ୍ମା ଗାନ୍ଧୀଙ୍କ ବିରୋଧରେ ମନ୍ତବ୍ୟ ଦେଇଥିବା ହିନ୍ଦୁଧର୍ମ ନେତା କାଳୀଚରଣ ମହାରାଜଙ୍କୁ ଛତିଶଗଡ଼ ପୋଲିସ ଗୁରୁବାର ମଧ୍ୟପ୍ରଦେଶରୁ ଗିରଫ କରିଛି। ତାଙ୍କ ବିରୋଧରେ ୪ ଦିନ ପୂର୍ବରୁ ଏତଲା ଦାଏର ହୋଇଥିଲା। ଛତିଶଗଡ଼ ଅଣାଯିବା ପରେ ତାଙ୍କୁ କୋର୍ଟରେ ହାଜର କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ ହିନ୍ଦୁ ସନ୍ଥଙ୍କୁ ଗିରଫ କରିବା ଲାଗି ୩ ପୋଲିସ ଟିମ୍ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରକୁ ଯାଇଥିଲେ। ମଧ୍ୟପ୍ରଦେଶର ଖଜୁରାହୋସ୍ଥିତ ବାଗେଶ୍ୱର ଧାମ୍‌ରେ ଏକ ଭଡ଼ାଘରେ ରହୁଥିବା କାଳୀଚରଣଙ୍କୁ ଭୋର ୪ଟା ସମୟରେ ଗିରଫ କରାଯାଇଛି।



କାଳୀଚରଣ ମହାରାଜ

ଡିସେମ୍ବର ୨୫-୨୬ରେ ରାୟପୁରରେ ଆୟୋଜିତ ଧର୍ମ ସଂସଦରେ କାଳୀଚରଣ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କୁ ତିରସ୍କାର କରିବା ସହ ତାଙ୍କୁ ହତ୍ୟା କରିଥିବା ନାଥୁରାମ ଗଡ୍‌ସେଙ୍କୁ ପ୍ରଶଂସା କରିଥିଲେ। କଂଗ୍ରେସ ନେତା ପ୍ରମୋଦ ଦୁବେଙ୍କ ଅଭିଯୋଗକ୍ରମେ ତାଙ୍କ ନାମରେ ଆଇପିସିର ଧାରା ୫୦୫(୨) ଏବଂ ୨୯୪ରେ ରବିବାର ରାତିରେ ମାମଲା ରୁଜୁ ହୋଇଥିଲା।

## ମୁମ୍ବାଇରେ ଖଲିସ୍ତାନୀଙ୍କ ଆକ୍ରମଣ ଆଶଙ୍କା

ମୁମ୍ବାଇ, ୩୦।୧୨

ନୂଆବର୍ଷ ପୂର୍ବଦିନ ଖଲିସ୍ତାନୀ ଆତଙ୍କବାଦୀମାନେ ମୁମ୍ବାଇରେ ଆକ୍ରମଣ କରିବାର ଆଶଙ୍କା ରହିଛି। ଏ ନେଇ ଗୋଇନ୍ଦା ସୂଚନା ମିଳିବା ପରେ ସେଠାରେ ହାଇ ଆଲର୍ଟ ଜାରି କରାଯାଇଛି। ସହର ସାରା ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏଥିସହ ୩୧ ତାରିଖ ପାଇଁ ସମସ୍ତ ପୋଲିସ କର୍ମଚାରୀଙ୍କ ଛୁଟି ବାତିଲ ହୋଇଛି। ମୁମ୍ବାଇର ସମସ୍ତ ପୋଷ୍ଟରେ ପୋଲିସ ନିୟୋଜିତ ରହିବ ବୋଲି ଜଣାଯାଇଛି। ମୁମ୍ବାଇ ରେଲୱେ ପୋଲିସ କମିଶନର କେସର ଖଲିଦ କହିଛନ୍ତି, ଦାଦର, ବାନ୍ଦ୍ରା ଚର୍ଚ୍ଚଗେଟ୍, ସିଏସ୍ଏମ୍‌ଟି, କୁର୍ଲା ସମେତ ସହରର ପ୍ରମୁଖ ଷ୍ଟେସନରେ ସୁରକ୍ଷା କଡାକଡି କରାଯାଇଛି। ଶୁକ୍ରବାର ୩ ହଜାର ରେଲୱେ ପୋଲିସ ବିଭିନ୍ନ ସ୍ଥାନରେ ମୁତୟନ ହେବେ।

କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ସିଆର୍‌ପିସିର ୧୪୪ ଧାରା ପୂର୍ବରୁ ମୁମ୍ବାଇରେ ଜାରି ହୋଇଛି। ଏଥିସହିତ ନୂଆବର୍ଷ ପାଳନ ଉପଲକ୍ଷେ ସମସ୍ତ ପ୍ରକାର ସେଲିବ୍ରେଶନ କାର୍ଯ୍ୟକ୍ରମ, ଜନସମାଗମ ଉପରେ କଟକଣା ଲାଗିଛି। ହୋଟେଲ, ବାର୍, ରେଷ୍ଟୁରାଣ୍ଟ, ରିସୋର୍ଟ, କ୍ଲବ ଏପରିକି ଛାତ ଉପରେ ମଧ୍ୟ ନୂଆବର୍ଷ ପାଳନ କରିବାକୁ ଲୋକଙ୍କୁ ମନା କରାଯାଇଛି।

### ସବୁ ପୋଲିସ କର୍ମଚାରୀଙ୍କ ଛୁଟି ବାତିଲ




## ବର୍ଷକରେ ୧.୭ କୋଟି ବନ୍ୟପ୍ରାଣୀ ମୃତ

### ବ୍ରାଜିଲରେ ଜଙ୍ଗଲ ନିଆଁର ଭୟଙ୍କର ପରିଣାମ

ବ୍ରାସିଲିଆ, ୩୦।୧୨

ଜଳବାୟୁରେ ବିପଜ୍ଜନକ ପରିବର୍ତ୍ତନ ଯୋଗୁ ପ୍ରାକୃତିକ ବିପର୍ଯ୍ୟୟ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ବନ୍ୟା, ବାତ୍ୟା, ମରୁଡ଼ି ସହ ଜଙ୍ଗଲ ନିଆଁରେ କେବଳ ମଣିଷ ନୁହେଁ ବନ୍ୟପ୍ରାଣୀ ମଧ୍ୟ ପ୍ରଭାବିତ ହୋଇଛନ୍ତି। ୨୦୨୦ରେ କେବଳ ବ୍ରାଜିଲରେ ବ୍ୟାପକ ହୋଇଥିବା ଜଙ୍ଗଲ ନିଆଁରେ ଅନେକ ଜୀବଜନ୍ତୁ ଦଗ୍ଧ ହୋଇଛନ୍ତି। ଏହି ସଂଖ୍ୟା ୧.୭ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ନିକଟରେ ସାଇଣ୍ଟିଫିକ୍ ରିପୋର୍ଟ ଜର୍ନାଲରେ ପ୍ରକାଶିତ ରିପୋର୍ଟ ଅନୁସାରେ, ବ୍ରାଜିଲରେ ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ ମାନବଜନିତ କାର୍ଯ୍ୟକଳାପ। ଏଥିଯୋଗୁ ଅନେକ ଅଞ୍ଚଳରେ ଭୟଙ୍କର ମରୁଡ଼ି ଦେଖାଦେଇଛି। ଜଙ୍ଗଲ ନିଆଁ ମଧ୍ୟ ମଣିଷକୃତ କାର୍ଯ୍ୟର ପରିଣାମ। ଏଥିଯୋଗୁ ବହୁସଂଖ୍ୟାରେ ସରୀସୃପଙ୍କ ସମେତ ୧.୭ କୋଟିରୁ ଊର୍ଦ୍ଧ୍ୱ ବନ୍ୟପ୍ରାଣୀଙ୍କ ଜୀବନ ଯାଇଛି। ଫଳରେ ଜୈବ ବିବିଧତା ଭୟଙ୍କର ଭାବେ ପ୍ରଭାବିତ ହୋଇଛି।

୨୦୨୦ ବର୍ଷରେ ବ୍ରାଜିଲର ପେଣ୍ଟାନାଲ ୱେଟ୍‌ଲାଣ୍ଡ୍‌ରେ ବନାଗ୍ନି ଯୋଗୁ କେତେ ମେରୁଦଣ୍ଡୀ ପ୍ରାଣୀ କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହା ଉପରେ ବୈଜ୍ଞାନିକମାନେ ଅଧ୍ୟୟନ କରିଥିଲେ। ଏଥିରେ ୩୯,୦୩୦ ବର୍ଗ କିଲୋମିଟର ପ୍ରଭାବିତ ଅଞ୍ଚଳକୁ ସାମିଲ କରାଯାଇଥିଲା। ରିପୋର୍ଟରେ କୁହାଯାଇଛି, ଜଙ୍ଗଲ ନିଆଁ ଯୋଗୁ ପ୍ରକୃତିରେ ସନ୍ତୁଳନ ସହ ଜୈବ ବିବିଧତା ଉପରେ ବେଶ୍ ପ୍ରଭାବ ପକାଇଛି। ଆଗକୁ ଏହା ଆହୁରି ଭୟଙ୍କର ହେବା ଆଶଙ୍କା ରହିଛି। ୨୦୧୯ରେ ବ୍ରାଜିଲର ପେଣ୍ଟାନାଲରେ ୧୬,୨୧୦ ବର୍ଗ କିଲୋମିଟର ପର୍ଯ୍ୟନ୍ତ ଜଙ୍ଗଲ ନିଆଁ ବ୍ୟାପିଥିଲା। କିନ୍ତୁ ୨୦୨୦ରେ ତାହା ୩୯,୦୩୦ ବର୍ଗକିଲୋମିଟରକୁ ବୃଦ୍ଧି ପାଇଛି। ବର୍ଷାର ପରିମାଣ କମ୍, ତାପମାତ୍ରା ବୃଦ୍ଧି, ଜଳବାୟୁରେ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ କାରଣରୁ ବନାଗ୍ନି ସଂଖ୍ୟା ବଢ଼ିଛି। ଅନ୍ୟପକ୍ଷରେ ବ୍ରାଜିଲ ଜଙ୍ଗଲରେ ଅନେକ ଅଗ୍ନିକାଣ୍ଡ ମନୁଷ୍ୟକୃତ। ଚାରଣ ଭୂମି ପାଇଁ ଲୋକେ ସେଠାରେ ନିଆଁ ଲଗାଇଦେଉଛନ୍ତି। ଖରାଦିନରେ ଏହି ନିଆଁ ଅଣାୟତ୍ତ ହୋଇପଡୁଛି। ବିଶ୍ୱର ସର୍ବବୃହତ୍ ରେନ୍‌ଫରେଷ୍ଟ ଆମାଜନ୍ ଏବଂ ଟ୍ରପିକାଲ ୱେଟଲ୍ୟାଣ୍ଡ ପେଣ୍ଟାନାଲରେ ୨୦୧୯ ଏବଂ ୨୦୨୦ରେ ଭୟଙ୍କର ନିଆଁ ଲାଗିଛି। ୨୦୧୫ ପରଠାରୁ ଏହି ଅଗ୍ନିକାଣ୍ଡରେ ବ୍ୟାପକ କ୍ଷତି ହୋଇଛି।



"ବିଦାୟ ବେଳାରେ କ୍ରୀଡ଼ାବର୍ଷ ୨୦୨୧। ଏହି ବର୍ଷ ଓଡ଼ିଆ ଆଥ୍‌ଲେଟମାନେ ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ସଫଳତାର ଶୀର୍ଷକୁ ଛୁଇଁଥିବାବେଳେ ବିଶ୍ୱର ରାଇଜିଂ ଷ୍ଟାରଙ୍କୁ ନେଇ ଜୁନିୟର ହକି ବିଶ୍ୱକପ ଆୟୋଜନ କରି ଆଉ ଏକ ଉଦାହରଣ ସୃଷ୍ଟି କରିଥିଲେ ଓଡ଼ିଶା ସରକାର। ପ୍ରମୋଦ ଭଗତ ପ୍ରଥମ ଓଡ଼ିଆ ଭାବେ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ ପାଇଥିଲେ ସମ୍ମାନଜନକ ଖେଲରତ୍ନ ପୁରସ୍କାର। ସେହିପରି ଅଲିମ୍ପିକ୍ସ ହକିରେ ବ୍ରୋଞ୍ଜ ପଦକ ହାସଲ ସହ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ।"

# ରାଇଜିଂ ଷ୍ଟାରଙ୍କ ରୋମାଞ୍ଚ
# ପ୍ରଥମ ଖେଲରତ୍ନ



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ମେଜର ଧ୍ୟାନଚାନ୍ଦ ଖେଲରତ୍ନ ପୁରସ୍କାର ଗ୍ରହଣ ଅବସରରେ ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ। ପ୍ରମୋଦ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଅର୍ଜନ କରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଥିଲେ।

## ଅଲିମ୍ପିକ୍ସ ଗୌରବ

ଓଡ଼ିଶାର ପ୍ରଥମ ଖେଳାଳିଭାବେ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ। କେବଳ ସେତିକି ନୁହେଁ, ରାଜ୍ୟର ପ୍ରଥମ ଖେଳାଳିଭାବେ ସେ ମର୍ଯ୍ୟାଦାଜନକ ମେଜର ଧ୍ୟାନଚାନ୍ଦ ଖେଲରତ୍ନ ପୁରସ୍କାର ମଧ୍ୟ ପାଇଥିଲେ। ବିଭିନ୍ନ ଅନୁଷ୍ଠାନରୁ ପୁରସ୍କାର ଏବଂ ଆଦର୍ଶ ଖେଳାଳି ସଚିନ ତେନ୍ଦୁଲକରଙ୍କ ସହ ସାକ୍ଷାତ ପ୍ରମୋଦଙ୍କୁ ଆହ୍ଲାଦିତ କରିଥିଲା।

**ବୀରେନ୍ଦ୍ର, ଅମିତଙ୍କୁ ଅର୍ଜୁନ:** ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ବ୍ରୋଞ୍ଜ ଜିତି ୪୧ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଥିବାବେଳେ ଏହି ଦଳର ସଦସ୍ୟ ଭାବେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ମଧ୍ୟ ପଦକ ହାସଲ କରିଥିଲେ। ପ୍ରଥମ ଥର ପାଇଁ ଓଡ଼ିଆ ଖେଳାଳିଭାବେ ଏହି ଦୁଇଜଣ ଅଲିମ୍ପିକ୍ସ ପଦକ ପାଇବାର ଗୌରବ ଅର୍ଜନ କରିଥିଲେ। କେବଳ ସେତିକି ନୁହେଁ ଭାରତୀୟ ଦଳର ସଦସ୍ୟଭାବେ ଦୁଇଜଣଙ୍କୁ ଅର୍ଜୁନ ପୁରସ୍କାର ମଧ୍ୟ ମିଳିଥିଲା। ପ୍ରଥମଥର ପାଇଁ ଅଲିମ୍ପିକ୍ସର ସେମିଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ମହିଳା ହକି ଦଳରେ ସାମିଲଥିଲେ ଓଡ଼ିଶାର ଦୀପ୍‌ଗ୍ରେସ୍ ଏକ୍କା ଓ ନମିତା ଟପ୍ପୋ। ଅମିତ ରୋହିଦାସ ଏବଂ ପାରା ସ୍ପୋର୍ଟ୍ସ କୋଚ୍ ଶିବ ପ୍ରସାଦ ଦାସ ସମ୍ମାନଜନକ ବିଜୁପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ହାସଲ କରିଥିଲେ। କାଳୁ ଚରଣ ଚୌଧୁରୀ ପାଇଥିଲେ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର।



ଅଲିମ୍ପିକ୍ସ ପଦକ ସହ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ।

## ସ୍ନୋ ଗର୍ଲ

ଜମ୍ମୁ କଶ୍ମୀରର ଗୁଲମାର୍ଗରେ ଅନୁଷ୍ଠିତ ଦ୍ୱିତୀୟ ଖେଲୋ ଇଣ୍ଡିଆ ଜାତୀୟ ଶୀତକାଳୀନ କ୍ରୀଡ଼ାରେ ଅଂଶଗ୍ରହଣ କରି ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ମନ ଜିତିଥିଲେ ଓଡ଼ିଶାର 'ସ୍ନୋ ଗର୍ଲ' ରଞ୍ଜିତା ବେହେରା। ଫେବୃୟାରୀ ୨୬ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ରଞ୍ଜିତା ଆଲ୍‌ପାଇନ୍ ସ୍କି'ର ସାଲାଲମ ଓ ଜ୍ୟାଣ୍ଟ ସାଲାଲମ ବିଭାଗରେ ଭାଗ ନେଇଥିଲେ। ଏହି ସାହସୀ ବାଳିକା ଅଷ୍ଟ୍ରିଆରେ ୨୦୨୨ ମାର୍ଚ୍ଚ-ଏପ୍ରିଲରେ ହେବାକୁଥିବା ଅନ୍ତର୍ଜାତୀୟ ସ୍କି ରେସ୍ ଗୁଡ଼ିକ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।



## ଜାଫର ନୂଆ କୋଚ୍

ଭାରତୀୟ କ୍ରିକେଟର ଜଣାଶୁଣା ଚେହେରା ୱାସିମ୍ ଜାଫର ଓଡ଼ିଶା କ୍ରିକେଟ ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଥିଲେ। ଏହା ବ୍ୟତୀତ ରଣଜୀ ଟ୍ରଫି ପାଇଁ ସଞ୍ଜୟ ଶତପଥୀ ବୋଲିଂ ଏବଂ ଗୌତମ ଗୋପାଳ ଫିଲ୍ଡିଂ କୋଚ୍ ନିଯୁକ୍ତ ହୋଇଥିଲେ। ସେହିପରି ୨୩ ବର୍ଷରୁ କମ୍ ପାଇଁ ନଟରାଜ ବେହେରା ବ୍ୟାଟିଂ ଏବଂ ରାକେଶ ମହାନ୍ତି ବୋଲିଂ କୋଚ୍ ଏବଂ ୧୪, ୧୬ ଓ ୧୯ ବର୍ଷରୁ କମ୍ ଦଳର ମୁଖ୍ୟ କୋଚ୍ ହୋଇଥିଲେ ରଶ୍ମିରଞ୍ଜନ ପରିଡ଼ା। ସୁରେଶ କୁମାର ସିନିୟର ମହିଳା ଦଳର କୋଚ୍ ହୋଇଥିଲେ।



## ଜୟନ୍ତୀ, ସ୍ୱସ୍ତିଙ୍କ ଜୟଯାତ୍ରା

ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟନଶିପର ୪୦୦ ମିଟର ଟି-୪୭ କାଟେଗୋରିରେ ସ୍ୱର୍ଣ୍ଣ ଜିତିଥିଲେ ଓଡ଼ିଶା ପାରା ଆଥଲେଟ୍ ଜୟନ୍ତୀ ବେହେରା। ଇଣ୍ଡିଆନ ଓପନ ଜାତୀୟ ପାରା ଆଥ୍‌ଲେଟିକ୍ସରେ ମଧ୍ୟ ସେ ୧୦୦, ୨୦୦ ଓ ୪୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଜାତୀୟ ସିନିୟର, ଏଲିଟ, ଜୁନିୟର ଓ ୟୁଥ୍ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ମହିଳା ୬୦ କିଲୋମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଥିଲେ ସାଇକ୍ଲିଂ





ପ୍ରତିଭା ସ୍ୱସ୍ତି ସିଂ। ଓଡ଼ିଶା ପାୱାର ସ୍ପୋର୍ଟ୍ସ ଓ କମ୍ବାଟ ସ୍ପୋର୍ଟ୍ସର ତାରକା ଖେଳାଳି ଅନୁପମା ସ୍ୱାଇଁ ଆବୁଧାବିରେ ଅନୁଷ୍ଠିତ ୫ମ ଏସୀୟ ଜୁ-ଜିତ୍‌ସୁ ପ୍ରତିଯୋଗିତାର ମହିଳା ୫୨ କେଜି ବିଭାଗରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଥୋମାସ ଓ ଉବେର କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ଓଡ଼ିଶାକୁ ଗର୍ବିତ କରିଥିଲେ ଋତୁପର୍ଣ୍ଣା ପଣ୍ଡା।

## ରଗ୍‌ବୀରେ ସ୍ୱର୍ଣ୍ଣ

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜାତୀୟ ସିନିୟର ରଗ୍‌ବୀ ସେଭେନ୍ସରେ ଓଡ଼ିଶା ମହିଳା ଦଳ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲା। ପୁରୁଷ ଦଳ ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରି ପୋଡିୟମ ମଣ୍ଡନ କରିଥିଲା। ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ବା ରଗ୍‌ବୀ ଇଣ୍ଡିଆର ନିର୍ବାଚନ ଏଥର ଓଡ଼ିଶାରେ ଅନୁଷ୍ଠିତ ହୋଇଥିଲା। ଅଭିନେତା ତଥା ପୂର୍ବରୁ ବୋର୍ଡ ସଦସ୍ୟ ରହି ଆସିଥିବା ରାହୁଲ ବୋଷ ନୂଆ ସଭାପତି ହୋଇଥିବାବେଳେ ଗେରାଲ୍ଡ ଆଣ୍ଟୋନି ପ୍ରଭୁ ସମ୍ପାଦକ ପଦ ବଜାୟ ରଖିଥିଲେ।

## ସ୍ୱର୍ଣ୍ଣ ଜିତିଲେ ଝିଲ୍ଲୀ



ଏପ୍ରିଲର ମଧ୍ୟଭାଗରେ ଉଜବେକିସ୍ତାନର ତାସକେଣ୍ଟରେ ଅନୁଷ୍ଠିତ ଏସୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୪୫ କେଜି କାଟେଗୋରିରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ଓଡ଼ିଶାର ଝିଲ୍ଲୀ ଦଲବେହେରା। ଜୁନିୟର ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ପୂର୍ବରୁ ବ୍ରୋଞ୍ଜ ପଦକ ହାସଲ କରିଥିବା ଓଡ଼ିଆ ଝିଅ ଝିଲ୍ଲୀ ତାସକେଣ୍ଟରେ ସ୍ନାଚ୍‌ରେ ୬୯ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୮୮ କେଜି ଏହିପରି ମୋଟ ୧୫୭ କେଜି ଭାର ଉଠାଇ ଓଡ଼ିଶାକୁ ଗର୍ବିତ କରିଥିଲେ। ସେହିପରି ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନରେ ସ୍ନେହା ସୋରେନ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ।

## କରୋନା କବଳରେ ନନ୍ଦକିଶୋର, ପ୍ରଶାନ୍ତ



ନନ୍ଦ କିଶୋର ପଟ୍ଟନାୟକ



ପ୍ରଶାନ୍ତ ମହାପାତ୍ର

କରୋନା ମହାମାରୀର ଦ୍ୱିତୀୟ ଲହର ଓଡ଼ିଶା କ୍ରୀଡ଼ାଜଗତରେ ଶୋକର ଛାୟା ଖେଳାଇଥିଲା। ବର୍ଷର ମଧ୍ୟଭାଗ ଅର୍ଥାତ୍ ମେ ମାସରେ ଓଡ଼ିଶା କ୍ରୀଡ଼ାପ୍ରେମୀଙ୍କୁ ଛାଡ଼ି ଚାଲି ଯାଇଥିଲେ ରାଜ୍ୟର ପୂର୍ବତନ କ୍ରିକେଟ ଖେଳାଳି ଏବଂ ବିସିସିଆଇ ମ୍ୟାଚ ରେଫରି ପ୍ରଶାନ୍ତ ମହାପାତ୍ର। ସେହିପରି ଜୁନ୍‌ରେ ପ୍ରତିଷ୍ଠିତ ଫୁଟବଲ କୋଚ୍ ନନ୍ଦ କିଶୋର ପଟ୍ଟନାୟକଙ୍କର ପରଲୋକ ଘଟିଥିଲା। କରୋନା ସମ୍ପର୍କିତ କାରଣରୁ ଚିକିତ୍ସିତ ହେଉଥିବାବେଳେ ସେ ପ୍ରାଣତ୍ୟାଗ କରିଥିଲେ।

## କିରଣଙ୍କ ବାହାଘର

ଓଡ଼ିଶାର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ମେ ୫ ତାରିଖରେ ରାଉରକେଲାର ଡାକ୍ତର ସନ୍ଦୀପ ମହାନ୍ତିଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ।



## ଶତକ ଦିଗରେ ସୌମ୍ୟ

କୋଭିଡ୍ ମହାମାରୀର କଟକଣା ମଧ୍ୟରେ ରାଜ୍ୟର ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଏହି ବର୍ଷ ମୋଟ ୧୫ଟି ଟାଇଟଲ ଜିତି ନିଜ କ୍ୟାରିୟରକୁ ଆଗକୁ ବଢ଼ାଇଛନ୍ତି। ସେ ୧୩ଟି ଅଲ୍ ଓଡ଼ିଶା ଓପନ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିବାବେଳେ ୨ଟି ସର୍ବଭାରତୀୟ ଟାଇଟଲ ଜିତିଛନ୍ତି। ବିରଳ ରେକର୍ଡ ଆଡ଼କୁ ଅଗ୍ରସର ହେଉଥିବା ସୌମ୍ୟଙ୍କର ଅଲ୍ ଓଡ଼ିଶା ଓପନରେ ଟାଇଟଲ ସଂଖ୍ୟା ୭୨ରେ ପହଞ୍ଚିଛି।

## ସୋହିନୀଙ୍କ ବିରଳ ରେକର୍ଡ

ପ୍ରଥମ ଓଡ଼ିଆ ଖେଳାଳିଭାବେ ୧୨ ବର୍ଷୀୟା ସୋହିନୀ ମହାନ୍ତି କୌଣସି ଏକ ଜାତୀୟ ଟେନିସ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରି ବିରଳ ରେକର୍ଡର ଅଧିକାରିଣୀ ହୋଇଥିଲେ। ମୁମ୍ବାଇରେ ଅନୁଷ୍ଠିତ ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବାଳିକା ବିଭାଗ ସିଙ୍ଗଲ୍ସ ଓ ଡବଲ୍ସରେ ରନର୍ସ ଅପ୍ ହୋଇଥିଲେ। ପ୍ରତିଭାସମ୍ପନ୍ନ ଖେଳାଳି ଆର୍ନା ରାଜ ରାୟପୁରଠାରେ ଅନୁଷ୍ଠିତ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ନାମେଣ୍ଟରେ ଚାମ୍ପିୟନ ଓ ନଏଡାରେ ଆୟୋଜିତ ଏଆଇଟିଏ ଟୁର୍ନାମେଣ୍ଟରେ ରନର୍ସଅପ୍ ହୋଇଥିଲେ। ଶୁଭମ୍ ଷଡ଼ଙ୍ଗୀ ମଧ୍ୟ ପ୍ରଦର୍ଶନର ଛାପ ଛାଡ଼ିଥିଲେ।

## ଜୁନିୟର ହକି ବିଶ୍ୱକପ

ଓଡ଼ିଶା ସରକାର ହକିକୁ ଅଗ୍ରାଧିକାର ଭିତ୍ତିରେ ପ୍ରୋତ୍ସାହନ ଦେଇ ଆସୁଥିବାବେଳେ ୨୦୨୧ରେ କଳିଙ୍ଗ ଷ୍ଟାଡିୟମ ହକି ଇତିହାସରେ ଯୋଡ଼ି ହୋଇଥିଲା ନୂଆ ଫର୍ଦ୍ଦ। ନଭେମ୍ବର ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ଏଠାରେ ଆୟୋଜିତ ହୋଇଥିଲା ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ। କରୋନା ମହାମାରୀଜନିତ କଟକଣା ଯୋଗୁ ଯଦିଓ ଏଥର ସାଧାରଣ ଦର୍ଶକଙ୍କୁ ଅନୁମତି ନ ଥିଲା ତେବେ ବିଶ୍ୱର ରାଇଜିଂ ଷ୍ଟାରଙ୍କୁ ନେଇ ୧୬ଟି ଦଳ ବିଶିଷ୍ଟ ଏହି ପ୍ରତିଯୋଗିତା ବେଶ୍ ରୋମାଞ୍ଚକ ହୋଇଥିଲା। ଏଥିରେ ଆର୍ଜେଣ୍ଟିନା ଚାମ୍ପିୟନ ହୋଇଥିବାବେଳେ ଜର୍ମାନୀ ରନର୍ସ ଅପ୍ ଏବଂ ଫ୍ରାନ୍ସ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଜୁନିୟର ହକି ବିଶ୍ୱକପ ବ୍ୟତୀତ ଏହି ବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ଜୁନିୟର ଏବଂ ସିନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଏବଂ ରେଲୱେ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଏଫ୍‌ଆଇଏଚ୍ ସଭାପତି ନରିନ୍ଦର ବାତ୍ରାଙ୍କ ସହ ଆର୍ଜେଣ୍ଟିନା ହକି ଅଧିନାୟକ ଜରାଟେ ଫାକୁଣ୍ଡୋ।



ଇନ୍‌ଡୋର ଷ୍ଟାଡିୟମରେ ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଆୟୋଜନରେ ସଫଳତାର ଛାପ ଛାଡ଼ିଥିଲା ଓଡ଼ିଶା।

### ଓଡ଼ିଶା ୨୦୩୩ ଯାଏ ହକି ପ୍ରାୟୋଜକ

ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଜିତିଥିବାରୁ ବଡ଼ ଘୋଷଣା କରିଥିଲେ ଓଡ଼ିଶା ସରକାର। ୨୦୩୩ ପର୍ଯ୍ୟନ୍ତ ଓଡ଼ିଶା ଭାରତୀୟ ହକି ଦଳର ପ୍ରାୟୋଜକ ହୋଇଥିଲା।

## ସାଇନା ସାଇନିଂ

ଏହି ବର୍ଷ ଚେସ୍‌ରୁ ଓଡ଼ିଶାକୁ ସେପରି ବଡ଼ ସଫଳତା ମିଳି ନ ଥିଲେ ହେଁ ପ୍ରତିଭା ସମ୍ପନ୍ନ ସାଇନା ସାଲୋନିକା ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ। ସେପ୍ଟେମ୍ବରରେ ଅନୁଷ୍ଠିତ ୱେଷ୍ଟର୍ନ ଏସିଆନ ୟୁଥ୍ ଅନ୍‌ଲାଇନ୍ ଚେସ୍‌ର ୧୮ ବର୍ଷରୁ କମ୍ ବାଳିକା ବର୍ଗରେ ସେ ବ୍ୟକ୍ତିଗତ ରୌପ୍ୟ ଏବଂ ଦଳଗତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଅକ୍ଟୋବରରେ ଆୟୋଜିତ ଏସିଆନ୍ ୟୁଥ୍ ଅନ୍‌ଲାଇନ୍ ବାଳିକା ଚେସ୍‌ରେ ସେ ୧୮ ବର୍ଷରୁ କମ୍ ବର୍ଗରେ ରୌପ୍ୟ ପଦକ ପାଇଥିଲେ।



# ଅପରାଧ

## ମାହାଙ୍ଗା ଡବଲ ମର୍ଡର

ବର୍ଷ ଆରମ୍ଭ ଜାନୁୟାରୀ ୨ରେ କଟକ ମାହାଙ୍ଗା ବ୍ଲକରେ ଘଟିଥିଲା ରାଜନୈତିକ ହତ୍ୟାକାଣ୍ଡ। ମାହାଙ୍ଗା ପୂର୍ବତନ ବ୍ଲକ ଅଧକ୍ଷ ତଥା ଭାଜପା ନେତା କୁଳମଣି ବରାଳ ଏବଂ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କ ଇଙ୍ଗିତରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଫେବୃୟାରୀ ୭ରେ ଟାଙ୍ଗି ଥାନା ଅନ୍ତର୍ଗତ ବନ୍ଧାଳ ନିକଟ ଏନ୍ଏଚ୍-୧୬ ପାର୍ଶ୍ୱରୁ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରଫୁଲ୍ଲ ବିଶ୍ୱାଳଙ୍କ ମୃତଦେହ ମିଳିବା ଏକ ନୂଆ ମୋଡ଼ ନେଇଥିଲା। ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଶାସକ ବିଜେଡି ପ୍ରଫୁଲ୍ଲଙ୍କୁ ହତ୍ୟା କରିଥିବା ଭାଜପା କଟକ ଜିଲା ସଭାପତି ଅଭିଯୋଗ ଆଣିଥିଲେ।





## ୨୨ବର୍ଷର ଲୁଚକାଳି ଶେଷ, ବିବନ ଗିରଫ



୧୯୯୯ ଜାନୁୟାରୀ ୯ରେ ଘଟିଥିବା ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲାରେ ଫେରାର ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳଙ୍କୁ ଦୀର୍ଘ ୨୨ ବର୍ଷପରେ ଫେବୃୟାରୀ ୨୨ରେ କମିଶନରେଟ ପୋଲିସର ଏକ ଟିମ୍ ଗିରଫ କରିଥିଲା। ମହାରାଷ୍ଟ୍ର ଆମ୍ବିଭ୍ୟାଲିରେ ରହୁଥିବା ବିବନଙ୍କୁ ଭୁବନେଶ୍ୱର ଅଣାଯିବା ପରେ ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ଦୀର୍ଘ ୨ଦଶନ୍ଧି ପରେ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାରୁ ବିଳମ୍ବରେ ହେଉ ପଛେ ନ୍ୟାୟ ମିଳିବା ଆଶାରେ ଅଛନ୍ତି ପୀଡ଼ିତା। ଏପରି କି ଅଭିଯୁକ୍ତ ବିବନଙ୍କୁ ଫାଶୀ ଦିଆଯାଉ ବୋଲି ଅଞ୍ଜନା କହିଛନ୍ତି।

## ମନୀଷଙ୍କୁ ହତ୍ୟାକଲେ ବନ୍ଧୁ



ସେପ୍ଟେମ୍ବର ୯ରେ ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗଙ୍କ ମୃତଦେହ ପାତ୍ରପଡ଼ାସ୍ଥିତ ଏକ ପୋଖରୀରୁ ଉଦ୍ଧାର କରାଯାଇଥିଲା। ସାଙ୍ଗ ଅମ୍ରିତ ଫୋନ କରି ଡାକିବା ସହ ୨ସାଙ୍ଗ ମୃତ୍ୟୁଞ୍ଜୟ ଓ ଦୀନେଶଙ୍କ ସହ ଏକ ବ୍ୟାଚଲର ପାର୍ଟିରେ ଯିବାକୁ କହି ରାତିରେ ପାତ୍ରପଡ଼ାସ୍ଥିତ ସାଉଥ ସିଟି ହୋଟେଲ ଆଣ୍ଡ ବାର୍‌କୁ ଆଣିଥିଲେ। ସେଠାରେ ବିଲ୍ ଦେବାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାତି ୩ଟା ୨୯ରେ ମନୀଷ ଏକୁଟିଆ ହୋଟେଲ ବାହାରକୁ ଯିବା ପରେ ୩ ସାଙ୍ଗ ତାଙ୍କୁ ପିଛା କରି ହତ୍ୟା କରିବା ପରେ ପାତ୍ରପଡ଼ା ପୋଖରୀରେ ଫିଙ୍ଗିଦେଇଥିଲେ। ଇନ୍‌ଫୋସିଟି ପୋଲିସ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଗୁଳିରେ ଟଳିଲେ ଗ୍ୟାଙ୍ଗଷ୍ଟର ହାଇଦର



କେନ୍ଦ୍ରାପଡ଼ା, କଟକ ସମେତ ରାଜ୍ୟରେ ୩ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଆପରାଧିକ ସାମ୍ରାଜ୍ୟ ବିସ୍ତାର କରିଥିବା ଶେଖ୍ ହାଇଦର ଶେଷରେ ପୋଲିସ ଗୁଳିରେ ପ୍ରାଣ ହରାଇଥିଲେ। ବିଦାୟୀ ବର୍ଷରେ ହାଇଦର ନିଜ କାର୍ଯ୍ୟକଳାପକୁ ନେଇ ବେଶ୍ ଚର୍ଚ୍ଚାରେ ଥିଲେ। ପ୍ରଥମେ ଶାରୀରିକ ଅସୁସ୍ଥତା ଦେଖାଇ ସମ୍ବଲପୁର ଜେଲରୁ କଟକ ଏସ୍‌ସିବିକୁ ଆସିଥିଲେ। ଏସ୍‌ସିବିରେ ଚିକିତ୍ସିତ ହେଉଥିବାବେଳେ ପୋଲିସକୁ ଚକ୍‌ମା ଦେଖାଇ ଫେରାର ହୋଇଯାଇଥିଲେ। ପରେ ତାଙ୍କୁ ତେଲଙ୍ଗାନାରୁ ପୋଲିସ ଗିରଫ କରିଥିଲା। ସୁରକ୍ଷା ଦୃଷ୍ଟି କୋଣରୁ ତାଙ୍କୁ ଚୌଦ୍ୱାର ସର୍କଲ ଜେଲ୍‌ରୁ ବାରିପଦା ଜେଲକୁ ନିଆଯାଉଥିବା ବେଳେ ଅଧାବାଟରେ ପରିସ୍ରା କରିବା ବାହାନାରେ ଭ୍ୟାନ୍‌ରୁ ଓହ୍ଲାଇ ପୋଲିସ ବନ୍ଧୁକ ଛଡ଼ାଇ ଖସି ପଳାଇଯିବାକୁ ଚେଷ୍ଟା କରୁଥିବାବେଳେ ଏନ୍‌କାଉଣ୍ଟରରେ ମୃତ୍ୟୁ ହୋଇଥିଲା।

## ମମିତା ମେହେର ହତ୍ୟା



କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣା ବିଦାୟୀ ବର୍ଷରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଉକ୍ତ ଘଟଣାର ଅଭିଯୁକ୍ତ ଗୋବିନ୍ଦ ସାହୁ ଜେଲରେ ଅଛନ୍ତି। ହେଲେ ବିବାଦ ଥମିବାର ନାଁ ନେଉ ନାହିଁ। ଏହି ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗରେ ମନ୍ତ୍ରୀଙ୍କ ବହିଷ୍କାର ଓ ଘଟଣାର ସିବିଆଇ ତଦନ୍ତ ଦାବିରେ ବିରୋଧୀ ଅଟଳ ରହିଛନ୍ତି। ଏପରି କି ଏହି ଘଟଣାରେ ବିରୋଧୀ ବିଧାନ ସଭାର ଶୀତ ଅଧିବେଶନକୁ ଏକ ପ୍ରକାର ଅଚଳ କରିପକାଇଲେ।

## ସ୍ମାର୍ଟ ସିଟି ନାଳରେ ଭାସିଗଲେ ଜ୍ୟୋତି



ସ୍ମାର୍ଟସିଟି ରାଜଧାନୀର ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ପାଇଁ ଜଣେ ଦଶମ ଶ୍ରେଣୀ ଛାତ୍ର ପ୍ରାଣ ହରାଇଥିଲେ। ସେପ୍ଟେମ୍ବର ୧୯ରେ ବରମୁଣ୍ଡା ପାଲାମଣ୍ଡପ ସାହିର ହୃଷୀକେଶ ବେହେରାଙ୍କ ପୁଅ ଜ୍ୟୋତିପ୍ରକାଶ(୧୫) ଟ୍ୟୁଶନ ସାର୍‌ଙ୍କ ପାଖକୁ ଗଲାବେଳେ ଶିରିପୁର ଶତାବ୍ଦୀନଗର ବ୍ୟାଙ୍କ କଲୋନୀ ନିକଟରେ ନାଳରେ ଭାସିଯାଇଥିଲେ। ଅଗ୍ନିଶମ ବାହିନୀର ୨୦ଘଣ୍ଟା ଧରି ଖୋଜାଖୋଜି ପରେ ପଞ୍ଚସାଖା ନଗର ଡ୍ରେନ୍ ଭିତରୁ ଜ୍ୟୋତିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାକୁ ନେଇ ଉତ୍ତେଜିତ ଜନତା ରାସ୍ତାକୁ ଓହ୍ଲାଇବା ସହ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଫିସ୍ ଘେରାଉ କରିଥିଲେ।

## ଚିନ୍ତା ବଢ଼ାଇଲା ଦ୍ୱିତୀୟ ଲହର

୨୦୨୧ ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ବଡ଼ ଆହ୍ୱାନ ସୃଷ୍ଟି ହୋଇଥିଲା। କରୋନାର ଦ୍ୱିତୀୟ ଲହର ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇ ଦେଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ପର୍ଯ୍ୟାୟକ୍ରମେ ଟିକାକରଣ କରାଯାଇଥିଲା। ପ୍ରଥମେ ସ୍ୱାସ୍ଥ୍ୟକର୍ମୀ, ଫ୍ରଣ୍ଟଲାଇନ୍ ଯୋଦ୍ଧା ଏବଂ ୬୦ରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଟିକା ଦିଆଯାଇଥିଲା। ପରେ ୧୮ରୁ ୪୫ ବର୍ଷୀୟଙ୍କୁ ଟିକା ପ୍ରଦାନ କରାଯାଇଥିଲା। ଜାନୁୟାରୀ ୧୬ରେ ରାଜ୍ୟର ପ୍ରଥମ ବ୍ୟକ୍ତି ଭାବେ କ୍ୟାପିଟାଲ ହସ୍ପିଟାଲରେ ସଫେଇ କର୍ମୀ ଭାବେ କାର୍ଯ୍ୟ କରୁଥିବା ବିରଞ୍ଚି ନାଏକଙ୍କୁ ଟିକା ଦିଆଯାଇଥିଲା। ଟିକାକରଣ ସତ୍ତ୍ୱେ କରୋନା ସଂକ୍ରମଣ ଦ୍ରୁତ ଭାବେ ମାଡ଼ିଚାଲିଥିଲା। ପୂର୍ବରୁ ଦୈନିକ ସଂକ୍ରମଣ ଶହେ ଭିତରେ ରହୁଥିବା ବେଳେ ହଠାତ୍ ତାହା ବୃଦ୍ଧି ପାଇ ୬ହଜାର ପର୍ଯ୍ୟନ୍ତ ଚାଲିଗଲା। ସ୍ଥିତି ଏମିତି ହେଲା ଯେ କେଉଁଠି ବେଡ୍‌ର ଅଭାବ ଦେଖାଦେଲା ତ' ଆଉ କେଉଁଠି ଆଇସିୟୁ ମିଳିଲା ନାହିଁ। ଏପରି କି କିଛି ଦିନ ପାଇଁ ଅକ୍ସିଜେନ୍ ଅଭାବ ମଧ୍ୟ ଦେଖା ଦେଇଥିଲା। ଦ୍ୱିତୀୟ ଲହରରେ ସବୁଠାରୁ ବଡ଼ କଥା ଥିଲା 'ପୋଷ୍ଟ କୋଭିଡ୍' ବା 'କୋଭିଡ୍ ପରବର୍ତ୍ତୀ ଜଟିଳତା'। କୋଭିଡ୍ ପରବର୍ତ୍ତୀ ଜଟିଳତାରେ ସେମାନଙ୍କ ଶରୀରର ଅନ୍ୟ ଅଙ୍ଗ କାମ କରୁ ନ ଥିଲା। ଏପରିକି ଅନେକ ରୋଗୀଙ୍କୁ ଏକ୍‌ମୋ ଚିକିତ୍ସାର ଆବଶ୍ୟକ ପଡ଼ିଥିଲା। ସେହିପରି ଦ୍ୱିତୀୟ ଲହରରେ ଆସିଥିବା ଭାରିୟାଣ୍ଟ 'ଡେଲ୍‌ଟା ଭାଇରସ୍' ଏତେ ଭୟଙ୍କର ଥିଲା ଯେ, କେବଳ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ନ ଥିଲା, ବରଂ ଅନେକ ଆକ୍ରାନ୍ତଙ୍କ ମୃତ୍ୟୁ ବି ଘଟିଥିଲା। ପୂର୍ବରୁ ଦୈନିକ ମୃତ୍ୟୁ ୧୦ ଭିତରେ ରହୁଥିବାବେଳେ ଡେଲ୍‌ଟାରେ ସଂକ୍ରମିତ ହେଉଥିବା ବ୍ୟକ୍ତିଙ୍କ ମୃତ୍ୟୁ ସଂଖ୍ୟା ଦୈନିକ ୬୦ ଉପରକୁ ହୋଇଗଲା। ସ୍ଥିତି ଏପରି ହେଲା ଯେ ଶବ ଶତ୍କାର ପାଇଁ ବି ଶ୍ମଶାନ ମିଳିଲା ନାହିଁ। ଅନ୍ୟପଟେ ବର୍ଷ ଶେଷକୁ କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ରାଜ୍ୟବାସୀଙ୍କୁ ଡରାଇଦେଇଛି।



ଘଟଣା ବହୁଳ ଥିଲା ୨୦୨୧। ରାଜ୍ୟ ରାଜନୀତିରୁ ଆରମ୍ଭ କରି ଆଇନ ଶୃଙ୍ଖଳା, ମହିଳା ବିରୋଧୀ ହିଂସା, କରୋନାର ମାରାତ୍ମକ ରୂପ, ଟିକାକରଣ, ବିବାଦରେ କେତେ ଏବଂ ଅନେକ ପ୍ରସଙ୍ଗ ଚର୍ଚ୍ଚାକୁ ଆସିଥିଲା। ଏହା ଭିତରେ ବିଭିନ୍ନ ରାଜ୍ୟକୁ ସଙ୍କଟ ସମୟରେ ମେଡିକାଲ ଅକ୍ସିଜେନ ଯୋଗାଇ ଓଡ଼ିଶା ଉଦାହରଣ ପାଲଟିଥିଲା। ଓଡ଼ିଆ ପ୍ରତିଭାଧାରୀମାନେ ରାଜ୍ୟ, ଦେଶ ଓ ବାହାରେ ସଫଳତା ଅର୍ଜନ କରିଥିଲେ। ମହାମାରୀ କରୋନା ଭୟରେ ଦୀର୍ଘଦିନ ଧରି ସଙ୍କୁଚିତ ହୋଇପଡ଼ିଥିବା ରାଜ୍ୟର ଶିକ୍ଷା, ବାଣିଜ୍ୟ ଓ ନିଯୁକ୍ତି କ୍ଷେତ୍ର ଧୀରେ ଧୀରେ ସ୍ୱାଭାବିକ ଧାରାରେ ସାମିଲ ହୋଇଥିଲା।

# ଟିକା ପାଇଁ ଧାଡ଼ି



## ହାଇକୋର୍ଟରେ ୭ ନୂଆ ବିଚାରପତି


ଏସ୍. ମୁରଲୀଧର, ମୁଖ୍ୟ ବିଚାରପତି




ଚଳିତବର୍ଷ ହାଇକୋର୍ଟ ପାଇଁ ଖୁସିର ବର୍ଷ ଥିଲା। ଏଠାରୁ ୨ ବିଚାରପତିଙ୍କ ବଦଳି ହୋଇଥିବାବେଳେ ୭ ଜଣ ବିଚାରପତିଙ୍କୁ ନିଯୁକ୍ତି ମିଳିଛି। ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍‌ଙ୍କ ଓଡ଼ିଶା ହାଇକୋର୍ଟରୁ ମଧ୍ୟପ୍ରଦେଶ ହାଇକୋର୍ଟକୁ ବଦଳି ହୋଇଥିଲା। ତାଙ୍କ ସ୍ଥାନରେ ପଞ୍ଜାବ-ହରିୟାଣା ହାଇକୋର୍ଟର ବିଚାରପତି ଏସ୍. ମୁରଲୀଧରଙ୍କୁ ନିଯୁକ୍ତି ମିଳିଥିଲା। ପରେ ଜଷ୍ଟିସ ପ୍ରମଥ ପଟ୍ଟନାୟକ ଓ କୁମାରୀ ସଞ୍ଜୁ ପଣ୍ଡା ଅବସର ଗ୍ରହଣ କରିଥିଲେ। ଏହାପରେ ହାଇକୋର୍ଟ ବିଚାରପତି ଏସ୍.କେ. ମିଶ୍ରଙ୍କ ଉତ୍ତରାଖଣ୍ଡ ହାଇକୋର୍ଟକୁ ବଦଳି ହୋଇଥିଲା। ତାଙ୍କ ସ୍ଥାନରେ ୨ ବିଚାରପତି ଯଶୋବନ୍ତ ସିଂ ଓ ଅରିନ୍ଦମ ସିହ୍ନାଙ୍କୁ ହାଇକୋର୍ଟରେ ନିଯୁକ୍ତି ମିଳିଥିଲା। ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁ, ଆଦିତ୍ୟ କୁମାର ମହାପାତ୍ର, ରାଧାକୃଷ୍ଣ ପଟ୍ଟନାୟକ ଓ ଶଶିକାନ୍ତ ମିଶ୍ରଙ୍କୁ ହାଇକୋର୍ଟ ବିଚାରପତିଭାବେ ନିଯୁକ୍ତି ମିଳିଥିଲା। ଫଳରେ ହାଇକୋର୍ଟରେ ମୋଟ୍ ବିଚାରପତିଙ୍କ ସଂଖ୍ୟା ୧୮ରେ ପହଞ୍ଚିଛି।


ଅରିନ୍ଦମ ସିହ୍ନା


ଯଶୋବନ୍ତ ସିଂ


ମୃଗାଙ୍କ ଶେଖର ସାହୁ


ରାଧାକୃଷ୍ଣ ପଟ୍ଟନାୟକ


ଶଶିକାନ୍ତ ମିଶ୍ର


ଆଦିତ୍ୟ କୁମାର ମହାପାତ୍ର

### ୨୦୦ ବର୍ଷର ପୁରୁଣା ରେକର୍ଡ ସଂରକ୍ଷଣ ହେଲା

ଓଡ଼ିଶା ହାଇକୋର୍ଟରେ ୨୦୦ ବର୍ଷର ପୁରୁଣା ରେକର୍ଡକୁ ଚଳିତବର୍ଷ ସଂରକ୍ଷଣ କରାଯାଇଛି। ଏଥିପାଇଁ ନିର୍ମାଣ ହୋଇଥିବା ହାଇକୋର୍ଟର ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟରରେ ପ୍ରାୟ ୧୧ ଲକ୍ଷ ରେକର୍ଡକୁ ସୁରକ୍ଷିତ ଭାବେ ରଖାଯାଇଛି। ୧୯୫୦ ମସିହା ପୂର୍ବର ରେକର୍ଡଗୁଡ଼ିକୁ ସୁରକ୍ଷିତ ଭାବେ ସାଇତି ରଖାଯାଉଥିବାବେଳେ ଏହା ପରର ରେକର୍ଡକୁ ଡିଜିଟାଇଜ୍ କରାଯାଉଛି।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ



ଶ୍ରୀମନ୍ଦିର ସୁରକ୍ଷା, ସୌନ୍ଦର୍ଯ୍ୟକରଣ ସହ ଭକ୍ତଙ୍କୁ ଉତ୍ତମ ସୁବିଧା ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନଭେମ୍ବର ୨୪ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଦିନଟି ଓଡ଼ିଆ ଜାତି ପାଇଁ ଐତିହାସିକ ଓ ଚିର ସ୍ମରଣୀୟ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରିକ୍ରମା ପ୍ରକଳ୍ପର ଏକ ମଡେଲ ଅନାବରଣ କରିବା ସହ ୧୦୭ ଜଣ ଜମିଦାତା ଏବଂ ୧୮ଜଣ ମଠାଧୀଶଙ୍କୁ ସମ୍ମାନିତ କରିଥିଲେ। ଶିଳାନ୍ୟାସ କାର୍ଯ୍ୟକ୍ରମ ଉପଲକ୍ଷେ ନଭେମ୍ବର ୨୨ରୁ ୩ଦିନ ଧରି ଶାସ୍ତ୍ରୀୟ ଓ ଜଗନ୍ନାଥ ସଂସ୍କୃତି ଆଧାରରେ ନୀତିକାନ୍ତି ସହ ମହାଯଜ୍ଞ ହୋଇଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ।

## ସବ୍ୟାର୍ଚ୍ଚିତାଙ୍କ ରାଜକୀୟ ବିବାହ



ଚଳିତ ବର୍ଷର ପ୍ରମୁଖ ଚର୍ଚ୍ଚିତ ଖବର ଥିଲା ଓଡ଼ିଆ ଚଳଚ୍ଚିତ୍ର ଜଗତର ହିଟ୍ ଯୋଡି ସବ୍ୟସାଚୀ ଓ ଅର୍ଚ୍ଚିତାଙ୍କ ରାଜକୀୟ ବିବାହ। ମାର୍ଚ୍ଚ ୧ରେ ଦୁହେଁ ରାଜସ୍ଥାନର ଏକ ବିଳାସପୂର୍ଣ୍ଣ ରିସର୍ଟରେ ବିବାହବନ୍ଧନରେ ଆବଦ୍ଧ ହୋଇଥିଲେ। ବହୁ ଦିନରୁ ଦୁହିଁଙ୍କ ସମ୍ପର୍କକୁ ନେଇ ଆଲୋଚନା ହେଉଥିଲାବେଳେ ସେମାନେ କେବେ ମୁହଁ ଖୋଲି ନ ଥିଲେ। ତେବେ ବିବାହର ପୂର୍ବଦିନ ସୋସିଆଲ୍ ମିଡିଆରେ ଏ ସମ୍ପର୍କରେ ସୂଚନା ଦେଇ ପ୍ରଶଂସକଙ୍କୁ ସରପ୍ରାଇଜ୍ ଦେଇଥିଲେ ସବ୍ୟର୍ଚ୍ଚିତା। ଏଥିସହ ଧଳା ରଙ୍ଗର ସେରୱାନୀ ସାଙ୍ଗକୁ ଗୋଲାପୀ ରଙ୍ଗର ପଗଡି ପିନ୍ଧି ସବ୍ୟସାଚୀଙ୍କ ରାଜା ବେଶ ଓ ଲାଲ୍ ରଙ୍ଗର ଲେହେଙ୍ଗାରେ ଚୁଲ୍‌ବୁଲି ଅର୍ଚ୍ଚିତାଙ୍କ ରାଣୀ ବେଶର ଫଟୋ, ଭିଡିଓ ବେଶ୍ ଭାଇରାଲ ହୋଇଥିଲା।

## ହତ୍ୟା ଘଟଣାରେ ଛନ୍ଦିହେଲେ

ମାହାଙ୍ଗା ଡବଲ ମର୍ଡର ଘଟଣାରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନା ବିବାଦ ମଧ୍ୟକୁ ଟାଣି ହୋଇଯାଇଥିଲେ। ଜେନାଙ୍କ ଇଙ୍ଗିତରେ ମାହାଙ୍ଗା ବ୍ଲକ ପୂର୍ବତନ ଅଧକ୍ଷ ତଥା ଭାଜପା ନେତା କୁଳମଣି ବରାଳ ଏବଂ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏପରି କି ଏତଲାରେ ମନ୍ତ୍ରୀ ଜେନାଙ୍କ ନାମ ରହିଥିବାରୁ ବହିଷ୍କାର ଦାବିରେ ଭାଜପା ଏବଂ କଂଗ୍ରେସ ଆନ୍ଦୋଳନ ଓ ବିକ୍ଷୋଭ କରିଥିଲେ। ପରେ ଚାର୍ଜଶିଟରେ ମନ୍ତ୍ରୀଙ୍କ ନାମକୁ ପୋଲିସ କାଟିଦେବା ପରେ ମଧ୍ୟ ବିବାଦ ଥମି ନ ଥିଲା।



## ଦିବ୍ୟଶଙ୍କରଙ୍କ ପାଇଁ ଅଡୁଆ

କଳାହାଣ୍ଡି ଜିଲା ମହାଲିଙ୍ଗ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାରେ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରାଜ୍ୟ ରାଜନୀତିକୁ ବେଶ୍ ଚଳଚଞ୍ଚଳ କରିପକାଇଥିଲା। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ମନ୍ତ୍ରୀ ମିଶ୍ରଙ୍କ ଘନିଷ୍ଠ ଥିଲେ। ଏପରି କି ମନ୍ତ୍ରୀ ତାଙ୍କ ରାୟପୁରସ୍ଥିତ ବାସଭବନରେ ଗୋବିନ୍ଦ ଓ ମମିତାଙ୍କୁ ନେଇ ବୁଝାମଣା କରାଇଥିବା ଭାଜପା ଓ କଂଗ୍ରେସ ଅଭିଯୋଗ କରି ମନ୍ତ୍ରୀଙ୍କ ବହିଷ୍କାର ଦାବି କରିବା ସହ ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ।



## ଦୁର୍ନୀତି ଜାଲରେ ପ୍ରଦୀପ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଛନ୍ଦି ହୋଇଯାଇଥିଲେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ। ତାଙ୍କ ବିରୋଧରେ ଲୋକାୟୁକ୍ତଙ୍କ ନିକଟରେ ହୋଇଥିବା ଅଭିଯୋଗକୁ ଆଧାର କରି ଭୁବନେଶ୍ୱର ସମେତ ୧୫ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ହୋଇଥିଲା। ୨୦୦୯ ମେ'ରୁ ୨୦୨୦ ନଭେମ୍ବର ମଧ୍ୟରେ ୫.୦୫କୋଟି ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା।



## ମାଡ଼ମାରି ନିଲମ୍ବିତ ପ୍ରଶାନ୍ତ

ଜାତିଆଣ ଆକ୍ଷେପ, ଆକ୍ରମଣ ଓ ଗାଳିଗୁଲଜ ଘଟଣାକୁ ନେଇ ଚର୍ଚ୍ଚା ଆଉ ବିବାଦରେ ଥିଲେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ। ବାଲୁଗାଁ ମଣ୍ଡଳ ଭାଜପା ସଭାପତି ନିରଞ୍ଜନ ସେଠୀଙ୍କୁ ଆକ୍ରମଣ ମାମଲାରେ ଅକ୍ଟୋବର ୮ରେ ସେ ଗିରଫ ହୋଇ ଜେଲ ଯାଇଥିଲେ। ତାଙ୍କ ଜାମିନ ଆବେଦନ ବାରମ୍ବାର ଖାରଜ ହୋଇଥିଲା। ଗିରଫ ପରେ ଜଗଦେବଙ୍କୁ ବିଜେଡିରୁ ନିଲମ୍ବନ କରାଯିବା ସହ ଖୋର୍ଦ୍ଧା ଜିଲା ଯୋଜନା କମିଟି ଅଧକ୍ଷ ପଦରୁ ହଟାଇ ଦିଆଯାଇଥିଲା।



## ବିନା ପରୀକ୍ଷାରେ ମିଳିଲା ଫଳ

୨୦୨୦ ମାର୍ଚ୍ଚ ୧୫ରେ ରାଜ୍ୟରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସାରା ରାଜ୍ୟରେ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ କରି ଦିଆଯାଇଥିଲା। ପିଲାଙ୍କ ପାଠପଢ଼ାରେ ଯେପରି ବ୍ୟାଘାତ ନ ହୁଏ ସେଥିପାଇଁ ରାଜ୍ୟ ସରକାର ଅନ୍‌ଲାଇନ୍ ଶିକ୍ଷା ଦେବା ପାଇଁ ବ୍ୟବସ୍ଥା କରିଥିଲେ। କିନ୍ତୁ ସ୍ମାର୍ଟ ଫୋନ୍‌ର ଅଭାବ, ଇଣ୍ଟରନେଟ୍ ସଂଯୋଗ ନ ଥିବା ଯୋଗୁ ପ୍ରାୟ ୬୦ପ୍ରତିଶତ ପିଲା ଅନ୍‌ଲାଇନ୍ ଶିକ୍ଷାରୁ ବଞ୍ଚିତ ହୋଇଥିଲେ। ଯେହେତୁ ଅଫ୍‌ଲାଇନ୍ ବା ଶ୍ରେଣୀଗୃହ ପାଠପଢ଼ା ହୋଇ ନ ଥିଲା, ତେଣୁ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ହେଲା ନାହିଁ। ଆଉ ପ୍ରଥମ ଥର ପାଇଁ ବିନା ପରୀକ୍ଷାରେ ରାଜ୍ୟ ସରକାର ମାଟ୍ରିକ ଓ ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶ କଲେ। ଦୁଇଟି ବୋର୍ଡର ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଫଳାଫଳକୁ ନେଇ ଛାତ୍ରୀଛାତ୍ରମାନେ ଅସନ୍ତୋଷ ଥିଲେ ଏବଂ ଆନ୍ଦୋଳନକୁ ଓହ୍ଲାଇଥିଲେ। ତେଣୁ ଅସନ୍ତୋଷ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଅଫ୍‌ଲାଇନ୍ ପରୀକ୍ଷାର ବ୍ୟବସ୍ଥା କରାଯାଇଥିଲା। ଅପରପକ୍ଷେ ରାଜ୍ୟରେ କରୋନାର ସ୍ଥିତିରେ ସୁଧାର ଆସିବାରୁ ପର୍ଯ୍ୟାୟକ୍ରମେ ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ରାଜ୍ୟ ସରକାର ଚିନ୍ତା କରିଲେ। ପ୍ରଥମେ ଦଶମ ଓ ଯୁକ୍ତ୨ ପିଲାଙ୍କ ପାଇଁ ସ୍କୁଲ ଖୋଲାଯାଇଥିଲା। ପରେ ନବମ, ଏକାଦଶ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଖୋଲିଥିଲା। ତେବେ କୌଣସି ପିଲାଙ୍କୁ ସ୍କୁଲ ଆସିବା ପାଇଁ ବାଧ୍ୟ କରାଯାଇ ନ ଥିଲା। ଅଭିଭାବକଙ୍କ ବିନା ଅନୁମତିରେ ପିଲାଙ୍କୁ ସ୍କୁଲ ଆସିବା ପାଇଁ ବାରଣ କରାଯାଇଥିଲା। ଯେଉଁ ପିଲାମାନେ ଚାହିଁବେ ସେମାନେ ଆସିବେ ଏବଂ ଯେଉଁମାନେ ନ ଆସିବେ ସେମାନଙ୍କ ପାଇଁ ଅନ୍‌ଲାଇନ୍ ଶିକ୍ଷାର ବି ବ୍ୟବସ୍ଥା ରହିଥିଲା। ଏବେ ବି ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ପାଠପଢ଼ା ଯାଉଛି। ଏଥିସହିତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ବି ଖୋଲି ଦିଆଯାଇଥିଲା।



## ଚର୍ଚ୍ଚାରେ ରାଜ୍ୟ ରାଜନୀତି

ଆଲୋଚ୍ୟ ବର୍ଷରେ କେତେକ ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ଚର୍ଚ୍ଚାକୁ ଆସିଥିଲା। ଶାସକ ବିରୋଧୀ ମୁହାଁମୁହିଁ ହୋଇଥିଲେ। ନେତାଙ୍କୁ କଳାପତାକା ପ୍ରଦର୍ଶନ, ଅଣ୍ଡା ଫିଙ୍ଗା ଭଳି ଘଟଣାକ୍ରମ ବାରମ୍ବାର ଦେଖିବାକୁ ମିଳିଥିଲା। ଶାସକ ବିଜେଡି କେନ୍ଦ୍ରୀୟ ଅବହେଳା, ଉଷୁନା ଚାଉଳ, ତୈଳ ଓ ଦରଦାମ ବୃଦ୍ଧିକୁ ପ୍ରସଙ୍ଗ କରିଥିବାବେଳେ ବିରୋଧୀ ଭାଜପା ଓ କଂଗ୍ରେସ ରାଜ୍ୟରେ ଦୁର୍ନୀତି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ବିଶେଷକରି ମମିତା ଓ ମାହାଙ୍ଗା ଡବଲ ମର୍ଡର ଘଟଣାକୁ ନେଇ ସରକାରଙ୍କୁ ଘେରିଥିଲେ। ମହାମାରୀ, କୋଭିଡ୍ ଟିକାକୁ ନେଇ ମଧ୍ୟ ଶାସକ ଓ ବିରୋଧୀ ପରସ୍ପର ଦୋଷାରୋପରେ ବ୍ୟସ୍ତ ଥିଲେ। ଅନ୍ୟପକ୍ଷରେ ଫେବୃୟାରୀ ୨୦ରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚିତ ସରକାରଙ୍କୁ କାମ କରିବାକୁ ସୁଯୋଗ ଦିଆଯିବା ଆବଶ୍ୟକ ବୋଲି କହିବା ଜାତୀୟ ରାଜନୀତି ପାଇଁ ବେଶ୍ ଗୁରୁତ୍ୱ ବହନ କରିଥିଲା।



## ସ୍ୱାସ୍ଥ୍ୟ, ଶିକ୍ଷାକୁ ଗୁରୁତ୍ୱ

କରୋନାର ପ୍ରକୋପ ମଧ୍ୟରେ ବିଦାୟୀ ବର୍ଷରେ ହୋଇଛି ଅନେକ ବିକାଶମୂଳକ କାର୍ଯ୍ୟ। ମହାମାରୀ ପ୍ରଭାବିତ ଜୀବନଜୀବିକାକୁ ସଜାଡ଼ିବା ଲାଗି ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରି ରାଜ୍ୟର ୯୬ ଲକ୍ଷ ପରିବାରର ସାଢ଼େ ୩ କୋଟି ଲୋକଙ୍କୁ ଯୋଡ଼ାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଡ ଆର୍ଥିକ ଦୁର୍ବଳ ବର୍ଗଙ୍କ ସ୍ୱାସ୍ଥ୍ୟ ଖର୍ଚ୍ଚ ବୋଝ ଦୂର କରିବାରେ ବେଶ୍ ସହାୟତା ହେବ। ସେହିପରି କରୋନା ମାଡ଼ରେ ଶିକ୍ଷାକ୍ଷେତ୍ର ଦୋହଲି ଯାଇଥିବାବେଳେ ୫-ଟି ଯୋଜନା ଆନୁକୂଲ୍ୟରେ ସ୍କୁଲ ରୂପାନ୍ତରଣ ଗ୍ରାମାଞ୍ଚଳର ସରକାରୀ ଶିକ୍ଷାନୁଷ୍ଠାନର କଳେବର ବଦଳାଇଛି। ଅଦ୍ୟାବଧି ୧୦୭୮ ସ୍କୁଲ ରୂପାନ୍ତର ହୋଇଥିବାବେଳେ ୨୦୨୨ରେ ୩୩୦୦ ସ୍କୁଲକୁ ଏଥିରେ ସାମିଲ କରିବାକୁ ଯୋଜନା ରଖାଯାଇଛି। ଅପରପକ୍ଷରେ ନାରୀ ସଶକ୍ତୀକରଣକୁ ସଫଳ କରିବାକୁ ଆରମ୍ଭ ହୋଇଥିବା 'ମିଶନ ଶକ୍ତି'କୁ ସ୍ୱତନ୍ତ୍ର ବିଭାଗର ମାନ୍ୟତା ଦିଆଯାଇଛି। ରାଜ୍ୟରେ କାର୍ଯ୍ୟରତ ୬ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସହଭାଗୀ କରାଯାଇଛି।




## ଇପ୍‌ସିତା ମିସେସ୍ ଫେମିନା



ସାରା ଭାରତବର୍ଷର ପ୍ରାୟ ୫୦ ହଜାର ପ୍ରତିଯୋଗୀଙ୍କୁ ପଛରେ ପକାଇ ବିଜୟ ମୁକୁଟ ପରିଧାନ କରିଥିଲେ ଓଡ଼ିଆ ଝିଅ ଇପ୍ସିତା ପ୍ରିୟଦର୍ଶିନୀ (୨୭)। କରୋନା କଟକଣା ଯୋଗୁ ଅନ୍‌ଲାଇନରେ ହୋଇଥିବା ମିସେସ ଫେମିନା-୨୦୨୧ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡରେ ବିଜୟ ହାସଲ କରିଥିଲେ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ସାହୁଙ୍କ ଝିଅ ଇପ୍‌ସିତା। ବାପା ପ୍ରଶାସନିକ ଅଧିକାରୀ ଓ ମା' ବବିତା ମହାନ୍ତି ଜଣେ ଗୃହିଣୀ। ପିଲାବେଳୁ କଳା ପ୍ରତି ଅହେତୁକ ଆକର୍ଷଣ ତାଙ୍କୁ ସଫଳତା ଆଣି ଦେଇଥିଲା।

## ଓମ୍‌କାର ଏନ୍‌ଡିଏ ଟପ୍ପର

ନ୍ୟାଶନାଲ୍ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ)ର ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟସ୍ତରରେ ପୁରୀର ଓମ୍‌କାର ଆଶୁତୋଷ ପ୍ରଥମ ସ୍ଥାନ ଅଧିକାର କରି ନିଜ ତଥା ରାଜ୍ୟପାଇଁ ଗୌରବ ଆଣିଛନ୍ତି। ଓମ୍‌କାର ନିଜର ପ୍ରାରମ୍ଭିକ ପାଠପଢ଼ା ପୁରୀ କନ୍‌ଭେଣ୍ଟ ସ୍କୁଲ୍‌ରେ କରିଥିବା ବେଳେ ଅଷ୍ଟମରୁ ସେ ଡେରାଡୁନ୍‌ସ୍ଥିତ ରାଷ୍ଟ୍ରୀୟ ଇଣ୍ଡିଆନ୍ ମିଲିଟାରୀ କଲେଜରେ ପଢ଼ିବା ସହ ଏନ୍‌ଡିଏ ପାଇଁ ପ୍ରସ୍ତୁତ ହୋଇଥିଲେ। ଶୃଙ୍ଖଳିତ ଓ ବ୍ୟବସ୍ଥିତ ଜୀବନ ସଫଳତା ଦେଇଥିବା କହିଛନ୍ତି।



### ପୁରସ୍କାର

- ପାରମିତା ଶତପଥୀଙ୍କୁ ଶାରଳା ପୁରସ୍କାର
- ଚିତ୍ରକର ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଓ ଘୁମୁରା ଶିଳ୍ପୀ ଜୟନ୍ତ କୁମାର ବେହେରାଙ୍କୁ ଇଲା-ବଂଶୀଧର କଳା ସମ୍ମାନ
- ଡ. ରାମଚନ୍ଦ୍ର ବେହେରାଙ୍କୁ ଅତିବଡ଼ୀ ପୁରସ୍କାର
- ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ରଙ୍କୁ ୨୦୧୯-୨୦ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ
- ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ ୨୦୨୦-୨୧ ପାଇଁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ
- ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ ରାଷ୍ଟ୍ରୀୟ କୁଭେମ୍ପୁ ପୁରସ୍କାର
- ଯଶୋଧାରା ମିଶ୍ରଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପୂରଣ ହେଲା ୪ ଏକାଡେମୀ ସଭାପତି ପଦବୀ

### ପୂରଣ ହେଲା ୪ ଏକାଡେମୀ ସଭାପତି ପଦବୀ

- ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ.ହୃଷୀକେଶ ମଲ୍ଲିକ
- ସଙ୍ଗୀତ ନାଟକ ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି
- ଲଳିତକଳା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ
- ଉର୍ଦ୍ଦୁ ଏକାଡେମୀ ସଭାପତି ଭାବେ ଡ. ସୟଦ୍ ମୁସିର ଆଲାମ୍‌ଙ୍କୁ ନିଯୁକ୍ତ କରାଯାଇଥିଲା

## ବିବାଦରେ ଘୋଡ଼ା ପ୍ରତିମୂର୍ତ୍ତି

ଗତ ଶତାବ୍ଦୀର ଶେଷ ଆଡ଼କୁ ରାଜଧାନୀ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ସ୍ଥାପିତ ହୋଇଥିବା କୋଣାର୍କ ଘୋଡ଼ାକୁ ନେଇ ବିବାଦ ହୋଇଥିଲା। ଏହାକୁ ସ୍ଥାନାନ୍ତର କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେବା ପରେ ତୀବ୍ର ବିରୋଧ କରାଯାଇଥିଲା। ସ୍ମାର୍ଟସିଟି ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟର ପରିଚୟ ଦେଉଥିବା ଏହି ସ୍ଥାପିତ୍ୟ ପ୍ରତି ଏପରି ଅବହେଳାକୁ ଗ୍ରହଣ କରିପାରି ନ ଥିଲେ ସହରର ବୁଦ୍ଧଜୀବୀ। ଚାରିଆଡ଼ୁ ପ୍ରତିବାଦ ଓ ଆନ୍ଦୋଳନ ପରେ ସରକାର ତାଙ୍କ ନିଷ୍ପତ୍ତି ବଦଳାଇଥିଲେ। ଶେଷରେ ସେହିଠାରେ ହିଁ ଘୋଡ଼ାକୁ ରଖାଯାଇ ସୌନ୍ଦର୍ଯ୍ୟକରଣ କରାଯାଉଛି।



## କାଠଗଡ଼ାରେ ଚଳଚ୍ଚିତ୍ର ପୁରସ୍କାର



୨୦୧୯ ମସିହା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନଭେମ୍ବର ୫ରେ ୩୧ତମ 'ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର' ଓ ୮ମ 'ରାଜ୍ୟ ଓଡ଼ିଆ ଟେଲି ଚଳଚ୍ଚିତ୍ର ପୁରସ୍କାର' ଘୋଷଣା କରାଯାଇଥିଲା। ତେବେ ଆରମ୍ଭରୁ ଏହା ବିବାଦରେ ଛନ୍ଦି ହୋଇଯାଇଥିଲା। ମଞ୍ଚରୁ ହିଁ ପ୍ରଥମେ ଜୁରି ଅଧକ୍ଷ ଥିବା ସୁରେନ୍ଦ୍ର ସାହୁ ପୁରସ୍କାର ନାମ ବଦଳାଇବା କଥା ଉଠାଇଥିଲେ। ପରେ ପୁରସ୍କାର ଚୟନରେ ବ୍ୟାପକ ବିଭ୍ରାଟ ହୋଇଥିବା ଓ ସଂଶୋଧିତ ଓଡ଼ିଶା ରାଜ୍ୟ ଟେଲି ପୁରସ୍କାର ନିୟମ ୨୦୧୩କୁ ପୂରାପୂରି ଉଲ୍ଲଂଘନ କରାଯାଇଥିବା ନେଇ ଓଡ଼ିଶା ଟେଲି ଆର୍ଟିସ୍ଟ ଆସୋସିଏଶନ (ଓଟା) ଅଭିଯୋଗ ଆଣିଥିଲା। 'ନିମ୍‌କି' ଭଳି କେତେକ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ରକୁ 'ଟେଲି ପୁରସ୍କାର' ମିଳିଥିବାବେଳେ ବହୁ ଯୋଗ୍ୟ ଚଳଚ୍ଚିତ୍ରକୁ ପୁରସ୍କାରରୁ ବାଦ୍ ଦିଆଯାଇଥିବା ଓଟା ପକ୍ଷରୁ କୁହାଯିବା ସହ ଗଠିତ ଜୁରି କମିଟିକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲା। ପ୍ରଥମ କମର୍ସିଆଲ ବାୟୋପିକ୍ 'ଛବିରାଣୀ' କୌଣସି ବର୍ଗରେ ପୁରସ୍କାର ନ ପାଇବାରୁ ନିର୍ଦ୍ଦେଶକ ବବି ଇସ୍‌ଲାମ ନବୀନ ନିବାସ ଆଗରେ କିରୋସିନ ଢାଳି ହୋଇ ଆତ୍ମାହୁତି ଉଦ୍ୟମ କରିଥିଲେ। ଏପରିକି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି କରି ଉଚ୍ଚ ଅଦାଲତ ପୁରସ୍କାର ଉପରେ ସ୍ଥଗିତାଦେଶ ଦେବା ସହ ପୁନଃବିଚାର କରି ଜାନୁୟାରୀ ୭ ସୁଦ୍ଧା ରିପୋର୍ଟ ଦେବାକୁ କହିଛନ୍ତି।



## ପାଇକ ବିଦ୍ରୋହ, ସ୍ମାରକୀ ଜମି ବିବାଦ

୧୮୧୭ ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ନୁହେଁ ଓ ଖୋର୍ଦ୍ଧାରେ ସ୍ମାରକୀ ସ୍ତମ୍ଭ ପାଇଁ ରାଜ୍ୟ ସରକାର ଜମି ଦେଇ ନ ଥିବା ନେଇ ସଂସଦରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ କହିବା ପରେ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଓଡ଼ିଶା ବୀର ମହାସଂଘ ସମେତ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ରାସ୍ତାକୁ ଓହ୍ଲାଇବା ସହ କେନ୍ଦ୍ରକୁ ଚିଠି ମାଧ୍ୟମରେ ଦାବି ସହ ଚେତାବନୀ ଦେଇଥିଲେ। ଏପରିକି ଠିକ୍ ତଥ୍ୟ ଉପସ୍ଥାପନକୁ ନେଇ ରାଜ୍ୟ ସରକାରଙ୍କୁ ଦାୟୀ କରାଯାଇଥିଲେ ମଧ୍ୟ ଶେଷରେ ସବୁ ଦଳ ପକ୍ଷରୁ ଦାବି ଜୋର୍‌ଧରିଥିଲା। ଏନେଇ ବିଧାନସଭାରେ ସଂକଳ୍ପ ପାରିତ ହେବା ସହ ପାଇକ ବିଦ୍ରୋହ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ନ ମିଳିବା ଯାଏ ସଂଗ୍ରାମ ଜାରି ରହିବ ବୋଲି ଖୋର୍ଦ୍ଧା ମାଟିରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

## ଗଡ଼ ବଜାୟ ରଖିଲେ ପୁଅ ମହାରଥୀ

ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ପରଲୋକ ପରେ ସେଠାରେ ଉପନିର୍ବାଚନ କରିବା ଉଭୟ ରାଜ୍ୟ ସରକାର ଓ ନିର୍ବାଚନ କମିଶନଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ଥିଲା। ପ୍ରଥମେ ଏପ୍ରିଲ ୧୭ରେ ଭୋଟ ଗ୍ରହଣ ପାଇଁ ତାରିଖ ଘୋଷଣା କରାଯାଇଥିଲା। ହେଲେ କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ମୃତ୍ୟୁ ଯୋଗୁ ଏହାକୁ ବାତିଲ କରାଯାଇଥିଲା। ପରେ ସେପ୍ଟେମ୍ବର ୩୦ରେ ଉପନିର୍ବାଚନ କରାଯାଇଥିଲା। ଏଥିରେ ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କୁ ୨୦ହଜାରରୁ ଊର୍ଦ୍ଧ୍ୱ ଭୋଟରେ ହରାଇ ବାପା ପ୍ରଦୀପ ମହାରଥୀଙ୍କ ଗଡ଼କୁ ବଜାୟ ରଖିବାରେ ସଫଳ ହୋଇଥିଲେ।



## ନଦୀରେ ବୁଡ଼ି ଯୁବକ ମୃତ

**ରାଉରକେଲା ଅଫିସ:** ରାଉରକେଲା ସେକ୍ଟର-୧୫ ଥାନା ଅନ୍ତର୍ଗତ ତୁମକେଲା ଘାଟରେ ଜଣେ ଯୁବକ ନଦୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଛେଣ୍ଡ ଅଞ୍ଚଳର ଜିତେନ୍ଦ୍ର କୁମାର ଦାସ(୨୯)। ଛେଣ୍ଡ କଲୋନୀ ଏଲ୍‌ସିଆର ବ୍ଲକ ଘର ନଂ /୧୨୮ରେ ଜିତେନ୍ଦ୍ର ସପରିବାର ରୁହନ୍ତି। ଗତ ଦୁଇଦିନ ତଳେ ସେ ନିଖୋଜ ହେବା ନେଇ ଛେଣ୍ଡ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଗୁରୁବାର ସେକ୍ଟର-୧୬ ସ୍ଥିତ କୋଏଲ ନଦୀ ତୁମକେଲା ଘାଟରୁ ତାଙ୍କ ମୃତଦେହ ଜବତ କରାଯାଇଥିଲା।

## ସଂକ୍ଷେପରେ

### କଲେଜ ବାରଣ୍ଡା ଛାତ ଭୁଶୁଡ଼ି ୨ ଆହତ

**ଜମନକିରା, ୩୦।୧୨(ଡି.ଏନ.ଏ.):** ଜମନକିରା ବ୍ଲକ ସଦର ମହକୁମାସ୍ଥିତ ଯୁକ୍ତ ୩ ମହାବିଦ୍ୟାଳୟର ପୁରୁଣା କୋଠା ମରାମତି ବେଳେ ଗୁରୁବାର ବାରଣ୍ଡା ଛାତ ଭୁଶୁଡ଼ି ୨ ମିସ୍ତ୍ରି ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଜମନକିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାମତେ ଯୁକ୍ତ ୩ ମହାବିଦ୍ୟାଳୟରେ ପୁରୁଣା କୋଠା ମରାମତି କାର୍ଯ୍ୟ ଚାଲିଛି। ତେବେ ୩ଦିନ ହେଲା ଲଗାଣ ବର୍ଷାରେ ବାରଣ୍ଡା ଛାତ ଓଦା ହୋଇ ଦବିରହିଥିଲା। ପୂର୍ବାହ୍ନ ୧୦ଟା ସମୟରେ ବର୍ଷା ଜାରି ରହିଥିବାବେଳେ ମରାମତି କାମ ଚାଲିଥିଲା। ଏହି ସମୟରେ ହଠାତ୍ ବାରଣ୍ଡା ଛାତ ଭୁଶୁଡ଼ି ପଡ଼ିଥିଲା। କାର୍ଯ୍ୟରତ ୨ ଜଣ ମିସ୍ତ୍ରି ଚାପିହୋଇ ଆହତ ହୋଇଥିଲେ।

### ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟରେ ମେଗା ନିଯୁକ୍ତି ମେଳା

**ସମ୍ବଲପୁର,୩୦।୧୨(ବ୍ୟୁରୋ):** ସମ୍ବଲପୁର ଶାସନ ଦେବେଇପାଲି ନିକଟ ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ ପରିସରରେ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଟିପିଡବ୍ଲ୍ୟୁଓଡିଏଲ୍ ପରିଚାଳିତ ମେଳାରେ ଲାୟମ ଗ୍ରୁପ ୬ ଜଣ ଓ ଏନମରଙ୍କକ ସୋଲୁସନ ୫ଜଣ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ସେହିପରି ଜାରୋ ଏଜୁକେଶନ ମଧ ଇନ୍‌ଷ୍ଟିଚ୍ୟୁଟର ବିସିଏ, ବିବିଏ, ବିଏସ୍‌ସି ଓ ବିକମ ଛାତ୍ରୀଛାତ୍ରଙ୍କ ସକାଶେ ନିଯୁକ୍ତି ସୁଯୋଗ ଦେଇଛନ୍ତି। ଏ ନେଇ ପ୍ରିନ୍‌ସିପାଲ ସୌମ୍ୟଜିତ ମିଶ୍ର ଛାତ୍ରୀଛାତ୍ର ଓ କମ୍ପାନୀକୁ ଶୁଭେଚ୍ଛା ଜଣାଇଛନ୍ତି। ଇନ୍‌ଷ୍ଟିଚ୍ୟୁଟ ସମ୍ପାଦକ ସଞ୍ଜୀବ ଅଗ୍ରୱାଲ ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ର କାର୍ଯ୍ୟ ପ୍ରତି ନିଷ୍ଠା ରଖିବାକୁ ଆହ୍ୱାନ ଦେଇଥିଲେ। ପ୍ରଶିକ୍ଷଣ ଓ ନିଯୁକ୍ତି ଅଧିକାରୀ ଇଂ ରାଜଶେଖର ସିହ୍ନା ସୂଚନା ପ୍ରଦାନ କରିଥିଲେ।

### ବ୍ୟାଡ଼୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

**ରାଉରକେଲା ଅଫିସ,୩୦।୧୨:** ରାଉରକେଲା କୋଏଲନଗର ଏ-ବ୍ଲକ ଦୁର୍ଗାପୂଜା ପଡିଆରେ ତୃତୀୟ ଫେଡେରେଶନ ଅଫ ରାଉରକେଲା ଆନୁକୂଲ୍ୟରେ କୋଏଲ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅନ୍ତର୍ଜାତୀୟ କବାଡି ରେଫରି ଅରବିନ୍ଦ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ପରାଜ ଓ ଉପବିଜେତା ପ୍ରଶାନ୍ତ, ତୃତୀୟ ରନର୍ସ ଅପ୍ ଖେଳାଳି ଜୀବନଙ୍କ ସହ ସ୍ୱସ୍ତିକ, ସୁମନ୍ତ, ବୁବରୁରୀଙ୍କୁ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ରେଫରି ସଞ୍ଜୀବ ନାୟକ ଖେଳ ପରିଚାଳନା କରିଥିଲେ। ସଙ୍ଗଠନ ସମ୍ପାଦକ ସୁମନ୍ତ ଜେନା, ପ୍ରତୀକ ପଟ୍ଟନାୟକ, ବିକାଶ ସାମଲ, ଅଶୋକ ରଥ, ମାନସ ପାତ୍ର, ଅରୁଣ ପାତ୍ର ଓ ଚିନ୍ମୟ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

### କିଶୋର ମହାନ୍ତିଙ୍କ ପରଲୋକରେ ଶୋକ

**ସମ୍ବଲପୁର,୩୦।୧୧(ବ୍ୟୁରୋ):** ବ୍ରଜରାଜନଗର ବିଧାୟକ ତଥା ପୂର୍ବତନ ବାଚସ୍ପତି କିଶୋର ମହାନ୍ତିଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ଘଟିଛି। ଏହାକୁ ନେଇ ସମ୍ବଲପୁର ଜିଲା ବିଜେଡି ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ରେଢାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଶୋକବ୍ୟକ୍ତ କରି ଓଡ଼ିଶା ରାଜନୀତି ତଥା ବିଜେଡି ପାଇଁ ଏହା ବଡ କ୍ଷତି। ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ପରିବାର ବର୍ଗଙ୍କୁ ଭଗବାନ ସାହସ ଦିଅନ୍ତୁ ବୋଲି କହିଛନ୍ତି। ସେହିପରି ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ ପ୍ରେସ ବିବୃତିରେ ଉଲ୍ଲେଖ କରିଛନ୍ତି, ୪୦ ବର୍ଷ ରାଜନୀତିରେ ସେ ଅନେକ ପଦ ପଦବୀରେ ରହିଛନ୍ତି। ଝାରସୁଗୁଡା ସହିତ ସମ୍ବଲପୁର ଜିଲା ବିକାଶ କ୍ଷେତ୍ରରେ ତାଙ୍କର ଭୂମିକା ରହିଛି। ପୂର୍ବତନ ବିଜେଡି ଜିଲା ସଭାପତି ତଥା ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ ଦୁଃଖ ପ୍ରକାଶ କରି କିଶୋର ମହାନ୍ତି ସାଧାରଣ ଲୋକଙ୍କ ସମସ୍ୟା ପାଇଁ ଲଢେଇ କରୁଥିବା ନେତା ଥିଲେ ବୋଲି କହିଥିଲେ। ଶ୍ରମିକ ସଙ୍ଗଠନଗୁଡିକ ଜଣେ ଟାଣୁଆ ନେତାଙ୍କୁ ହରାଇଲା ବୋଲି ଶ୍ରମିକ ନେତା ଗୋକୁଳ ମେହେର କହିଛନ୍ତି। ବିଜେଡି ରାଜ୍ୟ ପ୍ରବକ୍ତା ସଞ୍ଜୟ ବାବୁ, ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ବିଧାୟକ ମହାନ୍ତିଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

# ଥିପ ଥିପ ପାନି ଶ୍ରେଷ୍ଠ ପ୍ରଯୋଜିତ ନାଟକ

**ସମ୍ବଲପୁର,୩୦।୧୨(ବ୍ୟୁରୋ)**

ଯୁବ ଉଦୟନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଉତ୍ସବ ହୋଇଥିଲା । ଅଦୃଶ୍ୟ ନାଟ୍ୟ ଆଶ୍ରମର ଥିପ ଥିପ ପାନି ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ ପୁରସ୍କୃତ ହୋଇଛି। ସେହିପରି ବରଗଡ ଜିଲା ସମର୍ପଣ ନାଟ୍ୟ ଅନୁଷ୍ଠାନର ଘରର କଥା ଦ୍ୱିତୀୟ ଶ୍ରେଷ୍ଠ ଓ ପଦମପୁରଲୁ ଅନୁଷ୍ଠାନର ଦୁବିଧା ତୃତୀୟ ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ ପୁରସ୍କାର ହାସଲ କରିଛି। ସଞ୍ଜୟ ପାଢ଼ୀ ଶ୍ରେଷ୍ଠ ଅଭିନେତା, ସ୍ୱର୍ଣ୍ଣପ୍ରଭା ରାହାଣା ଶ୍ରେଷ୍ଠ ଅଭିନେତ୍ରୀ,



ଅଦୃଶ୍ୟ ନାଟ୍ୟ ଆଶ୍ରମ କଳାକାରମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଶୁଭମ ମେହେର ଶ୍ରେଷ୍ଠ ସହଅଭିନେତା, ଚନ୍ଦ୍ରକାନ୍ତ ମହାନ୍ତି ଶ୍ରେଷ୍ଠ ଖଳନାୟକ, ରଞ୍ଜଣ ସେଠ ଶ୍ରେଷ୍ଠ ହାସ୍ୟ ଅଭିନେତା, ଭବେଶ ପ୍ରଧାନ ଶ୍ରେଷ୍ଠ ଶିଶୁ କଳାକାର ଟ୍ରଫି ହାସଲ କରିଛନ୍ତି। ଜଗନ୍ନାଥ ସେଠ ଶ୍ରେଷ୍ଠ ନିର୍ଦ୍ଦେଶକ, ଅତିଶ କୁମାର ଶତପଥି ଶ୍ରେଷ୍ଠ ନାଟ୍ୟକାର ଓ ଗିରିଜାଶଙ୍କର ମିଶ୍ର ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ପୁରସ୍କୃତ

**ରାଜ୍ୟସ୍ତରୀୟ ସମ୍ବଲପୁର ନାଟକ ପ୍ରତିଯୋଗିତା ଉଦ୍‌ଯାପିତ**

ହୋଇଛନ୍ତି। ଯୁବ ଉଦୟନ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଓ ବରଗଡ ଲୋକ ସଭା ଏମ୍‌ପି ସୁରେଶ ପୂଜାରୀ ଅତିଥି ଭାବେ ଯୋଗଦେଇ ନାଟ୍ୟଦଳ, କଳାକାରମାନଙ୍କୁ ପୁରସ୍କୃତ କରିଥିଲେ। ଯୁବ ନାଟ୍ୟକାର ପ୍ରଶାନ୍ତ କୁମାର ମାଝିଙ୍କୁ ଉଦୟନ ନାଟ୍ୟ ସମ୍ମାନ-୨୦୨୧ ପ୍ରଦାନ କରାଯାଇଥିଲା। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ବିବରଣୀ ପାଠ କରିଥିବାବେଳେ ଅନୁପମ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଲୁଡ଼କିଝରଣ ଗାଁରେ ହାତୀ ଉପଦ୍ରବ


ହାତୀପଲ ଭାଙ୍ଗିଦେଇଥିବା ଘର।

**ଲେଫ୍ରିପଡା, ୩୦।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ରେଞ୍ଜ ଲୁଡ଼କିଝରଣ ଗ୍ରାମରେ ବୁଧବାର ରାତିରେ ହାତୀ ଉପଦ୍ରବ ଯୋଗୁ ବ୍ୟାପକ କ୍ଷତି ଘଟିଛି। ୭ଟି ହାତୀ ବିଳମ୍ବିତ ରାତିରେ ଗ୍ରାମକୁ ପଶି ସଂଖ୍ୟାଧିକ ଘର ଭାଙ୍ଗି ଧାନ ଚାଉଳ ଖାଇଦେଇଥିଲେ। ଗ୍ରାମର ପଞ୍ଚାନନ ପ୍ରଧାନ, ଶ୍ରୀକାନ୍ତ କିଷାନ ଏବଂ ସଞ୍ଜିରା କିଷାନଙ୍କ ଘର ହାତୀପଲ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେଇଥିବାବେଳେ ଡିବା ପ୍ରଧାନ, ମହନ ବିଶାଳ ଏବଂ ଅଶୋକ ପ୍ରଧାନଙ୍କ ଘର ମଧ୍ୟ ଭାଙ୍ଗି ଦେଇଛନ୍ତି। ରାତ୍ରିରେ ଗ୍ରାମବାସୀଙ୍କ ପକ୍ଷରୁ ବନବିଭାଗକୁ ସୂଚନା ଦେବାପରେ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀ ଏବଂ ବନ ବିଭାଗର ଉଦ୍ୟମ କ୍ରମେ ଗ୍ରାମରୁ ହାତୀପଲକୁ ଘଉଡାଇ ଦିଆଯାଇଥିଲା। ଗୁରୁବାର ଲେଫ୍ରିପଡା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ଏବଂ ବନପାଳ ପ୍ରେମସାଗର ନାଏକ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ଆକଳନ କରିଛନ୍ତି। ହାତୀ ଘଉଡ଼ାଇବା ପାଇଁ ବନବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଗତ ୨୫ ତାରିଖ ରାତିରେ ହାତୀ ଆକ୍ରମଣରେ ଲେଫ୍ରିପଡା ସେକ୍ସନର ଦଲକିଝରଣ ଗ୍ରାମର ସୁରଜ ବାର୍ଲା ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା।

# ପିପୁଲ୍‌ସ୍ ଫୋରମ୍‌ର ପ୍ରତିଷ୍ଠା ଦିବସରେ ଅନ୍ତେବାସୀଙ୍କୁ ବିଦାୟ

**ଝାରସୁଗୁଡ଼ା ଅଫିସ,୩୦।୧୨**

ଝାରସୁଗୁଡ଼ା କଣ୍ଟାପାଲିର ଅସହାୟ ଥଇଥାନ କେନ୍ଦ୍ର ମିଶନ ଆଶ୍ରା ପରିସରରେ ପିପୁଲ୍ସ ଫୋରମର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ ଉଦ୍‌ଘାଟନ କରିଥିଲେ। ଏଥିରେ ପିପୁଲ୍ସ ଫୋରମ୍ ପରିଚାଳିତ ବିଭିନ୍ନ କେନ୍ଦ୍ରର କର୍ମଚାରୀ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସମୁଦାୟ ୧୧୨ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପିପୁଲ୍ସ ଫୋରମ୍ ପଶ୍ଚିମ ଓଡ଼ିଶା ମୁଖ୍ୟ ସଞ୍ଜୟ ଜେଠୀ ଓ ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀ ରାଜ୍ୟ ମୁଖ୍ୟ ବିନୋଦ ବିହାରୀ ମିଶ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଗା ରିୟୁନିୟନ କାର୍ଯ୍ୟକ୍ରମରେ ମିଶନ ଆଶାଲୋକର ୧୦ ମହିଳା ଓ ପୁରୁଷ ଅନ୍ତେବାସୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯିବାପରେ ସେମାନେ ଘରକୁ ବାହୁଡିଥିଲେ।

# ବିଧବାଙ୍କୁ ବଳାତ୍କାର, ଗର୍ଭନଷ୍ଟ: ଅଭିଯୁକ୍ତ ଗିରଫ

**ଦେବଗଡ଼,୩୦।୧୨(ଡି.ଏନ.ଏ)**

ବିବାହ ପ୍ରଲୋଭନ ଦେଖାଇ ଜଣେ ବିଧବା ମହିଳାଙ୍କ ସହ ସମ୍ପର୍କ ସ୍ଥାପନ କରିବାପରେ ପ୍ରତାରଣା କରିବା ଓ ଗର୍ଭ ନଷ୍ଟ କରିବା ଅଭିଯୋଗରେ ଦେବଗଡ ଥାନା ପୋଲିସ ଗୁରୁବାର ମଦନକଟେଇ ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ନାଥୁରାମ ହାଂସଦା(୨୯)। ସୁନ୍ଦରଗଡ ଜିଲା ଲହୁଣିପଡା ଅଞ୍ଚଳର ଜଣେ ବିଧବାଙ୍କୁ ୨୦୨୦ ମସିହା ଡିସେମ୍ବର ମାସରେ ବଳାତ୍କାର କରିଥିଲେ। ଏହା ପରେ ବିବାହ ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ବିଧବା ଜଣକ ଇତି ମଧ୍ୟରେ ୩ ମାସର ଗର୍ଭବତୀ ହୋଇଥିଲେ। ଏହାଦେଖି ନାଥୁରାମ ତାଙ୍କୁ ଜରୁରୀ କାମ ଥିବା ଦର୍ଶାଇବା ସହ ଗାଁ ପଡିଆକୁ ଡାକି ଗର୍ଭ ନଷ୍ଟ କରିବା ପାଇଁ ଔଷଧ ଖାଇବାକୁ ବାଧ କରିଥିଲେ। ଫଳରେ ପୀଡିତା ମହିଳା ଦେବଗଡ ଥାନାକୁ ଆସି ଏନେଇ ଅଭିଯୋଗ କରିଥିଲେ।

# ସୁନ୍ଦରଗଡ଼ ପ୍ରତିଯୋଗୀଙ୍କ ସଫଳତା

**ସୁନ୍ଦରଗଡ଼,୩୦।୧୨(ଡି.ଏନ୍.ଏ)**

ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ୩୩ତମ ରାଜ୍ୟ ସବଜୁନିୟର କ୍ୟାଡେଟ ଓ ଜୁନିୟର କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୫ ଓ ୨୬ତାରିଖ ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ କରାଟେ ଆସୋସିଏସନ ଦ୍ୱାରା ମନୋନୀତ ହୋଇ ୪ଜଣିଆ ଦଳରେ ସୁଲେମାନ ତନ୍ତୀ ଗୋଟିଏ ସ୍ୱର୍ଣ୍ଣ, ଅମିତ ସା ଗୋଟିଏ କାଂଶ୍ୟ, ପ୍ରିୟଙ୍କା ସାହୁ ୨ଟି ରୌପ୍ୟ ସହ ମୋଟ ୪ଟିପଦକ ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା



ଅତିଥିଙ୍କ ସହ ସୁନ୍ଦରଗଡ଼ର ପ୍ରତିଯୋଗୀ।

ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା, ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ୧୮ଟି ଜିଲାରୁ ୪୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଶିକ୍ଷକ ଭାବରେ ସୁନ୍ଦରଗଡର ଗଣେଶ ଚନ୍ଦ୍ର ବେହେରା, ଦଳ ପରିଚାଳକ ଦୁଷ୍ମନ୍ତ କୁମାର ନାଏକ ଯୋଗଦେଇଥିଲେ। ରାଜ୍ୟ କରାଟେ ସଂଘ ସଭାପତି ଡ. ହରିପ୍ରସାଦ ପଟ୍ଟନାୟକ,ସମ୍ପାଦକ ଡ. ଗୌରୀ ମହାନ୍ତି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ମଣ୍ଡଳ ରେଳବାଇ ଚିକିତ୍ସାଳୟରେ ଅକ୍ସିଜେନ ଜେନେରେଶନ ପ୍ଲାଣ୍ଟ

**ସମ୍ବଲପୁର,୩୦।୧୨(ବ୍ୟୁରୋ)**

ସମ୍ବଲପୁର ମଣ୍ଡଳ ରେଳବାଇ ଚିକିତ୍ସାଳୟଠାରେ ଅକ୍ସିଜେନ ଜେନେରେଶନ ପ୍ଲାଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଡା. କେ.ସି. ସାହୁ, ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଉପସ୍ଥିତ ଥିଲେ। ଏହି ପ୍ଲାଣ୍ଟର କ୍ଷମତା ୩ଶହ ଲିଟର ପ୍ରତି ମିନିଟ ଅଟେ। କୋଭିଡ-୧୯ ମହାମାରୀ ଦ୍ୱିତୀୟ ଲହର ସମୟରେ ଦେଶର ବିଭିନ୍ନ ସ୍ଥାନରେ ମେଡିକାଲ ଅକ୍ସିଜେନର ଅଭାବ ଏକ ପ୍ରମୁଖ ସମସ୍ୟା ଥିଲା। ଏହାକୁ ଦୃଷ୍ଟିରେ ରଖି ଅକ୍ସିଜେନ ଜେନେରେଶନ ପ୍ଲାଣ୍ଟ ପ୍ରତିଷ୍ଠା ପରିକଳ୍ପନା କରାଯାଇଛି। ସମ୍ବଲପୁର ମଣ୍ଡଳର ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଡା. ଡି ରାମାରାଓଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# କୃଷିବିଜ୍ଞାନ କେନ୍ଦ୍ରରେ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

**ସୁନ୍ଦରଗଡ,୩୦।୧୨(ଡି.ଏନ୍.ଏ.)**

କିରେଇସ୍ଥିତ କୃଷିବିଜ୍ଞାନ କେନ୍ଦ୍ରର ୧୮ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରସନ୍ନଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ପ୍ରଶାସନର ଅତିରିକ୍ତ ଜିଲାପାଳ ତଥା ଖଣିଜ ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମହେଶ୍ୱର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ.ଲକ୍ଷ୍ମୀପ୍ରିୟା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଆଟାରୀ, କୋଲକାତାର ପ୍ରମୁଖ ବୈଜ୍ଞାନିକ ଅଭିଜିତ ହାଲଦାର, ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶକ ଡ.ମହାମାୟା ପ୍ରସାଦ ନାୟକ, ଭାରତୀୟ ଜଳପରିଚାଳନା ପ୍ରତିଷ୍ଠାନର ପ୍ରମୁଖ ବୈଜ୍ଞାନିକ ଡ. ସଚିନ କୁମାର ରାଉତରାୟ, କେନ୍ଦ୍ରୀୟ ରେଶମ ବୋର୍ଡର ବୈଜ୍ଞାନିକ ଡ.ଏନ୍.ବି ଚୌଧୁରୀ, ମୁଖ୍ୟ ଜିଲା କୃଷି ଅଧିକାରୀ ରାମଚନ୍ଦ୍ର ନାୟକ, ମୁଖ୍ୟ ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଡା. ବିକାଶ ଚନ୍ଦ୍ର ମିଶ୍ର, ନାବାର୍ଡର ଉପ ଜିଲା ପ୍ରବନ୍ଧକ ଡ. ତାପସ କୁମାର ବେହେରା, ଆଞ୍ଚଳିକ କୃଷି ଗବେଷଣାକେନ୍ଦ୍ର କିରେଇର ବରିଷ୍ଠ ବୈଜ୍ଞାନିକ ଡ. ସଂଜୀବ ବିଶ୍ୱାସୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କୃଷି ତଥା ଆନୁସଙ୍ଗିକ ବିଭାଗର ଅଧିକାରୀ, ଆମନ୍ତ୍ରିତ ଅଗ୍ରଣୀ ଚାଷୀ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ଯୋଗଦେଇ ମତାମତ ଓ ପରାମର୍ଶ ଦେଇଥିଲେ।

# ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ପରିଦର୍ଶନ କଲେ ଆରଡ଼ିସି

**କୁତ୍ରା,୩୦।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟକ୍ରମକୁ ଗୁରୁବାର ସମ୍ବଲପୁର ଆରଡ଼ିସି ସୁରେଶ ଚନ୍ଦ୍ର ଦଳାଇ ଓ ସୁନ୍ଦରଗଡ଼ ପିଡି ଭୈରବ ସିଂ ପଟେଲ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ସ୍ମାର୍ଟ ବିଜ୍ଞାନଗାର, କମ୍ପ୍ୟୁଟର ଗୃହ, ସ୍ମାର୍ଟ ଲାଇବ୍ରେରୀ, ସ୍ମାର୍ଟ ଶ୍ରେଣୀ ଗୃହ ପରିଦର୍ଶନ କରି ବେଶ୍ ଖୁସି ବ୍ୟକ୍ତ କରିବା ସହ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ଦେଖି ପ୍ରଶଂସା କରିଥିଲେ। ବିଶେଷ ଭାବରେ ବିଦ୍ୟାଳୟର ଇକୋ କ୍ଲବ ତରଫରୁ ନିର୍ମାଣ ହୋଇଥିବା ଇକୋ ପାର୍କ, ଝରଣା ଓ ଜଳପ୍ରପାତ ଦେଖି ଅଭିଭୂତ ହୋଇଥିଲେ। ଏହି ପରିଦର୍ଶନ କାଳରେ କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀ, ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ସିଂ, ବିଇଓ ଗୁରୁଚରଣ ସାହୁ ସମେତ ବିଦ୍ୟାଳୟ ରାଜ୍ୟ ପୁରସ୍କୃତ କୃତୀ ଶିକ୍ଷକ ବିଭୀଷଣ ବାରିକ ଉପସ୍ଥିତ ରହି ରୂପାନ୍ତରୀକରଣର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ପରେ କୁତ୍ରା ବ୍ଲକକୁ ଯାଇ ବ୍ଲକର ବିଭିନ୍ନ ବିକାଶମୂଳକ ଯୋଜନାର ତର୍ଜମା କରିବା ସହିତ ମୋ ସରକାର କାର୍ଯ୍ୟକ୍ରମ ବିଷୟରେ ପଚାରି ବୁଝିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର


ଅତିଥିମାନେ ଜଣେ ବ୍ୟକ୍ତିଙ୍କୁ ରନ୍ଧନସାମଗ୍ରୀ ବଣ୍ଟନ କରୁଛନ୍ତି।

**ନାକଟିଦେଉଳ,୩୦।୧୨(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଗୁରୁବାର କୁଷ୍ଠ ଆରୋଗ୍ୟପ୍ରାପ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଜିଲା ସ୍ୱାସ୍ଥ୍ୟ ସମିତି ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ବୁର୍ଲା ଭିମ୍‌ସାରର ଅସ୍ଥିଶଲ୍ୟ ବିଶେଷଜ୍ଞ ଆସିଷ୍ଟାଣ୍ଟ ପ୍ରଫେସର ଡ଼ା. ସନ୍ତୋଷ କୁମାର ମିଶ୍ର, କୁଷ୍ଠରୋଗ ବିଶେଷଜ୍ଞ ଡ଼ା. ପ୍ରମୋଦ କୁମାର ବିଶ୍ୱାଳ ଯୋଗଦେଇ କୁଷ୍ଠରୋଗ ଆରୋଗ୍ୟପ୍ରାପ୍ତ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାଏକ, ଡ଼ିଡ଼ିଆରଓ ରବୀନ୍ଦ୍ରନାଥ ଶତପଥୀ, ପିଆଣ୍ଡଓ ଆରସିଡ଼ିଆର ସଚ୍ଚିଦାନନ୍ଦ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ କୁଷ୍ଠ ରୋଗରୁ ଆରୋଗ୍ୟ ହୋଇଥିବା ବ୍ଲକର ୨୫ଜଣଙ୍କୁ ନିତ୍ୟବ୍ୟବହାର୍ଯ୍ୟ ରନ୍ଧନ ସାମଗ୍ରୀ ବଣ୍ଟନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା।

# ବର୍ଷା ଯୋଗୁ ବାମଣ୍ଡା କପ୍ କ୍ରିକେଟ ବାତିଲ

**ଦେବଗଡ଼, ୩୦।୧୨(ଡି.ଏନ୍.ଏ.)**

ସ୍ଥାନୀୟ ଇନ୍ଦିରା ଗାନ୍ଧି ଷ୍ଟାଡିୟମରେ ଗତ ୨୪ରୁ ଅନୁଷ୍ଠିତ ହେଉଥିବା ୩୧ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ଅବଶିଷ୍ଟ ଦୁଇଟି ମ୍ୟାଚକୁ ବର୍ଷା ଯୋଗୁ ବାତିଲ କରାଯାଇଥିବା ଜଣାପଡିଛି। ଗତ ୨୮ତାରିଖ ମଧ ରାତ୍ରରୁ ଦେବଗଡ଼ରେ ପ୍ରବଳ ବର୍ଷା ଆରମ୍ଭ ହୋଇ ଗୁରୁବାର ସକାଳ ପର୍ଯ୍ୟନ୍ତ ଲାଗି ରହିଥିଲା। ଫଳରେ ପିଚ୍ ଓ ପଡ଼ିଆର ପାରିପାର୍ଶ୍ୱିକ ପରିସ୍ଥିତିକୁ

**୨୨ ଓ ୨୩ରେ ହେବ ସେମିଫାଇନାଲ ଓ ଫାଇନାଲ**

ଅନୁଧ୍ୟାନ କରିବା ପରେ ଆଗାମୀ ଦୁଇ ତିନି ଦିନ ଖେଳ ହେବାର ସମ୍ଭାବନା ନ ଥିବାରୁ କମିଟି ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଗୁରୁବାର ବାମଣ୍ଡା କ୍ରିକେଟ୍ କ୍ଲବର ସଦସ୍ୟମାନଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କ୍ଲବର ବୈଷୟିକ କମିଟି ରିପୋର୍ଟ ଦେବା ପରେ ଆଲୋଚନା କରାଯାଇ ଆଗାମୀ ଜାନୁଆରୀ ୨୨ ଓ ୨୩ ତାରିଖରେ ଅବଶିଷ୍ଟ ମ୍ୟାଚ ଅନୁଷ୍ଠିତ ହେବ। ୨୨ ତାରିଖ ଗ୍ରୁପ'ବି'ର ସେମିଫାଇନାଲ ମ୍ୟାଚ ଏବଂ ୨୩ ତାରିଖରେ ୩୧ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

**ରାଉରକେଲା ଅଫିସ, ୩୦।୧୨**

ସେକ୍ଟର-୧୮ ସ୍ଥିତ ସମଲେଶ୍ୱରୀ ବସ୍ତିରେ ଆରଏସ୍‌ପି ପକ୍ଷରୁ ଗୁରୁବାର ମୋବାଇଲ ମେଡିକାଲ ୟୁନିଟ୍ ମାଧ୍ୟମରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ୧୫୩ ଜଣ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଇସ୍ପାତ ଜେନେରାଲ ହସ୍ପିଟାଲ ଶିଶୁ ବିଭାଗ ଡାକ୍ତର ଯୋଗେଶ ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡ. ମନୋଜ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ୨୮ଟି ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ଏହାସହ ରୋଗୀଙ୍କୁ ମାଗଣା ଔଷଧ ବିତରଣ କରାଯାଇଥିଲା।

# ପ୍ରତାରଣା କରି ଯୁବକ ଗିରଫ

**ଦେବଗଡ଼,୩୦।୧୨(ଡି.ଏନ.ଏ)**

ବିବାହର ପ୍ରତିଶ୍ରୁତି ଦେଇ ୭ ବର୍ଷ ହେଲା ଜଣେ ଯୁବତୀଙ୍କ ସହ ସମ୍ପର୍କ ରଖିବା ପରେ ତାଙ୍କୁ ପ୍ରତାରଣା ଅଭିଯୋଗରେ ବାରକୋଟ ଥାନା ପୋଲିସ ଚାପବାହଲ ଗ୍ରାମର ସରୋଜ ସାହୁ (୨୯) ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ୨୦୧୪ ମସିହାରେ ଯୁବତୀ ଯେତେବେଳେ ନାବାଳିକା ଥିଲେ, ସେତେବେଳେ ସରୋଜ ପ୍ରଲୋଭନ ଦେଖାଇ ସମ୍ପର୍କ ରଖିଥିଲେ । ଗତ ୧୧ ତାରିଖ ସରୋଜ ପୁଣି ଥରେ ଉକ୍ତ ପୀଡିତା ସହ ଅନୈତିକ ସମ୍ପର୍କ ରଖୁଥିବା ବେଳେ ପରିବାର ଲୋକଙ୍କ ହାତରେ ଧରାପଡିଥିଲେ। ଏହା ପରେ ପୀଡିତାଙ୍କ ପରିବାର ଲୋକେ ନିଜ ଗ୍ରାମର ଭଦ୍ର ବ୍ୟକ୍ତିଙ୍କୁ ନେଇ ଏକ ବୈଠକ ଆୟୋଜନ କରିବା ସହ ସରୋଜଙ୍କ ଅଭିଭାବକଙ୍କୁ ମଧ ସେଠାକୁ ଡାକିଥିଲେ। ଉକ୍ତ ବୈଠକରେ ଅଭିଯୁକ୍ତ ସରୋଜର ପିତା ପୀଡିତାଙ୍କୁ ବୋହୁ କରି ଘରକୁ ନେବା ପାଇଁ ସର୍ବ ସମ୍ମୁଖରେ ସମ୍ମତି ପ୍ରକାଶ କରିଥିଲେ । ମାତ୍ର ପରେ ପୀଡିତାଙ୍କୁ ବିବାହ କରିବା ପାଇଁ ମନା କରିବା ସହ ସରୋଜ ଛାଡି ଅନ୍ୟତ୍ର ଚାଲିଯାଇଥିଲେ। ଏନେଇ ବୁଧବାର ପୀଡିତା ଜଣକ ବାରକୋଟ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିବାରୁ ପୋଲିସ ମାମଲା ରୁଜୁକରି ଗିରଫ କରିବା ସହ ଗୁରୁବାର ସରୋଜଙ୍କୁ କୋର୍ଟ ଚାଲାଣ କରିଥିଲା ।

# ସମ୍ବଲପୁରରେ ଆଞ୍ଚଳିକ ଆର୍ଟ ଗ୍ୟାଲେରି ଲୋକାର୍ପିତ

**ସମ୍ବଲପୁର,୩୦।୧୨(ବ୍ୟୁରୋ)**

ଚାରୁକଳାର ପ୍ରଚାର ପ୍ରସାର ନିମନ୍ତେ ସମ୍ବଲପୁରଠାରେ ନିର୍ମାଣ ହୋଇଥିବା ଆଞ୍ଚଳିକ ଆର୍ଟ ଗ୍ୟାଲେରି ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ଏହା ଦ୍ୱାରା ରାଜ୍ୟର ଚିତ୍ରଶିଳ୍ପୀ ଓ କଳାକାର ପ୍ରୋତ୍ସାହନ ପାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ରିଙ୍ଗ୍‌ରୋଡ୍‌ସ୍ଥିତ ଗୌରୀ ଶଙ୍କର ସାହାଣୀ ପାର୍କଠାରେ ନିର୍ମିତ ଏହି ଗ୍ୟାଲେରୀରେ ଚାରୁକଳା ପ୍ରଦର୍ଶିତ ହେବା ସହ ବିକ୍ରିବଟା ଦିଗରେ ପଥ


ସମ୍ବଲପୁର ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ପରିଷ୍କାର ହେବ। ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ହୋଇଥିବା ଗ୍ୟାଲେରୀ ଆଞ୍ଚଳିକ ପ୍ରତିଭାମାନଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିବ। ତରୁଣ ପ୍ରତିଭା ଓ ଆଗାମୀ ପିଢିର ଯୁବଶିଳ୍ପୀ ଏହା ଦ୍ୱାରା ପ୍ରୋତ୍ସାହିତ ହେବେ। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍‌ସେନା, ଏସ୍‌ଏମ୍‌ସି କମିଶନର ପ୍ରଦୀପ କୁମାର ସାହୁ, ଡେପୁଟି ଡାଇରେକ୍ଟର ପର୍ଯ୍ୟଟନ ତଥା ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ସଂସ୍କୃତି ଅଧିକାରୀ ହେମନ୍ତ ପ୍ରଧାନଙ୍କ ସମେତ ଚିତ୍ରକଳା ଶିଳ୍ପୀମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ ଏହି ଆର୍ଟ ଗ୍ୟାଲେରୀରେ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ୪୩ ଗୋଟି ଫଟୋଚିତ୍ର ରଖାଯାଇଛି।

# ଜୟପୁର ବନ୍ଦ କଲେ ଭାଜପା, କଂଗ୍ରେସ





ଭାଜପା ପକ୍ଷରୁ କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି। କଂଗ୍ରେସ ପକ୍ଷରୁ ବାଇକ ଶୋଭାଯାତ୍ରା କରି ୨୬ ନଂ ଜାତୀୟ ରାଜପଥ ଅବରୋଧ କରାଯାଇଛି।

## ମହିଳାଙ୍କୁ ଗଣ ବଳାତ୍କାର ଘଟଣା

- ୭ରେ କୋରାପୁଟ ଜିଲା ବନ୍ଦ କରାଯିବ
- ପୀଡ଼ିତାଙ୍କୁ ୫୦ ଲକ୍ଷ ଟଙ୍କା ଦେବାକୁ ଦାବି କଲେ ବିଧାୟକ
- ୨ଟିମ୍ ଗଠନ ହୋଇଛି,ଖୁବ୍ ଶୀଘ୍ର ଗିରଫ ହେବେ ଅଭିଯୁକ୍ତ: ଏସ୍‌ଡିପିଓ

**ଜୟପୁର, ୩୦।୧୨ (ନି.ପ୍ର.)** ସ୍ୱାମୀ ଓ ପୁଅକୁ ବନ୍ଧୁକ ଦେଖାଇ ମହିଳାଙ୍କୁ ଗଣବଳାତ୍କାର ଘଟଣାର ୬ ଦିନ ବିତିଯାଇଥିଲେ ମଧ୍ୟ ଏଯାଏ ପୋଲିସ ହାତ ଖାଲି ପଡ଼ିଛି। ଅଭିଯୁକ୍ତମାନେ ବାହାରେ ନିର୍ଭୟରେ ବୁଲୁଛନ୍ତି। ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରି ସାକ୍ଷୀଙ୍କୁ ଧମକଚମକ ଦେଉଛନ୍ତି । ଏହାର ପ୍ରତିବାଦରେ ମହିଳାଙ୍କୁ ନ୍ୟାୟ ଦାବିରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଭାଜପା ଓ କଂଗ୍ରେସ। ଗୁରୁବାର ଭାଜପା ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିବା ବେଳେ କଂଗ୍ରେସ ମଧ୍ୟ ଗଣଧାରଣା ଦେଇ ଜାତୀୟ ରାଜପଥକୁ ଅବରୋଧ କରିଥିଲା। ଗୌତମ ସାନ୍ତରାୟଙ୍କ ନେତୃତ୍ୱରେ ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଜୟପୁର ବନ୍ଦ ରହିଥିଲା। ଦୋକାନ ବଜାର, ଚକଅଖ ସବୁ ବନ୍ଦ ଥିଲା। ବାଇକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଦଳୀୟ କର୍ମୀ ଓ କର୍ମକର୍ତ୍ତାମାନେ ୨୬ ନଂ. ଜାତୀୟ ରାଜପଥର ମୁଖ୍ୟ ଟ୍ରାଫିକ ଛକଠାରେ ରାସ୍ତା ଅବରୋଧ କରିଥିଲେ। ସେହିପରି ଜିଲା ମହିଳା କଂଗ୍ରେସ ପକ୍ଷରୁ ଏସ୍‌ଡିପିଓ ଅଫିସ ସମ୍ମୁଖରେ ଗଣଧାରଣା ଦେଇ ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ଏଠାରେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ପୋଲିସ ଉପରେ ବର୍ଷିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା, ପୀଡ଼ିତାଙ୍କୁ ୫୦ ଲକ୍ଷ ଟଙ୍କା ଓ ଘର ଯୋଗାଇଦେବାକୁ ଦାବି କରିଥିଲେ। ଯଦି ଦାବି ପୂରଣ ନ ହୁଏ ତେବେ ଆସନ୍ତା ୭ରେ କୋରାପୁଟ ଜିଲାକୁ ବନ୍ଦ କରାଯିବ। ଏହାର ୨ ଦିନ ପରେ ନବୀନ ନିବାସ ଘେରାଉ କରିବାକୁ ବାହିନୀପତି ଚେତାବନୀ ଦେଇଥିଲେ।

ସୂଚନାଯୋଗ୍ୟ, ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣି ଗ୍ରାମର ଏକ ପରିବାର ସ୍ୱାମୀ ,ସ୍ତ୍ରୀ ଓ ପୁଅ ଶୋଇଥିବା ବେଳେ ୨ ଜଣ ଦୁର୍ବୃତ୍ତ ଘର ପଛ ପଟେ ପଶି ସ୍ୱାମୀଙ୍କୁ ନିସ୍ତୁକ ମାଡ଼ ମାରି ପୁଅକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ବନ୍ଧୁକ ଦେଖାଇ ପୁଅ ଓ ସ୍ୱାମୀଙ୍କୁ ଜଣେ ଅଭିଯୁକ୍ତ ଧରିଥିବା ବେଳେ ଅନ୍ୟ ଜଣେ ମହିଳା (୨୫)ଙ୍କୁ ବଳାତ୍କାର କରିଥିଲେ । ପରେ ଅନ୍ୟ ଜଣେ ଯୁବକ ପହଞ୍ଚି ସ୍ୱାମୀ ଓ ପୁଅକୁ ବନ୍ଧୁକ ଦେଖାଇ ମହିଳାଙ୍କୁ ବଳାତ୍କାର କରିଥିଲେ। ଏନେଇ ମହିଳା ଥାନାରେ ଅଭିଯୋଗ ହୋଇଛି। ୫ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ। ଏହି ଆନ୍ଦୋଳନରେ ଭାଜପା ପକ୍ଷରୁ ଅଞ୍ଜଳି ମିଶ୍ର, ସଞ୍ଜୁକ୍ତା ସେଠୀ, ଅନୁସାୟ ପୂଜାରୀ, କଂଗ୍ରେସ ପକ୍ଷରୁ ଜିଲା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଜିଲା ମହିଳା କଂଗ୍ରେସ ସଭାପତି ନଳିନୀ ରଥ, ଯୁବ ସଭାପତି ସୁକାନ୍ତ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିଛି । ଉଭୟ ଦଳର ଶତାଧିକ କର୍ମୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶରେ ୨ଟି ଟିମ୍ ଗଠନ କରାଯାଇଛି । ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା କହିଛନ୍ତି।

## ସଂକ୍ଷେପରେ

### ୨୭ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ଝରିଗାଁ ସିଡିପିଓ



ସୁଷମା ପ୍ରସାଦ

**ନବରଙ୍ଗପୁର/ଝରିଗାଁ, ୩୦।୧୨(ବି.ପ୍ର./ସ୍ୱ.ପ୍ର.):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସିଡିପିଓ ସୁଷମା ପ୍ରସାଦ ୨୭ ହଜାର ଟଙ୍କା ପିସି ବାବଦକୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ସିଡିପିଓଙ୍କ କାର୍ଯ୍ୟାଳୟ ଓ ଭବାନୀପାଟଣା ଇରିଗେଶନ କଲୋନୀରେ ଥିବା ତାଙ୍କ ଘରେ ଚଢ଼ାଉ ଜାରି ରହିଛି। ସୂଚନାନୁଯାୟୀ ୨୦୨୧ ଜାନୁଆରୀ ଓ ଅଗଷ୍ଟ ମାସରେ କୁଟ୍ରିଛାପର ସେକ୍ଟରର ୧୪ଟି ଅଙ୍ଗନୱାଡି କେନ୍ଦ୍ରର ଶିଶୁଙ୍କ ଡ୍ରେସ ପାଇଁ ୨ଲକ୍ଷ ୧୧ ହଜାର ୨୫୦ ଟଙ୍କା ଅନୁଦାନ ଆସିଥିଲା। ଅନୁଦାନ ଟଙ୍କା ଅଙ୍ଗନୱାଡି କେନ୍ଦ୍ରମାନଙ୍କୁ ପ୍ରଦାନ କରାଯାଇଥିଲା। ସିଡିପିଓ ଡ୍ରେସ ପିଛା ୧୦ ପ୍ରତିଶତ ଓ ସୁଇଟର ପିଛା ୩୦ ପ୍ରତିଶତ ପିସି ମାଗୁଥିଲେ। ତେବେ ଡ୍ରେସ କିଣା ବାବଦକୁ ସେକ୍ଟର ଅନୁଯାଇ ପିସି କଲେକ୍ସନ କରି ୨୭ ହଜାର ଟଙ୍କା ଆଣିବାକୁ ସିଡିପିଓ ତୋହରିଆଗୁଡ଼ାର ଅଙ୍ଗନୱାଡି କର୍ମୀ ରଞ୍ଜିତା ନାୟକଙ୍କୁ କହିଥିଲେ। ଏହାକୁ ଅଙ୍ଗନୱାଡି କର୍ମୀମାନେ ବିରୋଧ କରୁଥିଲେ। ରଞ୍ଜିତା ନାୟକ ଏ ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଗୁରୁବାର ରଞ୍ଜିତା ୨୭ହଜାର ଟଙ୍କା ଲାଞ୍ଚ ନେଇ ସିଡିପିଓଙ୍କ ଟାଲିଆମ୍ବାସ୍ଥିତ ଭଡାଘରେ ଦେଇଥିଲେ। ଲାଞ୍ଚ ନେବାବେଳେ ସିଡିପିଓଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଥିଲେ। ନବରଙ୍ଗପୁର ଭାରପ୍ରାପ୍ତ ଭିଜିଲାନ୍ସ ଡ଼ିଏସ୍‌ପି କଳାବତୀ ବାଘ, ଇନ୍ସପେକ୍ଟର ଭୀମସେନ ପୂଜାରୀ, ଇନ୍ସପେକ୍ଟର ଅନୁଭା ଦାସ, ଏଏସ୍‌ଆଇ କେଶବ ମୂର୍ତ୍ତି, ଷ୍ଟେନୋ ସୂର୍ଯ୍ୟ ପ୍ରକାଶ ରାଓ ଚଢ଼ାଉ ଟିମରେ ରହିଥିଲେ।

### ଶପଥ ନେଲେ ଓଇଆରସି ସଦସ୍ୟ ସୁଶାନ୍ତ ରାୟ୍ ମହାପାତ୍ର

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)-** ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ସଦସ୍ୟ ଭାବେ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ଅଥରିଟିର ପୂର୍ବତନ ମୁଖ୍ୟଯନ୍ତ୍ରୀ ସୁଶାନ୍ତ କୁମାର ରାୟ୍ ମହାପାତ୍ର ଗୁରୁବାର ଶପଥ ନେଇଛନ୍ତି। ଓଇଆରସି ଅଧକ୍ଷ ଉପେନ୍ଦ୍ର ବେହେରା ତାଙ୍କୁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଓଇଆରସି ସଦସ୍ୟ ଗଜେନ୍ଦ୍ର ମହାପାତ୍ର, ଗୃହ ଓ ନଗର ଉନ୍ନୟନ ସଚିବ ତଥା ଶକ୍ତି ବିଭାଗ ଇନ୍‌ଚାର୍ଜ ଥିବା ଜି. ମାଥିଭାଥନନ ଉପସ୍ଥିତ ଥିଲେ।

### ନାବାଳିକା ବଳାତ୍କାର ଅଭିଯୋଗରେ ଯୁବକ ଗିରଫ



ଗିରଫ ସମିତ।

**ରେଢାଖୋଲ,୩୦।୧୨(ଡି.ଏନ.ଏ.):** ନାବାଳିକା ବଳାତ୍କାର ଅଭିଯୋଗରେ ସମ୍ବଲପୁର ଜିଲା ଚାରମାଳ ଥାନା ଗରଗଡବାହାଲ ଗ୍ରାମର ସମିତ ଦେହୁରି (୨୦)ଙ୍କୁ ବୁଧବାର ରାତିରେ ପୋଲିସ ଗିରଫ କରିଛି। ଗୁରୁବାର ରେଢାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି। ଶୁକ୍ରବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ଅଭିଯୋଗ ଅନୁଯାୟୀ ଗତ ୨୭ ତାରିଖ ସନ୍ଧ୍ୟାରେ ନାବାଳିକା ତାଙ୍କ ଘରକୁ ଆସିଥିବା ବେଳେ ଅଭିଯୁକ୍ତ ତାଙ୍କୁ ମୋବାଇଲ ଦେଖାଇବା ବାହାନା କରି ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ପିତା ବୁଧବାର ଚାରମାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଆଇପିସି ଦଫା ୩୭୬ (୨) ଏନ/୫୦୬ ଓ ପୋକ୍ସୋ ଆକ୍ଟର ଧାରା ୬ରେ ମାମଲା (ନଂ.୧୮୪/୨୧) ରୁଜୁ କରିଥିଲା।

## ଛାତ୍ରଙ୍କୁ ମାଡ଼: ଅବସରପ୍ରାପ୍ତ ଅଧ୍ୟାପକ ଗିରଫ

**କୁଚିଣ୍ଡା,୩୦।୧୨(ଡି.ଏନ.ଏ.)** ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଭୋଜପୁର କଲେଜର ଜଣେ ଛାତ୍ରଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ ନାୟକଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ କଲେଜର ଯୁକ୍ତ



ଗିରଫ ପ୍ରଶାନ୍ତ ନାୟକ।

ଦୁଇ ଦ୍ୱିତୀୟ ବର୍ଷ ଛାତ୍ର ସଜନ ବାରିକ ଅଧ୍ୟାପକ ପ୍ରଶାନ୍ତଙ୍କଠାରୁ ସୁଧରେ ଟଙ୍କା ନେଇ ଫେରସ୍ତ କରି ନ ଥିଲେ। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ନଭେମ୍ବର ୨୯ରେ ପ୍ରଶାନ୍ତ କଲେଜ ପରିସରରେ ପଶି ସଜନଙ୍କୁ ମାଡ଼ ମାରିଥିଲେ। ଏଥିରେ ଅପମାନ ବୋଧକରି ସଜନ ବିଷ ପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପ୍ରଥମେ କୁଚିଣ୍ଡା ଡାକ୍ତରଖାନା ଓ ପରେ ବୁର୍ଲା ମେଡିକାଲରେ ଚିକିତ୍ସିତ ହୋଇ ସେ ଘରକୁ ଫେରିଥିଲେ। ପୁଅର ଏପରି ଦୁର୍ଦ୍ଦଶା ଦେଖି ସଜନଙ୍କ ମା' ଝରଣା ବାରିକ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କଲେଜର ସିସିଟିଭି ଫୁଟେଜ ଯାଞ୍ଚ କରି ଆଇପିସି ଦଫା ୨୯୪, ୩୨୩, ୩୪୧, ୫୦୬ରେ ମାମଲା (ନଂ.୨୨୦/୨୧) ରୁଜୁ କରିଥିଲା। ଅନ୍ୟପଟେ କଲେଜ ଅଧକ୍ଷ ପ୍ରତାପ ମହାକୁଳ କଲେଜ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ଆଦିତ୍ୟ ଗୋଏଲଙ୍କୁ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପତ୍ର ସଂଖ୍ୟା ୯୨/୩୦।୧୧।୨୧ରେ ଜଣାଇଥିଲେ।

## ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡଧାରୀ ନିରାଶ



ଜିଲାପାଳ,ଏସ୍‌ପି ଓ ମୁଖ୍ୟ ଚିକିତ୍ସାଧିକାରୀ ଘରୋଇ ଡାକ୍ତରଖାନା ବୁଲି ଦେଖୁଛନ୍ତି।

- ଘରୋଇ ଡାକ୍ତରଖାନାରେ ତାଲା
- ଭିତିଭୂମି ବୁଲି ଦେଖିଲେ ସ୍ୱାସ୍ଥ୍ୟ ଓ ଜିଲା ପ୍ରଶାସନିକ ଅଧିକାରୀ

**ବାରିପଦା ଅଫିସ, ୩୦।୧୨** ମୟୂରଭଞ୍ଜ ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସଫଳ ରୂପାୟନ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ଡାକ୍ତରଖାନାରେ ତାଲା ଝୁଲୁଥିବାରୁ ସ୍ମାର୍ଟ କାର୍ଡପ୍ରାପ୍ତ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନିକ ଅଧିକାରୀମାନେ ବାରିପଦା ସହରରେ ଥିବା ଘରୋଇ ଡାକ୍ତରଖାନାକୁ ପରିଦର୍ଶନରେ ଯାଇଥିଲେ। ଜିଲାପାଳ ବିନୀତ ଭରଦ୍ୱାଜ, ଏସ୍‌ପି କେ.ଆର ଦ୍ୟାନଦେଓ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରୂପଭାନୁ ମିଶ୍ର ପ୍ରମୁଖ ରୋଗୀଙ୍କ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

ଜିଲାରେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ୬ଲକ୍ଷ ୧୨ହଜାର ୩୧୦ ପଞ୍ଜୀକୃତ ପରିବାରର ମୋଟ ୨୧ଲକ୍ଷ ୩୮ହଜାର ୯୪୦ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ପ୍ରଦାନ କରାଯାଇଛି। ୫-ଟି ଯୋଜନାରେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ଜିଲାର ୭ଟି ଘରୋଇ ଡାକ୍ତରଖାନା ସହିତ ୨୮ଟି ପାଥୋଲାବକୁ ସରକାରୀ ଭାବେ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସେଥିମଧ୍ୟରୁ ସହରର ୧୫ନଂ. ୱାର୍ଡରେ ଅବସ୍ଥିତ ଗାୟତ୍ରୀ ନର୍ସିଂହୋମ୍ ତାଲିକା ସର୍ବାଗ୍ରେ ରହିଛି। ତେବେ ଉକ୍ତ ନର୍ସିଂହୋମରେ ତାଲା ଝୁଲୁଥିବା ବେଳେ ସେଠାରେ କୌଣସି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ବା କର୍ମଚାରୀ ନ ଥିବା ଜଣାପଡ଼ିଛି । ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ସନ୍ଦେହ ଉପୁଜିଥିବା ବେଳେ କାଗଜକଲମରେ ସେବା ପ୍ରଚଳନ ହେଉଛି ବୋଲି ସହରବାସୀ ପ୍ରୀତମ ବାରିକ, ମନୋରଞ୍ଜନ ନାଏକ ପ୍ରକାଶ କରିଛନ୍ତି। ସୂଚନା ଫଳକ ଓ ଡାକ୍ତର ତାଲିକା ଝୁଲାଇ ଦେଇ ସ୍ମାର୍ଟକାର୍ଡ ଭଳି ଯୋଜନା ପ୍ରହସନ ପାଲଟିଛି ବୋଲି ବଡ଼ସାହି ବିଧାୟକ ସନାତନ ବିଜୁଳି ପ୍ରକାଶ କରିଛନ୍ତି । ତେବେ ଏହି ଯୋଜନାରେ ନିଶୁଳ୍କ ସେବା ଯୋଗାଇବା ସହିତ ଡାକ୍ତରଖାନାଗୁଡ଼ିକ ପରିଚାଳନା ପାଇଁ ଆବଶ୍ୟକ ଭିତିଭୂମି ସମ୍ପର୍କରେ ଜିଲାପାଳ ସମସ୍ତ ଡାକ୍ତରଖାନା ପରିଦର୍ଶନ କରିଥିଲେ ହେଁ ଉକ୍ତ ନର୍ସିଂହୋମକୁ ନ ଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଜିଲାପାଳ ଭରଦ୍ୱାଜଙ୍କୁ ପଚାରିବାରୁ ସମସ୍ତଙ୍କ ସହଯୋଗ ରହିଲେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଫଳପ୍ରଦ ହୋଇପାରିବ। କୌଣସି ଅସୁବିଧା କିମ୍ବା ସମସ୍ୟା ଥିଲେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବିଦେଶ ଯାତ୍ରା ନ ଥାଇ ...

କଣ୍ଟାକ୍ଟ ଟ୍ରେସିଂରେ ପଜିଟିଭ୍ ଆସିଛି ଏବଂ ତାଙ୍କର ରିପୋର୍ଟକୁ ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। ଦୁଇ ଜଣଙ୍କର କଣ୍ଟାକ୍ଟ ଟ୍ରେସିଂ ନେଗେଟିଭ ଆସିଛି। ଆଉ ଦୁଇଜଣଙ୍କର ଏ ପର୍ଯ୍ୟନ୍ତ ରିପୋର୍ଟ ଆସିନି। ସମସ୍ତ ନୂଆ ଆକ୍ରାନ୍ତ ସୁସ୍ଥ ଅଛନ୍ତି। ଦୁଇଜଣ ହସ୍ପିଟାଲରେ ରହିଥିଲେ ମଧ୍ୟ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ରାଜ୍ୟରେ ପ୍ରଥମେ ଦୁଇଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏମାନଙ୍କ ଭିତରୁ ଜଣେ ନାଇଜେରିଆ ଓ ଆଉଜଣେ କାତାରରୁ ଫେରିଥିଲେ। ଏହାପରେ ପୁଣି ୨ ନାଇଜେରିଆ ଫେରନ୍ତା ଓମିକ୍ରନ୍ ଚିହ୍ନଟ ହୋଇଥିଲେ। ମଙ୍ଗଳବାର ଆଉ ୪ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ଏହି ସଂଖ୍ୟା ୮ରେ ପହଞ୍ଚିଥିଲା। ଏହା ଭିତରେ ପ୍ରଥମ ଆକ୍ରାନ୍ତ ଜଣକ ସୁସ୍ଥ ହୋଇ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଥିବାବେଳେ ବୁଧବାର ପୁଣି ଜଣେ ନୂଆ ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଗୁରୁବାର ଆଉ ୫ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଚିନ୍ତା ବଢ଼ିଛି।

### ମାସକରେ ସରିବ ...

ଟିକାକରଣ ହେବ। ଅପରାହ୍ନରେ ଅନ୍ୟମାନଙ୍କ ଟିକାକରଣ ହେବ। ପିଲାଙ୍କ ସହ ଅଭିଭାବକଙ୍କୁ ଆସିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ସେହିପରି ୬୦ ବର୍ଷରୁ ଊର୍ଦ୍ଧ୍ୱ ଓ ଦୁରାରୋଗ୍ୟରେ ପୀଡ଼ିତ ୧୦ ଲକ୍ଷ ୪୭ ହଜାର ୪୦୦ ହିତାଧିକାରୀ ଓ ସମ୍ମୁଖ ଯୋଦ୍ଧାଙ୍କ ସଂଖ୍ୟା ୭ ଲକ୍ଷ ୫ ହଜାର ରହିଛି। ଏମାନଙ୍କୁ ପ୍ରିକଶନ ଡୋଜ୍ ବା ବୁଷ୍ଟର ଡୋଜ୍ ଦିଆଯିବ। ତେବେ ଏମାନେ କେଉଁ ଟିକା ନେବେ ତାହା ସ୍ପଷ୍ଟ ହୋଇନାହିଁ ବୋଲି ବିଜୟ ପାଣିଗ୍ରାହୀ କହିଛନ୍ତି।

## ୧ରୁ ଅନ୍‌ଲାଇନ୍‌ରେ ଜନ୍ମ, ମୃତ୍ୟୁ ପଞ୍ଜୀକରଣ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)** ଆସନ୍ତା ୧ ତାରିଖରୁ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଅନ୍‌ଲାଇନ୍‌ରେ ହେବ। ଜନସାଧାରଣ www.birthdeath.odisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଏହି ପଞ୍ଜୀକରଣ କରିପାରିବେ। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ୱେବ୍‌ସାଇଟ୍ ଦ୍ୱାରା ଲୋକେ ସମସ୍ତ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ଜନ୍ମ ଓ ମୃତ୍ୟୁର ସମସ୍ତ ତଥ୍ୟ ସୂଚାରୁ ରୂପେ ଅନ୍ତର୍ଭୁକ୍ତ କରାଇ ତାହାର ପ୍ରମାଣ ପତ୍ର ପାଇପାରିବେ। ଆବଶ୍ୟକସ୍ଥଳେ ନିକଟସ୍ଥ ଜନ୍ମମୃତ୍ୟୁ ପଞ୍ଜୀକରଣ ଅଧିକାରୀ କିମ୍ବା ଜିଲା ସଂଯୋଜକଙ୍କୁ ଯୋଗାଯୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଶ୍ରୀମୟୀ ମିଶ୍ରଙ୍କୁ 'ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ସମ୍ମାନ'

**ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ)** ସାମାଜିକ ଅନୁଷ୍ଠାନ ସମର୍ଥ ଓଡ଼ିଶା ପକ୍ଷରୁ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ରଙ୍କୁ 'ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ସମ୍ମାନ'ରେ ସମ୍ମାନିତ କରାଯାଇଛି। ନିଜର ଦକ୍ଷତା ଓ ନିଷ୍ଠା ବଳରେ ରାଜ୍ୟ ପର୍ଯ୍ୟଟନକୁ ନୂଆ ଦିଶା ଦେଇଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବଲାଙ୍ଗୀର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ଶିକ୍ଷାଲାଭ କରିଥିବା ଶ୍ରୀମୟୀ ପରବର୍ତ୍ତୀ ସମୟରେ ଶୈଳବାଳା ମହିଳା ମହାବିଦ୍ୟାଳୟରେ ପଢିବା ସମୟରୁ ହିଁ ସମାଜସେବା ଓ ରାଜନୀତି କ୍ଷେତ୍ରରେ ନିଜକୁ ସାମିଲ କରିଥିଲେ। ଓଟିଡିସି ଅଧ୍ୟକ୍ଷା ଦାୟିତ୍ୱ ନେବା ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ପର୍ଯ୍ୟଟନର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏଭଳି ବ୍ୟକ୍ତିତ୍ୱଙ୍କଠାରୁ ଯୁବପିଢ଼ି ନିଶ୍ଚିତ ପ୍ରେରଣା ପାଇବେ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଡ. ଅଭୟ ରଞ୍ଜନ ପଟ୍ଟନାୟକ କହିଛନ୍ତି।

## କେୱାଇସି ଦାଖଲର ଅବଧି ବୃଦ୍ଧି

**ଭୁବନେଶ୍ୱର,୩୦।୧୨** ଦେଶରେ ବୃଦ୍ଧି ପାଉଥିବା କୋଭିଡ ସଂକ୍ରମଣକୁ ନଜରରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ବ୍ୟାଙ୍କରେ କେୱାଇସି ଫର୍ମ ଦାଖଲ କରିବାର ଶେଷ ତାରିଖକୁ ପୁଣି ବଢାଇଦେଇଛନ୍ତି। ଗ୍ରାହକ ନିଜ ଖାତା ଥିବା ବ୍ୟାଙ୍କରେ ଏହାକୁ ୨୦୨୨ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢାଇ ଦେଇଛନ୍ତି। ପୂର୍ବରୁ ଏହାର ଦାଖଲ ସମୟ ଚଳିତ ବର୍ଷ ଡିସେମ୍ବର ୩୧ ଥିଲା। ଏହା ଫଳରେ ଯେଉଁ ଗ୍ରାହକମାନେ କେୱାଇସି ଅପଡେଟ୍ କରିନାହାନ୍ତି, ସେମାନେ ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା କେୱାଇସି ଅପଡେଟ୍ ନକଲେ ମଧ୍ୟ ବ୍ୟାଙ୍କମାନେ ସେମାନଙ୍କ ଖାତା ଉପରେ କୌଣସି କଟକଣା ଲଗାଇପାରିବେ ନାହିଁ। ଏହି ସମୟ ସୁଦ୍ଧା ଗ୍ରାହକମାନଙ୍କ ଉପରେ କୌଣସି କଟକଣାମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## କୋଭିଡ୍ ଟଙ୍କା ଲୁଟି ହରଡ଼ଘଣାରେ ଖଜୁରିପଡ଼ା ବିଡିଓ

- ୩୦ ଲକ୍ଷ ଫେରାଇବାକୁ ନିର୍ଦ୍ଦେଶ
- ଟିଏମ୍‌ସିରେ ୧.୭୦ କୋଟି ଟଙ୍କା ହେରଫେରର ତଦନ୍ତ

**ଫୁଲବାଣୀ ଅଫିସ, ୩୦।୧୨** କନ୍ଧମାଳ ଜିଲାରେ କରୋନା ମହାମାରୀ ଟଙ୍କାକୁ ଖଜୁରିପଡା ବିଡିଓ ଲୁଟି ନେଇ ତା'ର କିଛି ହିସାବ ଦେଇ ପାରୁନାହାନ୍ତି। ସରକାରଙ୍କ ଗାଇଡ୍ ଲାଇନ୍‌କୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି। ତୁରନ୍ତ ୩୦ ଲକ୍ଷ ଟଙ୍କା ଫେରାଇବାକୁ ବିଡିଓ ରବୀନ୍ଦ୍ର ନାଥ କହଁରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଟିଏମ୍‌ସି (ଟେମ୍ପରାରୀ ମେଡିକାଲ ସେଣ୍ଟର)ରେ ସିଭିଲ କନଷ୍ଟ୍ରକଶନରେ ହେରଫେର ହୋଇଥିବା ୧କୋଟି ୭୦ ଲକ୍ଷ ଟଙ୍କା ତଦନ୍ତ ପରିସରଭୁକ୍ତ ରହିଛି। ଏହି ଟଙ୍କାରେ କ'ଣ କାମ ହୋଇଛି, କେଉଁଠି ହୋଇଛି ତାହା ବିଡିଓ କହିପାରୁନାହାନ୍ତି। ଏ ସମ୍ବନ୍ଧିତ କୌଣସି କାଗଜପତ୍ର ଦେଉନାହାନ୍ତି । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହି ଟଙ୍କାର ହିସାବ ଦେବାକୁ ନିର୍ଦ୍ଦେଶ ଥିବାରୁ ବିଡିଓ ଏବେ ହରଡ଼ଘଣାରେ ପଡ଼ିଛନ୍ତି ।

କରୋନା ବେଳେ ବାହାରୁ ଫେରୁଥିବା ପ୍ରବାସୀଙ୍କୁ ପ୍ରଥମେ ଟିଏମ୍‌ସିରେ ରହିବାକୁ ପଡୁଥିଲା। ବିଡିଓମାନେ ଏହାର ତଦାରଖ କରୁଥିଲେ । ନିୟମ ଅନୁସାରେ ସରପଞ୍ଚମାନେ ଟିଏମ୍‌ସିରେ ରହୁଥିବା ପ୍ରବାସୀମାନଙ୍କ ପାଇଁ ବେଡ୍‌ଶିଟ, ତକିଆ, ବାଲ୍‌ଟି, ମଗ, ମ୍ୟାଟ୍ରେସ ଆଦି ଜିନିଷ କିଣିବେ। ଏହି ଟଙ୍କା ଏସ୍‌ଏଫସି ଏବଂ ସିଏଫସି ଫଣ୍ଡରୁ ବ୍ୟୟ ହେବ । ମାତ୍ର ଖଜୁରିପଡା ବିଡିଓ ୯୦ ପ୍ରତିଶତ ଜିନିଷ ନିଜେ କିଣିଥିବା ତଦନ୍ତରେ ସ୍ପଷ୍ଟ ହୋଇଛି।

ଖଜୁରିପଡା ବ୍ଲକର ବିଭିନ୍ନ ଟିଏମ୍‌ସିରେ ମୋଟ ୬୪୭ ପ୍ରବାସୀ ଥିଲେ । ଏସ୍‌ଆର୍‌ସିଙ୍କ ଗାଇଡଲାଇନ ଅନୁସାରେ ସେମାନଙ୍କ ଲାଗି ହାଇଜେନିକ କିଟ୍ ଜଣ ପିଛା ୩୦୦ ଟଙ୍କା ମଧ୍ୟରେ କିଣାଯିବ । ସେହି କ୍ରମରେ ଦେଖିଲେ ୬୪୭ ଜଣଙ୍କ ବାବଦରେ ୧ ଲକ୍ଷ ୯୪ ହଜାର ୧୦୦ ଟଙ୍କା ଖର୍ଚ୍ଚ ହେବ । ମାତ୍ର ବିଡିଓ ଏହି ବାବଦରେ ୯ ଲକ୍ଷ ୬୭ ହଜାର ୧୩୧ ଟଙ୍କା ବିଲ୍ ଦେଇ ୭ ଲକ୍ଷ ୭୩ ହଜାର ଟଙ୍କା ହଡ଼ପ କରିଛନ୍ତି । କିଟ୍‌ଗୁଡିକ ଅତ୍ୟନ୍ତ ନିମ୍ନମାନର ଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ହଷ୍ଟେଲ ଥିବା ସ୍କୁଲରେ ଟିଏମ୍‌ସି ଖୋଲା ଯାଇଥିଲା । ଟିଏମ୍‌ସିରେ ପଡିଥିବା ବେଡ୍ ହଷ୍ଟେଲରୁ ଅଣାଯାଇଥିଲା। ମାତ୍ର ବିଡିଓ ୧୩୩ ବେଡ୍ କିଣିଥିବା ରିପୋର୍ଟରେ ଦର୍ଶାଇଛନ୍ତି, ସେଥିରୁ ୩୦ଟି ଥିବା ବେଳେ ଆଉ କିଛି ଷ୍ଟକ ନାହିଁ କି କୌଣସି ରେକର୍ଡ ନାହିଁ । ସେହିପରି ଟିଏମ୍‌ସି ପାଇଁ ବିଡିଓ ଚଞ୍ଚକତା କରି ଯାଜପୁରର ଏକ ଏଜେନ୍ସିଠାରୁ ୧୪ଟି ଜେନେରେଟର କିଣି ୧୪ ଲକ୍ଷ ୪୦ ହଜାର ଟଙ୍କା ବରବାଦ କରିଛନ୍ତି । ଅନ୍ୟପଟେ ପଞ୍ଚାୟତରୁ ଜେନେରେଟର ଆଣିବା ବାବଦରେ ଭଡ଼ା ଦିଆଯାଇଥିବା ପଞ୍ଚାୟତ ରେକର୍ଡରେ ଦର୍ଶାଯାଇଛି। ୧୭ଟି ଟିଏମ୍‌ସି ଖୋଲା ଯାଇଥିବା ରେକର୍ଡ କହୁଥିବା ବେଳେ ୧୧ଟିରେ ପ୍ରବାସୀମାନେ ରହୁଥିଲେ । ତେଣୁ ୧୧ ସ୍ଥାନରେ ୧୪ଟି ଜେନେରେଟର କିପରି କିଣାଗଲା ତାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ।

ଶେଷରେ ବିଡିଓ ସିଭିଲ କନଷ୍ଟ୍ରକଶନ ବାବଦରେ ୧ କୋଟି୭ ଲକ୍ଷରୁ ଅଧିକ ଟଙ୍କା ବିଲ୍ କରିଛନ୍ତି। କ'ଣ କାମ ହୋଇଛି, କ'ଣ କିଣା ହୋଇଛି, କେଉଁଠି କ'ଣ କରାଯାଇଛି ତାହା ବାବଦରେ ସ୍ପଷ୍ଟ ଉତ୍ତର ରଖିପାରୁ ନାହାନ୍ତି । ଏ ନେଇ ବିଡିଓ କହଁରଙ୍କୁ ପଚାରିବାରେ ସବୁ କାର୍ଯ୍ୟ ପଞ୍ଚାୟତରେ ହୋଇଛି। ତଦନ୍ତ ରିପୋର୍ଟ ପାଇନି ବୋଲି କହିଥିଲେ । ସିଭିଲ କନଷ୍ଟ୍ରକଶନ ଉପରେ ହୋଇଥିବା କାମ ବିଷୟରେ ପଚାରିବାରୁ ସନ୍ତୋଷଜନକ ଭାବେ କିଛି କହି ନ ଥିଲେ। ସୂଚନାଯୋଗ୍ୟ, ଖଜୁରିପଡ଼ା ବ୍ଲକରେ କରୋନା ମୁକାବିଲା ଲାଗି ଆସିଥିବା ଅନୁଦାନ ଅର୍ଥର ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡପ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ବିଡିଓଙ୍କ ନାମରେ ଅଭିଯୋଗ ଆସିବାରୁ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଏହାର ତଦନ୍ତ ଆରମ୍ଭ କରିଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୩୧ / ୨୦୨୧ Sambalpur, Friday, December 31/ 2021

## କ୍ରିକେଟ: କୁଲିହାରୀ ଚାମ୍ପିୟନ

**ଜୁନାଗଡ,୩୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପିଲିକିଆ ହାଇସ୍କୁଲ ପଡିଆଠାରେ ଚାଲିଥିବା ସ୍ୱର୍ଗତ ପ୍ରମୋଦ ଓ ଦୀପକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଛୋରିଆଗଡକୁ ହରାଇ କୁଲିହାରୀ ଚାମ୍ପିୟନ ହୋଇଛି। ଛୋରିଆଗଡ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲା। ଜବାବରେ କୁଲିହାରୀଦଳ ୧୧.୩ ଓଭରରେ ୮ ଉଇକେଟ୍ ହରାଇ ୧୨୮ ରନ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ସଭାରେ ଅତିଥିଭାବେ ପୂର୍ବତନ ଜୁନାଗଡ ଏନ୍ଏସି ଅଧ୍ୟକ୍ଷ ମହେଶ ସାହୁ, ଆଇନଜୀବୀ ଦିଗାମ୍ବର ନାଏକ, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବଗର୍ତ୍ତୀ, ହରିଶଙ୍କର ସରାଫ ଯୋଗଦେଇଥିଲେ। ବିରଞ୍ଚି ପ୍ରସାଦ ସରାଫ ମଞ୍ଚ ପରିଚାଳନା କରିଥିଲେ।

# ଓଡ଼ିଶା ମହିଳା ଦଳ ରନର୍ସ ଅପ୍

**ଭୁବନେଶ୍ୱର, ୩୦।୧୨ (କ୍ରୀଡ଼ା ପ୍ରତିନିଧି)**

**ଜାତୀୟ ସିନିୟର ପୂର୍ବାଞ୍ଚଳ ବାସ୍କେଟବଲ**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ପୂର୍ବାଞ୍ଚଳ ବାସ୍କେଟବଲ ଟୁର୍ନାମେଣ୍ଟରେ ଓଡ଼ିଶା ମହିଳା ଦଳ ରନର୍ସଅପ୍ ହୋଇଛି। ଉତ୍ତର ପ୍ରଦେଶ ଚାମ୍ପିୟନ ହୋଇଥିବାବେଳେ ପଶ୍ଚିମବଙ୍ଗ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ପୁରୁଷ ବିଭାଗରେ ଉତ୍ତର ପ୍ରଦେଶ ଚାମ୍ପିୟନ, ଉତ୍ତରାଖଣ୍ଡ ରନର୍ସଅପ୍ ଏବଂ ପଶ୍ଚିମବଙ୍ଗ ତୃତୀୟ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଫୁଟବଲ



ମହିଳା ବିଭାଗରେ ରନର୍ସ ଅପ୍ ଓଡ଼ିଶା ଦଳର ଖେଳାଳିମାନେ ଅତିଥିଙ୍କ ସହ।

ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଆଇସିସି ପୁରସ୍କାର ଦୌଡ଼ରେ ମନ୍ଧାନା

**ଦୁବାଇ, ୩୦।୧୨ (ପି.ଟି.):** ଭାରତ ଓପନର ସ୍ମୃତି ମନ୍ଧାନାଙ୍କ ନାମ ଅନ୍ୟ ୩ କ୍ରିକେଟରଙ୍କ ସହ ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ) ମହିଳା ଟି୨୦ ପ୍ଲେୟର ଅଫ୍ ଦି ଇୟର ୨୦୨୧ ପୁରସ୍କାର ପାଇଁ ସୁପାରିସ ହୋଇଛି। ମନ୍ଧାନାଙ୍କ ବ୍ୟତୀତ ଇଂଲଣ୍ଡ କ୍ରିକେଟର ଟାମି ବିମଣ୍ଟ ଓ ନାଟ୍ ସ୍କିଭର ଏବଂ ଆୟର୍ଲାଣ୍ଡର ଗାବି ଲୁଇସ୍ ଏହି ପୁରସ୍କାର ଦୌଡ଼ରେ ରହିଛନ୍ତି। ୨୦୨୧ବର୍ଷରେ ମନ୍ଧାନା ୯ଟି ଟି୨୦ ମ୍ୟାଚରେ ୩୧.୮୭ ଆଭରେଜରେ ୨୫୫ ରନ କରିଥିଲେ। ତନ୍ମଧ୍ୟରେ ଦୁଇ ଅର୍ଦ୍ଧଶତକ ସାମିଲ। ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲ ଟି୨୦ରେ ଭାରତ ୧୧୩ରନର ବିଜୟ ଲକ୍ଷ୍ୟ ପଛା କରୁଥିବା ବେଳେ ସେ ମାତ୍ର ୨୮ ବଲ୍‌ରେ ୪୮ ରନ ସଂଗ୍ରହ କରି ଦଳକୁ ଜିତାଇଥିଲେ। ଯାହାଫଳରେ ଭାରତ କ୍ଲିନ୍ ସୁଇପ୍ ପରାଜୟକୁ ଏଡାଇ ପାରିଥିଲା। ମନ୍ଧାନା ଆହୁରି ମଧ୍ୟ ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜରେ ଟପ୍ ରନ୍ ସ୍କୋରର



ହୋଇଥିଲେ। ତାଙ୍କୁ କୌଣସି ସାଥୀ ଖେଳାଳିଙ୍କଠାରୁ ଉପଯୁକ୍ତ ସହାୟତା ମିଳି ନ ଥିଲା। ଭାରତ କିନ୍ତୁ ଉଭୟ ମ୍ୟାଚରେ ପରାସ୍ତ ହୋଇଥିଲା। ଏହି ଦୁଇଟି ମ୍ୟାଚରେ ସେ ଟପ୍ ସ୍କୋରର ଥିଲେ। ଟି୨୦ ଫାଇନାଲରେ ସେ ୫୧ ବଲ୍‌ରୁ ୭୦ ରନ କରିଥିଲେ। ମନ୍ଧାନା ବର୍ଷରେ ତାଙ୍କର ଦ୍ୱିତୀୟ ଟି୨୦ ଅର୍ଦ୍ଧଶତକ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଫାଇନାଲରେ ହାସଲ କରିଥିଲେ। କିନ୍ତୁ ଭାରତ ୧୪ ରନରେ ମ୍ୟାଚ ହାରିଯାଇଥିଲା। ତେବେ ଆଇସିସି ପୁରୁଷ ଦିନିକିଆ ପ୍ଲେୟର ଅଫ୍ ଦି ଇୟର ୨୦୨୧ ପାଇଁ ଭାରତର କୌଣସି ଖେଳାଳିଙ୍କ ନାମ ସୁପାରିସ ହୋଇ ନାହିଁ।

## ଜାତୀୟ ସିନିୟର ହକି କ୍ୟାମ୍ପରେ ୬୦ ଖେଳାଳି

**ଓଡ଼ିଶାର ପଙ୍କଜ କୁମାର ରଜାକ, ଅମିତ ରୋହିଦାସ, ନିଲମ ସଞ୍ଜିପ ଖେସ୍, ଦିପସାନ ତିର୍କୀ, ଅଭିଷେକ ଲାକ୍ରା, ବିଜୁ ଏକ୍କା, ଆଶିଷ କୁମାର ଟପ୍ପୋ ଓ ଶୀଳାନନ୍ଦ ଲାକ୍ରା ସାମିଲ**

**ନୂଆଦିଲ୍ଲୀ, ୩୦।୧୨(ପି.ଟି.)**

ବେଙ୍ଗାଲୁରୁଠାରେ ଜାନୁୟାରୀ ୩ରୁ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ପୁରୁଷ ହକି କ୍ୟାମ୍ପ ପାଇଁ ୬୦ ଖେଳାଳିଙ୍କୁ ମନୋନୀତ କରାଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ଗୋଲକିପର ପଙ୍କଜ କୁମାର ରଜାକ, ଡିଫେଣ୍ଡର ଅମିତ ରୋହିଦାସ, ନିଲମ ସଞ୍ଜିପ ଖେସ୍, ଦିପସାନ ତିର୍କୀ, ଅଭିଷେକ ଲାକ୍ରା, ମିଡ୍‌ଫିଲ୍ଡର ବିଜୁ ଏକ୍କା, ଆଶିଷ କୁମାର ଟପ୍ପୋ ଓ ଫରୱାର୍ଡ ଶୀଳାନନ୍ଦ ଲାକ୍ରା ସାମିଲ ଅଛନ୍ତି। ନିକଟରେ ଅନୁଷ୍ଠିତ ଜାତୀୟ ସିନିୟର ଚାମ୍ପିୟନଶିପ୍, ଜାତୀୟ ଜୁନିୟର ହକି ଏବଂ ଅନ୍ୟ ଘରୋଇ ହକି ଟୁର୍ନାମେଣ୍ଟରୁ ପ୍ରଦର୍ଶନ ଭିତ୍ତିରେ ଖେଳାଳି ଚୟନ କରାଯାଇଛି। ୨୦୨୨ ହକି ପ୍ରୋ–ଲିଗ୍ ପୂର୍ବରୁ ପ୍ରସ୍ତୁତି ପାଇଁ ଖେଳାଳିଙ୍କ ସଂଖ୍ୟା ୩୩କୁ ହ୍ରାସ କରାଯିବ। "ଆମେ ଆଗାମୀ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଯୋଜନା ଆରମ୍ଭ କରୁଛୁ। ପୁଣିଥରେ ଜିରୋରୁ ଆମେ ଆରମ୍ଭ କରିବୁ। ନୂଆ ଆରମ୍ଭ ବହୁ ଗୁରୁତ୍ୱପୂର୍ଣ୍ଣ" ବୋଲି ଭାରତୀୟ ହକି ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି। ଏଫ୍ଆଇଏଚ୍ ହକି ପ୍ରୋ–ଲିଗ୍, ଏସିଆନ ଗେମ୍ସ ୨୦୨୨ ଏବଂ ଆହୁରି କେତେକ ବଡ଼ ହକି ଟୁର୍ନାମେଣ୍ଟ ଆଗକୁ ଆସୁଛି। ତେଣୁ ଚ୍ୟାଲେଞ୍ଜିଂ ୨୦୨୨ ସିଜନକୁ ଦୃଷ୍ଟିରେ ରଖି ଆମକୁ ଶକ୍ତିଶାଳୀ ୩୩ ଜଣିଆ କୋର୍ ଗ୍ରୁପ୍ ଗଠନ କରିବାକୁ ହେବ ବୋଲି ସେ କହିଛନ୍ତି।

## ରାଜ୍ୟ ସବ୍‌ଜୁନିୟର ଚେସ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୩୦।୧୨(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ୧୬ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଗୁରୁବାର ପୁରୀରେ ଶେଷ ହୋଇଛି। ଏହାର ବାଳିକା ବିଭାଗରେ ଯଶିତା ରାଉତ ଚାମ୍ପିୟନ ହୋଇଥିବାବେଳେ ସୁହାନା ଜେନା ରନର୍ସଅପ୍, ପ୍ରୀତିଶା ମିତ୍ର ତୃତୀୟ ଓ ଅନିସ୍କା ପାଣ୍ଡେ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳକ ବିଭାଗରେ ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ, ଓମ୍ ଆଦିତ୍ୟ ଖାଡ଼ଙ୍ଗା ରନର୍ସଅପ୍ ଏବଂ ଆରିନ ଅନ୍ୱେଷ ସ୍ୱାଇଁ ଓ ପ୍ରତ୍ୟାଂଶୁ ମହାପାତ୍ର ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ଏହି ୮ ଖେଳାଳି ଆଗାମୀ ଜାତୀୟ ସବ୍‌ଜୁନିୟର ଚେସ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ମୁଖ୍ୟ ଅତିଥି ଓ ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ ପୁରୀ ଜିଲା ଚେସ୍ ଆସୋସିଏଶନ ସଭାପତି ନାରାୟଣ ପାତ୍ର, ଉପସଭାପତି ସୁରେଶ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଓ ମୁଖ୍ୟ ଆର୍ବିଟର ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ପୁରୀରେ ଅନୁଷ୍ଠିତ ରାଜ୍ୟ ସବ୍‌ଜୁନିୟର ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ଭାରତ ଏସିଆ କପ୍ ଫାଇନାଲରେ

**ଶାରଜା, ୩୦।୧୨ (ପି.ଟି.)**

ଶେକ୍ ରଶିଦଙ୍କ ଅପରାଜିତ ୯୦ ରନ ସହାୟତାରେ ଭାରତ ୧୦୩ ରନରେ ବାଂଲାଦେଶକୁ ପରାସ୍ତ କରି ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୭ତମ ଓଭରରେ ୫୦ରନ ଭିତରେ ଏହାର ଦୁଇ ଓପନର ଅଙ୍ଗକ୍ରିଶ ରଘୁବଂଶୀ (୧୬) ଓ ହାର୍ନୁର ସିଂ (୧୫)ଙ୍କୁ ହରାଇଥିଲା। ରଶିଦଙ୍କ ଆଗମନ ପରେ ଦଳର ବ୍ୟାଟିଂ ସ୍ଥିତିରେ ସୁଧାର ଆସିଥିଲା। ସେ ୧୦୮ ବଲ୍ ସାମ୍ନା କରି ଅପରାଜିତ ୯୦ ରନ ସଂଗ୍ରହ କରିଥିଲେ, ଯାହାଫଳରେ ଭାରତର ସ୍କୋର ୨୪୩/୮ରେ ପହଞ୍ଚିପାରିଥିଲା। ପରେ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରି ୩୮.୨ ଓଭରରେ ବାଂଲାଦେଶକୁ ୧୪୦ ରନରେ ସୀମିତ କରିଦେଇଥିଲେ। ଟପ୍ ସ୍କୋରର ଅରିଫୁଲ୍ ଇସ୍‌ଲାମ ୭୭ ବଲ୍‌ରୁ ୪୨ରନ ଏବଂ ଓପନର ମେହଫିଜୁଲ ଇସ୍‌ଲାମ ୨୬ ରନ କରିଥିଲେ। ଭାରତ ତରଫରୁ ରବି କୁମାର (୨/୨୨), ଭିକି ଓସୱାଲ (୨/୨୫), ରାଜ ବାୱା (୨/୨୬) ଓ ରାଜବର୍ଦ୍ଧନ ହାଙ୍ଗରଗେକର (୨/୩୬) ଦୁଇଟି ଲେଖାଏ ଏବଂ କୌଶଲ ଟାମ୍ବେ (୧/୫) ଓ ନିଶାନ୍ତ ସିନ୍ଧୁ (୧/୨୫) ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ଭାରତ ଶୁକ୍ରବାର ଦୁବାଇଠାରେ ଫାଇନାଲରେ ଶ୍ରୀଲଙ୍କା ସହ ମୁକାବିଲା କରିବ। ଅନ୍ୟ ସେମିଫାଇନାଲରେ ଶ୍ରୀଲଙ୍କା ୨୨ ରନରେ ପାକିସ୍ତାନକୁ ହରାଇ ଦେଇଥିଲା। ଏହି ମ୍ୟାଚରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୧୪୭ ରନରେ ଅଲଆଉଟ ହୋଇଯାଇଥିଲା। ପରେ ଦଳ ପାକିସ୍ତାନକୁ ୧୨୫ ସ୍କୋରରେ ସୀମିତ କରିଦେଇଥିଲା।

**ସଂକ୍ଷିପ୍ତ ସ୍କୋର**

**୧୯ ବର୍ଷରୁ କମ୍ ଭାରତ:** ୫୦ ଓଭରରେ ୨୪୩/୮ (ଶେକ୍ ରଶିଦ-୯୦; ରକିବୁଲ ହସନ-୩/୪୧)। **୧୯ ବର୍ଷରୁ କମ୍ ବାଂଲାଦେଶ:** ୩୮.୨ ଓଭରରେ ୧୪୦ ଅଲଆଉଟ (ଅରିଫୁଲ୍ ଇସ୍‌ଲାମ୍-୪୨; ରବି କୁମାର-୨/୨୨, ଭିକି ଓସୱାଲ-୨/୨୫, ରାଜ ବାୱା-୨/୨୬, ରାଜବର୍ଦ୍ଧନ ହଙ୍ଗରଗେକର-୨/୩୬)।

## ଫ୍ରି ଏଣ୍ଟ୍ରି କ୍ରିକେଟ ଲିଗ୍: ଛତାମଖନା ଚାମ୍ପିୟନ

**ବଲାଙ୍ଗୀର ଅଫିସ, ୩୦।୧୨**

ବଲାଙ୍ଗୀର ପୌରାଞ୍ଚଳ ଛତାମଖନା ଖେଳପଡିଆରେ ଚାଲିଥିବା ଫ୍ରି ଏଣ୍ଟ୍ରି କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ପୁଇଁନ୍ତଲା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୮ ଓଭରରେ ୪୬ ରନ ସଂଗ୍ରହ କରିଥିଲେ । ୪୭ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଛତାମଖନା ଦଳ ୪ ଉଇକେଟ ବିନିମୟରେ ୬ ଓଭରରେ ବିଜୟ ହାସଲ କରିଥିଲା। ଟୁର୍ନାମେଣ୍ଟରେ ବିଜୟୀ ଓ ଉପବିଜୟୀ ଦଳକୁ ମୁଖ୍ୟଅତିଥି ଯୁବନେତା ଶୁଭ୍ରାଂଶୁ ପଣ୍ଡା ଟ୍ରଫି ପ୍ରଦାନ କରିଥିଲେ । ଭବାନୀ ବରିହା ମ୍ୟାନ ଅଫ୍ ଦି ମ୍ୟାଚ ଓ ସତ୍ୟମ ଶିକାଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। ବେଷ୍ଟ ସିକ୍ସର ଭାବେ ପୁଇଁନ୍ତଲା ଦଳର ରମେଶଙ୍କୁ ପୁରସ୍କୃତ କରାଯାଇଥିଲା।


ବିଜୟୀ ଦଳ ସହ ଅତିଥି ଓ ଆୟୋଜକ।




## ଆନ୍ତଃ ମହାବିଦ୍ୟାଳୟ ଭାରୋତ୍ତୋଳନ, ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା



ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଶେଷରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

**ଭୁବନେଶ୍ୱର,୩୦।୧୨:** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଭାରୋତ୍ତୋଳନ ଏବଂ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ୨୭ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ ମହାବିଦ୍ୟାଳୟର ୪୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ପ୍ରଫେସର ଦୁର୍ଗାଶଙ୍କର ପଟ୍ଟନାୟକ ଯୋଗ ଦେଇଥିଲେ। ଏଥିରେ କାର୍ଯ୍ୟକାରୀ ସମ୍ପାଦକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ପୋଷ୍ଟ ଗ୍ରାଜୁଏଟ ଆଥଲେଟିକ କ୍ଲବର ଉପ– ସଭାପତି ଡଃ କୀର୍ତ୍ତି ରଞ୍ଜନ ମଲ୍ଲିକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପର୍ନ ଭାରୋତ୍ତୋଳକ ଚନ୍ଦ୍ରକାନ୍ତ ସାହୁ, ଓଡ଼ିଶା ସୁନ୍ଦରସ୍ୱାସ୍ଥ୍ୟ ସଂଗଠନ ସଭାପତି ସୁମିତ୍ରା ତ୍ରିପାଠୀ ବିଚାରକ ମଣ୍ଡଳୀର ସଦସ୍ୟ ଥିଲେ। ଡଃ ବେଣୁଧର ଦାସ, ଚତୁର୍ଭୁଜ ଜେନା ପ୍ରତିଯୋଗିତା ସମ୍ପାଦନା କାର୍ଯ୍ୟରେ ସହଯୋଗ କରିଥିଲେ। ଡଃ ମଲ୍ଲିକ, ଉତ୍କଳ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡଃ ଚନ୍ମୟ ପ୍ରଧାନ ଓ ଜଣାଶୁଣା କରାଟେ ପ୍ରଶିକ୍ଷକ ତଥା ରାଜ୍ୟ କରାଟେ ସଂଘ ସଭାପତି ତଥା ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନକ କରିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୩୧ ଡିସେମ୍ବର, ୨୦୨୧

## ଶାଗୁଆନ କାଠ ଜବତ, ଜଣେ ଗିରଫ

ଟିଟିଲାଗଡ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ରେଞ୍ଜ ଗୋଲାବାରୁଦ କାରଖାନା ନିକଟ ସିକାପତ୍ରାପାଲି ଜଙ୍ଗଲରୁ ବନ ବିଭାଗ ଚଢ଼ାଉ କରି ଶାଗୁଆନ କାଠ ଜବତ କରିଛି। ଏହି ଘଟଣାରେ ୩ଜଣ ଖସି ଯାଇଥଇବା ବେଳେ ଘନଶ୍ୟାମ ନାଗ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। କାଠକଟାରେ ବ୍ୟବହୃତ ଯନ୍ତ୍ରପାତି ଜବତ ହୋଇଛି। ଶାଗୁଆନ ଗଛ କାଟୁଥିବା ନେଇ ଖବର ମଳିବା ପରେ ବନବିଭାଗ ଚଢ଼ାଉ କରିଥିଲା। ରେଞ୍ଜ ଅଧିକାରୀ ଶିବପ୍ରସାଦ ନାୟକ, ଫରେଷ୍ଟର ପ୍ରିୟଙ୍କା ପୋଢ଼ଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଗିରଫ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଘନଶ୍ୟାମଙ୍କ କୋଭିଡ଼ ରିପୋର୍ଟ ପଜିଟିଭ ଆସିବାରୁ ତାଙ୍କୁ ଜାମିନରେ ଛଡା ଯାଇଛି ।



# ସଂକ୍ଷେପରେ

## ଭାଙ୍ଗିଲା ପାଣିଟାଙ୍କି: ପାଇପ ପାଣି ଯୋଗାଣ ବନ୍ଦ

ଖପ୍ରାଖୋଲ,୩୦।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବେନକେରା ଗୌନ୍ତିଆ ପଡ଼ାବାସୀ ଗତ ଚାରିଦିନ ହେଲା ପାଇପ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ଗାଁରେ ଥିବା ପାଣିଟାଙ୍କି ଭାଙ୍ଗି ଯିବା ପରେ ଏହି ସମସ୍ୟା ସୃଷ୍ଟି ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ଲୋକେ ଜଳକଷ୍ଟରେ ଅଛନ୍ତି। ପଞ୍ଚାୟତ ତରଫରୁ ପଡାରେ ଥିବା ନଳକୂପରୁ ମୋଟରରେ ପାଣି ଉଠାଇ ପାଇପ ଜଳଯୋଗାଣ ବର୍ଷକ ତଳେ ଆରମ୍ଭ ହୋଇଥିଲା। ଚାରିଦିନ ତଳେ ଟାଙ୍କି ଭାଙ୍ଗି ଦୁଇ ଫାଳ ହୋଇ ତଳେ ପଡିଯାଇଛି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସରିତା କୁଜୁର ପ୍ରକଳ୍ପ ପଞ୍ଚାୟତର ବୋଲି କହିଛନ୍ତି। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳାମ୍ବର ମାଝୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ରୟାଲ ଏଫ୍ଏ ଫୁଟ୍‌ବଲ: ଅମାମୁଣ୍ଡାକୁ ଟାଇଟଲ

ଲୋଇସିଂହା,୩୦।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଲୁହୁରାପାଲି ରୟାଲ ଏଫ୍ଏ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ସୁଜିଆ ଓ ଅମାମୁଣ୍ଡା ମଧ୍ୟରେ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିବାରୁ ରେଫରୀ ଟାଇବ୍ରେକର ସହାୟତାରେ ଫଳାଫଳ ନିର୍ଣ୍ଣୟ କରିଥିଲେ । ଏଥରେ ୫-୪ ଗୋଲରେ ଅମାମୁଣ୍ଡା ବିଜୟୀ ହୋଇଥିଲା। ସୁଜିଆ ଦଳର କପିଲେ ଧରୁଆଙ୍କୁ ଶ୍ରେଷ୍ଠ ଗୋଲକିପର, ସିଦ୍ଧେ ଧରୁଆ ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ ହୋଇଥିଲେ। ସଭାପତି ରାଜୀନ ଭୂଏଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା ଯୁବ ବିଜେଡି ଉପସଭାପତି ନୀତେଶ କୁମାର ଅଗ୍ରୱାଲ, ବ୍ଲକ ସଭାପତି ହୃଦୟାନନ୍ଦ ବେହେରା, ଯୁବ ସଭାପତି ପ୍ରକାଶ ମହାରଣା, ସରପଞ୍ଚ ଲକ୍ଷ୍ମୀ ପଧାନ ଅତିଥିଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୬ ହଜାର ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ୪ ହଜାର ଟଙ୍କା ଦେଇ ଅତିଥି ପୁରସ୍କୃତ କରାଯାଇଥିଲା।

## ବର୍ଷା, କୁଆପଥର ମାଡ: ଫସଲ ନଷ୍ଟ

ଖପ୍ରାଖୋଲ,୩୦।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଗତ ଦୁଇଦିନ ଧରି କୋହଲା ପାଗ ସାଙ୍ଗକୁ ଅଦିନିଆ ବର୍ଷା, କୁଆ ପଥର ମାଡ ବ୍ୟାପକ ଫସଲହାନୀ କରିଛି। ଲୁହାସିଂହା, ଧଣ୍ଡାମୁଣ୍ଡା, ଓଡିଆପାଲି, ଭାନପୁର ପଞ୍ଚାୟତରେ କୁଆପଥର ମାଡ ହୋଇଛି। ଏଥିରେ ପରିବା ଫସଲ ସହ କପା ନଷ୍ଟ ହୋଇଛି। ଖପ୍ରାଖୋଲ ତହସିଲଦାର ଆଦିତ୍ୟ ମିଶ୍ର କ୍ଷୟକ୍ଷତି ନେଇ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି।

## ଖବରଦାତାଙ୍କ ଗିରଫଦାରିକୁ ବିରୋଧ, ଏସ୍‌ପିଙ୍କ ଦ୍ୱାରସ୍ଥ ହେଲା ଓୟୁଜେ

ଭବାନୀପାଟଣା,୩୦।୧୨(ସ୍ୱ.ପ୍ର.): କଳାହାଣ୍ଡି ଜିଲା ନର୍ଲାର ଜଣେ ଖବରଦାତାଙ୍କୁ ମିଥ୍ୟା ମାମଲାରେ ଛନ୍ଦି ରାତି ଅଧିଆ ଗିରଫଦାରିକୁ ତୀବ୍ର ବିରୋଧ କରିଛି କଳାହାଣ୍ଡି ଜିଲା ସାମ୍ବାଦିକ ୟୁନିୟନ (ଓୟୁଜେ)। ଏ ନେଇ ଗୁରୁବାର ଜିଲା ସାମ୍ବାଦିକ ୟୁନିୟନ ସଭାପତି କମ୍ବୁପାଣି ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଘଟଣାରୁ ପ୍ରକାଶ ଯେ, ନର୍ଲାର କାର୍ଯ୍ୟରତ ଖବରଦାତା ରଞ୍ଜନ କୁମାର ମହାନ୍ତି କୃଷକମାନଙ୍କ ଅଭିଯୋଗକୁ ଭିତ୍ତିକରି ଏକ ଖବର ପ୍ରସାରଣ କରିଥିଲେ। ଏହାକୁ ନେଇ ନର୍ଲା ବ୍ଲକର ସହକାରୀ କୃଷି ଅଧିକାରୀ (ଏଏଓ) ଶିବାନୀ ପ୍ରଧାନ ଖବରଦାତା ରଞ୍ଜନ ଓ ଅନ୍ୟ ଜଣେ ଖବରଦାତା ଲିଙ୍ଗରାଜ ମିଶ୍ରଙ୍କ ନାମରେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନର୍ଲା ପୋଲିସ ଏକ ମାମଲା (ନଂ.୨୬୬/୨୧) ରୁଜୁ କରି ବୁଧବାର ବିଳମ୍ବିତ ରାତିରେ ରଞ୍ଜନଙ୍କୁ ତାଙ୍କ ବାସଭବନରୁ ଉଠାଇ ନେଇଥିଲା। ରଞ୍ଜନଙ୍କୁ ପୋଲିସ ଗିରଫ କରିବା ସହ ଗୁରୁବାର କୋର୍ଟ ଚାଲାଣ କରିଛି। ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଏସ୍‌ପିଙ୍କୁ ଅନୁରୋଧ କରାଯାଇଛି। ଏସପିଙ୍କୁ ସାକ୍ଷାତ ସମୟରେ ଜିଲା ସଭାପତି ମିଶ୍ରଙ୍କ ସମେତ ୟୁନିୟନର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂଦେଓ, ମନମୋହନ ପ୍ରଧାନ, ଅଞ୍ଜନ କୁମାର ରଥ, ବିକାଶ ଖେମକା, ଶିବାନନ୍ଦ ନାଏକଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

# ଶ୍ରମିକଙ୍କ ଅର୍ଥ ଆତ୍ମସାତ୍ ଅଭିଯୋଗ

କୋକସରା,୩୦।୧୨(ଡି.ଏନ.ଏ.)


ଶ୍ରମିକମାନେ ଆମପାଣି ଫରେଷ୍ଟରଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

**ଆମ ଜଙ୍ଗଲ ଯୋଜନା**

■ଭିଏସ୍ଏସ୍ କମିଟି ଜଙ୍ଗଲ ବିଭାଗର ଦ୍ୱାରସ୍ଥ

କଳାହାଣ୍ଡି ଜିଲା ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଦକ୍ଷିଣ ବନଖଣ୍ଡ ଧର୍ମଗଡ଼ରେ ଅଧୀନ ଆମପାଣି ଫରେଷ୍ଟ ସେକ୍ସନ କନ୍ଦାଗଡ଼ ବିଟରେ ଆମ ଜଙ୍ଗଲ ଯୋଜନାରେ କାମ କରିଥିବା ଶ୍ରମିକଙ୍କ ଅର୍ଥକୁ ଜଙ୍ଗଲ ବିଭାଗ କର୍ମଚାରୀମାନେ ଚଞ୍ଚକତା କରି ଆତ୍ମସାତ କରିଛନ୍ତି। ଏ ନେଇ ଆମ ଜଙ୍ଗଲ ଯୋଜନା ଭିଏସ୍ଏସ୍ କମିଟି ସଭାପତି ଓ ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଭିଏସଏସ କମିଟି ସଭାପତିଙ୍କ ବିନା ଦସ୍ତଖତରେ ଚଞ୍ଚକତା କରି ବିଭିନ୍ନ ପର୍ଯ୍ୟାୟରେ ଆସିଥିବା ଲକ୍ଷ୍ୟାଧିକ ସରକାରୀ ଟଙ୍କା ଜଙ୍ଗଲ ବିଭାଗ କର୍ମଚାରୀ ଉଠାଣ କରିଥିବା ନେଇ ଅଭିଯୋଗ ଆଣିଛନ୍ତି କମିଟି ସଦସ୍ୟମାନେ। ବୁଧବାର କନ୍ଦାଗଡ଼ ଭିଏସଏସ କମିଟି ସଦସ୍ୟ ଓ ଶ୍ରମିକମାନେ ଆମପାଣି ଫରେଷ୍ଟର ଜଗନ୍ନାଥ ନାଗଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଫରେଷ୍ଟର ନାଗଙ୍କୁ ପଚାରିବାରୁ କୌଣସି ହେରଫେର ହୋଇଥିବା ତାଙ୍କ ନିକଟରେ ସୂଚନା ନ ଥିବା କହିଛନ୍ତି। ପୂର୍ବରୁ ଭିଏସଏସ କମିଟି ସଭାପତି ଓ ସଦସ୍ୟମାନେ ଦକ୍ଷିଣ ବନଖଣ୍ଡ ଡିଏଫଓଙ୍କ ସହ ଧର୍ମଗଡ଼ ରେଞ୍ଜରଙ୍କଠାରେ ଅଭିଯୋଗ କରିଥିଲେ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଧିକାରୀମାନେ କହିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତଦନ୍ତ କିମ୍ବା କୌଣସି ପଦକ୍ଷେପ ନ ନେବାରୁ ବୁଧବାର ଆମପାଣି ଫରେଷ୍ଟ କାର୍ଯ୍ୟାଳୟରେ ପହଞ୍ଚି ମଜୁରି ଟଙ୍କା ଦେବାକୁ ଦାବି କରିଛନ୍ତି। ଜଙ୍ଗଲ ବିଭାଗ ଶ୍ରମିକଙ୍କ ମଜୁରି ପ୍ରାପ୍ୟ ନ ଦେଲେ ଫରେଷ୍ଟ କାର୍ଯ୍ୟାଳୟରେ ଆନ୍ଦୋଳନ କରିବାକୁ ଭିଏସଏସ୍ କମିଟି ସମେତ ତୁଳାରାମ ମାଝି, ପଦ୍ମନ ମାଝି, ଜଳଧର ନାଏକ, ଟିକଚନ ମାଝି, ମକର ଦଣ୍ଡସେନା, ଲକ୍ଷ୍ମୀ ଦଣ୍ଡସେନା, ବିମଳା ମାଝି, ଚନ୍ଦ୍ରିକା ମାଝି, କୌଶଲ୍ୟା ଦଳପତି, ଗୋମତି ମାଝି, ପରମେଶ୍ୱର ରାଉତ ପ୍ରମୁଖ ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ, ଆମପାଣି ଫରେଷ୍ଟ ସେକ୍ସନ କନ୍ଦାଗଡ଼ ବିଟର କନ୍ଦାଗଡ଼, ବାଲିପଡା, ଟିକ୍ରାପଡ଼ା, ତ୍ରିର୍ଥୀଆପଡା, ନୂଆଗାଁ ଉପରପଡା ଓ ନୂଆଗାଁ ତଳପଡା ଗ୍ରାମରେ ଆମ ଜଙ୍ଗଲ ଯୋଜନାରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଗାତ ଖୋଳିବାଠୁ ଆରମ୍ଭ କରି ନର୍ସରିରେ ଚାରା ରୋପଣ ଓ ନର୍ସରି ଜଗୁଆଳି ପାଇଁ ବିଭିନ୍ନ ପର୍ଯ୍ୟାୟରେ ଶ୍ରମିକ ନିୟୋଜିତ ହୋଇଥିଲେ। ପ୍ରତି ଗାଁରେ ୧୬ଜଣ ସଦସ୍ୟଙ୍କୁ ନେଇ ଭିଏସଏସ କମିଟି ଗଠନ କରାଯାଇ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ମନୋନୀତ କରାଯାଇଛି।

## 'ଓମିକ୍ରନ୍ ସଂକ୍ରମଣ ରୋକିବାକୁ ପ୍ରସ୍ତୁତ ରୁହ'


ମିଶନ ଶକ୍ତି ଗୃହ ଉଦ୍‌ଘାଟନ ଅବସରରେ ବିଧାୟକ ମୁକେଶ ମହାଲିଙ୍ଗ ଓ ଅନ୍ୟମାନେ।

ଲୋଇସିଂହା,୩୦।୧୨(ଡି.ଏନ.ଏ)

ଓମିକ୍ରନ ସଂକ୍ରମଣ ରୋକିବାକୁ ପ୍ରସ୍ତୁତ ରହୁ। ଏହିଭଳି ପରାମର୍ଶ ଦେଇଛନ୍ତି ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମହାଲିଙ୍ଗ କହିଛନ୍ତି, ଆସନ୍ତା ଜାନୁୟାରୀ ଓ ଫେବୃୟାରୀରେ ଦେଶରେ ଓମିକ୍ରନ ସଂକ୍ରଣ ବ୍ୟାପିବା ଭୟ ରହିଥିବା ନେଇ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଏଣୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଏ ଦିଗରେ ସଜାଗ ରହିବାର ଆବଶ୍ୟକତା ରହିଛି। ଲୋଇସିଂହାଠାରେ ୭ଏକର ପରିମିତ ଜମିରେ ଅତ୍ୟାଧୁନିକ ସିଏଚସି ନିର୍ମାଣ କରାଯିବ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ସେ ସୂଚନା ଦେଇଥିଲେ। ଏହି ଅବସରରେ ଚିକିତ୍ସା ଅଧିକାରୀ ପ୍ରତିମା ସୋରେନଙ୍କୁ ହେବିଟେଟ ଫର ହ୍ୟୁମାନିଟି ଇଣ୍ଡିଆ ସହାୟତାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଇସିଜି ମେଶିନ ଓ ୨୯ପ୍ରକାର ସ୍ୱାସ୍ଥ୍ୟ ଉପକରଣ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହାପରେ ବିଧାୟକ ବୁରୋମୁଣ୍ଡା, ବାଗଡିଆ ଗୋଷ୍ଠୀକେନ୍ଦ୍ରକୁ ଉଦଘାଟନ କରିଥିଲେ। ପରେ ବାଗଡିଆରେ ଅନୁଷ୍ଠିତ ଜନସମ୍ପର୍କ ଯାତ୍ରାରେ ସାମିଲ ହୋଇ ଜନସାଧାରଣଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ପରେ ସରଗାଡ ଏବଂ ଝାରମୁଣ୍ଡାରେ ସ୍ଥାନୀୟ ସରପଞ୍ଚ ସୁନୀଲ ଅଗ୍ରୱାଲଙ୍କ ଉପସ୍ଥିତିରେ ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରିଥିଲେ ବିଧାୟକ। ସରଗାଡ ମଣ୍ଡି ପରିଦର୍ଶ ବେଳେ ଖୋଲା ଆକାଶ ତଳେ ବିକ୍ରି ଅପେକ୍ଷାରେ ଧାନ ପଡିଥିବା ଦେଖି ସେ ଅସନ୍ତୋଷ ପ୍ରକାଶ କରିଥିଲେ।

# ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ, ରାସ୍ତାରୋକୋ

ଦେଓଗାଁ, ୩୦।୧୨(ଡି.ଏନ.ଏ.)

**କାମଦେଲାନି ବିଏସ୍‌କେୱାଇ ସ୍ମାର୍ଟକାର୍ଡ**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଜରାସିଂହା ମାଳିପଡାର ଜନୈକ ଶ୍ରମିକଙ୍କ ଏକ ସ୍କୁଟି ଧକ୍କାରେ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ବୁର୍ଲାରୁ ବ୍ୟବଚ୍ଛେଦ ହୋଇ ଗୁରୁବାର ମୃତଦେହ ଏଠାରେ ପହଞ୍ଚିବା ପରେ ପରିବାର ଲୋକେ ଦେଓଗାଁ ପଞ୍ଚାୟତ ଅଫିସ ସମ୍ମୁଖରେ ମୃତଦେହ ରଖି ଅପରାହ୍ନ ୩ଟାରୁ ୨୬ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ସ୍ଥାନୀୟ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଏସଡିପିଓ ତୋଫାନ ବାଗ, ଥାନାଧିକାରୀ ବାମଦେବ ଶଙ୍ଖୁଆଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇଥିବା ସ୍କୁଟି ମାଲିକ ଆନନ୍ଦ ମେହେରଙ୍କୁ ଗିରଫ ଓ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ମୃତକଙ୍କ ପୁଅ ପ୍ରକାଶ ମଲ୍ଲିକ ଦାବି କରିଥିଲେ। ୩ଦିନ ମଧ୍ୟରେ ସ୍କୁଟି ମାଲିକଙ୍କୁ ଗିରଫ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଥିଲା। ଫଳରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସୂଚନାନୁସାରେ ଗତ ୧୮ତାରିଖ ସନ୍ଧ୍ୟାରେ ଜରାସିଂହାର ଧନୁ ମଲ୍ଲିକ (୫୦) ନିକଟସ୍ଥ ନିଶିଗୁଡି ସମ୍ମୁଖରେ ଥିବା ଇଟା ଫ୍ୟାକ୍ଟ୍ରିରୁ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ପଛପଟୁ ତାଙ୍କୁ ଏକ ସ୍କୁଟି ଧକ୍କା ଦେଇଥିଲା । ଧନୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ପରିବାର ଲୋକେ ତାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ବୁର୍ଲାରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟକାର୍ଡ କାମ ଦେଉ ନଥିବା ଡାକ୍ତରମାନେ କହିଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରିବାର ଲୋକେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତଙ୍କୁ ହରାଇଛନ୍ତି।

## ବ୍ଲକସ୍ତରୀୟ ଯୁବ କ୍ରୀଡ଼ା ପ୍ରତିଯୋଗିତା

ବୋଡେନ,୩୦।୧୨(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବ୍ଲକ ରୋକାଲ ଖେଳପଡିଆଠାରେ ବ୍ଲକସ୍ତରୀୟ ଯୁବକ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଲିବଲ, କବାଡି, ଧିର ସାଇକଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜେଡି ଜିଲା ସାଧାରଣ ସମ୍ପାଦକ ଦିନେଶ ପ୍ରସାଦ ତିୱାରି, ଜିଲା ବିଜେଡି ସମ୍ପାଦକ ଲମ୍ବୋଦର ନିଆଲ, ସରପଞ୍ଚ ମିନତି କାଣ୍ଡ, ବିଶିକେସନ ବିଶ୍ୱାଳ, ଧୀରେନ୍ଦ୍ର କୁମାର ଦଣ୍ଡସେନା, ସାମାଜିକ କର୍ମୀ ଲଖି ତାଣ୍ଡି, ଶିକ୍ଷକ ଭୁପତି ଦୁରିଆ ଅତିଥିଭାବେ ଯୋଗଦେଇଥିଲେ।

## ପକ୍ଷାଘାତ ଆକ୍ରାନ୍ତ ହେବା ପରେ ବଦଳିଗଲା ଜୀବନ

କଣ୍ଟାବାଞ୍ଜି, ୨୮।୧୨(ଡି.ଏନ.ଏ.)

**ଅର୍ଦ୍ଧାହାରରେ ଦିନ କାଟୁଛନ୍ତି ଡିଣ୍ଡା ଦମ୍ପତି**



ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ମହୁଲପାଟି ପଞ୍ଚାୟତ ସଦର ଗାଁ କଲୋନୀ ପଡାର ସୁରୁ ଡିଣ୍ଡା(୬୫)। ଝିଅ ବାହାଘର ସରିଛି। ଏକମାତ୍ର ପୁଅ ବିବାହ ପରେ ଅଲଗା ରହୁଛନ୍ତି। ଏହି ପରିସ୍ଥିତିରେ ସ୍ତ୍ରୀ ଉର୍ବଶୀଙ୍କ ସହ ଜୀବନ ବିତାଉଛନ୍ତି ସୁରୁ। କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅଧୀନରେ ପାରା ପ୍ରୋଟେକ୍ସନ ଫୋର୍ସରେ ନର୍ସରି ଜଗୁଆଳିଭାବେ କାମ କରୁଥିଲେ ସୁରୁ। ସବୁକିଛି ଠିକ୍‌ଠାକ ଚାଲିଥିଲା। ଦୁଇବର୍ଷ ତଳେ ସେ ପକ୍ଷପାତରେ ଆକ୍ରାନ୍ତ ହେଲେ। ଏହା ପରଠାରୁ ତାଙ୍କୁ ଚାକିରିରୁ ବାହାର କରି ଦିଆଗଲା। ରୋଜଗାର ଗଲା ପରେ ପେଟପାଟଣା ପାଇଁ ସୁରୁ ଓ ଉର୍ବଶୀ ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମିବାଡି କିଛି ନାହିଁ। ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ୧୦କେଜି ଚାଉଳ ମିଳୁଛି। ଡିଣ୍ଡା ଦମ୍ପତି ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ଯୋଗ୍ୟ ଥିଲେ ହେଁ ମିଳିନାହିଁ। ବଖୁରିଏ ଖପର ଘର ଆଶ୍ରୟସ୍ଥଳୀ। ଦୀର୍ଘ ୪୫ବର୍ଷ ଧରି ବନ ବିଭାଗରେ ୱାଚରଭାବେ କରିଥିଲେ ସୁଦ୍ଧା ତାଙ୍କୁ ବିଭାଗ ପକ୍ଷରୁ ସୁରୁଙ୍କୁ କୌଣସି ସହାୟତା ମିଳି ନାହିଁ। ଏଥିଯୋଗୁ ଏବେ ସେମାନେ ଅର୍ଦ୍ଧାହାରରେ ରହୁଥିବା କହିଛନ୍ତି ଉର୍ବଶୀ। ଦୟନୀୟ ଜୀବନ ବିତାଉଥିବା ବୃଦ୍ଧ ଦମ୍ପତିଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ୩ ମିଲର୍ସଙ୍କ ଧାନ ଉଠାଣ ଟାର୍ଗେଟ ଶେଷ

କୁନାଗଡ,୩୦।୧୨(ଡି.ଏନ.ଏ.)


ଚିଟୈଗୁଡ଼ା ମଣ୍ଡି।

**ଚିଟୈଗୁଡ଼ା ମଣ୍ଡି**

■ଶୀଘ୍ର ଟାର୍ଗେଟ ଦେବାକୁ ଦାବି

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ମଣ୍ଡିରେ ଧାନ ଉଠାଣ ପାଇଁ ନିୟୋଜିତ ଥିବା ୫ଟି ମିଲର୍ସରୁ ୩ଟି ମିର୍ଲସଙ୍କ ଟାର୍ଗେଟ ଶେଷ ହୋଇଯାଇଥିବା ଜଣାପଡିଛି। ଫଳରେ ଧାନ କିଣା ପ୍ରଭାବିତ ହେବା ଆଶଙ୍କା ରହିଛି। ଶୀଘ୍ର ଏହି ୩ଟି ମିଲର୍ସଙ୍କୁ ଟାର୍ଗେଟ ଦେବା ପାଇଁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଚିଟୈଗୁଡା ମଣ୍ଡିରେ ଧାନ ଉଠାଣ ପାଇଁ କେସିଙ୍ଗାସ୍ଥିତ ମଦନ ଫୁଡ ରାଇସ୍ ମିଲ, ଅର୍ଣ୍ଣପୂର୍ଣ୍ଣା ରାଇସ୍ ମିଲ, ସିର୍ଦ୍ଧାର୍ଥ ରାଇସ ମିଲ, ଜୁନାଗଡର ଓମ୍‌ରାମ ରାଇସମିଲ ଓ ମହିଭରର ଜୟ ଭବାନୀ ରାଇସ ମିଲକୁ ନିୟୋଜିତ କରାଯାଇଛି। ଏହି ୫ଟି ମିଲର୍ସକୁ ୨୪ ହଜାର କୁଇଣ୍ଟାଲ ଧାନ ଉଠାଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଟାର୍ଗେଟ ଦିଆଯାଇଥିଲା। ସେଥିମଧ୍ୟରୁ ଗୁରୁବାର ସୁଦ୍ଧା ପ୍ରାୟ ୧୮ହଜାର ୫ ଶହ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ବେଳେ ମଦନଫୁଡ, ଓମ୍‌ରାମ ଓ ଜୟ ଭବାନୀର ଟାର୍ଗେଟ ଶେଷ ହୋଇଯାଇଥିବା ଜଣାପଡିଛି। ଚିଟୈଗୁଡା ମଣ୍ଡିରେ ବର୍ତ୍ତମାନ ସୁଦ୍ଧା ୩୪୦ ଜଣ ଚାଷୀଙ୍କ ପ୍ରାୟ ୧୮ ହଜାରରୁ ୨୪୮ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ଜଣାପଡିଛି। ଅନ୍ୟପଟେ ଚିଟୈଗୁଡା ମଣ୍ଡିରେ ଖରିଫ ସମୟରେ ୪୨ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ପ୍ରଶାସନ ପକ୍ଷରୁ ୨୪ ହଜାର କୁଇଣ୍ଟାଲ ଧାନ ଉଠାଣ କରିବା ପାଇଁ ଟାର୍ଗେଟ ଦିଆଯାଇଛି। ଅବଶିଷ୍ଟ ଟାର୍ଗେଟ ଶୀଘ୍ର ଦେବାକୁ ପ୍ରଶାସନ ଠାରେ ଚାଷୀମାନେ ନିବେଦନ କରିଛନ୍ତି। ଏ ନେଇ ଜୁନାଗଡ ବ୍ଲକ ଯୋଗାଣ ନିରୀକ୍ଷକ ଦେବଧର ଧରୁଆଙ୍କୁ ପଚାରିବାରୁ ୨/୩ ଦିନ ମଧ୍ୟରେ ଟାର୍ଗେଟ ଦିଆଯିବ ବୋଲି କହିଥିଲେ।

## ସଂରକ୍ଷଣ ଦାବି କଲା ଓବିସି ମଞ୍ଚ

ବଲାଙ୍ଗୀର ଅଫିସ, ୩୦।୧୨

ଜିଲା ଓବିସି ମଞ୍ଚ ବଲାଙ୍ଗୀରର ଏକ ବୈଠକ ମଧୁବୈଶ୍ୟ ସମାଜ ସଭାପତି ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଜିଲା ଓବିସି ମଞ୍ଚ ସଭାକକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଛି। ଓବିସି ଜାତି ଜନଗଣନା ଓ ପଞ୍ଚାୟତିରାଜ ନିର୍ବାଚନ ପ୍ରସଙ୍ଗରେ ସଂରକ୍ଷଣ ବିଷୟରେ ସଭାରେ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାର ଓବିସି ଜାତି ଜନଗଣନାକୁ ବିରୋଧ କରିଛନ୍ତି ଓ ରାଜ୍ୟ ସରକାର ଏହା ଉପରେ କୌଣସି ପଦକ୍ଷେପ ନେଇ ନାହାନ୍ତି । ପଞ୍ଚାୟତିରାଜ ନିର୍ବାଚନରେ ଓବିସି ସଂରକ୍ଷଣକୁ ବାତିଲ କରି ସରକାର ଓବିସି ବିରୋଧୀ କାର୍ଯ୍ୟ କରୁଛନ୍ତି ବୋଲି ଯତି ପ୍ରଧାନ କହିଥିଲେ। ପଞ୍ଚାୟତ ନିର୍ବାଚନରେ ଓବିସି ସଂରକ୍ଷଣ କାଏମ ନ ହେବା ଯାଏଁ ନିର୍ବାଚନ ବାତିଲ ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ସିଦ୍ଧାନ୍ତ ହୋଇଥିଲା। ଜିଲା ଓବିସି ମଞ୍ଚ ସମ୍ପାଦକ ପ୍ରଦେଶୀ ବିଶ୍ୱାଳ, ଦିଲୀପ ସାହୁ, ଲେକ୍ସୁ ପଟେଲ, ସୁମନ୍ତ ମେହେର, ଅରୁଣ ସିଂ ନାଗ ଉପସ୍ଥିତ ଥିଲେ ।

## ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ବୈଠକ

ପଲମ/ନର୍ଲା,୩୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ନର୍ଲା ଚିପୁଲଯୋର ନିକଟସ୍ଥ ନର୍ସରୀଠାରେ ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କେଶବ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ସଭାପତି ଭାବଗ୍ରାହୀ ନାଏକ ଯୋଗଦେଇ ମାର୍ଗଦଶନ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଶୁକଦେବ ମାଝି, ଉପଦେଷ୍ଟା ରୁପକେଶରି ଦଳେଇ, କୋଷାଧକ୍ଷ ଡମ୍ବରୁଧର ବାଗ, ଧର୍ମଗଡ ସବଡିଭିଜନ ସଭାପତି ମନୋଜ କୁମାର ଦାସ, ଉପସଭାପତି ପ୍ରଣିନ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଂଘ ସାଧାରଣ ସମ୍ପାଦକ ପ୍ରଶ୍ନ ଗଉଡିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘ ସଭାପତି ସାହୁ ଧନ୍ୟବାଦ ଦେଇଥିଲେ।

## କଲେକ୍ଟୋରେଟ ସମ୍ମୁଖରେ ଗଣଧାରଣା

ନୂଆପଡ଼ା ଅଫିସ,୩୦।୧୨

ଓବିସି ଆରକ୍ଷଣରେ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରି ବୈମାତୃକ ମନୋଭାବ ପୋଷଣକୁ ନିନ୍ଦା କରାଯାଇ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସ୍ୱାଧାଦେବ ସିଂଙ୍କ ଜରିଆରେ ୬ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓବିସି ଯୁବତୀଯୁବକମାନଙ୍କୁ ସରକାରୀ/ବେସରକାରୀ ଚାକିରି କ୍ଷେତ୍ରରେ ଆରକ୍ଷଣ ସଂଖ୍ୟା ଅନୁପାତରେ ବହୁଳ ନିଯୁକ୍ତି, ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କୁ ପ୍ରୋତ୍ସାହିତ ଓ ଆର୍ଥିକ ସହାୟତା ପ୍ରଦାନ ଆଦି ଦାବି କରିଛନ୍ତି। ସଭାନେତ୍ରୀ କୁନ୍ତି ସାହୁଙ୍କ ନେତୃତ୍ୱରେ ରାଜ୍ୟ ସାଧାରଣ ସମ୍ପାଦକ ଦେବି ଚରଣ ଭାଟି, ଖଗେଶ୍ୱର ନାଏକ ଉପସ୍ଥିତ ଥିଲେ।

## ତରବୋଡକୁ ମରୁଡ଼ି ଘୋଷଣା ଦାବି

ନୂଆପଡ଼ା ଅଫିସ,୩୦।୧୨

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଅଞ୍ଚଳରେ କ୍ରମାଗତ ମରୁଡି ଲାଗି ରହିଥିବାରୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପଞ୍ଚାୟତକୁ ପାଣିର ସୁବିଧା ନାହିଁ। ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ପାଇଁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଗୁରୁବାର ତରବୋଡ ଅଞ୍ଚଳବାସୀ ତରବୋଡ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ବୈଠକରେ ଆସନ୍ତା ନିର୍ବାଚନ ପୂର୍ବରୁ ତରବୋଡ ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରା ନ ଗଲେ କିମ୍ବା ସରକାରୀ ସହାୟତା ଯୋଗାଇ ନ ଦେଲେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଗଦାଧର ଗହିର, ପିୟୁଷ ଦୁବେ, ହେମନ୍ତ ପୋଡ, ଦମୟନ୍ତି ପ୍ରଧାନ, ଯାଦୁ ହଂସ, ମେସରୁ ସେଠି, ପୁନୁ ବନଛୋର, ପୁରନ ଗହିର, ଦୟା ଶବର, ଗଙ୍ଗା ମାଝି, ରାଜିନ୍ଦ୍ର ଶବର ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

# ସଂରକ୍ଷଣ ତାଲିକାକୁ ନେଇ ବଢ଼ିଲା ଅସନ୍ତୋଷ

ଲୋଇସିଂହା,୩୦।୧୨(ଡି.ଏନ.ଏ.)


ବୈଠକରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କର୍ମକର୍ତ୍ତାମାନେ।

**ଜାନୁୟାରୀ ୫ରେ ଓଡିଶା ବନ୍ଦ ଡାକରା ଦେଲା ଅନୁସୂଚିତ ଜନଜାତି ସଂଘ**

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସଂଶୋଧିତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଏଥିରେ ଅନୁସୂଚିତ ଜନଜାତି(ଏସ୍‌ଟି)ବର୍ଗକୁ ପଞ୍ଚାୟତିରାଜ ବିଭାଗର ଆର୍ଥିକ କ୍ଷମତାପ୍ରାପ୍ତ ପଦ ପଦବୀରୁ ବାଦ୍ ଦିଆଯାଇଛି। ରାଜ୍ୟ ସରକାରଙ୍କ ଜନଜାତି ଲୋକଙ୍କ ପ୍ରତି ବୈମାତୃକ ମନୋଭାବକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନଠାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ଓ ସ୍ଥାନୀୟ ବ୍ଲକ ଶାଖା ମିଳିତ ଆନୁକୂଲ୍ୟରେ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର, ଝାରସୁଗୁଡା, ଅନୁଗୋଳ, ବରଗଡ, ନୂଆପଡା ଜିଲା ଜନଜାତି ସଂଘର କାର୍ଯ୍ୟକର୍ତ୍ତା ଯୋଗଦେଇ ରାଜ୍ୟ ସରକାରଙ୍କ ଆଦିବାସୀ ମାରଣ ନୀତିର ବିରୋଧ କରିଥିଲେ। ଜନଜାତି ତଥା ମୂଳ ଆଦିବାସୀଙ୍କ ସ୍ୱାଭିମାନ ଓ ସ୍ୱାଧିକାର ଛଡାଇ ଆଣିବା ପାଇଁ ଲଢେଇ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏ ନେଇ ଶୁକ୍ରବାର ବ୍ଲକସ୍ତରରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ, ଜାନୁୟାରୀ ୩ରେ ଜିଲାପାଳ କାର୍ଯ୍ୟାଳୟ ଘେରାଉ, ୫ରେ ଓଡିଶା ବନ୍ଦ ପାଇଁ ଜନଜାତି ସଂଘ ଆହ୍ୱାନ ଦେଇଛି। ଜିଲା ଉପସଭାପତି ଶ୍ୟାମସୁନ୍ଦର ଭୋଇ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗଣ୍ଡୱାନା ଗୋଣ୍ଡ ସମାଜର ରାଜ୍ୟ ସଭାପତି ମହିନ୍ଦ୍ର ନାଏକ ଯୋଗଦେଇ ପେସା ଆକ୍ଟ ଉପରେ କହିଥିଲେ। ରାଜ୍ୟର ୩୧୭ ବ୍ଲକ ମଧ୍ୟରୁ ୬୦ ପଞ୍ଚାୟତରେ ଅନୁସୂଚିତ ଜାତି(ଏସ୍‌ସି) ବର୍ଗର ଲୋକଙ୍କ ପାଇଁ ସଂରକ୍ଷିତ ରହିଛି। ହେଲେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଆର୍ଥିକ କ୍ଷମତାପ୍ରାପ୍ତ ସରପଞ୍ଚ, ବ୍ଲକ ଅଧ୍ୟକ୍ଷ କିମ୍ବା ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ପାଇଁ ଅନୁସୂଚିତ ଜନଜାତି ଲୋକଙ୍କୁ ବାଦ ଦେବା ବିଡମ୍ବନାର ବିଷୟ ବୋଲି ସେ କହିଥିଲେ । ବଲାଙ୍ଗୀର ଜିଲା କାର୍ଯ୍ୟକାରୀ ସଭାପତି ବଳଦେବ ଭୋଇ କହିଥିଲେ ଯେ, ବିଧାନ ସଭାରେ ୩୨ଜଣ ଜନଜାତି ସଦସ୍ୟ ରହିଛନ୍ତି। ସଂରକ୍ଷଣ ତାଲିକରେ ବିଭ୍ରାଟକୁ ନେଇ କେହି ସ୍ୱର ଉତ୍ତୋଳନ ନ କରିବା ବିଡମ୍ବନା ବୋଲି ସେ କହିଥିଲେ । ବିଜେଡି ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ଭୋଇ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବରିହା ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରିଥିଲେ । ନୂଆପଡା ଜିଲା ସଭାପତି ପ୍ରସନ୍ନ ମାଝି କହିଥିଲେ ଯେ, ୫ ବର୍ଷ ପୂର୍ବରୁ ଜନଜାତି ଲୋକଙ୍କ ଉପରେ ଆକ୍ରମଣର ଆଭାସ ମିଳିଥିଲା। ହୋମି ସିଂ ମାଝି ପଞ୍ଚାୟତ ନିର୍ବାଚନରେ ସମିତି, ୱାର୍ଡସଭ୍ୟ ପ୍ରାର୍ଥମାନେ ନାମାଙ୍କନ ଦାଖଲ ନ କରିବାକୁ ଆହ୍ୱାନ ଦେଇଥିଲେ। ଚନ୍ଦ୍ରଶେଖର ବାଗ, ବରଗଡର ଜୟକୁମାର ବରିହା, ଅନୁଗୋଳର ସଦାଶିବ ନାଏକ, ଝାରସୁଗୁଡାର ପ୍ରଭାକର ଓରାମ ବକ୍ତବ୍ୟ ରଖି ଏହି ବୈଠକରୁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଦଶରଥ ଛତ୍ରିଆ ସଭା କାର୍ଯ୍ୟକୁ ସଂଯୋଜନା କରିଥିଲେ।

## କାର ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ ନଂ ଜାତୀୟ ରାଜପଥର ମନମୁଣ୍ଡା ଓ ବାଉଁଶୁଣୀ ସୀମାନ୍ତ ବାଘ ନଦୀ ପୋଲ ଉପରେ ବୁଧବାର ରାତିରେ ଏକ ଅଜଣା କାର ବାଇକକୁ ଧକ୍କା ଦେବାରୁ ୨ଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଆହତ ଦ୍ୱୟ ହେଲେ ବିନିକା ଥାନା ଭେଜିପାଲି ଗ୍ରାମର ମାରାସ ପ୍ରଧାନ (୩୦) ଓ ମନୁପାଲି ପଞ୍ଚାୟତ ମହୁଲି ଗ୍ରାମର କାମ୍ପାଲ ଦେହୁରୀ (୩୨) । ଉଭୟ ଯୁବକ ଡିଜେଲ ନେବାକୁ ବାଉଁଶୁଣୀ ପେଟ୍ରୋଲ ପମ୍ପକୁ ଆସିଥିଲେ। ତେଲ ନେଇ ଯାଉଥିବା ବେଳେ ବାଘ ନଦୀ ଶେଷମୁଣ୍ଡରେ ସୋନପୁର ଅଭିମୁଖେ ଯାଉଥିବା ଏକ କାର ପଛପଟୁ ସେମାନଙ୍କୁ ଧକ୍କା ଦେଇ ଫେରାର ମାରିଥିଲା । ଆହତଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ସଂକ୍ଷେପରେ

### କୁଆପଥର ମାଡ଼ରେ ଯୁବକ ଗୁରୁତର,୧୨ ଘଣ୍ଟା ପରେ ଉଦ୍ଧାର

ବାଉଁଶୁଣୀ,୩୦।୧୨(ଡି.ଏନ.ଏ.): ବୌଦ୍ଧ ଜିଲାରେ ବୁଧବାର ସନ୍ଧ୍ୟାରେ ବର୍ଷା ସାଙ୍ଗକୁ କୁଆପଥର ମାଡ ହୋଇଥିଲା । କୁଆପଥର ମାଡରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ବୌଦ୍ଧ ବ୍ଲକ ଗୋଛାପଡା ପଞ୍ଚାୟତ ଲୁମ୍ବୁରୁଜନା ଉକାବିର ଗ୍ରାମର ଜୟଲାଲ ମହାକୁଡ଼(୪୫) କୌଣସି କାମରେ ଗୋଛାପଡା ପଞ୍ଚାୟତକୁ ଆସିଥିଲେ । ରାତି ପ୍ରାୟ ୮ଟା ସମୟରେ ବାଉଁଶୁଣୀ ଗୁନ୍ଦୁଲିଆ ରାସ୍ତାରେ ସାଇକେଲ ଯୋଗେ ନିଜ ଘର ଉକାବିରକୁ ଫେରୁଥିଲେ। ତେବେ ଲୁମ୍ବରୁଜନା କେନାଲ ନିକଟରେ ହଠାତ୍ କୁଆପଥର ବର୍ଷା ହୋଇଥିଲା । କୁଆପଥର ମାଡରେ ସେ ଅସୁସ୍ଥ ହୋଇ ତଳେ ପଡି ଯାଇଥିଲେ । ଚେତା ବୁଡିଯିବାରୁ ରାତି ସାରା ସେହି କେନାଲ ନିକଟରେ ପଡି ରହିଥିଲେ। ଏହି ରାସ୍ତା ଜଙ୍ଗଲିଆ ଓ ନିଛାଟିଆ ହୋଇଥିବାରୁ କେହି ତାଙ୍କୁ ଦେଖି ପାରି ନ ଥିଲେ । ଗୁରୁବାର ସକାଳ ୭ଟାରେ ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ବାଉଁଶୁଣୀ ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ସୋନପୁର ଜିଲା ଚିକିତ୍ସାଳୟକୁ ପଠାଯାଇଛି।

### ୧୨୨୫ ହେକ୍ଟର ପରିବା ଫସଲ ପ୍ରଭାବିତ



ବରଗଡ଼ ଅଫିସ୍,୩୦।୧୨: ବରଗଡ଼ ଜିଲାରେ ମଙ୍ଗଳବାର ରାତ୍ରିରୁ ହୋଇଥିବା ବର୍ଷା ସହ କୁଆପଥର ମାଡ଼ରେ ବ୍ୟାପକ ପରିବା ଫସଲ ନଷ୍ଟ ହୋଇଛି। ଏଥିରେ ୧୨୨୫ ହେକ୍ଟର ଜମିର ପରିବା ଫସଲ ପ୍ରଭାବିତ ହୋଇଥିବା ପ୍ରାରମ୍ଭିକ ଆକଳନରୁ ଜଣାପଡ଼ିଛି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣା ସୂଚନା ଦେଇଛନ୍ତି। ପ୍ରଭାବିତ ଫସଲ ମଧ୍ୟରେ କୋବି, ମିଠା ମକା, ସୋରିଷ, ମୁଗ ଆଦି ଫସଲ ରହିଛି। ଏ ନେଇ ପୁଣି ଯୁଗ୍ମ ଅନୁଧ୍ୟାନ (ଜଏଣ୍ଟ ଭେରିଫିକେଶନ) କରାଯିବ ବୋଲି ସେ କହିଛନ୍ତି । ଅଚାନକ ବର୍ଷା ସାଙ୍ଗକୁ କୁଆପଥର ବୃଷ୍ଟି ହେବାରୁ ଜିଲାର ଅମ୍ବାଭୋନା, ସୋହେଲା, ବରଗଡ଼ ବ୍ଲକ ସମେତ ବିଭିନ୍ନ ଅଞ୍ଚଳରେ ଅମଳ ଧାନ, ପରିବା ଫସଲ ନଷ୍ଟ ହୋଇଥିଲା। କୃଷି ବିଭାଗର ପ୍ରାରମ୍ଭିକ ଆକଳନ ଅନୁଯାୟୀ, ଅମ୍ବାଭୋନା ବ୍ଲକରେ ୧୨୪, ଭଟଲି ୯, ସୋହେଲା ୩୯୦ ଏବଂ ବରଗଡ଼ ବ୍ଲକରେ ୭୦୨ ହେକ୍ଟର ଜମିରେ ପରିବା ଫସଲ ପ୍ରଭାବିତ ହୋଇଛି। ଆକଳନ ଚୂଡ଼ାନ୍ତ ହେବା ପରେ ପ୍ରଭାବିତ ପରିବା ଫସଲ ଆହୁରି ବଢ଼ିବ ବୋଲି ଅନୁମାନ କରାଯାଉଛି ।

### ୩ରୁ ନବମ ସୁଜନ ନାଗ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ସୋନପୁର,୩୦।୧୨(ନି.ପ୍ର.): ନବମ ରାଜ୍ୟସ୍ତରୀୟ ସୁଜନ ନାଗ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୩ ତାରିଖରୁ ସୋନପୁର ରୟାଲ ପଡିଆରେ ଅନୁଷ୍ଠିତ ହେବ। ରୟାଲ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସୁପର ଷ୍ଟାର ଇଲେଭେନ, ଇଲେଭେନ ଷ୍ଟାର କଳାପଥର, ବିଏସଏଫ ସୋନପୁର, ଚାରଭାଟି ଫୁଟବଲ କ୍ଲବ ସମ୍ବଲପୁର, ମା ଗେହ୍ଲା କ୍ଲବ ବୌଦ୍ଧ, ବଲାଙ୍ଗୀର ୟୁନାଇଟେଡ, ବେଲପାହାଡ ଫୁଟବଲ କ୍ଲବ ଓ ବରଗଡ ୟୁନାଇଟେଡ ଭଳି ୮ଟି ଦଳ ଅଂଶଗ୍ରହଣ କରିବେ। ଗୁରୁବାର ସନ୍ଧ୍ୟାରେ ଟୁର୍ଣ୍ଣାମେଣ୍ଟ ସକାଶେ ଟ୍ରଫି ଓ ଜର୍ସି ଉନ୍ମୋଚିତ ହୋଇଥିଲା। ଗୁଣନିଧି ମେହେର, ସଞ୍ଜିବ ମିଶ୍ର, ଆଶିଷ ବାବୁ, ଶ୍ରୀରାମ ଚନ୍ଦ୍ର ସୁନା, ଜନ୍ମେଜୟ ନାଗ, ରାମଶଙ୍କର ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରୟାଲ ସ୍ପୋର୍ଟିଂ କ୍ଲବର ରାକେଶ ନାଗ କାର୍ଯ୍ୟକ୍ରମସଂଯୋଜନା କରିଥିଲେ ।

### ପୁରୁଣାକଟକ ବଣିକ ସଂଘର ପ୍ରତିଷ୍ଠାତା ସଦସ୍ୟଙ୍କ ପରଲୋକ

ପୁରୁଣାକଟକ,୩୦।୧୨(ଡି.ଏନ.ଏ.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ବଣିକ ସଂଘର ପ୍ରତିଷ୍ଠାତା ସଦସ୍ୟ ନିକୁଞ୍ଜ ସାହୁଙ୍କ ଗୁରୁବାର ପରଲୋକ ଘଟିଛି। ସେ ଗତ କିଛି ଦିନ ଧରି ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିଲେ । ତାଙ୍କ ମରଶରୀର ପୁରୁଣାକଟକ ଅଣାଯିବା ପରେ ଶେଷ ଦର୍ଶନ ପାଇଁ ବଣିକ ସଂଘ ସଦସ୍ୟ ଓ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲା । ପୁରୁଣାକଟକ ଲକ୍ଷ୍ମୀନାଳସ୍ଥିତ ଶଶ୍ମାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ସେ ଜଣେ ମେଳାପି , ମିଷ୍ଟଭାଷୀ ବ୍ୟକ୍ତି ଥିଲେ ।

# ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ରୋଗୀ ମୃତ୍ୟୁ ଅଭିଯୋଗ

ଅମରପାଲି,୩୦।୧୨(ଡି.ଏନ.ଏ.)

- ମୃତଦେହ ରଖି ଡାକ୍ତରଙ୍କ ଘର ସମ୍ମୁଖରେ ଧାରଣା
- ମିଳିଲାନି ଶବ ବାହକ ଗାଡି, ବାଇକରେ ବୁହା ହେଲା ମୃତଦେହ
- ବୀରମହାରାଜପୁରରେ ଚାପା ଉତ୍ତେଜନା

ନକଲି ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କାର୍ତ୍ତିକ ମେହେର(୪୬)। ଏହି ଘଟଣାକୁ ନେଇ ଲୋକେ ଉତ୍ତ୍ୟକ୍ତ ହୋଇ ମୃତଦେହ ରଖି ସମ୍ପୃକ୍ତ ଡାକ୍ତରଙ୍କ ଘର ଆଗରେ ଧାରଣା ଦେଇଥିଲେ। ଏପରି କି ଶବବାହକ ଗାଡି ନ ମିଳିବାରୁ ବାଇକ୍‌ରେ ମୃତଦେହ ନେବା ଦେଖିବାକୁ ମିଳିଥିଲା। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଏହାକୁ କେନ୍ଦ୍ର କରି ବୀରମହାରାଜପୁରରେ ଚାପା ଉତ୍ତେଜନା ପ୍ରକାଶ ପାଇଛି ।

ଅଭିଯୋଗ ଅନୁସାରେ, ଦୁଇ ଦିନ ତଳେ ରଥପୁର ମେହେରପଡାର କାର୍ତ୍ତିକଙ୍କୁ ଜ୍ୱର ଓ ମୁଣ୍ଡବ୍ୟଥା ହେବାରୁ ସେ ଏକ ଘରୋଇ କ୍ଲିନିକକୁ ଯାଇଥିଲେ। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ କିଛି ଔଷଧ ଖାଇବାକୁ ଦେଇଥିଲେ। କିନ୍ତୁ ଏହି ଔଷଧ ଖାଇ ଘରକୁ ଯିବାର କିଛି ସମୟ ପରେ ସେ ଗୁରୁତର ହୋଇ ପଡିଥିଲେ। ତେଣୁ ପରିବାର ଲୋକେ ତାଙ୍କୁ ଧରି ପୁଣି ସେହି କ୍ଲିନିକକୁ ଆସିଥିଲେ। ଏଥର ଡାକ୍ତର ଜଣକ ସେଠାରେ ଏକ ଇଞ୍ଜେକସନ ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ପାଇଁ କହିଥିଲେ। ପରିବାର ଲୋକ କାର୍ତ୍ତିକଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ନେଇ ପରେ ବୁର୍ଲା ବଡ ମେଡିକାଲକୁ ନେଇଥିଲେ। ମାତ୍ର ବୁଧବାର ରାତିରେ ବୁର୍ଲାରେ ତାଙ୍କର ମୃତ୍ୟୁ ଘଟିଥିଲା। ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ମୃତ୍ୟୁ ଘଟିଲା ବୋଲି ଅଭିଯୋଗ ଆଣି ପରିବାର ଲୋକ ବୁର୍ଲାରୁ କାର୍ତ୍ତିକଙ୍କ ମୃତଦେହ ଆଣି ସଂପୃକ୍ତ ଡାକ୍ତରଙ୍କ କ୍ଲିନିକ ଆଗରେ ରଖି ଧାରଣା ଦେଇଥିଲେ। ତେବେ ଡାକ୍ତର ଜଣକ ଫେରାର ମାରିଥିବା ଜଣାପଡିଛି। ଏହା ଜଣାପଡିବା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବୀରମହାରାଜପୁର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ନେବାକୁ କହିଥିଲେ। ପରିବାର ଲୋକେ ଏଥିପାଇଁ ଶବ ବାହକ ଗାଡି ଖୋଜିଥିଲେ। କୌଣସି ଗାଡି ନ ମିଳିବାରୁ ବାଧହୋଇ ବାଇକ୍‌ରେ ମୃତଦେହ ବୋହି ଡାକ୍ତରଖାନା ନେଇଥିଲେ। ସହର ମଧ୍ୟଦେଇ ମୃତଦେହକୁ ବାଇକ୍‌ରେ ନେବା ଘଟଣା ଦେଖି ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । କିନ୍ତୁ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ବୁର୍ଲା ଡାକ୍ତରଖାନାରେ ହୋଇଥିବାରୁ ବୀରମହାରାଜପୁରରେ ବ୍ୟବଚ୍ଛେଦ କରାଯାଇ ନ ଥିବା ଜଣାପଡିଛି। ଏଯାଏ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି। ମୃତକଙ୍କ ପରିବାର ଲୋକେ ନ୍ୟାୟ ଦାବି କରିଛନ୍ତି। ସୂଚନାଯୋଗ୍ୟ ବୀରମହାରାଜପୁର ଅଞ୍ଚଳରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି।



ମୃତଦେହକୁ ଡାକ୍ତରଖାନାକୁ ବାଇକ୍‌ରେ ବ୍ୟବଚ୍ଛେଦ ପାଇଁ ନିଆ ଯାଉଛି।

## ଘରୋଇ କଳିକୁ ନେଇ ସ୍ତ୍ରୀଙ୍କୁ ହତ୍ୟା

ଅମରପାଲି,୩୦।୧୨(ଡି.ଏନ.ଏ.)

ଘରୋଇ କଳିକୁ ନେଇ ସୁନୀତା ନାମ୍ନୀ ଜଣେ ମହିଳାଙ୍କୁ ବୁଧବାର ରାତିରେ ତାଙ୍କ ସ୍ୱାମୀ ଲଛମନ ସିଂ ହତ୍ୟା କରିଥିବା ଅଭିଯୋଗ ହୋଇଛି । ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଟିକ୍ରାପଡା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତା ମହିଳାଙ୍କ ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି ଯେ, ଶାଶୁଘର ଲୋକେ ଟଙ୍କା ପାଇଁ ସୁନୀତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ । ବୁଧବାର ରାତିରେ ଲଛମନ ସୁନୀତାଙ୍କୁ ବାପ ଘରୁ ଯୌତୁକ ଆକାରରେ ୩୦ ହଜାର ଟଙ୍କା ଆଣିବାକୁ କହିଥିଲେ । ଏହାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏହି ସମୟରେ ଲଛମନ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କ ମୁଣ୍ଡକୁ କାନ୍ଥରେ ପିଟି ଦେଇଥିଲେ । ଫଳରେ ପ୍ରବଳ ରକ୍ତସ୍ରାବ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ ସୁବଳୟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ଅଭିଯୋଗକୁ ଭିତ୍ତି କରି ଅଧିକ ତଦନ୍ତ ଚଳାଇଛି । ଏହି ହତ୍ୟା ଘଟଣାରେ ଲଛମନ ଓ ତାଙ୍କ ପରିବାର ଲୋକ ସମ୍ପୃକ୍ତ ଥିବା ସୁନୀତାଙ୍କ ମା' ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସବୁ ଦିଗକୁ ନେଇ ତଦନ୍ତ ଚାଲିଥିବା ବୀରମହାରାଜପୁର ଏସ୍‌ଡିପିଓ ଡୋଳାମଣି ଭୋଇ କହିଛନ୍ତି। ତେବେ ଲଛମନ ବୀରମହାରାଜପୁର ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡିଛି। ଏନେଇ ଥାନାରେ ଏକ ମାମଲା (ନଂ ୧୩୫/୨୧) ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ଘରୋଇ କଳହକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଥାନା ଅଧିକାରିଣୀ ଅନୀତା କିଣ୍ଡୋ ପ୍ରକାଶ କରିଛନ୍ତି।

## ବର୍ଷାରେ ଭିଜିଲା ମଣ୍ଡିରେ ଥିବା ୩୦୦୦ ବସ୍ତା ଧାନ

ବାଉଁଶୁଣୀ,୩୦।୧୨(ଡି.ଏନ.ଏ.)

ବୁଧବାର ରାତିରେ ହୋଇଥିବା ଅଦିନିଆ ବର୍ଷାରେ ବୌଦ୍ଧ ବ୍ଲକ ବାଉଁଶୁଣୀ ସେବା ସମବାୟ ସମିତି ମଣ୍ଡିରେ ରଖାଯାଇଥିବା ପ୍ରାୟ ୩ ହଜାର ବସ୍ତା ଧାନ ଭିଜିଯାଇଛି। ଏହି ମଣ୍ଡିରେ ଉଶମିଲକା, ଘୁଡାଖାଇ, ଟାଲୁପାଲି, ଗଡଭିତର, ବାଉଁଶୁଣୀର ଚାଷୀମାନେ ଧାନ ବିକିବା ପାଇଁ ରଖିଥିଲେ। ଏବେ ବର୍ଷାରେ ଭିଜି ଅଧିକାଂଶ ଧାନ ବସ୍ତା ନଷ୍ଟ ହୋଇ ଯାଇଥିବା ବେଳେ କଟନୀ ଛଟନୀ ଭୟ ରହିଛି । ଅନେକ ଚାଷୀଙ୍କ ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏଥିନେଇ ଚାଷୀ ମହଲରେ ହତାଶାଭାବ ଖେଳିଯାଇଛି। ବୌଦ୍ଧ ଜିଲାରେ ଅଦିନିଆ ବର୍ଷା ସାଙ୍ଗକୁ କୁଆପଥର ମାଡ ହୋଇଥିବାରୁ ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନ ଏବେ ନଷ୍ଟ ହେବାକୁ ଯାଉଛି। ଚାଷୀମାନଙ୍କ ଧାନ କ୍ରୟରୁ ବାଉଁଶୁଣୀ ସେବା ସମବାୟ ସମିତି ଲକ୍ଷ ଲକ୍ଷ ଟଙ୍କା ପାଉଥିବା ବେଳେ ମଣ୍ଡିର ଉନ୍ନତୀକରଣ ତଥା ଧାନକୁ ସୁରକ୍ଷିତ ରଖିବା ପାଇଁ କୌଣସି ସୁବ୍ୟବସ୍ଥା ନାହିଁ। ଧାନ କିଣା ସମୟରେ ଅଦିନିଆ ବର୍ଷା ହେଲେ ମଣ୍ଡିରେ ଧାନ ବସ୍ତା ସବୁ ଭିଜୁଛି। ଚାଷୀ ମଣ୍ଡିକୁ ଧାନ ଆଣିବା ପରେ ତା'ର ଦାୟିତ୍ୱ ସରିବା କଥା। ମାତ୍ର ଏଠାରେ ତାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ମଣ୍ଡିରେ ବି ଚାଷୀ ଧାନକୁ ଜଗି ରହୁଛି। ଧାନ କିପରି ସୁରକ୍ଷିତ ରହିବ ସରକାର ବୁଝୁନାହାନ୍ତି। ଫଳରେ ମଣ୍ଡିକୁ ଆସିବା ପରେ ଧାନ ଓଦା ହେଲେ ଚାଷୀ ଧାନର କ୍ଷତି ସହୁଛି। ଏବର୍ଷ ମରୁଡି ସାଙ୍ଗକୁ ଅଦିନିଆ ବର୍ଷା ଚାଷୀଙ୍କ ପାଇଁ ଦାଉ ସାଧିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

# କଟାପାଲିକୁ ହରାଇ ବଲାଙ୍ଗୀର ଚାମ୍ପିୟନ

ପାଇକମାଳ, ୩୦।୧୨(ଡି.ଏନ.ଏ)

### ଛିନ୍ଦେଇକେଲା କପ୍ ଉଦ୍‌ଯାପିତ

ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ଚାଲିଥିବା ୨୭ତମ ସହଦେବ ମେମୋରିଆଲ କପ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ କଟାପାଲିକୁ ହରାଇ ବଲାଙ୍ଗୀର ଦଳ ଚାମ୍ପିୟନ ହୋଇଛି। ପ୍ରଦୀପ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। କଟାପାଲି ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ପ୍ରଥମେ କଟାପାଲି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୨୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶ୍ରୁତିରାଜ ମିଶ୍ର ୪୨ ରନ, ହିମାଂଶୁ ଭୋଇ ୩୫ ରନ ଓ ପ୍ରକାଶ ମହାରଣା ୧୪ ରନ କରିଥିଲେ। ବଲାଙ୍ଗୀର ଦଳର ରାହୁଲ ସାହୁ ୩, ସତ୍ୟଜିତ ଦେଓ ୨, ଅଂଶୁମାନ ଦାଶ ଓ କିଶନ ନାୟକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବଲାଙ୍ଗୀର ଦଳ ୪ ଉଇକେଟ ହରାଇ ମ୍ୟାଚ୍ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଦଳ ପକ୍ଷରୁ ରାହୁଲ ସାହୁ ୫୪ ରନ, ରଘୁବିନ୍ଦ୍ର ତ୍ରିପାଠୀ ୩୫ ରନ ଓ ଶୈଳେଶ ପଟ୍ଟନାୟକ ୨୨ ରନ କରିଥିଲେ। କଟାପାଲି ଦଳରୁ ଦୁର୍ଗାପ୍ରସାଦ ଅଗ୍ରୱାଲ ୩ ଉଇକେଟ୍ ନେଇଥିଲେ। ଅମ୍ପାୟର ମୁହେଶ ମୁନସି ଓ ସୁଶାନ୍ତ ପାଣିଗ୍ରାହୀ ଖେଳ ପରିଚାଳନା। ଉଦଯାପିନୀ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଓ ଛିନ୍ଦେଇକେଲା ସରପଞ୍ଚ ରାମଚନ୍ଦ୍ର ସାହୁ, ଡଃ ପଙ୍କଜ ଭୋଇ, ସନ୍ତୋଷ ସାହୁ, ରାଜୀବ ସାହୁ, ସୁନୀଲ ସାହୁ, ନିଳୟ ସାହୁ, ସଭାପତି ଆନନ୍ଦ ସାହୁ, ସମ୍ପାଦକ ଜୟକିଶୋର ସୁନା, କୋଷାଧ୍ୟକ୍ଷ ରୋହିତ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦ହଜାର ଓ ରନର୍ସ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା। ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଗାଣ ଅଫିସରେ ଧାନ ଗଦା କରିବୁ



ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ।

ବରଗଡ଼ ଅଫିସ୍,୩୦।୧୨

### ଜୟ କିଷାନ ଆନ୍ଦୋଳନର ଚେତାବନୀ

ବର୍ଷା ସହ କୁଆପଥର ବୃଷ୍ଟି ପରେ ବରଗଡ଼ ଜିଲା ଚାଷୀଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଛି। ଅବ୍ୟବସ୍ଥା ଯୋଗୁ ମଣ୍ଡିରେ ପଡିରହିଥିବା ଧାନ ମଧ୍ୟ ଭିଜି ଯାଇଛି। ଧାନର ସୁରକ୍ଷା ବ୍ୟବସ୍ଥା ମଣ୍ଡି କର୍ତ୍ତୃପକ୍ଷଙ୍କର ହୋଇଥିବାରୁ ମଣ୍ଡିରେ ଥିବା ସବୁଧାନକୁ ବିନା କଟନୀଛଟନୀରେ କିଣିବାକୁ ଜୟ କିଶାନ ଆନ୍ଦୋଳନ ଦାବି କରିଛି। ଏ ନେଇ ଗୁରୁବାର ଜୟ କିଶାନ ଆନ୍ଦୋଳନର ଏକ ପ୍ରତିନିଧି ଦଳ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ଭେଟି ଦାବି ଜଣାଇଥିଲେ।

ଗୁରୁବାର ସକାଳ ସୁଦ୍ଧା ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ମଣ୍ଡି ଗୁଡ଼ିକରେ ୭ଲକ୍ଷ ୭୩ହଜାର ପ୍ୟାକେଟ୍ ଧାନ ପଡ଼ି ରହିଛି। ସେହି ଧାନକୁ ବିନା କଟନୀଛଟନୀରେ କିଣାଯିବାକୁ ଜୟ କିଶାନ ଆନ୍ଦୋଳନ ଦାବି କରିଛି। ତାହା କରା ନ ଗଲେ ଚାଷୀମାନେ ସବୁଧାନକୁ ଜିଲା ଯୋଗାଣ କାର୍ଯ୍ୟାଳୟକୁ ଆଣି ଗଦା କରିବେ ବୋଲି ଚେତାବନୀ ଦେଇଥିଲେ। ସେହିପରି କୌଣସି ମଣ୍ଡିର ଭିତ୍ତିଭୂମି ଠିକ୍ ନ ଥିବାରୁ ସେ ଦିଗରେ ମଧ୍ୟ ତ୍ୱରିତ ପଦକ୍ଷେପ ନେବାକୁ ଚାଷୀ ପ୍ରତିନିଧିମାନେ ଦାବି କରିଥିଲେ। ଜୟ କିଶାନ ଆନ୍ଦୋଳନ ସଭାପତି ସୁଶିଲ କୁମାର ସାହୁ, ସମ୍ପାଦକ ହର ବଣିଆ, ସୁରେନ୍ଦ୍ର ମେହେର, ବେଣୁଧର ମେହେର ପ୍ରମୁଖ ଏହି ପ୍ରତିନିଧି ଦଳରେ ରହିଥିଲେ ।

# ପ୍ରବଳ କୁଆପଥର ମାଡ଼: ଉଜୁଡ଼ିଲା ଫସଲ

ବୌଦ୍ଧ,୩୦।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ବୁଧବାର ବିଳମ୍ବିତ ରାତ୍ରିରେ ଅଦିନିଆ ବର୍ଷା ସାଙ୍ଗକୁ ପ୍ରବଳ କୁଆପଥର ମାଡ ହେବା ଫଳରେ ବ୍ୟାପକ ଫସଲ ନଷ୍ଟ ହୋଇଛି । କୁଆପଥର ଏତେ ମାତ୍ରାରେ ବର୍ଷିଥିଲା ଯେ ଗୁରୁବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ରାସ୍ତାକଡରେ ପଡି ରହିଥିବା ଦେଖିବାକୁ ମିଳିଥିଲା ।

ସୂଚନା ମୁତାବକ, ରାତି ପ୍ରାୟ ୧୦ଟା ପରେ ଜିଲାର ପ୍ରାୟ ସବୁ ସ୍ଥାନରେ ବର୍ଷା ଓ କୁଆପଥର ବୃଷ୍ଟି ହୋଇଥିଲା। କିଛି କିଛି ସ୍ଥାନରେ ବଡ ଧରଣର କୁଆପଥର ମାଡ ହୋଇଥିବା ବେଳେ ରାତି ସମୟ ହୋଇଥିବାରୁ କୌଣସି ଜୀବନ ହାନି ହୋଇନାହିଁ। ତେବେ ଏତେ ପରିମାଣରେ କୁଆପଥର ପୂର୍ବରୁ କେବେ ବୃଷ୍ଟି ହୋଇ ନ ଥିବା ବୟସ୍କ ଲୋକମାନେ ପ୍ରକାଶ କରୁଛନ୍ତି । ରାତିରେ ପଡିଥିବା କୁଆପଥର ସବୁ ବିଭିନ୍ନ ସ୍ଥାନରେ ସକାଳ ପର୍ଯ୍ୟନ୍ତ ୬ ଇଞ୍ଚ ବହଳରେ ଜମି ରହିଥିବା ଦେଖାଯାଇଥିଲା। ବର୍ଷା ଓ କୁଆପଥର ମାଡରେ ବିଭିନ୍ନ ପନିପରିବା ଫସଲ ନଷ୍ଟ ହୋଇଛି । ବିଲରେ ଲଗାଯାଇଥିବା ପନିପରିବା ଗଛସବୁ ପଚିଯାଇଛି। ଚଳିତବର୍ଷ ବର୍ଷାରେ ଅନିୟମିତତା ଯୋଗୁ ବିଳମ୍ବରେ ଚାଷ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ଲଘୁଚାପ ବର୍ଷାରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଏବେ ଜିଲାସାରା ମଣ୍ଡି ଖୋଲି ସାରିଥିଲେ ହେଁ ଅଧିକାଂଶ ଜମିରେ ଧାନ କଟାଯାଇ ପଡିରହିଛି। ପୂର୍ବରୁ ଜିଲା କୃଷି ବିଭାଗ ପକ୍ଷରୁ ଚଳିତବର୍ଷ ଅନିୟମିତ ବୃଷ୍ଟିପାତ ଯୋଗୁ ପ୍ରାୟ ୬ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇପାରି ନ ଥିବା ରେକର୍ଡ କରାଯାଇଛି। ଏଥିର ଜିଲାରେ ଧାନ ଅମଳ କମିବାର ଆଶଙ୍କା ରହିଥିଲା। ଗତକାଲିର ବର୍ଷା ଓ କୁଆପଥର ମାଡ ଯୋଗୁ ଧାନ ଅମଳ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଆହୁରି କମିଯିବାର ଆଶଙ୍କା ପ୍ରକାଶ ପାଇଛି। ସରକାରୀ ଭାବରେ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।



ସକାଳ ପର୍ଯ୍ୟନ୍ତ ପଡି ରହିଥିବା କୁଆପଥର ।

# ଶାନ୍ତିନଗର ଜ୍ଞାନଯଜ୍ଞ ଉଦ୍‌ଯାପିତ

ପଦ୍ମପୁର, ୩୦।୧୨(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଶାନ୍ତି ନଗରରେ ରାଧେଶ୍ୟାମ ମହିଳା ମଣ୍ଡଳୀ ପକ୍ଷରୁ ଆୟୋଜିତ ରାମାୟଣ ପାରାୟଣ ଓ ଜ୍ଞାନଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଛି। ରାମାୟଣ କଥାବସ୍ତୁ ଆଧାରିତ ବିଭିନ୍ନ ପ୍ରସଙ୍ଗ ଉପରେ ଈପ୍‌ସିତ ମିଶ୍ର ଓ ସାଥୀ ପ୍ରବଚନ ଦେଇଥିଲେ। ମହିଳା ମଣ୍ଡଳୀ ନେତୃତ୍ୱରେ ପ୍ରସଙ୍ଗ ଗୁଡିକ ନାଟ୍ୟରୂପ ନେଇଥିଲା। ଶ୍ରୀରାମ ଜନ୍ମ, ସୀତା ବିବାହ, ବନବାସ, ସୀତା ଚୋରି, ଶବରୀ ପ୍ରସଙ୍ଗ, ରାବଣ ବଧ, ରାମଙ୍କ ରାଜାଭିଷେକ, କାକଭୂଷଣ୍ଡୀ ପ୍ରସଙ୍ଗ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ସୀତାଙ୍କ ପିତାମାତା ଭୂମିକାରେ ରବି ନାରାୟଣ ପଣ୍ଡା ଓ ସସ୍ମିତା ପଣ୍ଡା, ରାମଙ୍କ ପିତାମାତା ଭୂମିକାରେ ସୁଶାନ୍ତ ଦାସ ଓ ସଂଯୁକ୍ତା ଦାସ ଅଭିନୟ କରିଥିଲେ। ପ୍ରତ୍ୟେକ ଦିନ ପ୍ରଫୁଲ୍ଲ ମହାନ୍ତି ପୂଜାହୋମ କରିଥିଲେ। ଶାନ୍ତି ନଗରର ରାମାୟଣ ପ୍ରେମୀ ଓ ରାଧେଶ୍ୟାମ ମହିଳା ମଣ୍ଡଳର ସଦସ୍ୟ ସହଯୋଗ କରିଥିଲେ।

# ସୁବଳୟା ମହାବିଦ୍ୟାଳୟର ବାର୍ଷିକୋତ୍ସବ

ଅମରପାଲି,୩୦।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା +୨ ମହାବିଦ୍ୟାଳୟର ୩୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଭୋଳନାଥ କର୍ମୀ ଅଧ୍ୟକ୍ଷତା କରିଥିଲେ । ଉତ୍ସବରେ ସୁବର୍ଣ୍ଣପୁର ଜିଲା ପୂର୍ବତନ ଉଚ୍ଚଶିକ୍ଷା ପରାମର୍ଶଦାତା ଡ.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟଅତିଥି ଓ ବୀରମହାରାଜପୁର ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ବିଜୟ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଯୁକ୍ତ ୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୨୦୧୯-୨୦ ବର୍ଷ ପାଇଁ ପଦ୍ମରାଣୀ ବିଶାଳ ଓ ୨୦୨୦-୨୧ ବର୍ଷରେ ସର୍ବୋଚ୍ଚ ନମ୍ବର ରଖିଥିବା ସୁଶ୍ରୀ ଗୀତାଞ୍ଜଳି ମେହେର ଓ ବର୍ଷାରାଣୀ ମେହେରଙ୍କୁ ଯୁଗ୍ମ ଭାବେ ମାନପତ୍ର ଓ ଚେକ୍ ପ୍ରଦାନକରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ସାଂସ୍କୃତିକ ସଂସଦର ଉପଦେଷ୍ଟା ରମାକାନ୍ତ ପୁରୋହିତ, ଅଧ୍ୟାପକ ଦେବାଶିଷ ପଧାନ, ବି.ଗୁରୁ, ସୁବ୍ରତ ପଣ୍ଡା, ଅଧ୍ୟାପିକା ଅନ୍ନଦା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ସୁବଳୟା କଲେଜର ବାର୍ଷିକ ଉତ୍ସବରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ପାରିପାର୍ଶ୍ୱିକ ବିକାଶକୁ ଅଣଦେଖା

ବରଗଡ଼ ଅଫିସ୍,୩୦।୧୨

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ଟୋଲପ୍ଲାଜା କର୍ତ୍ତୃପକ୍ଷ ପାରିପାର୍ଶ୍ୱିକ ବିକାଶକୁ ଅଣଦେଖା କରିଥିବା ଅଭିଯୋଗ ହୋଇଛି। ଦୀର୍ଘଦିନ ଧରି ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ। ଡ୍ରେନେଜ ବ୍ୟବସ୍ଥା କରାଯାଇ ନ ଥିବାରୁ ରାସ୍ତା ପାଣି ବରାହଗୋଡ଼ା ଗ୍ରାମବାସୀଙ୍କ ଘର ଭିତରକୁ ପଶୁଛି। ଏ ନେଇ ଟୋଲପ୍ଲାଜା କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ବହୁବାର ଅବଗତ କରିଛନ୍ତି। ମାତ୍ର କିଛି ପଦକ୍ଷେପ ନିଆଯାଇ ନ ଥିବାରୁ ଗୁରୁବାର ବରାହଗୋଡ଼ା ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଟୋଲପ୍ଲାଜାରେ ଗ୍ରାମବାସୀଙ୍କ ଆନ୍ଦୋଳନ ଯୋଗୁ ଟୋଲଟ୍ୟାକ୍ସ ଅସୁଲି ବନ୍ଦ ହୋଇଛି। ସେହିପରି ଗ୍ରାମବାସୀଙ୍କ ଦାବିକୁ ସମର୍ଥନ କରି ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ଆନ୍ଦୋଳନସ୍ଥଳକୁ ପହଞ୍ଚିବା ସହିତ ତୁରନ୍ତ ପାରିପାର୍ଶ୍ୱିକ ବିକାଶ କରିବାକୁ ଟୋଲପ୍ଲାଜା କର୍ତ୍ତୃପକ୍ଷଙ୍କୁ ତାଗିଦ କରିଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ପ୍ରକଳ୍ପ ନିର୍ଦ୍ଦେଶକ ଆନ୍ଦୋଳନସ୍ଥଳକୁ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ଆଲୋଚନା ଫଳପ୍ରଦ ହୋଇ ନ ଥିଲା। ଖବର ଲେଖାହେବା ସୁଦ୍ଧା (ରାତି ୭ଟା) ଆନ୍ଦୋଳନ ଜାରି ରହିଥିଲା।

ପ୍ରକାଶ ଯେ, ଫୋରଲେନ୍ ରାସ୍ତା ହେବା ପରେ ବରାହଗୋଡ଼ାରେ ଟୋଲ ପ୍ଲାଜା କରିବାକୁ ରାସ୍ତା ନିର୍ମାଣକାରୀ ସଂସ୍ଥା ଅଶୋକା ବିଲ୍ଡକନ ନିଷ୍ପତ୍ତି ନେଇଥିଲା। ସେତେବେଳେ ମଧ୍ୟ ସେଠାରେ ଟୋଲପ୍ଲାଜା ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଥିଲେ। ମାତ୍ର ପାରିପାର୍ଶ୍ୱିକ ବିକାଶ ସହିତ ବିଭିନ୍ନ ସୁବିଧା ଯୋଗାଇବା ଆଶ୍ୱାସନା ଦେଇ ସେଠାରେ ଟୋଲପ୍ଲାଜା ନିର୍ମାଣ କରାଯାଇଥିଲା। ଟୋଲପ୍ଲାଜା ନିର୍ମାଣ ହେବା ଦିନଠାରୁ ବରାହଗୋଡ଼ା ଅଞ୍ଚଳ ପୂର୍ବାପେକ୍ଷା ଅଧିକ ବିପଦଶଙ୍କୁଳ ହୋଇ ପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଟୋଲପ୍ଲାଜାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ରହୁଥିବାବେଳେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବାରୁ ବାରମ୍ବାର ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣର ପ୍ରତିଶ୍ରୁତି ଦେଇ ଟୋଲପ୍ଲାଜା କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ତାକୁ କାର୍ଯ୍ୟକାରୀ କରି ପାରିନାହାନ୍ତି। ଫଳରେ ମଇଳା, ଆବର୍ଜନା ସହିତ ରାସ୍ତା ପାଣି ବରାହଗୋଡ଼ା ଗ୍ରାମକୁ ପଶୁଛି। ଏହାର ପ୍ରତିକାର ଦାବିରେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

### ଟୋଲ୍‌ପ୍ଲାଜାରେ ଗ୍ରାମବାସୀଙ୍କ ଆନ୍ଦୋଳନ



ବରାହଗୋଡ଼ା ଟୋଲପ୍ଲାଜାରେ ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି।